ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ଜୁଲାଇ ୨୪/୨୦୧୯ (୨୦ ପୃଷ୍ଠା+ ସାହିତ୍ୟାୟନ) Sambalpur, Wednesday, July 24 / 2019
୧୫ଶ ଭାଗ ୨୧୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-



### ୟୁରୋପିଆନ ମାଷ୍ଟର୍ସ ଗେମ୍ସରେ ପାର୍ବତୀ

ଇଟାଲୀରେ ହେବାକୁ ଥିବା ୟୁରୋପିଆନ ମାଷ୍ଟର୍ସ ଗେମ୍ସରେ ଅଂଶଗ୍ରହଣ କରିବେ ଓଡ଼ିଶାର ଅନ୍ତର୍ଜାତୀୟ ଆଥଲେଟ୍ ପାର୍ବତୀ ସେଠୀ।

୧୮

୦୭

### 'ନଟ୍‌ଖଟ୍'ରେ ଅଭିନୟ କରିବେ ବିଦ୍ୟା

ଅଭିନେତ୍ରୀ ବିଦ୍ୟା ବାଲାନ୍ ସାମାଜିକ ପ୍ରସଙ୍ଗଭିତ୍ତିକ ଫିଲ୍ମ 'ନଟ୍‌ଖଟ୍'ରେ ଅଭିନୟ କରିବାକୁ ଯାଉଛନ୍ତି।



■ ୧୪ ମାସିଆ କଂଗ୍ରେସ-ଜେଡିଏସ୍ ମେଣ୍ଟ ସରକାରର ପତନ

# ଆସ୍ଥା ହରାଇଲେ କୁମାରସ୍ୱାମୀ

ବେଙ୍ଗାଲୁରୁ,୨୩।୭ (ପି.ଟି./ଆଇଏଏନ୍ଏସ୍)

ଅନୁମାନ ଓ ଆଶଙ୍କା ଶେଷରେ ସତ ପ୍ରମାଣିତ ହୋଇଛି। କର୍ନାଟକରେ କ୍ଷମତା ପାଇଁ କିଛିଦିନ ଧରି ଚାଲିଥିବା ରାଜନୈତିକ ନାଟକର ଯବନିକା ପଡ଼ିଛି। ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)-କଂଗ୍ରେସ ମେଣ୍ଟ ସରକାର ମଙ୍ଗଳବାର ଆସ୍ଥାଭୋଟରେ ପରାଜିତ ହୋଇଛନ୍ତି। ବିଧାନସଭାରେ ଆସ୍ଥାଭୋଟ ସପକ୍ଷରେ ୯୯ ବିଧାୟକ ମତଦାନ କରିଥିବାବେଳେ ବିରୋଧରେ ୧୦୫ ଖଣ୍ଡ ଭୋଟ ପଡ଼ିଛି। ଏହାସହ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କ ନେତୃତ୍ୱାଧୀନ ୧୪ ମାସିଆ ସରକାରର ପତନ ଘଟିଛି। ଭାଜପା ବିଧାୟକ ଦଳ ନେତା ବି.ଏସ୍. ୟେଦୁରପ୍ପା ଏହାକୁ ଗଣତନ୍ତ୍ରର ବିଜୟ ବୋଲି ଅଭିହିତ କରିବା ସହ ଚତୁର୍ଥ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବାକୁ ଅଣ୍ଟା ଭିଡ଼ିଛନ୍ତି। ସେ ଦିନେ ଦୁଇଦିନ ମଧ୍ୟରେ ରାଜ୍ୟପାଳ ଭଜୁଭାଇ ଭାଲାଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଜଣାଇବେ।

କର୍ନାଟକରେ ଶାସକ ମେଣ୍ଟର ୧୭ ବିଧାୟକ ଇସ୍ତଫା ଦେବା ପରେ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଥିଲା। କୁମାରସ୍ୱାମୀ ସରକାରଙ୍କୁ ସଂଖ୍ୟାଲଘୁ ଦର୍ଶାଇ ବିରୋଧୀ ଦଳ ନେତା ୟେଦୁରପ୍ପା ଆସ୍ଥାଭୋଟ କରାଇବା ପାଇଁ ଦାବି କରିଥିଲେ। ମୁଖ୍ୟମନ୍ତ୍ରୀ ଗୁରୁବାର ଆସ୍ଥାଭୋଟ ପ୍ରସ୍ତାବ ଆଗତ କରିଥିବାବେଳେ ବିଧାନସଭାରେ ୪ ଦିନ ଧରି ଏହାକୁ ନେଇ ବିତର୍କ ଚାଲିଥିଲା। ଶୁକ୍ରବାର ସୁଦ୍ଧା ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବା ପାଇଁ ରାଜ୍ୟପାଳଙ୍କ ନିର୍ଦ୍ଦେଶକୁ କୁମାରସ୍ୱାମୀ ମାନି ନ ଥିଲେ। ଇତିମଧ୍ୟରେ ମୁମ୍ବାଇର ଏକ ହୋଟେଲରେ ଥିବା ୧୫ ବିଦ୍ରୋହୀ ବିଧାୟକ, ସରକାରରୁ ସମର୍ଥନ ପ୍ରତ୍ୟାହାର କରିଥିବା ୨ ସ୍ୱାଧୀନ ସଦସ୍ୟ ଆର. ଶଙ୍କର ଏବଂ ଏଚ୍. ନାଗେଶ ଏବଂ କୁମାରସ୍ୱାମୀ ଭିନ୍ନ ଭିନ୍ନ ଭାବେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କଂଗ୍ରେସ ଦଳର ଜଣେ ନେତାଙ୍କୁ ଚୟନ କରାଗଲେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା ପାଇଁ ମଧ୍ୟ ରବିବାର ରାତିରେ କୁମାରସ୍ୱାମୀ ପ୍ରସ୍ତାବ ଦେଇଥିଲେ। ହେଲେ ବିଦ୍ରୋହୀ ବିଧାୟକମାନେ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ବୁଧବାର ସନ୍ଧ୍ୟା ୬ଟା ସୁଦ୍ଧା ଆସ୍ଥାଭୋଟ କରାଇବାକୁ ବାଚସ୍ପତି କେ.ଆର. ରମେଶ କୁମାର ସର୍ବୋଚ୍ଚ ଅଦାଲତଙ୍କୁ ଅବଗତ କରାଇଥିବାବେଳେ ମଙ୍ଗଳବାର ରାତି ପ୍ରାୟ ୮ଟାରେ ଶକ୍ତିପରୀକ୍ଷା ଶେଷ ହୋଇଥିଲା। ୨୨୪ ସଦସ୍ୟତା ବିଶିଷ୍ଟ ବିଧାନସଭାରେ ଆସ୍ଥାଭୋଟ ବେଳେ ୨୦ ବିଧାୟକ ଅନୁପସ୍ଥିତ ଥିଲେ। ଫଳରେ ଗୃହରେ ସଦସ୍ୟଙ୍କ ସଂଖ୍ୟା ୨୦୪କୁ ଖସିଆସିଥିଲା। ସଂଖ୍ୟାଗରିଷ୍ଠତା ପାଇଁ କୁହୁକ ସଂଖ୍ୟା ୧୦୩ ଥିବାବେଳେ ବାଚସ୍ପତି ମତଦାନରୁ ବିରତ ରହିଥିଲେ। ଶାସକ ମେଣ୍ଟ ସପକ୍ଷରେ ୯୯ (କଂଗ୍ରେସର ୬୬, ଜେଡିଏସ୍‌ର ୩୩) ବିଧାୟକ ଭୋଟ ଦେଇଥିବାବେଳେ ବିପକ୍ଷରେ ଭାଜପାର ସମସ୍ତ ୧୦୫ ବିଧାୟକ ମତଦାନ କରିଥିଲେ। କଂଗ୍ରେସ-ଜେଡିଏସ୍‌ର ୧୭, ସ୍ୱାଧୀନ ୨, ଏବଂ ପୂର୍ବରୁ ସରକାରଙ୍କୁ ସମର୍ଥନ କରୁଥିବା ବିଏସ୍‌ପି ବିଧାୟକ ଏନ୍. ମହେଶ ଅନୁପସ୍ଥିତ ରହିଥିଲେ। ୨୦ ବିଧାୟକଙ୍କ ଅନୁପସ୍ଥିତି ଯୋଗୁ କୁମାରସ୍ୱାମୀ ସରକାରଙ୍କୁ ୬ ଭୋଟ ବ୍ୟବଧାନରେ ପରାଜୟର ମୁହଁ ଦେଖିବାକୁ ପଡ଼ିଛି। ଏଥିସହ କର୍ନାଟକରେ ୩ ସପ୍ତାହ ଧରି ଚାଲିଥିବା ରାଜନୈତିକ ଡ୍ରାମା ଶେଷ ହୋଇଛି। ସେପଟେ ଆସ୍ଥାଭୋଟ ପାଖେଇ ଆସୁଥିବାବେଳେ ପୋଲିସ ପକ୍ଷରୁ ସହରରେ ୧୪୪ ଧାରା ଜାରି କରାଯାଇଥିଲା। ୨୫ ତାରିଖ ପର୍ଯ୍ୟନ୍ତ ସମସ୍ତ ପବ୍ ଓ ମଦ ଦୋକାନ ବନ୍ଦ ରହିବ ବୋଲି ବେଙ୍ଗାଲୁରୁ ପୋଲିସ କମିଶନର ଆଲୋକ କୁମାର ଘୋଷଣା କରିଥିଲେ। ଏହି ସମୟରେ ୨ ସ୍ୱାଧୀନ ବିଧାୟକ ଶଙ୍କର ଓ ନାଗେଶ ବେଙ୍ଗାଲୁରୁ ରେସ୍‌କୋର୍ସ ରୋଡ୍‌ସ୍ଥିତ ଏକ ଫ୍ଲାଟରେ ଥିବା କଂଗ୍ରେସ ଅଭିଯୋଗ ଆଣିଥିଲା। ଏହାକୁ ନେଇ କଂଗ୍ରେସ ଏବଂ ଭାଜପା କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଇତିମଧ୍ୟରେ କୁମାରସ୍ୱାମୀ ରାଜ୍ୟପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ନୂଆ ମୁଖ୍ୟମନ୍ତ୍ରୀ ଶପଥ ନେବା ଯାଏ କାମ ଚଳାଇବା ପାଇଁ ରାଜ୍ୟପାଳ ଭଜୁଭାଇ ଭାଲା ତାଙ୍କୁ ଅନୁରୋଧ କରିଛନ୍ତି। ସେପଟେ ୟେଦୁରପ୍ପା କହିଛନ୍ତି, ସେ ପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ସହ ଆଲୋଚନା କରିବେ। ପରେ ସେ ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଜଣାଇବେ।

**କର୍ନାଟକ ନାଟକର ଯବନିକା**

- ■ ଆସ୍ଥାଭୋଟ ବେଳେ ୨୦ ବିଧାୟକ ଅନୁପସ୍ଥିତ
- ■ ସପକ୍ଷରେ ୯୯, ବିପକ୍ଷରେ ୧୦୫ ଭୋଟ
- ■ ରାଜ୍ୟପାଳଙ୍କୁ ଇସ୍ତଫା ଦେଲେ କୁମାରସ୍ୱାମୀ
- ■ ଗଣତନ୍ତ୍ରର ବିଜୟ ହୋଇଛି: ୟେଦୁରପ୍ପା

"ରାଜନୀତିରେ ମୋର ପ୍ରବେଶ ହଠାତ୍ ଓ ଅପ୍ରତ୍ୟାଶିତ ଥିଲା। ଆମେ ଇତିହାସ ସୃଷ୍ଟି ପାଇଁ ଚେଷ୍ଟା କରୁଥିବାବେଳେ ମେଣ୍ଟ ସରକାରକୁ ଭାଙ୍ଗିଦେବା ଲାଗି ସବୁ ପ୍ରକାର ଉଦ୍ୟମ କରିଛି ଭାଜପା।

-ଏଚ୍.ଡି. କୁମାରସ୍ୱାମୀ, କର୍ନାଟକର କାମଚଳା ମୁଖ୍ୟମନ୍ତ୍ରୀ



■ ନାରୀ ନିର୍ଯାତନା, ନାବାଳିକା ବଳାତ୍କାର ପ୍ରସଙ୍ଗ

# ଦୁଇଦିନ ବିଧାନସଭା ବରବାଦ

ଭୁବନେଶ୍ୱର, ୨୩।୭(ବ୍ୟୁରୋ)

ଦୁଇଦିନ ବିଧାନସଭା ଅଚଳ ହେବା ପରେ ବିରୋଧୀଙ୍କ ଜିଦ୍ ଆଗରେ ମୁଣ୍ଡ ନୁଆଁଇଛନ୍ତି ସରକାର। ନାରୀ ନିର୍ଯାତନା, ନାବାଳିକା ବଳାତ୍କାର ଏବଂ ଶିଶୁ ନିଖୋଜ ଘଟଣାକୁ ନେଇ ମୁଲତବୀ ପ୍ରସ୍ତାବ ଆକାରରେ ଆଲୋଚନା ହେବ। ମଙ୍ଗଳବାର ଅପରାହ୍ନରେ ବସିଥିବା ସର୍ବଦଳୀୟ ବୈଠକ ପରେ ଏହି ନିଷ୍କର୍ଷ ବାହାରିଛି। ଉଭୟ ଭାଜପା ଓ କଂଗ୍ରେସ ସରକାରଙ୍କ ଏହି ପ୍ରସ୍ତାବରେ ରାଜି ହୋଇଯାଇଛନ୍ତି। ମୁଲତବୀ ଆଲୋଚନା ସମ୍ପର୍କରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଗୃହରେ ଏହି ସୂଚନା ଦେଇଛନ୍ତି।

ନାବାଳିକା ବଳାତ୍କାର, ଶିଶୁ ନିଖୋଜକୁ ନେଇ ଉଭୟ ଭାଜପା ଓ କଂଗ୍ରେସ ସଦସ୍ୟଙ୍କ ପ୍ରବଳ ପ୍ରତିବାଦ ଯୋଗୁ ସୋମବାର ଏବଂ ମଙ୍ଗଳବାର ବିଧାନସଭା ଅଚଳ ହୋଇଯାଇଥିଲା। ମଙ୍ଗଳବାର ଦିନତମାମ କେବଳ ଦେଖିବାକୁ ମିଳିଥିଲା ବିରୋଧୀଙ୍କ ହଟ୍ଟଗୋଳ। ପୂର୍ବାହ୍ନ ୧୦ଟା ୩୦ ମିନିଟରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟ ଆରମ୍ଭ କରିବା ମାତ୍ରେ ଭାଜପା ସଦସ୍ୟ ମୋହନ ଚରଣ ମାଝି, ମଦନମୋହନ ଦତ୍ତ, କୁସୁମ ଟେଟେ, ମୁକେଶ ମହାଲିଙ୍ଗ, ସୁକାନ୍ତ ନାୟକ, ଜୟନାରାୟଣ ମିଶ୍ରଙ୍କ ସମେତ ଦଳର ଅନ୍ୟ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ। ରାଜ୍ୟରେ ନାବାଳିକା ବଳାତ୍କାର, ଶିଶୁ ନିଖୋଜ ଏବଂ ଆଇନଶୃଙ୍ଖଳାକୁ ନେଇ ସରକାରଙ୍କଠାରୁ କୈଫିୟତ ତଲବ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବାତିଲ କରି ଏହି ପ୍ରସଙ୍ଗ ଉପରେ ଗୃହରେ ଆଲୋଚନା କରାଯାଉ ବୋଲି ଦାବି କରିଥିଲେ। କଂଗ୍ରେସ ସଦସ୍ୟମାନେ ମଧ୍ୟ ନିଜ ସିଟ୍ ନିକଟରେ ଛିଡ଼ାହୋଇ ପ୍ରତିବାଦ କରିଥିଲେ। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ଭାଜପା ସଭ୍ୟ ସୁକାନ୍ତ କୁମାର ନାୟକ ପଚାରିଥିବା ୪୨୧ ନମ୍ବର ପ୍ରଶ୍ନର ଉତ୍ତର ଦେବାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଡାକିଥିଲେ। ହୋ-ହଲ୍ଲା ମଧ୍ୟରେ ମନ୍ତ୍ରୀ ଉତ୍ତର ପଢ଼ି ଶୁଣାଇ ଦେଲେ। ମାତ୍ର ପ୍ରଶ୍ନକର୍ତ୍ତା ହୋ-ହଲ୍ଲାରେ ମାତି ଯାଇଥିଲେ। ପ୍ରବଳ ହଟ୍ଟଗୋଳ ହେବାରୁ ବାଚସ୍ପତି ଗୃହକୁ ୧୦ଟା ୩୨ ମିନିଟରେ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନ ୩ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି କଂଗ୍ରେସ ଓ ଭାଜପା ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପୁଣି ହଟ୍ଟଗୋଳ କରିଥିଲେ। ବାଚସ୍ପତି ଗୃହକୁ ୩ଟା ୦୩ ମିନିଟରୁ ୩୦ ମିନିଟ ପାଇଁ ମୁଲତବୀ ଘୋଷଣା କରିଥିଲେ। ୩ଟା ୩୩ରେ ମଧ୍ୟ ଅନୁରୂପ ଅବସ୍ଥା ହୋଇଥିଲା। ବିରୋଧୀ ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଇସ୍ତଫା ଦାବିକରି ହଟ୍ଟଗୋଳ କରିଥିଲେ। ପୁଣି ଗୃହକୁ ବାଚସ୍ପତି ବିଭିନ୍ନ ପର୍ଯ୍ୟାୟରେ ଅପରାହ୍ନ ୪ଟା ୮ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ। ଅଚଳାବସ୍ଥା ଦେଖି ବାଚସ୍ପତି ସର୍ବଦଳୀୟ ବୈଠକ ଡାକି ଗୃହକୁ ଅଧଘଣ୍ଟା ପାଇଁ ମୁଲତବୀ ଘୋଷଣା କରିଥିଲେ। ସର୍ବଦଳୀୟ ବୈଠକରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଉପମୁଖ୍ୟ ସଚେତକ ପ୍ରଣବ ବଳବନ୍ତରାୟ, କଂଗ୍ରେସ ଦଳ ନେତା ନରସିଂହ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଦୀର୍ଘ ୨ ଘଣ୍ଟା ଧରି ଚାଲିଲା ବୈଠକ। ଏହାପରେ ବାଚସ୍ପତି ଘୋଷଣା କରିଥିଲେ ଯେ, ବୁଧବାର ମୁଲତବୀ ପ୍ରସ୍ତାବ ଜରିଆରେ ଏହି ବିଷୟରେ ଆଲୋଚନା ହେବ। ତେବେ ଗୃହରେ ସ୍କୁଲ ଓ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହୋଇ ପାରିଲା ନାହିଁ। ଆସନ୍ତା ୩୦ ତାରିଖରେ ଉକ୍ତ ଦୁଇ ବିଭାଗର ଖର୍ଚ୍ଚଦାବିକୁ ଗିଲୋଟିନରେ ପାରିତ କରାଯିବ ବୋଲି ବାଚସ୍ପତି କହିବା ସହିତ ଗୃହକୁ ବୁଧବାର ପୂର୍ବାହ୍ନ ୧୦ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ।

- ■ ବିରୋଧୀଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇଲେ ସରକାର
- ■ ଆଜି ହେବ ଆଲୋଚନା



## ବୋରିସ୍ ଜନ୍‌ସନ୍ ବ୍ରିଟେନ ପ୍ରଧାନମନ୍ତ୍ରୀ

**ଲଣ୍ଡନ,୨୩।୭(ଆଇଏଏନ୍ଏସ୍):** ବ୍ରିଟେନର ପୂର୍ବତନ ବହିର୍ବ୍ୟାପାର ସଚିବ ତଥା ବ୍ରେକ୍‌ଜିଟ୍ ସପକ୍ଷବାଦୀ ବୋରିସ୍ ଜନ୍‌ସନ୍ ମଙ୍ଗଳବାର ଶାସକ କଞ୍ଜର୍ଭେଟିଭ୍ ପାର୍ଟି ନେତା ଏବଂ ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହୋଇଛନ୍ତି। ବୋରିସ୍‌ଙ୍କ ସପକ୍ଷରେ ୯୨,୧୫୩ ଖଣ୍ଡ ଭୋଟ ପଡ଼ିଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଜେରେମି ହଣ୍ଟ ୪୬,୬୫୬ ଭୋଟ ପାଇଛନ୍ତି। ବୋରିସ୍ ଟୋରି ନେତା ଭାବେ ପ୍ରଥମ ଭାଷଣ ଦେଇ ଜେରେମିଙ୍କୁ ପ୍ରଶଂସା କରିବା ସହ ବିଦାୟୀ ପ୍ରଧାନମନ୍ତ୍ରୀ ଥେରେସା ମେ'ଙ୍କୁ ଅଭିନନ୍ଦନ ଜଣାଇଛନ୍ତି। (ଅଧିକ ଖବର: ପୃଷ୍ଠା-୭)



## ଆଜି ପାଟକୁରା ଭୋଟ ଗଣତି

ଭୁବନେଶ୍ୱର, ୨୩।୭(ବ୍ୟୁରୋ): ପାଟକୁରାରେ ବିଧାନସଭା ଆସନ ଲାଗି ବୁଧବାର ଭୋଟ ଗଣତି ହେବ। ଏଥିପାଇଁ କେନ୍ଦ୍ରାପଡା ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ସକାଳ ୮ଟାରୁ ଗଣନା ଆରମ୍ଭ ହେବ। ସେଥିପାଇଁ କଲେଜ ଚତୁପାର୍ଶ୍ୱରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସେହି ଅଞ୍ଚଳ ସିସିଟିଭି ନଜରରେ ରହିଥିବା ବେଳେ ତ୍ରି-ସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏହି ବିଧାନସଭା ଆସନର ୩୦୯ ବୁଥ ଲାଗି ଭୋଟ ଗଣନା ୧୭ ରାଉଣ୍ଡରେ ହେବ। ଏଥିପାଇଁ ୧୮ଟି ଟେବୁଲର ବ୍ୟବସ୍ଥା କରାଯାଇଛି। ମଧ୍ୟାହ୍ନ ୧ଟା ସୁଦ୍ଧା ଭୋଟ ଫଳାଫଳ ମିଳିଯିବ ବୋଲି କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ଏହି ବହୁ ଚର୍ଚ୍ଚିତ ଆସନରେ ଭାଜପାର ବିଜୟ ମହାପାତ୍ର ଓ ବିଜେଡିର ସାବିତ୍ରୀ ଅଗ୍ରୱାଲଙ୍କ ମଧ୍ୟରେ କଡ଼ା ମୁକାବିଲା ହେବ ବୋଲି କୁହାଯାଉଛି।

No.150-A

## ଓଡ଼ିଶା ସରକାର
## ଜଳସମ୍ପଦ ବିଭାଗ

### ପାଣି ପଞ୍ଚାୟତ ଓ ଚାଷୀ ଭାଇଭଉଣୀ ମାନଙ୍କୁ ନିବେଦନ

ଚଳିତବର୍ଷ ମୌସୁମୀ ପ୍ରବାହରେ ଅନିୟମିତତା ଯୋଗୁଁ ରାଜ୍ୟରେ ଏପର୍ଯ୍ୟନ୍ତ ବର୍ଷାର ପରିମାଣ ସ୍ୱାଭାବିକ ଠାରୁ ବହୁତ କମ୍ ହୋଇଅଛି। ଏଥିଯୋଗୁଁ ରାଜ୍ୟରେ ଥିବା ନଦୀ, ନାଳ, ବିଭିନ୍ନ ଜଳଭଣ୍ଡାର ଏବଂ ବ୍ୟାରେଜ ଗୁଡ଼ିକରେ ଜଳସେଚନ ଯୋଗାଇ ଦେବାପାଇଁ ଆବଶ୍ୟକତାରୁ କମ୍ ପରିମାଣର ଜଳ ଉପଲବ୍ଧ ଅଛି। ଏହାକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗ ତରଫରୁ ଜଳଭଣ୍ଡାର ଏବଂ ବ୍ୟାରେଜ ଗୁଡ଼ିକରେ ଉପଲବ୍ଧ ଥିବା ଜଳର Rotational Irrigation ଦ୍ୱାରା ଚାଷଜମିରେ ସୁଷମ ବଣ୍ଟନପାଇଁ ବ୍ୟବସ୍ଥା କରାଯାଉଛି।

ଏତଦ୍ୱାରା ପାଣି ପଞ୍ଚାୟତର ସମସ୍ତ ସଦସ୍ୟ ତଥା ଚାଷୀ ଭାଇଭଉଣୀ ମାନଙ୍କୁ ନିବେଦନ କରାଯାଉଅଛି ଯେ ଜଳ ସଞ୍ଚୟ କରିବାରେ ସାହାଯ୍ୟ କରନ୍ତୁ। ସେମାନେ ଏଥିରେ ସହଯୋଗ କରି ଚାଷ କରାଯାଇଥିବା ଜମିରେ ଫସଲର ସୁରକ୍ଷା କରିବାରେ ସହାୟକ ହୁଅନ୍ତୁ।

ଇଂ. ଅକ୍ଷୟ କୁମାର ବାନାର୍ଜୀ
ସର୍ବୋଚ୍ଚ ଯନ୍ତ୍ରୀ,ଜଳସମ୍ପଦ

32031/11/0004/1920

**କିଛି ତଥ୍ୟ**

ଦେଶରେ କାର୍ଯ୍ୟକାରୀ ହେଉଥିବା ୩୪୫ ପ୍ରକଳ୍ପର ବ୍ୟୟ ଲକ୍ଷ୍ୟ ତୁଳନାରେ ପ୍ରକୃତ ଖର୍ଚ୍ଚ ବଢି ୩.୨୮ ଲକ୍ଷ କୋଟି ଟଙ୍କା ଛୁଇଁଛି।

– ପରିସଂଖ୍ୟାନ ମନ୍ତ୍ରଣାଳୟ







NATIONAL EGG CO-ORDINATION COMMITTEE 23.07.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 52 | 96 | 106 |
| CTC | 54 | 98 | 108 |
| DKL | 50 | 93 | 103 |
| BDK | 51 | 94 | 104 |
| BLS | 51 | 94 | 104 |
| ANG | 50 | 93 | 103 |
| BHM | 50 | 93 | 103 |

*Conditions Apply
Eggs Retail Price- 40/-Dozen
Issued in the Interest of Consumers

**ଆଜିର ସମ୍ପାଦକୀୟ**

## କିଏ ବଞ୍ଚାଇବ

**ଆଜିର ମନ୍ତବ୍ୟ**

"କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରସ୍ତାବ ପରେ ଭାରତର ପ୍ରତିକ୍ରିୟାକୁ ନେଇ ବିସ୍ମିତ।

-ଇମ୍ରାନ୍ ଖାନ୍, ପାକିସ୍ତାନ ପ୍ରଧାନମନ୍ତ୍ରୀ

ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

## ଅଗଷ୍ଟ ୩୧ ଯାଏ ବଢ଼ିଲା ଆଇଟିଆର୍ ଦାଖଲ

ନୂଆଦିଲ୍ଲୀ,୨୩-୭: କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ (ସିବିଡିଟି) ମଙ୍ଗଳବାର ୨୦୧୯-୨୦ ନିର୍ଦ୍ଧାରଣ ବର୍ଷ ଲାଗି କେତେକ ଶ୍ରେଣୀର ଟିକସଦାତାଙ୍କ ଲାଗି ଆୟକର ରିଟର୍ନ (ଆଇଟିଆର୍) ଦାଖଲ ସମୟସୀମାକୁ ଅଗଷ୍ଟ ୩୧ ଯାଏ ବୃଦ୍ଧି କରିଛନ୍ତି। ପୂର୍ବରୁ ଚଳିତମାସ ୩୧ ପର୍ଯ୍ୟନ୍ତ ଆଇଟିଆର୍ ଦାଖଲ ସମୟସୀମା ଧାର୍ଯ୍ୟ ହୋଇଥିଲା। ସିବିଡିଟି ପକ୍ଷରୁ କୁହାଯାଇଛି ଯେ, ବିଭିନ୍ନ କାରଣରୁ ଟିକସଦାତାମାନେ ଆୟକର ରିଟର୍ନ ଦାଖଲ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି କାରଣରୁ ଫର୍ମ-୧୬ ଜାରି କରିବା ତଥା ଦାଖଲ କରିବାର ଅବଧିକୁ ଅଗଷ୍ଟ ୩୧ ଯାଏ ବୃଦ୍ଧି କରାଯାଇଛି।





ହଜାର ଥର ଅକୃତକାର୍ଯ୍ୟ ହେଲେ ମଧ ଚେଷ୍ଟା ଛାଡ଼ିବାର ନୁହେଁ, ଉଦ୍ୟମ ହରାଇବାର ନୁହେଁ, ତା'ହେଲେ ସଫଳତା ଆସିବ ହିଁ ଆସିବ।
- ସ୍ୱାମୀ ବିବେକାନନ୍ଦ



# ଗ୍ରୀନ୍ ମହାନଦୀ ମିଶନରେ ଗତବର୍ଷ ୬୯କୋଟିରୁ ଅଧିକ ଖର୍ଚ୍ଚ

**ଭୁବନେଶ୍ୱର, ୨୩।୭(ବ୍ୟୁରୋ)**

୨୦୧୮-୧୯ ବର୍ଷରେ ଗ୍ରୀନ୍ ମହାନଦୀ ମିଶନ ଯୋଜନାରେ ରାଜ୍ୟ ସରକାର ମହାନଦୀ, ଇବ୍, ତେଲ ଏବଂ ଏହାର ଶାଖା/ପ୍ରଶାଖାର ଉଭୟ ପାର୍ଶ୍ୱରେ ୧୪୫୨.୨୫ ହେକ୍ଟର ପରିମିତ ଅଞ୍ଚଳରେ ସଘନ ବନୀକରଣ, ୫୦ ହେକ୍ଟର ଝାଉଁ ଜଙ୍ଗଲ, ୪୦ ହେକ୍ଟର ଲଣ୍ଡା ପାହାଡରେ ବନୀକରଣ, ୬୦୭୭ ହେକ୍ଟର ଅଞ୍ଚଳରେ ଉଜୁଡା ଜଙ୍ଗଲ ପୁନରୁଦ୍ଧାର, ୨୧୦ ହେକ୍ଟରରେ ବାଉଁଶ ବନୀକରଣ, ୫ଲକ୍ଷ ୭୪ହଜାର ୨୦୦ ବୃକ୍ଷଚାରା ସହରାଞ୍ଚଳରେ ବନୀକରଣ କରାଯାଇଛି। ଏହା ବ୍ୟତୀତ ୨୯ଲକ୍ଷ ୪୧ ହଜାର ବୃକ୍ଷଚାରା ହିତାଧିକାରୀମାନଙ୍କୁ ନିଜସ୍ୱ ବାଡି ବଗିଚାରେ ରୋପଣ ଲାଗି ବିନା ମୂଲ୍ୟରେ ବିତରଣ କରାଯାଇଥିବା ଜଣାପଡିଛି। ଏ ବାବଦରେ ରାଜ୍ୟ ଯୋଜନାରେ ୫୯ କୋଟି ୪୮ଲକ୍ଷ ୩୪ ହଜାର ଟଙ୍କା ବ୍ୟୟ ହୋଇଛି। ଏହାସହ ଏମ୍‌ଜିଏନଆରଇଜିଏସରେ ୧୦ କୋଟି ୧୭ ଲକ୍ଷ ୨୮ ହଜାର ଟଙ୍କା ଖର୍ଚ୍ଚ

## ୨୦୧୯-୨୦ରେ ଖର୍ଚ୍ଚ ହେବ ୫୧ କୋଟି ଟଙ୍କା

କରାଯାଇଥିବା ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସୂଚନା ଦେଇଛନ୍ତି। ବିଧାୟକ ଦେବେଶ ଆଚାର୍ଯ୍ୟ ପଚାରିଥିବା ଏକ ଅଣତାରକା ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ଏହା କହିବା ସହିତ ଆହୁରି କହିଛନ୍ତି, ୨୦୧୯-୨୦ ବର୍ଷରେ ଗ୍ରୀନ୍ ମହାନଦୀ ଯୋଜନାରେ ରାଜ୍ୟ ସରକାର ଇବ୍, ତେଲ, ବ୍ରାହ୍ମଣୀ, ବୈତରଣୀ, ଋଷିକୂଲ୍ୟା, ବଂଶଧାରା ଏବଂ ଏହାର ଶାଖା ଓ ପ୍ରଶାଖାର ଉଭୟ ପାର୍ଶ୍ୱରେ ୧ ହଜାର ୩୫ ହେକ୍ଟର ପରିମିତ ଅଞ୍ଚଳରେ ସଘନ ବନୀକରଣ, ୭୫ ହେକ୍ଟର ଝାଉଁ ଜଙ୍ଗଲ, ୨୦୩ ହେକ୍ଟର ଲଣ୍ଡା ପାହାଡରେ ବନୀକରଣ, ୭୭୬୩ ହେକ୍ଟର ଉଜୁଡା ଜଙ୍ଗଲର ପୁନଃରୁଦ୍ଧାର, ୧୭୧ ହେକ୍ଟର ବାଉଁଶ ବନୀକରଣ, ୭ଲକ୍ଷ ୧୨ହଜାର ଚାରା ସହରାଞ୍ଚଳ ବନୀକରଣ ଲାଗି ପ୍ରସ୍ତାବ ରଖାଯାଇଛି। ଏହାସହ ୫୦ଲକ୍ଷ ଚାରା ହିତାଧିକାରୀମାନଙ୍କୁ ନିଜସ୍ୱ ବାଡିବଗିଚାରେ ରୋପଣ ନିମନ୍ତେ ବିନାମୂଲ୍ୟରେ ବିତରଣ କରାଯିବାକୁ ପ୍ରସ୍ତାବ ରଖାଯାଇଛି। ଏ ବାବଦରେ ୫୧ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ସରକାରଙ୍କ ଅନୁମୋଦନକ୍ରମେ ଗ୍ରୀନ୍ ମହାନଦୀ ମିଶନ ଯୋଜନା ୨୦୧୮-୧୯ ଆର୍ଥିକ ବର୍ଷଠାରୁ ୨୦୨୨-୨୩ ପର୍ଯ୍ୟନ୍ତ ଚାଲିବ। ଏହାର ରକ୍ଷଣାବେକ୍ଷଣ କାର୍ଯ୍ୟ ୨୦୨୫-୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଚାଲିବ ବୋଲି ମନ୍ତ୍ରୀ ଉତ୍ତରରେ ଦର୍ଶାଇଛନ୍ତି।

## ଫନୀ ଯୋଗୁ ରାଜଧାନୀରେ ଭାଙ୍ଗିଛି ୧ଲକ୍ଷରୁ ଅଧିକ ବୃକ୍ଷ

**ଭୁବନେଶ୍ୱର, ୨୩।୭(ବ୍ୟୁରୋ):** ବାତ୍ୟା ଫନୀ ପ୍ରଭାବରେ ଭୁବନେଶ୍ୱର ଭିତରେ ୧ଲକ୍ଷ ୮ ହଜାର ୫୬୪ ବୃକ୍ଷ ନଷ୍ଟ ହୋଇଛି। ଚନ୍ଦକା ଅଭୟାରଣ୍ୟରେ ୧ଲକ୍ଷ ୧୧ ହଜାର ୭୨୪ ବୃକ୍ଷ ନଷ୍ଟ ହୋଇଯାଇଛି। ଭୁବନେଶ୍ୱର ସହର ଏବଂ ଏହାର ଚତୁଃପାର୍ଶ୍ୱରେ ସବୁଜିମା ପୁନରୁଦ୍ଧାର କରିବା ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି। ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ଦ୍ୱାରା ପଚରାଯାଇଥିବା ତାରକା ପ୍ରଶ୍ନ ସଂଖ୍ୟା ୪୨୩ର ଉତ୍ତରରେ ମନ୍ତ୍ରୀ ଏହା କହିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ଚଳିତ ବର୍ଷ ୨୦୧୯ ବର୍ଷାଋତୁରେ ୭୪ ହଜାର ଚାରା ରୋପଣ, ୬୨ ହଜାର ଡେଙ୍ଗା(୧୦ ଫୁଟରୁ ୧୨ ଫୁଟ) ବୃକ୍ଷଚାରା ରୋପଣ ଏବଂ ୬ଲକ୍ଷ ୩୫ ହଜାର ବୃକ୍ଷଚାରା ବିନା ମୂଲ୍ୟରେ ବିତରଣ କରିବାକୁ ପ୍ରସ୍ତାବ ରହିଛି।






### ନାରୀ ନିର୍ଯାତନା ପ୍ରତିବାଦ

## ଆଜି ଜିଲା ସଦର ମହକୁମାରେ କଂଗ୍ରେସର ୩ ଘଣ୍ଟିଆ ବିକ୍ଷୋଭ



ଖବରଦାତା ସମ୍ମିଳନୀରେ କଂଗ୍ରେସ ଦଳ ନେତା ନରସିଂହ ମିଶ୍ର ଓ ଅନ୍ୟମାନେ।

**ଭୁବନେଶ୍ୱର, ୨୩।୭ (ବ୍ୟୁରୋ)**

ନାବାଳିକା ବଳାତ୍କାର, ନାରୀ ନିର୍ଯାତନା ଏବଂ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ କଂଗ୍ରେସ ବିଧାନସଭାଠାରୁ ଆରମ୍ଭକରି ରାଜ୍ୟ ବାହାରେ ସରକାରଙ୍କୁ ଘେରିବାକୁ କଂଗ୍ରେସ ଯୋଜନା କରିଛି। ବୁଧବାର କଂଗ୍ରେସ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ଡାକରା ଦିଆଯାଇଛି। ପ୍ରତି ଜିଲା ସଦର ମହକୁମାରେ ସକାଳ ୧୦ଟାରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ କଂଗ୍ରେସ କର୍ମୀମାନେ ବିକ୍ଷୋଭ କରିବେ । ଏହି ସୂଚନା ଦେଇଛନ୍ତି କଂଗ୍ରେସ ଦଳ ନେତା ନରସିଂହ ମିଶ୍ର। ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମିଶ୍ର କହିଛନ୍ତି ଯେ, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିଗିଡି ଯାଇଛି। ସରକାର ବାରମ୍ବାର ଗୃହରେ ଭୁଲ ତଥ୍ୟ ଦେଇ ବିଭ୍ରାନ୍ତ କରୁଛନ୍ତି। ଗୋଟିଏ ପ୍ରଶ୍ନ ପଚାରିଲେ ଅନ୍ୟ ଉତ୍ତର ମିଳୁଛି। ମରୁଡ଼ି କଥା ପଚାରିଲେ ବର୍ଷା କମ୍ ହୋଇଥିବା କହି ପ୍ରସଙ୍ଗକୁ ଏଡ଼ାଇ ଦେଉଛନ୍ତି। ବିଜେଡି ପଞ୍ଚମ ଥର ଜିତିଲା ପରେ ଅହଂକାର ବଢ଼ିଯାଇଛି। ଯେତେବେଳେ ଅହଂକାର ବଢ଼ିଯାଏ ସେତେବେଳେ ବିନାଶ ନିଶ୍ଚିତ। ସରକାରଙ୍କ ବେଖାତିର ମନୋଭାବ ପ୍ରତିବାଦରେ କଂଗ୍ରେସ କର୍ମୀମାନେ ଜିଲାର ସଦର ମହକୁମାରେ ପିକେଟିଂ କରିବା ସହ ବିକ୍ଷୋଭ କରିବେ। ନାବାଳିକା ବଳାତ୍କାର ଭଳି ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯିବ ବୋଲି ନରସିଂହ କହିଛନ୍ତି।

■ଚୁମୁକିଙ୍କ ଓପନ ହାର୍ଟ ସର୍ଜରି କରାଯିବ

## ଜିଲା ପ୍ରଶାସନ ସମସ୍ତ ଅର୍ଥ ବ୍ୟୟ କରିବ



■ବରଗଡ଼ ପାଇକମାଳର ଦୀପା ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ
■ଅର୍ଥାଭାବ ଯୋଗୁ ଚିକିତ୍ସା ହୋଇପାରୁ ନ ଥିଲା
■ମଜୁରି ଲାଗିଲେ ଚଳୁଥିଲା ପରିବାର

**ମାଲକାନଗିରି, ୨୩।୭ (ଡି.ଏନ୍.ଏ.)**

ଧରିତ୍ରୀର ଗତ ୨୦ ତାରିଖ ସଂସ୍କରଣରେ ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ବୋଇଲାପାରି ଗ୍ରାମର ମୁଡା କବାସୀଙ୍କ ଝିଅ ଚୁମୁକି କବାସୀ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇଥିଲେ। ତାଙ୍କର ଚିକିତ୍ସା ପାଇଁ ୫ ଲକ୍ଷ ଟଙ୍କା ଆବଶ୍ୟକ ପଡୁଥିବାରୁ ଏନେଇ ଚିକିତ୍ସାରେ ଅର୍ଥବାଧକ ସାଜିଥିବା

**ଧରିତ୍ରୀ ପ୍ରଭାବ**

ଖବର ପ୍ରକାଶ ପାଇଥିଲା। ତାଙ୍କ ପରିବାର ଗରିବ। କୁଲି ମଜୁରି ଲାଗି ଘର ଚଳୁଥିବାରୁ ଅର୍ଥାଭାବ ଯୋଗୁ ଝିଅର ଚିକିତ୍ସା କରିପାରୁ ନ ଥିଲେ। ଚିକିତ୍ସା ଅଭାବରୁ ୧୬ ବର୍ଷର ଝିଅ ଚୁମୁକି ଘରେ ଶଯ୍ୟାରେ ପଡି ରହିଥିଲେ । ଏହି ଖବର ପ୍ରକାଶ ପାଇବା ପରେ ବରଗଡ ଜିଲା ପାଇକମାଳର ଦୀପା ବାରିକ ନାମ୍ନୀ ଜଣେ ସାମାଜିକ କର୍ମୀ ପ୍ରକାଶିତ ଖବରକୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଚୁମୁକିଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ମାଲକାନଗିରି ଜିଲାପାଳଙ୍କୁ ଜଣାଇଥିଲେ। ପରେ ଜିଲାପାଳ ମନୀଷ ଅଗ୍ରଓ୍ୱାଲ ଚୁମୁକିଙ୍କୁ ବୋଇଲାପାରିରୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ତାଙ୍କୁ ତୁରନ୍ତ କଟକ ଏସ୍‌ସିବି ମେଡିକାଲକୁ ପଠାଇ ତାଙ୍କର ଓପନହାର୍ଟ ସର୍ଜରି କରାଯାଇ ନୂତନ ହାର୍ଟ ଲଗାଯିବ। ଏନେଇ ଜିଲା ପ୍ରଶାସନ ସମସ୍ତ ଅର୍ଥ ଖର୍ଚ୍ଚ କରିବ ବୋଲି ପ୍ରକାଶ କରି ସେ ମୁଖ୍ୟମନ୍ତ୍ରୀଙ୍କୁ ଚୁମୁକିଙ୍କ ସମ୍ପର୍କରେ ଅବଗତ କରାଇଛନ୍ତି। ସୂଚନାଯୋଗ୍ୟ ଯେ, ବାପା ମୁଡା କବାସୀ ଓ ମାଆ ପାଣ୍ଡି କବାସୀଙ୍କ ଝିଅ ଚୁମୁକିଙ୍କ ୩ ବର୍ଷ ତଳେ ଶରୀରର ଅଧିକାଂଶ ଅଂଶ ଫୁଲିବାକୁ ଲାଗିଲା। ପରିବାର ଲୋକେ ତାଙ୍କୁ ଜିଲା ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଝିଅକୁ ହୃଦ୍‌ରୋଗ ହୋଇଥିବା କହି ଚିକିତ୍ସା ପାଇଁ ଆନ୍ଧ୍ରର ବିଶାଖାପାଟଣାସ୍ଥିତ ଆପୋଲୋ ଚିକିତ୍ସାଳୟକୁ ନେବାକୁ ପରାମର୍ଶ ଦେଇଥିଲେ। ପରିବାର ଲୋକେ ଚୁମୁକିଙ୍କୁ ଆପୋଲୋ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ପ୍ରାଥମିକ ପରୀକ୍ଷା ପରେ ଅସ୍ତ୍ରୋପଚାରର ଆବଶ୍ୟକତା ରହିଥିବା ମେଡିକାଲ କର୍ତ୍ତୃପକ୍ଷ କହିଥିଲେ। ଏଥିପାଇଁ ପ୍ରାୟ ୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲେ। ଅର୍ଥାଭାବରୁ ପରିବାର ଲୋକେ ଚୁମୁକିଙ୍କୁ ଘରକୁ ନେଇ ଆସିଥିଲେ।




■ ଆଜି ମହାପ୍ରଭୁଙ୍କ ବନକଲାଗି

# ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

**ପୁରୀ ଅଫିସ, ୨୩।୭**

ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଅପରାହ୍ଣ ପ୍ରାୟ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ୪ଘଣ୍ଟା ଧରି ଦର୍ଶନ ବନ୍ଦ ରହିବ। ଏହି ସମୟରେ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ନାହିଁ। ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡାଙ୍କ ସୂଚନା ମୁତାବକ, ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିର ଜୟବିଜୟ ଦ୍ୱାର ବନ୍ଦ ହେବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧନରେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାର କରାଯିବ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥାନ୍ତି।

MITS INSTITUTE OF PROFESSIONAL STUDIES
Approved by DHE, Govt. of Odisha & Affiliated to Berhampur University
Invites application for vacant seats in
B.Sc Agriculture (4 Years)
B.Sc Biotech | B.Sc Foodtech | BCA
Apply online: www.mips.edu.in
- B.Sc. Agriculture course syllabus (4 yrs) is at par with OUAT.
- B.Sc. Ag. course syllabus is as per guidelines of ICAR Vth Deans Committee.
- Own farm land for agriculture practical training.
- Best in class faculty with NET and Ph.D qualification.
- MIPS is the sister concern of MITS Mega Foodpark which is the 1st operational Food Park in Odisha and 9th Mega Food Park in India.
- Practical hands-on training, Field Exposure & quality placement for students.
Affordable Fees | SC/ST Scholarship | Hostel Available
Campus: RAYAGADA, ODISHA
7735737890 / 7077505482

■ ଅସହ୍ୟ ହେଲା ଋଣ ବୋଝ

# ଆତ୍ମହତ୍ୟା କଲେ ଚାଷୀ

**ବାଲେଶ୍ୱର ଅଫିସ,୨୩।୭**

ଋଣ ବୋଝ ସହି ନ ପାରି ବାଲେଶ୍ୱର ଚାନ୍ଦିପୁର ଥାନା ପଦ୍ମପୁର ଗ୍ରାମର ଚାଷୀ ସୁମନ୍ତ ବେହେରା (୪୬) ମଙ୍ଗଳବାର ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ଏନେଇ ଚାନ୍ଦିପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୬୨୦/୧୯) ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସୁମନ୍ତ ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କର ୨୬ବର୍ଷର ପୁଅ ରୋଗାଗ୍ରସ୍ତ। ୩ଟି ଝିଅ ମଧ୍ୟରୁ ଗୋଟିଏ ଝିଅକୁ ବିବାହ କରିଛନ୍ତି। ଅନ୍ୟ ଦୁଇ ଝିଅ ପାଠ ପଢୁଛନ୍ତି। କିଛିଦିନ ପୂର୍ବରୁ ସ୍ତ୍ରୀଙ୍କ ଖାଦ୍ୟ ନଳୀରେ ଘା' ହୋଇଥିବା ସେ ଜାଣିବା ପରେ ଭାଙ୍ଗିପଡିଥିଲେ। ୨/୩ ଏକର ଜମିରୁ ଯାହା ଚାଷ ହୁଏ ସେଥିରୁ ପରିବାର ଚଳେ। ଚାଷ ପାଇଁ ସେ ସେଣ୍ଟ୍ରାଲ ବ୍ୟାଙ୍କରୁ ୮୦ହଜାର, ଦେନା ବ୍ୟାଙ୍କରୁ ୨୫ହଜାର, କୋଅପରେଟିଭ୍ ବ୍ୟାଙ୍କ ଏବଂ ହାତ ଉଧାରି ୫୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା କରଜ କରିଥିଲେ। ଏହାସହ ଅସୁସ୍ଥ ପୁଅ ଚିନ୍ତା ସୁମନ୍ତଙ୍କୁ ସବୁବେଳେ ବ୍ୟସ୍ତ ବିବ୍ରତ କରୁଥିଲା। ଉକ୍ତ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା ନ ଥିବାରୁ ଚଳିତବର୍ଷ ଚାଷ ପାଇଁ ସେ ଛୋଟିଆ ପୋଖରୀ ନିକଟରେ ତଳି ପକାଇଥିଲେ। ବର୍ଷା ଅଭାବରୁ ପୋଖରୀ ପାଣି ଶୁଖିଯିବା ଫଳରେ ତଳି ମରିବାକୁ ଲାଗିଥିଲା। ମଙ୍ଗଳବାର ପୂର୍ବାହ୍ଣରେ ଗାଁରେ ଅନ୍ୟ ଚାଷୀଙ୍କ ସହ ସେ ତଳି ମରିଯିବା ବିଷୟରେ ଆଲୋଚନା କରିଥିଲେ। ଘରକୁ ଯାଇ ପୁଅର ଚିକିତ୍ସା ସହିତ ଋଣ ପରିଶୋଧ ବିଷୟରେ ସ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ପରେ ସେ ସେଠାରୁ ଯାଇ ମାନସିକ ଭାରସାମ୍ୟ ହରାଇ ବିଷ ପିଇ ଦେଇଥିଲେ। ସେ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ପରିବାର ଲୋକେ ବିଷ ପିଇବା କଥା ଜାଣି ପଡ଼ୋଶୀଙ୍କ ସହଯୋଗରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଏକ ଅଟୋରିକ୍ସା ଯୋଗେ ଆଣିଥିଲେ। ସେଠାରେ କିଛି ସମୟ ଚିକିତ୍ସା ହେବା ପରେ ପ୍ରାୟ ସାଢେ ୧୦ଟା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା।




| S.NO. | DETAILS OF TOWER | OFFER OF SALE |
|---|---|---|
| 1. | Tower - I | Sale open through e-auction |
| 2. | Tower - II | Expression of Interest (EOI) |

For Complete Information, visit NBCC's website at www.nbccindia.com
RERA Registration No.: MP/19/2018/00027

NBCC Imperia
Chandrashekharpur, Bhubaneswar Odisha
The new Commercial & Residential Landmark of Bhubaneswar
FEATURES
- Centrally located prime land.
- Commercial-Retail & Office Spaces.
- Good visibility and easy access for retail and shops.
- Gated complex.
- Earthquake resistant structure & Rainwater Harvesting system.
- Advanced stage of completion

एन बी सी सी NBCC A Navratna CPSE
NBCC (INDIA) LIMITED
(A Government of India Enterprise)
MARKETING OFFICE: NBCC Place, Pragati Vihar, Bhisham Pitamah Marg, New Delhi-110003
CALL @: 011-46990020, 8527495482, 8527559481
E-Mail: remktgr@nbccindia.com
Website: www.nbccindia.com
Follow us on:
Corrigendum/addendum, if any, would appear only on the website
LOCATION
Airport - 11.5 Km
Bhubaneswar Railway Station - 8.5 Km
LANDMARK WITH IN 5 KM. RANGE
• Apollo Hospital • Kalinga Hospital
• Acharya Vihar Crossing




TRIDENT
GROUP OF INSTITUTIONS
Redefining Engineering Education in Odisha By introducing industry required training / exposure for B.Tech students
F2, Chandaka Industrial Estate, Infocity Area, Bhubaneswar - 751024
Telephone : (0674)-6649000, 6649003, 6649008, 6649036 Mob : 9861191195
www.trident.ac.in

Mechanical
- Exposure to Mechatronics
- Exposure to Design packages like Auto-CAD Solid works, Creo, CATIA etc.
- Study of CFD through CAE package ANSYS Fluent,
- Exposure to Subtroctive practices with CNC Machines ( Concept of 5-Axis / 7 Axis machining) and Additive practices of 3-D metal printing with Rhino-6 ( NURB modeller to use Laser flow).
- Exposure to Plastic Injection Moulding, Blow Moulding, Roto Moulding and Moulding Flow Techniques.

Electrical
- On-Project training on HT/EHT substation & Railway OHE / TSS.
- On-Project training on Load Flow Analysis with MI Power Software
- On-Project training on Solar Power Engineering
- Exposure to PLC and SCADA techniques with actual underground cabling projects executed by EPC Companies
- Electromagnetic Flow & High Frequency Simulation Process with latest PLM Softwares

Civil
- Most advanced survey techniques with TS, GPS, DGPS & Drones
- Advanced Structural Designs with latest STAAD Pro & ETAB Software
- 3-D model of buildings with REVIT Software
- Exposure to Spatial Analysis, Photogrammetry & Remote Sensing & GIS with actual Projects of Govt.
- Exposure to consulting works done by the college including Design Validation of Structures including Megafit Irrigation.

Electronics
- Micro Electro Mechanical System (MEMS) design with Indian Institute of Science, Bangalore.
- Use of Lab-View Software with guidance of National Instruments (NI).
- Projects of IoT (Internet of Things) with guidance of CISCO Inc.
- PIC microcontrollers with guidance of Microchip Inc.
- Design of PCBs with guidance of NIELIT
- Working in the Project of Structure Technical Enhancement Program (STEP) of Electronics Sector Skill Council of India (ESSCI), Govt. of India.

Biotechnology
Access to the most contemporary & advanced instruments and processes including
1. PCR & RT-PCRs
2. $CO_2$ Incubotor
3. HPLC/FPLC
4. Flow Cytometers
5. UV Spectrophotometer
6. Genetic Analyser
7. Atomic Absorption Spectroscopy( AAS)
8. Differential Scanning Calorimetry (DSC)
9. Scanning Electronic Microscope (SEM)
10. Atomic Force Microscope (AFM)
11. Fourier Transform Infrared Spectroscopy
12. Particle Size Analyser
13. Robotic Protein Crystallization
14. Bioplex
15. Ultracentrifuge

HIGHEST NUMBER OF CAMPUS RECRUITERS (102) IN BPUT



ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ,
କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ସମ୍ଭବ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ୟୁଏସ-ଇଣ୍ଡିଆ ଷ୍ଟ୍ରାଟେଜିକ ପାର୍ଟନରଶିପ୍ ଫୋରମ୍ ଅଧ୍ୟକ୍ଷଙ୍କ ସହ ଧର୍ମେନ୍ଦ୍ରଙ୍କ ଆଲୋଚନା

ଭୁବନେଶ୍ୱର, ୨୩।୭(ବ୍ୟୁରୋ): ୟୁଏସ-ଇଣ୍ଡିଆ ଷ୍ଟ୍ରାଟେଜିକ ପାର୍ଟନରଶିପ୍ ଫୋରମ୍‌ର ଅଧ୍ୟକ୍ଷ ତଥା ସିଇଓ ମୁକେଶ ଅଘିଙ୍କ ସହ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାକ୍ଷାତ କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀଙ୍କ ସହ ମୁକେଶ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି । ଭାରତ-ଆମେରିକା ମଧ୍ୟରେ ଷ୍ଟ୍ରାଟେଜିକ୍ ଶକ୍ତି ସହଭାଗିତାକୁ ଦୃଢ କରିବା ପାଇଁ ଦ୍ୱିପକ୍ଷ ବ୍ୟାପାରକୁ ବୃଦ୍ଧି କରିବା ଦିଗରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି। ସେହିପରି ଉର୍ଜା ଓ ଭିତ୍ତିଭୂମି କ୍ଷେତ୍ରରେ ପୁଞ୍ଜି ନିବେଶ କରିବା ଦିଗରେ ମଧ୍ୟ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଧର୍ମେନ୍ଦ୍ର କହିଛନ୍ତି।

# ୧୧ ଜିଲାରେ ସ୍ୱଳ୍ପ ବୃଷ୍ଟିପାତ

- ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୩୧ ପ୍ରତିଶତ କମ୍ ବର୍ଷା
- ଧାନ ଫସଲ ଗୁରୁତର ପ୍ରଭାବିତ ହେବା ସମ୍ଭାବନା
- ଲଘୁଚାପ ହେଲେ ୨୫ରୁ ବଦଳିପାରେ ପାଗ

ଭୁବନେଶ୍ୱର, ୨୩।୭(ବ୍ୟୁରୋ)

ଚଳିତବର୍ଷ ରାଜ୍ୟରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଛି। ସାରା ଦେଶରେ ୧୫ ସ୍ଥାନରେ ସ୍ୱାଭାବିକ ବର୍ଷା ହୋଇଥିବାବେଳେ ୨୧ ସ୍ଥାନରେ ବର୍ଷାର ପରିମାଣ କମ୍ ରହିଛି। ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ୩୧ ପ୍ରତିଶତ କମ୍ ବର୍ଷା ହୋଇଛି। ସୁନ୍ଦରଗଡ଼, ମୟୂରଭଞ୍ଜ, ଗଜପତି, ଅନୁଗୋଳ, ଦେବଗଡ଼, କନ୍ଧମାଳ, ବୌଦ୍ଧ, ରାୟଗଡ଼ା, କେନ୍ଦୁଝର, ବଲାଙ୍ଗୀର, ବାଲେଶ୍ୱର ଆଦି ୧୧ ଜିଲାରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଅଧିକାଂଶ ବ୍ଲକ୍‌ରେ ଧାନ ତଥା ଅଣଧାନ ଫସଲ ଗୁରୁତର ପ୍ରଭାବିତ ହେବା ସମ୍ଭାବନା ରହିଛି। ଆଉ କିଛିଦିନ ମଧ୍ୟରେ ଯଦି ଭଲ ବର୍ଷା ନ ହୁଏ ତେବେ ରାଜ୍ୟରେ ମରୁଡ଼ି ହୋଇଯିବ ବୋଲି ପାଣିପାଗ ବିଶେଷଜ୍ଞମାନେ ଆକଳନ କରୁଛନ୍ତି।

ଅନ୍ୟପକ୍ଷରେ ୨୪ ତାରିଖ ବୁଧବାର ଘୂର୍ଣ୍ଣିବଳୟ ସୃଷ୍ଟି ହେବା ସମ୍ଭାବନା ରହିଛି। ଏହା ଲଘୁଚାପରେ ପରିଣତ ହେଲେ ୨୫, ୨୬ ଓ ୨୭ ତାରିଖରେ ପ୍ରବଳ ବର୍ଷା ହେବ। ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ୨୫ ତାରିଖରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ରହିଛି। ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଯାଜପୁର, ସୁନ୍ଦରଗଡ଼, ଦେବଗଡ଼, ନବରଙ୍ଗପୁର, କଳାହାଣ୍ଡି ଓ ବାଲେଶ୍ୱର ଜିଲାରେ ପ୍ରବଳ ବର୍ଷା ହେବ। ତେବେ ୨୬ ତାରିଖରେ ଦେବଗଡ଼, ସମ୍ବଲପୁର, କଟକ, ଅନୁଗୋଳ, ଢେଙ୍କାନାଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବାବେଳେ କୋରାପୁଟ, କଳାହାଣ୍ଡି, କନ୍ଧମାଳ, ସୋନପୁର, ଝାରସୁଗୁଡ଼ା, ବରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ ଓ ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ହେବ। ସେହିପରି ୨୭ ତାରିଖରେ ସମ୍ବଲପୁର, ବରଗଡ଼, ବୌଦ୍ଧ, କଳାହାଣ୍ଡି ଓ ନବରଙ୍ଗପୁରରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ପୁରୀ, ଗଞ୍ଜାମ, ନୂଆପଡ଼ା, ବଲାଙ୍ଗୀର, କୋରାପୁଟ ଓ କନ୍ଧମାଳରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆଶଙ୍କା କରିଛି। ସେପଟେ ମଙ୍ଗଳବାର ସନ୍ଧ୍ୟା ୫ଟା ସୁଦ୍ଧା କେନ୍ଦୁଝରରେ କେନ୍ଦୁଝରଗଡ଼ରେ ସର୍ବାଧିକ ୩୨ ମିଲିମିଟର ବର୍ଷା ହୋଇଥିବାବେଳେ କୋରାପୁଟରେ ୨୪ମିମି, ବାରିପଦାରେ ୧ମିମି ବର୍ଷା ରେକର୍ଡ କରାଯାଇଛି।

### ଫସଲ ସୁପରିଚାଳନା ପାଇଁ ଓୟୁଏଟିର ପରାମର୍ଶ

ରାଜ୍ୟରେ ସ୍ୱଳ୍ପ ବୃଷ୍ଟି ଯୋଗୁ ମରୁଡ଼ି ଆଶଙ୍କା। ସେପଟେ ଲଘୁଚାପ ହେଲେ ବର୍ଷା ସମ୍ଭାବନା। ଏପରିସ୍ଥିତିରେ ଚାଷୀମାନେ କିପରି ଫସଲର ସୁପରିଚାଳନା କରିବେ ସେଥିପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ପକ୍ଷରୁ କୃଷି ପରାମର୍ଶ ଦିଆଯାଇଛି। ଯେଉଁଠି ଧାନ ବୁଣାବୁଣି ସରିଯାଇଛି, ସେଠି ପାଣିପାଗ ବିଭାଗର ବର୍ଷାର ପୂର୍ବାନୁମାନ ଅନୁଯାୟୀ ଧାନ ଫସଲକୁ ନଷ୍ଟ ନ କରି ଅପେକ୍ଷା କରିବାକୁ କୁହାଯାଇଛି। ଯେଉଁ ଜମିରେ ରୁଆ ସରିଯାଇଛି, ସେଠି ଧାନ ଫସଲକୁ ବଞ୍ଚାଇବା ପାଇଁ ଫସଲ ରକ୍ଷାକାରୀ ଜଳସେଚନ କରିବାକୁ ପରାମର୍ଶ ଦିଆଯାଇଛି। ଏହି ସମୟରେ ତଳିଘରାରେ ମହିଷା, ମୂଳଶଢ଼ା ଓ ବୀଜାଣୁଜନିତ ପତ୍ରପୋଡ଼ା ରୋଗ ଲାଗିବାର ଆଶଙ୍କା ରହିଥିବାରୁ ନିରାକରଣ ବ୍ୟବସ୍ଥା ପାଇଁ ଚାଷୀମାନେ ପଦକ୍ଷେପ ନେବା ଉଚିତ। ବର୍ଷା ଜଳ ପାଇବା ପରେ ପ୍ରଥମେ ମଝିଆଳି ଜମିରେ ଓ ପରେ ଖାଲୁଆ ଜମିରେ ରୁଆ କାର୍ଯ୍ୟ ସାରିବାକୁ କୁହାଯାଇଛି। ସେହିପରି ଯେଉଁ ଡିପ ଜମିରେ ଧାନ ଫସଲ ହେବାର ଆଉ ସମ୍ଭାବନା ନାହିଁ ସେଠାରେ ଅଣଧାନ ଯେପରିକି ମକା, ମାଣ୍ଡିଆ, ମୁଗ, ବିରି, ବରଗୁଡ଼ି, ରାଶି, କନ୍ଦମୂଳ ଇତ୍ୟାଦି ଚାଷ କରିବାକୁ ପରାମର୍ଶ ଦିଆଯାଇଛି। ଆବଶ୍ୟକ ପଡୁଥିବା ମୁଗ, ବିରି ବିହନ ପାଇଁ ଚାଷୀମାନେ ବିହନ ନିଗମ ସହିତ ଯୋଗାଯୋଗ କରନ୍ତୁ। ସଅଳ ଅମଳ ପାଇଁ ଫୁଲକୋବି, ବନ୍ଧାକୋବି, ବିଲାତିବାଇଗଣ, ଲଙ୍କା, ବାଇଗଣ ଓ ଖରିଫ୍ ପିଆଜ ପଲିଥିନ୍ ମଞ୍ଚା ତଳେ ଉଚ୍ଚ ତଳିଘରା କରି ତଳି ପକାଇବାକୁ ଓୟୁଏଟି ପକ୍ଷରୁ କୃଷକମାନଙ୍କୁ ପରାମର୍ଶ ଦିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ରେବତୀ ନକ୍ଷତ୍ରସ୍ଥ ଚନ୍ଦ୍ର ପଡ଼ୋଶୀଙ୍କ ହସ୍ତକ୍ଷେପରେ ପାରିବାରିକ ଶାନ୍ତି ଫେରାଇ ଆଣିବାରେ ସହାୟକ ହେବ। କିନ୍ତୁ ଚତୁର୍ଥସ୍ଥ ପାପଗ୍ରହ ପାରିବେଶିକ ଓ ମାନସିକ ତଥା ଶାରୀରିକ ଦିଗ ପାଇଁ ଅନୁକୂଳ ହେବ ନାହିଁ। ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ, ଧର୍ମୀୟ ଭାବନା, ବନ୍ଧୁମିଳନ ଓ ପ୍ରତ୍ୟୁଷ ଯାତ୍ରା କେତେକାଂଶରେ ମନକୁ ପ୍ରଭାବିତ କରିପାରେ।

**ବୃଷ** ରବି କେନ୍ଦ୍ରକୋଣାଧିପ ଶନି ନକ୍ଷତ୍ରସ୍ଥ ହୋଇ ଷଡାଷ୍ଟକ ସ୍ଥିତିରେ ଥିବାରୁ ଆଲୋଚନାନୁଯାୟୀ କାର୍ଯ୍ୟସାଧନ କରିପାରିବା କଷ୍ଟକର ହେବ । ଅବଶ୍ୟ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା କାରଣରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ । ଆର୍ଥିକ ଅଭାବ ଓ ଅନଟନକୁ ଦୂରେଇବାରେ ବନ୍ଧୁ ସାହାଯ୍ୟ କରିପାରନ୍ତି।

**ମିଥୁନ** ମଙ୍ଗଳ ଷଷ୍ଠଏକାଦଶାଧିପତି ହେତୁ ଧାରକରଜ କିମ୍ବା ବ୍ୟାଙ୍କଲୋନ୍ ମାଧ୍ୟମରେ ଅର୍ଥପ୍ରାପ୍ତି କରାଇପାରେ । କିନ୍ତୁ ରାଶ୍ୟାଧିପତି ସହ ସମ୍ପର୍କିତ ଯୋଗୁ ଔଷଧକ୍ରୟ, ଡାକ୍ତର ଫି' କିମ୍ବା ଶାରୀରିକ ପରୀକ୍ଷାଜନିତ ବ୍ୟୟ ମଧ୍ୟ କରିପାରନ୍ତି। ବିବାଦୀୟ ପରିସ୍ଥିତି କିମ୍ବା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**କର୍କଟ** ତୃତୀୟବ୍ୟୟାଧିପ ବୁଧ ଧନଲାଭାଧିପତି ଯୁକ୍ତ ହେତୁ ବନ୍ଧୁଙ୍କୁ ଅର୍ଥସାହାଯ୍ୟ ପ୍ରଦାନ କରିପାରନ୍ତି। କର୍ମକ୍ଷେତ୍ରରେ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟ ଲାଭର ସୌଭାଗ୍ୟ ପାଇବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇପାରନ୍ତି। ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ନ ଘଟିବାରୁ ମନ ସାମୟିକ ବିଚଳିତ ରହିପାରେ।

**ସିଂହ** ବୃହସ୍ପତି ଚତୁର୍ଥସ୍ଥ ହୋଇ ବୁଧଙ୍କ ନକ୍ଷତ୍ରରେ ରହିଥିବାରୁ ପୁରୁଣା ଘର, ଯାନବାହନ, କ୍ରୟବିକ୍ରୟ ପାଇଁ ମନସ୍ଥ କରିପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ ପାରିବାରିକ ଅସ୍ଥିରତା କାରଣରୁ ମାନସିକ ଶାନ୍ତି ବ୍ୟାହତ ହୋଇପାରେ । ବ୍ୟବସାୟ,ପରିବହନ, ଜମିଜମା, କଳକାରଖାନା, ସଭାସମିତି, ସଭା ସମିତିରେ ସଫଳତା ଅର୍ଜନ କରିବେ।

**କନ୍ୟା** ଧନଭାଗ୍ୟାଧିପ ଶୁକ୍ର ରାଜଯୋଗକାରକ ଚତୁଃଗ୍ରହ ସମ୍ମିଳନୀରେ ରହି ଆପଣଙ୍କ ସୁଖ, ସମ୍ମାନ, ପ୍ରତିଷ୍ଠାଦି ଗୌରବ ପ୍ରଦାନ କରିବ। କେବଳ ଚିତ୍ରା ନକ୍ଷତ୍ର ବ୍ୟତୀତ ଅନ୍ୟମାନଙ୍କ ସକାଶେ ଶତକଡା ଶହେଭାଗ ସୁଫଳ ମିଳିପାରେ । ତଥାପି ପାରିବାରିକ, ସାମାଜିକ, ପରିବହନ, ଲୋକସମ୍ପର୍କ ଦିଗ ପ୍ରତି ଆଜିର ଗ୍ରହସ୍ଥିତି ପ୍ରତିକୂଳ ରହିବ।

**ତୁଳା** ରାଜଯୋଗକାରକ ଗ୍ରହ ଶନି ରାଶ୍ୟାଧିପଙ୍କ ନକ୍ଷତ୍ରରେ ରହିଥିବାରୁ କାର୍ଯ୍ୟହାସଲ ସକାଶେ ଆପଣଙ୍କ ଚେଷ୍ଟା ଅବ୍ୟାହତ ରହିବ । କିନ୍ତୁ ତୃତୀୟଭାବରୁ ଦ୍ୱାଦଶସ୍ଥ ବୃହସ୍ପତି ଯୋଗୁ କଥା ଦେଇ କଥା ରଖି ନ ଥିବା କାରଣରୁ ମନ ଭଲ ରହି ନ ପାରେ । ଫଳତଃ କୌଣସି କାମ ସକାଶେ ନିଜ ଲୋକମାନଙ୍କ ଉପରେ ଭରସା କରି ପାରିବେ ନାହିଁ।

**ବିଛା** ଅଷ୍ଟମସ୍ଥ ରାହୁ ରାଶିରେ ଥିବାରୁ ଧନହାନି ଓ ସମସ୍ୟା ସାମୟିକ ଆସିପାରେ। କିନ୍ତୁ କୌଣସି କାମରେ ପଛକୁ ଫେରିବାର ଚିନ୍ତା କରି ନ ପାରନ୍ତି ଓ କାର୍ଯ୍ୟ ସିଦ୍ଧି ଅବଶ୍ୟମ୍ଭାବୀ। ଏକାଧିକ ଗ୍ରହ ପ୍ରଭାବରୁ ଧର୍ମକାର୍ଯ୍ୟ, ବନ୍ଧୁମିଳନ, ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପ୍ରଭୃତିରୁ ସଫଳତା ମିଳିବ। କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ।

**ଧନୁ** ସମସ୍ୟା ଭିତରେ ମାନସିକ ଦୁଶ୍ଚିନ୍ତା ବଢି ଚାଲିଥିଲେ ମଧ୍ୟ ଗୁରୁକ୍ଷେତ୍ରସ୍ଥ ଚତୁର୍ଥଚନ୍ଦ୍ର ଯୋଗୁ ଆପଣଙ୍କ ପରିବାର ଓ କର୍ମକ୍ଷେତ୍ରରେ କୌଣସି ପ୍ରଭାବ ପଡିବ ନାହିଁ। ଆଲୋଚନା ପରିସରରେ କୌତୁକିଆ କଥା କହି ବନ୍ଧୁଙ୍କୁ ଆପ୍ୟାୟିତ କରିବେ। ସାମାଜିକ ସ୍ତରରେ ଗଠନ ମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର** ରାଶିଠରୁ ଦ୍ୱାଦଶସ୍ଥ ଓ ଚନ୍ଦ୍ରଙ୍କ ନିକଟରୁ କେନ୍ଦ୍ରସ୍ଥ ଶନି ଯୋଗୁ କୌଣସି ଅସୁବିଧା ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ବୁଝାମଣା ଠିକ୍ ନ ରହିବାରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ । ଶିକ୍ଷା, ପରୀକ୍ଷା, ଲେଖାପଢା, ଆଲୋଚନା ଓ ସଭାସମିତି କ୍ଷେତ୍ରରୁ ପ୍ରଶଂସିତ ହେବେ।

**କୁମ୍ଭ** ଅର୍ଥ ସମ୍ପର୍କକୁ ନେଇ କିମ୍ବା କୌଣସି ମନ୍ତବ୍ୟକୁ କେନ୍ଦ୍ରକରି ବିବାଦର ଆଶଙ୍କା ରହିଛି। ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷା କରିବାକୁ ଯାଇ ପରିଜନ ସହ ଯାତ୍ରା କରିବାକୁ ପଡିପାରେ। ପରିବାର ଭିତରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ବ୍ୟବସାୟ, ବାଣିଜ୍ୟ, ପରିବହନ, ସଭାସମିତି, ଆଲୋଚନାଦି କ୍ଷେତ୍ରରେ ସମସ୍ୟା ସମାଧାନ କରିପାରିବେ।

**ମୀନ** କେନ୍ଦ୍ରାଧିପ ବୁଧଙ୍କ ନକ୍ଷତ୍ରରେ ରାଶ୍ୟାଧିପ ବୃହସ୍ପତି କୋଣଭାବ ମଣ୍ଡନ କରିଥିବାରୁ ବନ୍ଧୁମାନଙ୍କ ସାହାଯ୍ୟ, ସହଯୋଗ ପାଇ କାର୍ଯ୍ୟହାସଲ କରିବେ। ସାମାଜିକ ସମ୍ମାନ ସହ ଅଭିଳଷିତ ଜିନିଷ ପ୍ରାପ୍ତି ମନକୁ ଖୁସି କରାଇଦେବ। ପଦସ୍ଥ ବ୍ୟକ୍ତିଙ୍କ ବଦାନ୍ୟତାରୁ କର୍ମକ୍ଷେତ୍ରର ସମସ୍ୟା ସମାଧାନ ହେବା ସାଙ୍ଗକୁ ଟେନସନ୍ କମିଯିବ।

ଆଜି ଶ୍ରାବଣ କୃଷ୍ଣ ସପ୍ତମୀ ବୁଧବାର, ଜୁଲାଇ ୨୪ ତାରିଖ, ଆୟକର ଦିବସ, ରାଶି ନକ୍ଷତ୍ର, ରେବତୀ/ମୀନ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୫୦ମି. ଗତେ ଘ୮।୨୯ମି. ମଧ୍ୟେ, ଘ୩।୦୫ମି. ଗତେ ଘ୪।୪୪ମି. ମଧ୍ୟେ ଅମୃତବେଳା। ଦିବା ଘ୬।୫୦ମି. ମଧ୍ୟେ ଘ୧୦।୦୮ମି. ଗତେ, ଘ୧।୪୭ମି. ମଧ୍ୟେ ଘ୪।୪୪ମି. ଗତେ, ଘ୬।୦୫ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୧।୫୩ମି. ଗତେ ଘ୧।୩୧ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**BRIDE WANTED**

Khandayat 35/5'6" working as Electrician in BPCL searching bride. 8338083380. D-13562

ତେଲିପାତ୍ର 55 1/2, ମାଟ୍ରିକ୍, କମ୍ପାନି ଚାକିରିଙ୍କ ପାଇଁ ସହୃଦୟା ପାତ୍ରୀ ଆବଶ୍ୟକ। 7377316197. D-13496

**GROOM WANTED**

Khadayat girl B.com 22/5, Cuttack, seaching groom (near Cuttack). 8338083380. D-13566

Teli B.Tech 27/5'5" working as Software Engineer searching groom. 8338083380. D-13565

Brahmin MBBS, 27/5'4", Cuttack, Searching groom (any location). 8338083380, 8480611745. D-13567

Gopal B.com girl 30/5'2" Mayurbhanja, searching groom in Mayurbhanja. 8338083380. D-13563

BBSR ସ୍ଥିତ Nurse 40k ପାଉଥିବା 28 ବୟସ୍କା divorcee ବ୍ରାହ୍ମଣଙ୍କ ପାଇଁ any caste ପୁଅ ଦରକାର। 9658674636. D-13516

Divorcee bride Lecturer 38, Engineer 35, Bank 43 (Caste-no-bar). 7873374269. D-67016

Khandayat girl 1993, 5'6", MBA, serving MNC, Bangalore. Sunasansar: 9937512659. D-66741

Professional qualified matches for Muslim Girl, DOB: 1986, 5'4", working as Software Engineer. Mobile: 9437121410, 9937339699. D-37371

**Now Matrimonial ads. only on Wednesday & Sunday Book 1 Get 1 FREE**




**SALE**

3 Store Building For Sale Near Dhauli Bhubaneswar. All Are 3BHK Flat. New Building Contact - 9337730923. D-13575

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3.5k.m. ବାସୋପଯୋଗୀ plot 1200sqft. 5,40,000/- immediate possession/registration. 9937032327, 9583328312. D-66730

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66729

1000 sqft land 12lakhs at Sisupalgarh, near Lingaraja Temple. Contact: Hindustan Jewellers, Bhubaneswar. D-65670

House for sale at Gothapatna 70,00,000/-, 16000sqft. land and 3200sqft. plot sale, sqft. 1400/- Gothapatna Mainroad, Bhubaneswar. 7735768268. D-66743

**ଭୁବନେଶ୍ୱର ପିତାପଲ୍ଲିଛକ ପାଖରେ Viswass +2 Science କଲେଜକୁ ଲାଗି yellowzone ପ୍ଲଟ ମିଳୁଅଛି। 9348261968.** D-66738

SUM hospital ନିକଟରେ ଏବଂ Tamando ବଜାର Infocity-2 ପାଖରେ plot ମିଳୁଅଛି। 9439864322. D-66715

**ଭୁବନେଶ୍ୱର ଗୀତା କଲେଜରୁ 4k.m ମେଣ୍ଢାଶାଳ ମୌଜାରେ satellitecity ପାଖରେ Demarcated Plot sqft.300/-ରେ ମିଳୁଅଛି। 9439857581.** D-66733

BDA plot NH-5 ସନ୍ନିକଟରେ road, electric poll, boundary ମାତ୍ର sqft. 600/- ରେ ମିଳୁଅଛି। Contact: 9437285016 / 6371719107. D-13559

212decml. yellowzone gharabari sthitiban plot at Sunderpur on Sikharchandi, Chandaka road @ 1250 per sqft. Contact: 9338342502. D-67302

**Bhubaneswar AIIMS Medical ନିକଟରେ Govt. roadକୁ ଲାଗି BDA approved yellowzone gharabari plot- 1499/- 9777553622.** D-66736

ବଅଁରପାଳଠାରୁ ବାଲିମେଳା ଯାଇଥିବା NH-64 ରାସ୍ତାର ବଉଳିଗଡ ଗ୍ରାମ ବ୍ରିଜ ମୁଣ୍ଡରେ ଥିବା ୪୬ଡିସିମିଲ ଜାଗା ବିକ୍ରିହେବ। ଯୋଗାଯୋଗ: ୯୮୬୧୨୨୨୮୦୦, ୬୩୭୧୭୯୫୩୧୬। D-60948

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/Bhubaneswar. 7809525452, 8249851363.** D-66932

**2400sqft. BDA plot for sale at K9/A Patrapada. Contact: 8114860043.** D-64991

**Ready to move 4BHK flat near Hotel Mayfair, Jaydev Vihar, price Rs.5500/- per sqft & triplex and duplex at Rangabazar near BJEM English Medium School-II. Price start Rs.45 lakhs. Call: 9040046767, 9040007267.** D-67318

2BHK, 3BHK, ready to move flats at Hitech Heaven Project near Gudiapokhari Chowk, Bhubaneswar. 9853035888, 9437285016. D-13519

**High commercial building for sale at Bhubaneswar near Kalpana area, constructed area-4610sqft. Rs. 1.30 rental income p.m. Contact: 9437068886.** D-13561

BDA plot NH-5 ସନ୍ନିକଟ road, Electric poll, boundary ଥାଇ sqft 600/- ମିଳୁଅଛି। Contact: 7750068828 / 6370485344. D-13542

**ଭୁବନେଶ୍ୱର ବାଲକାଟି ବଜାରରୁ 2km. boundary ଘରବାରି plot ଇଲେକ୍ଟ୍ରିସିଟି ସୁବିଧାଥାଇ sqft.-500/- (Spot possession then registration). 9348020724, 7978939440.** D-66744

2BHK simplex 26,00,000/-finishing Hanspal, Bank finance available 7381578650, 7377605498. D-67022




3BHK independent house with parking at Santha Vihar, Lingipur. 9439357429, 8114351359. D-61059

Fully AC furnishing 2BHK for two working women / men. 7008054806. D-67205

Tolet service for bachelor, family, girls, all over Bhubaneswar. 6371209927. D-64982

Showroom (semi furnished) 400sqft .at prime location (Indradhanu market, Nayapalli) to be given on rent Rs. 25000/-. No brokers. Contact: 7798442743, 9853878489. D-35845

3BHK 1800 sqft. house near ITER College, Dumduma. Phone- 8179751075. D-66266




ସ୍ୱଳ୍ପ ପୁଞ୍ଜି ବିନିଯୋଗ କରି ନିଜଘରେ ପେପର ପ୍ଲେଟ, Buffet, ଧୂପକାଠି ଉଦ୍ୟୋଗ ବସାଇ ମାସିକ 25 ରୁ 30 ହଜାର ଟଙ୍କା ରୋଜଗାର କରନ୍ତୁ। Raw material available. 6372582671, 8895777350. D-67321




Fully refreshed/ relaxed body massage by expert therapist, Shastri Nagar. 7377984773. D-67312

Rejuvenate and ayurvedic full body massage by smart therapist: 9114402304. D-67311

Full body herbal massage with refreshment, expert therapist. 7381239385, 0674-2540855. D-67313

Experience full body massage with us (expert). Call: 7377048581, 0674-2597822. D-67314

Summer special mesmerizing offer expert therapeutic refreshing massage appointment: 9668374480. D-67307

Herbal full body massage by smart/expert therapist. Contact: 8338067247. D-67315

Newly opening Ayurvedic body massage smart therapist, Shree herbal, 775 0020754. D-67317

Kajal ayurvedic massage club fully relaxed by smart lady, home service available. 9937637219. D-66930

Ayurvedic full body massage ladies & gents smart therapist. 9040900385. D-66931

**LOST**

I Sri Banamali Pani, S/o- Late Balaram Pani, Vill/Po- Tentulidihi, P.S- Chandbali, Dist- Bhadrak lost a sale deed bearing number 956/2000 on 14.07.2019 while travelling by bus from Chandbali to Pattamundai. If anybody found please contact at 7008402310. D-13572

**AFFIDAVIT**

By virtue of an affidavit dated 22.07.2019 before Notary, Bhubaneswar, I changed my name from Susree Sucharita Pattanaik to Sushree Sucharita Pattanaik. D-13564

By virtue of an affidavit before Notary, BBSR, I have changed my name from Srikanta Kumar Sahu to Srikant Kumar Sahoo. Henceforth I known as Srikant Kumar Sahoo for all purposes. D-62196

**୭ମ ଜନ୍ମଦିନ ଶୁଭେଚ୍ଛା**



**ଦର୍ଶନ ଆଚାର୍ଯ୍ୟ (ସମ୍ଭବ)**
ଜନ୍ମ ତାରିଖ: ତା ୨୪।୦୭।୨୦୧୨
ଲୋକେଶ୍ୱରପୁର, ଖୋର୍ଦ୍ଧା
ତୋର ସପ୍ତମ ବାର୍ଷିକ ଜନ୍ମତିଥି ଅବସରରେ ଶ୍ରୀଜଗନ୍ନାଥ ଜୀଉଙ୍କ ନିକଟରେ ଏତିକି ପ୍ରାର୍ଥନା, ତୋର ଚଲାପଥ କୁସୁମିତ ତଥା ଯଶସ୍ୱୀ କରନ୍ତୁ।
ଶୁଭେଚ୍ଛା ସହ
ଜେଜେବାପା, ଜେଜେ ମା', ନନା, ବୋଉ, ଅଜା, ଆଇ, ମାମୁ, ମାଇଁ, ଭାଇନା, ନାନୀ, ପିଉସା, ପିଉସୀ ଓ ମାମା ନାନୀ।
ଧ-୧୩୫୭୪


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୨୧୦/- (ଫଟୋ ସହ) । ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



ଆଖି ଅନ୍ୟ ସବୁ ଦେଖିପାରେ, କିନ୍ତୁ ନିଜକୁ ଦେଖିପାରେ ନାହିଁ। ମଣିଷ ଅନ୍ୟର ଭୁଲ୍ ବାଛି ବସେ, କିନ୍ତୁ ନିଜର ଭୁଲ୍‌କୁ ସ୍ୱୀକାର କରି ନ ଥାଏ।
- ସତ୍ୟସାଇବାବା


# ଜାପାନିଜ୍ ଏନ୍‌ସେଫାଲାଇଟିସ୍ (ଜେ.ଇ.)ରୋଗ ବିଷୟରେ କେତୋଟି ଜାଣିବା କଥା

DSPL-47

**ଜେ.ଇ. ରୋଗ କଣ ?**
ଜାପାନିଜ୍ ଏନସେଫାଲାଇଟିସ୍ (ଜେ.ଇ.) ଏକ ଭୂତାଣୁ ଜନିତ ରୋଗ । ଏହିରୋଗରେ ମୁଖ୍ୟତଃ ୧-୧୫ ବର୍ଷ ବୟସର ପିଲାମାନେ ଆକ୍ରାନ୍ତ ହୋଇଥାନ୍ତି ।



**ଏହି ରୋଗ ବ୍ୟାପେ କିପରି ?**
କ୍ୟୁଲେକ୍ସ ମଶା କାମୁଡ଼ିବା ଦ୍ୱାରା ଏହି ରୋଗ ବ୍ୟାପିଥାଏ ।

**ଲକ୍ଷଣ ଓ ପ୍ରତିକାର:**
ଅତ୍ୟଧିକ ଜ୍ୱର ହେବା, ବାଉଳିବାଉଳି ହେବା, ବାତ ମାରିବା, ତଥା ବେହୋସ୍ ହେଇଯିବା । ଏଭଳି କୌଣସି ଲକ୍ଷଣ ଦେଖାଗଲେ ଅତିଶୀଘ୍ର ଉପଖଣ୍ଡ କିମ୍ବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାନ୍ତୁ ।



ଜେ.ଇ. ରୋଗ ମଣିଷ ଠାରୁ ମଣିଷକୁ ସଂକ୍ରମିତ ହୋଇନଥାଏ ।

**ଏହି ରୋଗରୁ ସୁରକ୍ଷିତ ରହିବା ପାଇଁ**
- ଦେହକୁ ପୁରା ଘୋଡାଇ ରଖିଲାପରି ପୋଷାକ ପିନ୍ଧିବେ ।
- ପ୍ରତିଦିନ ମଶାରୀ ଟାଣି ଶୋଇବେ ।
- ମଶା ଦାଉରୁ ରକ୍ଷାପାଇବା ପାଇଁ ମଶା ବିକର୍ଷକ ମଲମ ବା ତେଲ (ନିମ୍ବ/କରଞ୍ଜ)ଲଗାଇବା ସହିତ ଘରେ ନିମ୍ବପତ୍ର କିମ୍ବା ଝୁଣା ଧୂଆଁ ଦେବେ ।
- ଘର ଭିତରେ ଓ ଆଖପାଖରେ ପାଣି ଜମିବାକୁ ଦେବେନାହିଁ ।
- ଘୁଷୁରୀମାନଙ୍କୁ ଜନବସତି ଠାରୁ ୩-୪ କି.ମି. ଦୂରରେ ରଖିବେ ।
- ପିଲାମାନଙ୍କୁ ଘୁଷୁରୀ ତଥା ପାଣିପକ୍ଷୀ ରହୁଥିବା ସ୍ଥାନ ନିକଟରେ ଖେଳିବା ବୁଲିବା ପାଇଁ ଛାଡିବେ ନାହିଁ ।

ଆଶା /ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରି ଶିଶୁମାନଙ୍କୁ ଜେ.ଇ.ପ୍ରତିଷେଧକ ଟୀକା ନିଶ୍ଚୟ ଦିଅନ୍ତୁ ।

facebook.com/HFWOdisha http://www.health.odisha.gov.in/ @HFWOdisha
ସାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
10003/13/0032/1920


## ସଂକ୍ଷେପରେ

### ଶ୍ରମିକଙ୍କ ବେକକାଟି ହତ୍ୟା

କଟକ ଅଫିସ,୨୩।୭: ମଙ୍ଗଳାବାଗ ଥାନା ଅନ୍ତର୍ଗତ ରାଣୀହାଟ ଛକରେ ସୋମବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ଶ୍ରମିକଙ୍କ ବେକକାଟି ଅତି ନୃଶଂସ ଭାବେ ହତ୍ୟା କରାଯାଇଛି। ମୃତ ଶ୍ରମିକ ଜଣକ ହେଲେ ରାଣୀହାଟ ଅଞ୍ଚଳରେ ରହୁଥିବା ଢେଙ୍କାନାଳ ଜିଲା ସଦର ଥାନା ଅନ୍ତର୍ଗତ ବଉଳପୁର ଅଞ୍ଚଳର କୋଦଣ୍ଡ ରାଉତ ଓରଫ କାଳିଆ (୫୫)। ମଙ୍ଗଳବାର ସକାଳେ ପୋଲିସ ମୃତଦେହ ଜବତ କରିବା ସହ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ରକ୍ତ ନମୁନା ସଂଗ୍ରହ କରିଛି। ଏନେଇ ମଙ୍ଗଳାବାଗ ଥାନାରେ ଆଇପିସି ଦଫା ୩୦୨ରେ ଏକ ହତ୍ୟା ମାମଲା ନଂ.୧୭୧/୧୯ ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଏସ୍‌ସିବି ମେଡିକାଲରେ ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରାଥମିକ ତଦନ୍ତରୁ ପୂର୍ବ ଶତ୍ରୁତାକୁ ନେଇ ତାଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ଥାନା ଅଧିକାରୀ ଅମିତାଭ ମହାପାତ୍ର କହିଛନ୍ତି। ମଙ୍ଗଳବାର ସକାଳ ପ୍ରାୟ ୬ଟାରେ ରାଣୀହାଟ ଦୁର୍ଗାମଣ୍ଡପ ପାଖ ଗଳିରେ କାଳିଆଙ୍କ ମୃତଦେହ ପଡ଼ିଥିଲା। ତାଙ୍କ ମୁଣ୍ଡ ତଳକୁ ପଛପଟ ବେକକୁ ଧାରୁଆ ଅସ୍ତ୍ରରେ କାଟି ଦିଆଯାଇଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଏ ସମ୍ପର୍କରେ ମଙ୍ଗଳାବାଗ ପୋଲିସକୁ ଜଣାଇଥିଲେ। ସକାଳ ପ୍ରାୟ ୭ଟା ବେଳକୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଥିଲା। ତେବେ କେହି ତାଙ୍କୁ ରାତିରେ ହତ୍ୟା କରିଥିବା ଲୋକେ କହିଛନ୍ତି। ଥାନା ଅଧିକାରୀଙ୍କ କହିବା ଅନୁଯାୟୀ, ୧୦ ବର୍ଷ ହେବ କାଳିଆ ଏଠାରେ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିଲେ। ରାଣୀହାଟ ଅଞ୍ଚଳରେ ଭଡ଼ା ନେଇ ରହୁଥିଲେ। କେଉଁ କାରଣରୁ ତାଙ୍କୁ ହତ୍ୟା କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

#### ପୋଷ୍ଟର ଜାରିକଲା ଆନ୍ଧ୍ର ପୋଲିସ

### ୨୭ ମାଓବାଦୀ ମୋଷ୍ଟ ୱାଣ୍ଟେଡ୍

**ପାରଳାଖେମୁଣ୍ଡି, ୨୩।୭ (ସ୍ୱ.ପ୍ର.):** ଆନ୍ଧ୍ରପ୍ରଦେଶ ପାଇଁ ମୋଷ୍ଟ ୱାଣ୍ଟେଡ ଥିବା ୨୭ ଜଣ ହାର୍ଡକୋର ମାଓବାଦୀଙ୍କ ଫଟୋ ଥିବା ପୋଷ୍ଟର ଜାରି କରିଛି ସେଠାକାର ପୋଲିସ। ଗଜପତି ଜିଲା ସଦରମହକୁମା ପାରଳାଖେମୁଣ୍ଡିରୁ ୩ କିମି ଦୂର ଆନ୍ଧ୍ର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଏହି ପୋଷ୍ଟର ମରାଯାଇଛି। ଏମାନଙ୍କ ଠିକ ସୂଚନା ଦେବା ବ୍ୟକ୍ତିଙ୍କୁ ୪ଲକ୍ଷରୁ ୨୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ରାଶି ଦିଆଯିବ ବୋଲି ପୋଲିସ ପକ୍ଷରୁ ଘୋଷଣା କରାଯାଇଛି। ଆନ୍ଧ୍ରର ଶ୍ରୀକାକୁଲମ ଜିଲା ପୋଲିସ ପକ୍ଷରୁ ଲଗାଯାଇଥିବା ଏହି ପୋଷ୍ଟରରେ କେନ୍ଦ୍ରୀୟ କମିଟି ସଭ୍ୟ ଲକ୍ଷ୍ମଣ ରାଓ ଓରଫ ଗଣପତି, ଏସ୍. କେଶବ ରାଓ ଓରଫ ବି. ରାଜ, ରାଜହରିଗୋପାଳ ଓରଫ ରାମକ୍ରିଷ୍ଣା, ରାଜା ରେଡ୍ଡି ଓରଫ ମୁରଲି, ଜି. ରବି ଓରଫ ଗଣେଶ ପ୍ରମୁଖ ରହିଛନ୍ତି । ପୋଷ୍ଟରଗୁଡିକ ତେଲୁଗୁ ଭାଷାରେ ମୁଦ୍ରିତ ହୋଇଛି। ପୁରୁଣାପାଟଣା, ଖର୍ଷୱାଡା, ସାରୁକୋଟା, ହିରମଣ୍ଡଲମ୍, ଏଲ୍‌ଏନ୍‌ପେଟା, କଡୁରୁ, ନିବଗାଁ, ଟେକାଲି ଆଦି ଅଞ୍ଚଳରେ ମଧ ଏହିଭଳି ପୋଷ୍ଟର ମରାଯାଇଛି। ଏହି ମାଓବାଦୀଙ୍କ ସମ୍ପର୍କରେ ଯେ କୌଣସି ଲୋକ ସୂଚନା ଦେଲେ ତାଙ୍କ ନାମକୁ ସମ୍ପୂର୍ଣ୍ଣ ଗୋପନ ରଖାଯିବ ବୋଲି ପୋଲିସ ସ୍ପଷ୍ଟ କରିଛି। ଏମାନଙ୍କ ସୂଚନା ପାଇଁ ଶ୍ରୀକାକୁଲମ ପୋଲିସ ପକ୍ଷରୁ ୩ଟି ଟୋଲ ଫ୍ରି ନମ୍ବର ଜାରି କରାଯାଇଛି।

# ସାତକୋଶିଆରେ ହେବ ଶମ୍ବର ପ୍ରଜନନ କେନ୍ଦ୍ର

**ଦୀନେଶ କୁମାର ଦେହୁରୀ**
**ବନ୍ତଲା,୨୩।୭**

### ବ୍ୟାଘ୍ର ପ୍ରକଳ୍ପ ପାଇଁ ଖୁସି ଖବର

- ପୂର୍ବାପେକ୍ଷା ସଂଖ୍ୟା ହ୍ରାସ ପାଇଛି
- ଖାଦ୍ୟ ଶୃଙ୍ଖଳା ଦୃଷ୍ଟିରୁ ବୃଦ୍ଧି ଜରୁରୀ
- ରାଇଗୁଡ଼ାରେ କରାଯିବାକୁ ଯୋଜନା



ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ପାଇଁ ରହିଛି ଖୁସି ଖବର। ଅନ୍ୟ ତୃଣଭୋଜି ଅପେକ୍ଷା ଶମ୍ବର ଶିକାର ବାଘର ପ୍ରଥମ ପସନ୍ଦ ହୋଇଥିବାରୁ ଏଠାରେ ଏକ ଶମ୍ବର ପ୍ରଜନନ କେନ୍ଦ୍ର କରାଯିବ। ଯେହେତୁ ଅଭୟାରଣ୍ୟରେ ଶମ୍ବର ସଂଖ୍ୟା ହ୍ରାସ ପାଉଛି ତେଣୁ ଭବିଷ୍ୟତରେ ବାଘ ପାଇଁ ଖାଦ୍ୟ ଯୋଗାଡ଼ ଓ ପ୍ରକଳ୍ପ ମଧ୍ୟରେ ଖାଦ୍ୟ ଶୃଙ୍ଖଳା ସଜାଡ଼ିବାକୁ ଏପରି ଏକ ଯୋଜନା କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ବାଘୁଣୀ ସୁନ୍ଦରୀ ପାଇଁ ପ୍ରଥମେ ୨୫ ହେକ୍ଟରରେ ନୂଆ ଏନକ୍ଲୋଜର ନିର୍ମାଣ ଶେଷ ହେବା ପରେ ରାଇଗୁଡ଼ାରେ ଏହି ପ୍ରଜନନ କେନ୍ଦ୍ର କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ନ୍ୟାଶନାଲ ଟାଇଗର କଞ୍ଜରଭେଶନ ଅଥରିଟି (ଏନ୍‌ଟିସିଏ) ଓ ୱାଇଲ୍ଡ ଲାଇଫ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆ (ଡବ୍ଲ୍ୟୁଆଇଆଇ)ର ମିଳିତ ରିପୋର୍ଟ ଅନୁଯାୟୀ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ପ୍ରତି ବର୍ଗ କିଲୋମିଟରରେ ୨୫ ତୃଣଭୋଜି ପ୍ରାଣୀ ଅଛନ୍ତି। ୨୦୧୭ରେ ଏଠାରେ ଶମ୍ବର, ଗୟଳ, ହରିଣ, ମିରିଗ, କୁଟୁରା, ମାଙ୍କଡ଼, ଗୁରାଣ୍ଡି ଆଦି ମୋଟ୍ ୨୪ ହଜାର ୯୬ ତୃଣଭୋଜି ପ୍ରାଣୀ ଥିବା ହିସାବ କରାଯାଇଛି। ତେବେ ପ୍ରତି ଏକ ବର୍ଗ କିଲୋମିଟର ଅଞ୍ଚଳରେ ଶମ୍ବର ସଂଖ୍ୟା ୮ରୁ କମ୍ ରହିଛି। ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଓ ତା'ର ପରିସୀମା ଅଞ୍ଚଳରେ ଥିବା ଆଠମଲ୍ଲିକ, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, ଆଠଗଡ ଓ ନୟାଗଡ଼ ବନଖଣ୍ଡରେ ଶମ୍ବରଙ୍କ ସଂଖ୍ୟା ହ୍ରାସ ପାଉଥିବା ସରକାରୀ ରିପୋର୍ଟରୁ ଜଣାପଡିଛି। ଅଭୟାରଣ୍ୟରେ ସକ୍ରିୟ ଥିବା ଆଖପାଖ ଅଞ୍ଚଳର ଶିକାରୀମାନେ ଅଧିକ ସଂଖ୍ୟକ ଶମ୍ବର ଶିକାର କରୁଛନ୍ତି। ସେହିପରି ଜଙ୍ଗଲରେ ଖରାଦିନେ ପାଣିର ଅଭାବ, ରୋଗ ଓ ଠିକଣା ସମୟରେ ପ୍ରଜନନ ହୋଇପାରୁ ନ ଥିବାରୁ ଏହି ତୃଣଭୋଜିଙ୍କ ସଂଖ୍ୟା ହ୍ରାସ ପାଉଛି। ଏହାର ପ୍ରଭାବ ସାତକୋଶିଆ ଜୈବ ବିବିଧତା ଉପରେ ପଡୁଥିବା ବେଳେ ଖାଦ୍ୟ ଶୃଙ୍ଖଳା ବିଗିଡ଼ି ଯାଉଛି। ତେଣୁ ପ୍ରକଳ୍ପ ମଧ୍ୟରେ ବାଘବଂଶ ବୃଦ୍ଧି, ସୁରକ୍ଷା ଓ ସହଜରେ ବାଘକୁ ଶିକାର ଯୋଗାଇ ଦେବା ଉଦ୍ଦେଶ୍ୟରେ ଏଠାରେ ଶମ୍ବର ସଂଖ୍ୟା ବଢ଼ାଇବା ପାଇଁ ସରକାର ସ୍ୱତନ୍ତ୍ର ଧ୍ୟାନ ଦେଇଥିବାରୁ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ପାଇଁ ଏହା ଏକ ଖୁସିର ଖବର ବୋଲି ପରିବେଶବିତମାନେ ମତବ୍ୟକ୍ତ କରିଛନ୍ତି।

ଏ ସମ୍ପର୍କରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆର୍‌ସିସିଏଫ୍) ତଥା ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ପ୍ରଦୀପ ରାଜ କରାଟେ କହିଛନ୍ତି, ବାଘ ବଂଶ ବୃଦ୍ଧି ପାଇଁ ଶମ୍ବର ସଂଖ୍ୟାରେ ବୃଦ୍ଧି ନିତାନ୍ତ ଆବଶ୍ୟକ। କିନ୍ତୁ ସମ୍ବର ସଂଖ୍ୟା ଏଠାରେ କମିଛି। ତେଣୁ ଏହି ପ୍ରାଣୀର ସଂଖ୍ୟା ବୃଦ୍ଧି ଓ ସୁରକ୍ଷା ପାଇଁ ରାଇଗୁଡାରେ ଏକ ଏନକ୍ଲୋଜରରେ ପ୍ରଜନନ ବ୍ୟବସ୍ଥା କରାଯିବା ଯୋଜନା ରହିଛି। ପ୍ରଥମେ ସୁନ୍ଦରୀ ପାଇଁ ଏନକ୍ଲୋଜର କରି ସାରିବା ପରେ ଶମ୍ବର ପ୍ରଜନନ କେନ୍ଦ୍ର କରାଯିବ ବୋଲି ଆର୍‌ସିସିଏଫ୍ ପ୍ରକାଶ କରିଛନ୍ତି।

- ତଦନ୍ତ ପାଇଁ ଚିଠି ଲେଖିଥିଲେ ବାଚସ୍ପତି

# ଘରୋଇ ଟ୍ୟୁଶନରେ ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକଙ୍କ ଚଢ଼ାଉ

**ଦିଗପହଣ୍ଡି,୨୩।୭(ଡି.ଏନ.ଏ.)**

ଦିଗପହଣ୍ଡିସ୍ଥିତ ବିଜୁ ପଟ୍ଟନାୟକ ମହିଳା କଲେଜ ଇଂଲିଶ ଅଧ୍ୟାପକ ସୁଧୀରକାନ୍ତ ପଣ୍ଡା ଘରୋଇ ଟ୍ୟୁଶନ ପଢ଼ାଉଛନ୍ତି। ଯେଉଁ ଛାତ୍ରୀମାନେ ତାଙ୍କ ପାଖରେ ଟ୍ୟୁଶନ ପଢ଼ିବେ ନାହିଁ, ପରୀକ୍ଷାରେ ସେମାନଙ୍କ ମାର୍କ କମାଇଦେବେ ବୋଲି ଧମକ ଦେଉଥିବା ନେଇ ଓଡ଼ିଶା ବିଧାନସଭା ବାଚସ୍ପତି ତଥା ସ୍ଥାନୀୟ ବିଧାୟକ ସୂର୍ଯ୍ୟନାରାୟଣ ପାତ୍ର ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଚିଠି ଦ୍ୱାରା ଜଣାଇଥିଲେ। ଅଭିଯୋଗ ପତ୍ରର ନକଲ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ସଚିବଙ୍କୁ ମଧ ସେ ପ୍ରଦାନ କରିଥିଲେ। ଉଚ୍ଚଶିକ୍ଷା ବିଭାଗର ଉପସଚିବ ପ୍ରାଣବନ୍ଧୁ ରାଉତ ଘଟଣାର ସବିଶେଷ ତଦନ୍ତ କରି ରିପୋର୍ଟ ଦେବାକୁ ବ୍ରହ୍ମପୁର ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ରହ୍ମପୁରସ୍ଥିତ ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ତ୍ରିପାଠୀ ମଙ୍ଗଳବାର ପୂର୍ବାହ୍ନରେ ଦିଗପହଣ୍ଡିରେ ପହଞ୍ଚି ବିଭିନ୍ନ ଘରୋଇ ଟ୍ୟୁଶନ ଉପରେ ଚଢ଼ାଉ କରିଥିଲେ। ଅଧ୍ୟାପକମାନେ ସେଠାକୁ ଆସୁଛନ୍ତି କି ନାହିଁ ସେ ସମ୍ପର୍କରେ ଟ୍ୟୁଶନ ପରିଚାଳକମାନଙ୍କୁ ପଚାରି ବୁଝିଥିଲେ।



ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ତଦନ୍ତ କରୁଛନ୍ତି।

ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ତ୍ରିପାଠୀ ଦିଗପହଣ୍ଡିରେ ପହଞ୍ଚିବା ପରେ ପ୍ରଥମେ ଅଭିଯୋଗ ଆସିଥିବା ଅଧ୍ୟାପକ ପଣ୍ଡାଙ୍କ ରାଣୀସାହିସ୍ଥିତ ବାସଭବନକୁ ଯାଇଥିଲେ। ସେ ସମୟରେ ଟ୍ୟୁଶନ ବନ୍ଦ ଥିଲା। ତେଣୁ ପଡ଼ୋଶୀମାନଙ୍କ ବୟାନ ରେକର୍ଡ କରିଥିଲେ। ପରେ ବିଜୁ ପଟ୍ଟନାୟକ ମହିଳା କଲେଜରେ ପହଞ୍ଚି ଯୁକ୍ତ ୨ କଲେଜ ଅଧ୍ୟକ୍ଷା ସସ୍ମିତା ପାଠୀଙ୍କ ଉପସ୍ଥିତିରେ ଅଭିଯୋଗ ଆସିଥିବା ଇଂଲିଶ ଅଧ୍ୟାପକଙ୍କ ବିଷୟରେ ପଚାରି ବୁଝିଥିଲେ।

### ଅଭିଯୋଗ ଆସିଥିବା ଅଧ୍ୟାପକଙ୍କୁ ତାଗିଦ୍

ଏପରିକି ଯୁକ୍ତ ୩ ଛାତ୍ରୀଙ୍କ ଶ୍ରେଣୀ ପ୍ରକୋଷ୍ଠକୁ ଯାଇ ଟ୍ୟୁଶନ ସମ୍ପର୍କରେ କେତେଜଣ ଛାତ୍ରୀଙ୍କ ବୟାନ ରେକର୍ଡ କରିଥିଲେ। ପ୍ରତିଦିନ ନିୟମାନୁସାରେ ପାଠ୍ୟକ୍ରମ ସରଣୀ ଅନୁଯାୟୀ ପାଠ ପଢ଼ାଇବାକୁ ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ତ୍ରିପାଠୀ ଉପସ୍ଥିତ ଅଧ୍ୟାପିକା ଅଧ୍ୟାପକମାନଙ୍କୁ ତାଗିଦ କରିଥିଲେ। ପରେ ସେ ସାନଖେମୁଣ୍ଡି ବ୍ଲକ ପାଟପୁର ବିଶ୍ୱାସରାୟ କଲେଜରେ ପହଞ୍ଚି ଟ୍ୟୁଶନ କରୁଥିବା ଅଧ୍ୟାପିକା ଅଧ୍ୟାପକମାନଙ୍କୁ ତାଗିଦ କରିଥିଲେ। ଏପରିକି କେତେକ ନିର୍ଦ୍ଦିଷ୍ଟ ଘରୋଇ ଟ୍ୟୁଶନ ପରିଚାଳକଙ୍କୁ ଡ଼କାଇ ସରକାରୀ ଅଧ୍ୟାପିକା ଅଧ୍ୟାପକଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ଫେରିଛନ୍ତି।

# ଖାତା ଦେଖାଇବା ବାହାନାରେ ଅଧ୍ୟାପିକାଙ୍କୁ ଅସଦାଚରଣ

**ଉଦଳା,୨୩।୭(ଡି.ଏନ୍.ଏ.)**

- ୪ ମାସ ପରେ ଅଧ୍ୟକ୍ଷଙ୍କ ବିରୋଧରେ ଅଭିଯୋଗ
- ଥାନାରେ ମାମଲା ରୁଜୁ, ତଦନ୍ତ ଜାରି

ମୟୂରଭଞ୍ଜ ଜିଲା ଉଦଳା ସ୍ଥିତ ଏକ ମହାବିଦ୍ୟାଳୟର ଅଧ୍ୟକ୍ଷ ଚଞ୍ଚକତା କରି ଜଣେ ଅଧ୍ୟାପିକାଙ୍କୁ ନିଜ ବାଇକରେ ବସାଇ ବାଲେଶ୍ୱର ସ୍ଥିତ ତାଙ୍କ ବାସଭବନକୁ ନେଇ ଅସଦାଚରଣ କରିବା ଘଟଣା ୪ ମାସ ପରେ ପଦାକୁ ଆସିଛି। ସେଦିନ ପରୀକ୍ଷା ଖାତା ଦେଖିବାକୁ ଏହି ଅଧ୍ୟାପିକା ବାଲେଶ୍ୱର ଯାଉଥିଲେ। ତାଙ୍କୁ ଖାତାଦେଖା କେନ୍ଦ୍ରରେ ଛାଡିଦେବାକୁ କହି ଅଧ୍ୟକ୍ଷ ନିଜ ଘରକୁ ନେଇଯାଇଥିଲେ। ଘରେ କେହି ନ ଥିବାରୁ ତାଙ୍କୁ ଏକୁଟିଆ ପାଇ ଅଧ୍ୟକ୍ଷ ସେଠାରେ ଅସଦାଚରଣ କରିଥିବା ଅଧ୍ୟାପିକା ସୋମବାର ଉଦଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ମଙ୍ଗଳବାର ଏକ ମାମଲା (ନଂ. ୮୯/୧୯) ରୁଜୁ କରି ମହାବିଦ୍ୟାଳୟକୁ ଯାଇ ତଦନ୍ତ ଆରମ୍ଭ କରିଛି। ଅଧ୍ୟକ୍ଷଙ୍କ ଅନୁପସ୍ଥିତିରେ ଅନ୍ୟ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀଙ୍କୁ ପଚରାଉଚରା କରିବା ସହ ଅଧ୍ୟକ୍ଷଙ୍କ ଅଫିସର କାଗଜପତ୍ର ଯାଞ୍ଚକରି ପୋଲିସ ଫେରିଛି। ଅଭିଯୋଗର ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି ବୋଲି ତଦନ୍ତକାରୀ ଅଧିକାରୀ ରମାକାନ୍ତ ନାୟକ କହିଛନ୍ତି।

ଅଧ୍ୟାପିକା ଜଣକ ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି ଯେ, ୨୦୦୯ ମସିହାରୁ ସେ ମହାବିଦ୍ୟାଳୟରେ କାର୍ଯ୍ୟ କରି ଆସୁଛନ୍ତି। ବ୍ଲକଗ୍ରାଣ୍ଟ ପାଉଥିବା ଏହି ମହାବିଦ୍ୟାଳୟରୁ ଅଦ୍ୟାବଧି ସେ କୌଣସି ଦରମା ପାଇ ନାହାନ୍ତି। ଗତ ମାର୍ଚ୍ଚରେ ବାଲେଶ୍ୱରଠାରେ ତାଙ୍କର ଖାତା ଦେଖା ଡ୍ୟୁଟି ପଡ଼ିଥିଲା । ସେ ଖାତା ଦେଖିବାକୁ ଯାଉଥିବା ବେଳେ ଅଧ୍ୟକ୍ଷଙ୍କ ଚଞ୍ଚକତାର ଶିକାର ହୋଇଥିଲେ। ଅସଦାଚରଣର ଶିକାର ହେବା ପରେ କୌଶଳକ୍ରମେ ଖସି ଆସି ଘଟଣା ସମ୍ପର୍କରେ ତାଙ୍କ ସ୍ୱାମୀଙ୍କୁ ଜଣାଇଥିଲେ। ଅଧ୍ୟାପିକାଙ୍କ ସ୍ୱାମୀ ଅଧ୍ୟକ୍ଷଙ୍କୁ ପଚାରିବାରୁ ସେ ଓଲଟା ଧମକଚମକ ଦେଇଥିଲେ । ପରେ ଅଧ୍ୟାପିକା ଜଣକ ମହାବିଦ୍ୟାଳୟକୁ ଯାଉଥିବା ବେଳେ ଅଧ୍ୟକ୍ଷଙ୍କ ଦ୍ୱାରା ଦୁର୍ବ୍ୟବହାରର ଶିକାର ହୋଇ ତାଙ୍କ ସ୍ୱାମୀଙ୍କୁ ଜଣାଇଥିଲେ। ଏଭଳି ଘଟଣା କ୍ରମରେ ଅଧ୍ୟକ୍ଷ ଉତକ୍ଷିପ୍ତ ହୋଇ ତାଙ୍କୁ ଚାକିରିରୁ ଛଟେଇ କରିବାରୁ ସେ ମାନସିକ ଆଘାତ ପାଇ ଥାନାର ଦ୍ୱାରସ୍ଥ ହୋଇଥିବା ଦର୍ଶାଇଛନ୍ତି। ଘଟଣା ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ନାୟକଙ୍କୁ ପଚାରିବାରୁ କହିଛନ୍ତି, ତଦନ୍ତ ପରେ ସବୁକଥା ସ୍ପଷ୍ଟ ହେବ। ଅଭିଯୋଗର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଦଫା ୩୪୧, ୩୨୩, ୩୫୪-କ, ୩୫୪-ଖ ଏବଂ ୪୧୭ ଆଇପିସିରେ ମାମଲା ରୁଜୁ କରାଯାଇଛି। ମହାବିଦ୍ୟାଳୟରେ ଅନୁପସ୍ଥିତ ଥିବା ହେତୁ ଅଧ୍ୟକ୍ଷଙ୍କୁ ପଚରାଉଚରା କରାଯାଇ ପାରି ନାହିଁ। ଗଣମାଧମ ପ୍ରତିନିଧିମାନେ ସମ୍ପୃକ୍ତ ଅଧ୍ୟକ୍ଷଙ୍କୁ ଅଭିଯୋଗ ସମ୍ପର୍କରେ ପଚାରିବାରୁ ଘଟଣା ସମ୍ପୂର୍ଣ୍ଣ ମିଥ୍ୟା ଏବଂ କପୋଳକଳ୍ପିତ ବୋଲି କହିଛନ୍ତି।

## ଜିଲ୍ଲା ଚିଠି ରାଉରକେଲା



### ତାଳଚେର-ବିମଳାଗଡ଼ ରେଳପଥ ଚିନ୍ତା

ଆସନ୍ତା ଅଗଷ୍ଟ ୨୦ରେ ତାଳଚେର-ବିମଳାଗଡ ରେଳପଥ ଆନ୍ଦୋଳନକୁ ୫୦ବର୍ଷ ପୂରିବ। ଏହି ୧୪୯ କି.ମି. ରେଳପଥ ନିର୍ମାଣ ନେଇ ରାଉରକେଲାବାସୀଙ୍କ ଅର୍ଦ୍ଧଶତାବ୍ଦୀର ସ୍ୱପ୍ନ ପୂରଣ ହୋଇ ପାରିନି। ଏହା ନିର୍ମାଣ ହେଲେ ରାଉରକେଲାରୁ ଭୁବନେଶ୍ୱର ଦୂରତା ଆଶାତୀତ ଭାବେ ହ୍ରାସ ପାଇବ। ହେଲେ ୫୦ବର୍ଷର ଦୀର୍ଘ ଅବହେଳା ରାଉରକେଲାବାସୀଙ୍କ ମନରେ ପୁଞ୍ଜୀଭୂତ ଅସନ୍ତୋଷ ସୃଷ୍ଟି କରିଛି। ଏ ନେଇ କେନ୍ଦ୍ର ସରକାର ଗୋଟିଏ କଥା କହୁଥିବା ବେଳେ ରାଜ୍ୟ ସରକାର ଆଉ ଗୋଟିଏ ଉତ୍ତର ଦେଉଛନ୍ତି। ଏହି ରେଳପଥ ନିର୍ମାଣ ନେଇ ଅର୍ଥ ଯେତିକି ବାଧକ ସାଜିନି ତତୋଧିକ ସମସ୍ୟା ପାଲଟିଛି ଜମି ଅଧିଗ୍ରହଣ ପ୍ରସଙ୍ଗ। ଏଠାରେ କେନ୍ଦ୍ର ସରକାର ଆସି ଜମି ଅଧିଗ୍ରହଣ କରିବେନି। ଏହା ସମ୍ପୂର୍ଣ୍ଣଭାବେ ରାଜ୍ୟ ସରକାରଙ୍କ ଉପରେ ନିର୍ଭରଶୀଳ। ଏହା ସତ୍ତ୍ୱେ ରାଜ୍ୟ ସରକାର ଚେଇଁ ଶୋଇଛନ୍ତି। ତାଳଚେର-ବିମଳାଗଡ଼ ରେଳପଥ ତାଳଚେରରୁ ଅନୁଗୋଳ, ଦେବଗଡ଼ ଜିଲା ଦେଇ ସୁନ୍ଦରଗଡ଼ ଜିଲାର ବିମଳାଗଡ଼ ଯିବ। ଏହିସବୁ ଜିଲାରେ କେତେ ପରିମାଣର ଜମି ଆବଶ୍ୟକ ସେ କଥା ରାଜ୍ୟ ସରକାରଙ୍କୁ ଭଲ ଭାବେ ଜଣା। ଏ ନେଇ ତାଳଚେର -ବିମଳାଗଡ଼ ରେଳପଥ ସଂଗ୍ରାମ ସମିତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଅବଗତ କରାଇଛି। ମୁଖ୍ୟମନ୍ତ୍ରୀ ଏ ନେଇ ୩ଟି ଜିଲାର ଜିଲାପାଳଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇ ସାରିଛନ୍ତି। ମୁଖ୍ୟତଃ ଜମି ଅଧିଗ୍ରହଣ ନେଇ ଯେଉଁ ଜିଲାରେ ସମସ୍ୟା ରହିଛି ସେ ଦିଗରେ ଦୃଷ୍ଟି ଦେବାକୁ ଜିଲାପାଳଙ୍କୁ ପରାମର୍ଶ ଦିଆଯାଇଛି। ଏହା ସତ୍ତ୍ୱେ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷହୋଇ ପାରିନି। ଏ ନେଇ ୨୦୮୮ ଏକର ଜମି ଆବଶ୍ୟକ ପଡୁଥିବା ବେଳେ ମାତ୍ର ୪୬୬ଏକର ଜମି ଅଧିଗ୍ରହଣ କରାଯାଇ ପାରିଛି। ତେବେ ଏହି ପ୍ରସଙ୍ଗରେ ରାଜ୍ୟ ସରକାର ଓ ରେଳ କର୍ତ୍ତୃପକ୍ଷଙ୍କ ମଧ୍ୟରେ ତାଳମେଳ ରହୁନି। ରାଜ୍ୟ ସରକାର ଆବଶ୍ୟକ ଜମି ଯୋଗାଇ ଦିଆଯାଇଥିବା ପ୍ରକାଶ କରିଥିବା ବେଳେ ରେଳ କର୍ତ୍ତୃପକ୍ଷ ଏହି ଜମି ପାଇ ନ ଥିବା କହୁଛନ୍ତି। ଅପରପକ୍ଷରେ କାମ ସମ୍ପୂର୍ଣ୍ଣ ହୋଇ ନ ପାରିବାରେ ପ୍ରତିବର୍ଷ ଏହି ରେଳପଥ ନିର୍ମାଣ ନିମନ୍ତେ ବ୍ୟୟ ଅଟକଳ ବଢିବାରେ ଲାଗିଛି। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଶେଷ ହେବା ନେଇ ଯଦି ଅହେତୁକ ବିଳମ୍ବ ଲାଗି ରହୁଛି, ତା'ହେଲେ ଅନ୍ୟ ପ୍ରକଳ୍ପ ବାବଦରେ ଆଶାକରିବା ବୃଥା ବୋଲି କୁହାଯାଇ ପାରେ। ତାଳଚେର-ବିମଳାଗଡ଼ ରେଳପଥ ଭଳି ଏକ ଦୀର୍ଘ ଦାବି ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସହୃଦୟତାର ସହ ବିଚାରକରି ତ୍ୱରିତ ପଦକ୍ଷେପ ନେବା ଜରୁରୀ ହୋଇ ପଡିଛି। ଦୀର୍ଘ ୫୦ବର୍ଷ ପୂର୍ବେ ଏହି ରେଳପଥ ନିର୍ମାଣ ନେଇ ଆରମ୍ଭ କରାଯାଇଥିବା ଛାତ୍ର ଆନ୍ଦୋଳନ ଥିଲା ଏକ ଐତିହାସିକ ପଦକ୍ଷେପ। ଏବେ ଏହାର ବର୍ଷ ପୂର୍ତ୍ତି ପାଳନ ହେବାକୁ ଯାଉଛି। ଏହା ସତ୍ତ୍ୱେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ରେଳପଥ ନିର୍ମାଣ ନ ହେବା ପରିତାପର ବିଷୟ ବୋଲି ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

– ବସନ୍ତ ଧଳ

# ଭାଜପା ପକ୍ଷରୁ ୧୨ ଘଣ୍ଟିଆ ଅନୁଗୋଳ ବନ୍ଦ ଡାକରା

**ଅନୁଗୋଳ ଅଫିସ, ୨୩।୭:** ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଶବ ସଂରକ୍ଷଣ ଗୃହରେ ରହୁଥିବା ମୃତଦେହରୁ ବାରମ୍ବାର ଆଖି ଗାଏବ ହେଉଛି। ଜଣେ ନାବାଳିକାଙ୍କୁ ବଳାତ୍କାର ସହ ହତ୍ୟା ଉଦ୍ୟମ କରାଯାଇଛି। ଏ ନେଇ ଭାଜପା ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ବି କିଛି ସୁଫଳ ମିଳୁନାହିଁ। ତେଣୁ ଏହି ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ଭାଜପା ପକ୍ଷରୁ ବୁଧବାର ୧୨ ଘଣ୍ଟିଆ ଅନୁଗୋଳ ସହର ବନ୍ଦ ଡାକରା ଦିଆଯାଇଛି ବୋଲି ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ କହିଛନ୍ତି। ଏହି ବନ୍ଦ ଡାକରାରେ ସହରର ବୁଦ୍ଧିଜୀବୀ, ବ୍ୟବସାୟୀ ପ୍ରତିଷ୍ଠାନ, ଜିଲା ଓକିଲ ସଂଘ, ବସ୍, ଟ୍ରକ୍ ମାଲିକ ସଂଘ, ଛୋଟ ଗାଡ଼ି ମାଲିକ ସଂଘ ଓ ସମସ୍ତ ଜନସାଧାରଣ ସାମିଲ ହେବାକୁ ପ୍ରଧାନ ଅନୁରୋଧ କରିଛନ୍ତି।


ସେହି ଜିନିଷ ସେହି କାମ, ଏବେ କିନ୍ତୁ ନୂଆ ନାମ




ଯାଦୁ, ପାଣିକନ୍ଦା ଓ ଗୋଡ଼ଫଟା ପାଇଁ ବିଶେଷ ଫଳପ୍ରଦ
ହାଇପାୱାର
ସ୍କେବିରାଜ୍ ™
ମଲମ ଓ ଲୋଶନ
(ପ୍ରତ୍ୟେକ ଔଷଧ ଦୋକାନରେ ମିଳେ)
ନକଲି ପ୍ରତି ସାବଧାନ !
DIBYA SAI PHARMACY, CUTTACK-11, PH.-6372898038



भारतीय प्रौद्योगिकी संस्थान भुवनेश्वर
INDIAN INSTITUTE OF TECHNOLOGY BHUBANESWAR
At: Argul, Post: Jatni, Khurda, Odisha, Pin: 752050
निविदा के लिए आमंत्रण / NOTICE INVITING TENDER

Sealed Tenders in prescribed format are invited from OEM or Authorized dealers of AHUJA or equivalent for the following work.

| Sl. No. | Name of work | Estimated cost (in Rs.) | Tender Fee (in Rs) | EMD (in Rs.) | Last date and time of receipt of tender | Date and time of opening of tender | Time period for completion of work |
|---|---|---|---|---|---|---|---|
| 1. | Supply, Installation, Testing & Commissioning of PA system in different buildings of IIT Bhubaneswar at Argul campus. | 5,27,230/- | 500/- | 10,545/- | 05.08.2019 upto 2.30 P.M | 05.08.2019 at 3.00 P.M | 30 days |

The details of tender with terms and conditions are available in IIT Bhubaneswar website www.iitbbs.ac.in.
Sd/-Superintending Engineer



ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି



୰ ପ୍ରହ୍ଲାଦ ମଲ୍ଲିକ୍
ବଉଳାଙ୍ଗ, ଦୋସିଆ, କେନ୍ଦ୍ରାପଡା
ଆର୍ବିଭାବ- ୧୭.୦୨.୧୯୨୩
ତିରୋଧାନ- ୧୪.୦୭.୨୦୧୯

ତୁମର ସ୍ନେହ, ଶ୍ରଦ୍ଧା, ପରୋପକାରିତା ଓ ଭଲ ପାଇବା ସବୁ ଆମମାନଙ୍କ ପାଥେୟ ହୋଇ ରହିବ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ- ପୁତ୍ର, ପୁତ୍ର ବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାର ବର୍ଗ
ଧ-୬୭୩୧୯

ଯଦି ଭଗବାନଙ୍କର ଗୋଟିଏ ହାତ ମୋତେ ଉର୍ଦ୍ଧ୍ୱସ୍ଥ ସ୍ୱର୍ଗ ଆଡକୁ ଟାଣୁଥାଏ ଏବଂ ଅନ୍ୟ ହାତଟି ମୋତେ ନିମ୍ନସ୍ଥ ନରକ ଭିତରେ ଦାବି ରଖୁଥାଏ- ତେବେ ମୁଁ ନିଶ୍ଚୟ ଉର୍ଦ୍ଧ୍ୱଗାମୀ ହେବା ଲାଗି ପ୍ରୟାସ କରି ଚାଲିବି। -ଶ୍ରୀଅରବିନ୍ଦ

# କିଏ ବଞ୍ଚାଇବ

ଓଡ଼ିଶାରେ ଆଇନ ଶୃଙ୍ଖଳା ପରିସ୍ଥିତି କିଭଳି ବିପର୍ଯ୍ୟସ୍ତ ହେବାରେ ଲାଗିଛି, ତାହା ଏବେ ରାଜ୍ୟର ବିଭିନ୍ନ ସ୍ଥାନରେ ଘଟୁଥିବା ଅପରାଧରୁ ଦେଖିବାକୁ ମିଳୁଛି। ନିକଟରେ କଳାହାଣ୍ଡି ଜିଲା ଭବାନୀପାଟଣାର ଏକ ଆଶ୍ରୟ ଗୃହ ମୁଖ୍ୟ ଏଚ୍ଆଇଭି ସଂକ୍ରମିତ ଜଣେ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେବା, ଅନୁଗୋଳ ବସ୍ଷ୍ଟାଣ୍ଡ ନିକଟରେ ୮ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଉଦ୍ୟମ, ଗତ ଦୁଇ ଦିନ ମଧ୍ୟରେ ସୁନ୍ଦରଗଡ଼ ଜିଲାରେ ୩ଟି ବଳାତ୍କାର ଘଟଣା ରାଜ୍ୟବାସୀଙ୍କୁ ଆଶ୍ଚର୍ଯ୍ୟ କଲାଣି। ସେହିପରି ପୁରୀ ଜିଲା ସାକ୍ଷୀଗୋପାଳ ନିକଟ ପଟ୍ଟନାୟିକିଆଠାରେ ସ୍ୱଷ୍ଟ ଦିବାଲୋକରେ ୩ ଭାଇଙ୍କୁ ହତ୍ୟା କରାଯିବା ଘଟଣା ଆଇନ ଶୃଙ୍ଖଳାରେ ଦ୍ରୁତ ଅବନତି ଘଟୁଥିବା ବିଷୟକୁ ଇଙ୍ଗିତ କରୁଛି। ସବୁଠାରୁ ସମ୍ବେଦନଶୀଳ ବିଷୟ ହେଉଛି, ଚଳିତବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟରେ ୫୦୨ ଝିଅ ନିଖୋଜ ହୋଇଯାଇଥିବା ବିଧାନସଭାରେ ଦିଆଯାଇଥିବା ତଥ୍ୟରୁ ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ମାତ୍ର ୭୯ ଜଣଙ୍କୁ ଠାବ କରାଯାଇଥିବା କୁହାଯାଉଛି। ନିଖୋଜ ସଂଖ୍ୟାକୁ ଦେଖିଲେ ପୋଲିସ ସେମାନଙ୍କୁ ଖୋଜିବାରେ କେତେ ତତ୍ପର ବୁଝାପଡ଼ିଯାଉଛି। ଏଭଳି ପରିପ୍ରେକ୍ଷୀରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ଗତ ୫ ବର୍ଷ ମଧ୍ୟରେ ଓଡ଼ିଶା ନିର୍ଭୟା ପାଣ୍ଠିରୁ ପାଇଥିବା ଅର୍ଥ ମଧ୍ୟରୁ ୧୦ ପ୍ରତିଶତରୁ କମ୍ ଖର୍ଚ୍ଚ କରିପାରିଛି। ଉଲ୍ଲେଖଯୋଗ୍ୟ, ଏ ସଂକ୍ରାନ୍ତ ୫ଟି ପ୍ରକଳ୍ପ ଲାଗି କେନ୍ଦ୍ର ସରକାର ଓଡ଼ିଶାକୁ ୩୪.୬୧ କୋଟି ଟଙ୍କା ଦେଇଥିବା ବେଳେ ମାତ୍ର ୨.୮୬ କୋଟି ଟଙ୍କା ବ୍ୟୟ କରାଯାଇଛି। ଏଥିରୁ ପ୍ରଶାସନିକ ଅଧିକାରୀଙ୍କ ଉଦାସୀନତା ମଧ୍ୟ ବାରି ହୋଇପଡୁଛି।

ଓଡ଼ିଶାରେ ନାବାଳିକାଙ୍କୁ ବଳାତ୍କାର ଓ ନିଖୋଜ ଝିଅମାନଙ୍କ ସଂଖ୍ୟା ଦେଖିଲେ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି କରୁଛି। ଆଇନ ଶୃଙ୍ଖଳା ପରିସ୍ଥିତିରେ ଘୋର ଅବନତି ଦେଖାଦେଇଥିବାରୁ ବିଧାନସଭାରେ ଗତ ଦୁଇ ଦିନ ଧରି ବିରୋଧୀ ସଦସ୍ୟମାନେ ଶାସକ ଦଳକୁ ସମାଲୋଚନା କରିଛନ୍ତି। ସରକାର ନିର୍ବାଚନରେ ଜିତିବା ଜାଣନ୍ତି, କିନ୍ତୁ କିଭଳି ରାଜ୍ୟକୁ ଶାସନ କରିବାକୁ ହୋଇଥାଏ ତାହା ଜାଣିନାହାନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏ ପରିସ୍ଥିତିରେ ଯଦି ଅନୁଗୋଳ ବସ୍ଷ୍ଟାଣ୍ଡ ନିକଟ ନାବାଳିକାଙ୍କୁ ବଳାତ୍କାର ଘଟଣାକୁ ଦେଖାଯାଏ, ତେବେ ଅଧିକ ଆଶ୍ଚର୍ଯ୍ୟ ହେବାକୁ ପଡ଼ିବ। ଫାଣ୍ଡିଠାରୁ ମାତ୍ର ୪୦୦ ମିଟର ଦୂରରେ ଏଭଳି ଜଘନ୍ୟ କାଣ୍ଡ ଘଟିଯାଇଛି। ଅର୍ଥାତ୍ ପୋଲିସ ନିଜ ଆଖପାଖକୁ ଜଗିବାରେ ବିଫଳ ହେଉଥିବା ଏଥିରୁ ସ୍ୱଷ୍ଟ ହେଉଛି।

ନାରୀ ସଶକ୍ତୀକରଣ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା ବିଷୟ ସର୍ବଦା କହି ଚାଲିଛନ୍ତି। କିନ୍ତୁ ନାବାଳିକା, ଯୁବତୀ ଏବଂ ମହିଳାମାନଙ୍କ ପ୍ରତି ବଢ଼ି ଚାଲିଥିବା ଅତ୍ୟାଚାର ପୋଲିସ ପ୍ରଶାସନର ବିଫଳତାକୁ ସୂଚାଉଛି। ଅନୁଶାସନ ଆଣିବା ପାଇଁ ପୋଲିସ ଉପରେ ଦାୟିତ୍ୱ ଦିଆଯାଇଛି। ତଳ ସ୍ତରରେ ରହୁଥିବା ଏଏସ୍ଆଇ ଓ ଏସ୍ଆଇମାନେ ନିଜ ଥାନା ଅଞ୍ଚଳରେ ଘଟୁଥିବା ଅପରାଧ ପାଇଁ ଦାୟୀ ରହି ତତ୍କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ନେଇପାରିଲେ ଅସାମାଜିକ ବ୍ୟକ୍ତିମାନେ ଡରନ୍ତେ। କିନ୍ତୁ ଦୁଃଖର ବିଷୟ, ଝିଅ ହରଣଚାଲଠାରୁ ଆରମ୍ଭ କରି ସବୁ ପ୍ରକାରର ଅପରାଧ ସହିତ ପୋଲିସର ସିଧାସଳଖ ସମ୍ପର୍କ ରହୁଛି। ଏହା ସମସ୍ତେ ସ୍ୱୀକାର କରିବେ ଯେ, ପୋଲିସ ଅଜାଣତରେ ବା ଅନିଚ୍ଛାରେ ଅପରାଧ ଘଟାଇବା ଅସମ୍ଭବ ହୋଇଥାଏ। ଏଣେ ଉପର ସ୍ତରର ଅଧିକାରୀମାନେ ସେଟିଂରେ ଅଧିକ ବ୍ୟସ୍ତ ରହି ଦାୟିତ୍ୱରେ ଅବହେଳା କରୁଛନ୍ତି। ଏହି ମନୋଭାବର ଦୁର୍ଗନ୍ଧ ଅପରାଧୀମାନଙ୍କୁ ଉତ୍ସାହିତ କରୁଛି।

## ଏଇ ଭାରତରେ

କୌଣସି ବ୍ୟକ୍ତି ଅପରାଧ କରି ଦୋଷୀ ସାବ୍ୟସ୍ତ ହେଲେ ତାଙ୍କୁ ଦଣ୍ଡବିଧାନ ସ୍ୱରୂପ ଜେଲ୍‌ରେ ରଖାଯାଇଥାଏ। କିନ୍ତୁ ଆମ ଭାରତରେ ଏପରି ଏକ ଜେଲ୍ ରହିଛି ଯେଉଁଠି ଦେଶବିଦେଶରୁ ପର୍ଯ୍ୟଟକମାନେ ଆସି କଏଦୀଭାବେ ରହିବାକୁ ପସନ୍ଦ କରନ୍ତି। କଏଦୀଙ୍କ ଭଳି ସୁବିଧାସୁଯୋଗ ମିଳେ ଏହି ଜେଲ୍‌ରେ। ପର୍ଯ୍ୟଟକଙ୍କୁ ଟିକେଟ କାଟି ଜେଲ୍ ଭିତରକୁ ଆସିବାକୁ ପଡ଼ିଥାଏ। ଏପରି ଏକ ଜେଲ୍ ତେଲେଙ୍ଗାନା ମେଡକଠାରେ ରହିଛି। ସାଙ୍ଗାରେଡ୍ଡୀ ଜେଲ୍ ଭାବେ ଏହା ବେଶ୍ ଜଣାଶୁଣା। ଏଠାରେ ବନ୍ଦୀ ଜୀବନ କାଟିବାକୁ ଚାହୁଁଥିବା ବ୍ୟକ୍ତି ୫ଶହ ଟଙ୍କା ଦେଇ ଟିକେଟ କାଟିଥାନ୍ତି। ସେମାନଙ୍କୁ କଏଦୀଙ୍କ ପୋଷାକ, ଆଲୁମିନିୟମ୍ ବାସନ ଆଦି ଯୋଗାଇ ଦିଆଯାଏ। ଏହା ସହିତ କଏଦୀଙ୍କ ଭଳି ଖାଦ୍ୟ ମଧ୍ୟ ଦିଆଯାଏ। ୨୨୩ ବର୍ଷର ପୁରୁଣା ଏହି ଜେଲ୍ ଏବେ ସଂଗ୍ରହାଳୟ ପାଲଟିଛି। ୧୭୯୬ ମସିହାରେ ଏହା ନିର୍ମାଣ କରାଯାଇଥିବା ଅନୁମାନ କରାଯାଏ। ଜେଲ୍ ୩ ଏକର ପରିମିତ ଅଞ୍ଚଳରେ ନିର୍ମିତ ହୋଇଛି।

## ଚିରନ୍ତନୀ

କି ଉଦ୍ଦେଶ୍ୟେ ଏ ସୃଷ୍ଟିର କି ସନ୍ଦେଶ କିବା ତା'ର ବାଣୀ
କି ଅମୂଲ୍ୟ ନିଧି ତୁଲେ ଅବିଶ୍ରାମ ଧାଇଁଚାଲେ ପ୍ରାଣୀ। (ଜଡ଼-ଦର୍ଶନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୪ ଜୁଲାଇ ୧୯୯୪

- ରୁଆଣ୍ଡାରେ ହଇଜା ବ୍ୟାପିବା ଫଳରେ ୨୦୦୦ରୁ ଅଧିକ ବ୍ୟକ୍ତି ଆକ୍ରାନ୍ତ ହେବା ସହିତ ବର୍ତ୍ତମାନ ସୁଦ୍ଧା ୧୦୦ ରୋଗୀଙ୍କର ପ୍ରାଣହାନି ଘଟିଲାଣି।
- ଭାରତରେ ଡ୍ରଗ୍ସ କାରବାର ସମ୍ପର୍କିତ ମକଦ୍ଦମାର ବିଚାର ପାଇଁ ୧୦ଟି ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | | | | | | | | 5 | | | | | | |
| | 0 | | B | | | 8 | | | 9 | | C | | A | |
| | 7 | | C | | D | B | 1 | 3 | 8 | 5 | | | | 6 |
| | | | 6 | | | | | D | | | | 2 | | |
| | | | 7 | | 5 | C | 0 | 9 | | | 2 | E | | |
| | | 3 | 8 | | C | | | 4 | | | B | | E | 2 |
| | | E | | 0 | | 1 | 5 | | | C | | | | 3 |
| 6 | | | | | B | | | C | | A | | | | |
| | | 9 | | 4 | A | | | E | 7 | 3 | | 1 | 8 | |
| | | | | | | 6 | | 8 | 5 | | | | | B |
| E | 3 | | | C | | | D | | | | | | | |
| | | | 5 | | | | A | | C | 7 | | D | | |
| | A | 1 | | 8 | 3 | | | 6 | | 4 | | C | | |
| 7 | | 4 | D | | 0 | | | 1 | | | | 5 | | |
| 8 | D | | | 7 | | | | | | | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 4 | 8 | B | 3 | 6 | 7 | 9 | A | 1 | D | 2 | 5 | C | E |
| 3 | 9 | 2 | 5 | 4 | 7 | D | B | 1 | C | 6 | E | 0 | A | 8 |
| B | C | 5 | D | 0 | E | 3 | 8 | 6 | A | 4 | 7 | 1 | 9 | 2 |
| D | 6 | 1 | 2 | A | 9 | E | C | 0 | B | 8 | 5 | 3 | 7 | 4 |
| E | A | 7 | C | 1 | 8 | 5 | 4 | 2 | 9 | 0 | 3 | B | D | 6 |
| 1 | 8 | 6 | A | 7 | D | C | 5 | 4 | 0 | 3 | 9 | E | 2 | B |
| A | B | 0 | 3 | 2 | C | 8 | 7 | E | 4 | 1 | D | 9 | 6 | 5 |
| 5 | D | 4 | 6 | E | 0 | B | 1 | 9 | 2 | 7 | C | A | 8 | 3 |
| 2 | 7 | E | 1 | 9 | 5 | 0 | 6 | 3 | 8 | B | A | D | 4 | C |
| 9 | 3 | C | 4 | 8 | B | A | 2 | D | E | 5 | 6 | 7 | 0 | 1 |
| C | 0 | B | 9 | 6 | 2 | 4 | A | 5 | 7 | E | 1 | 8 | 3 | D |
| 8 | 1 | 3 | 7 | B | A | 9 | E | C | D | 2 | 4 | 6 | 5 | 0 |
| 4 | 2 | 9 | 0 | 5 | 1 | 6 | D | B | 3 | A | 8 | C | E | 7 |
| 6 | E | A | 8 | D | 4 | 1 | 3 | 7 | 5 | C | 0 | 2 | B | 9 |
| 7 | 5 | D | E | C | 3 | 2 | 0 | 8 | 6 | 9 | B | 4 | 1 | A |

ଗତକାଲିର ଉତ୍ତର



ନାରାୟଣ ପଣ୍ଡା

# କଶ୍ମୀରରେ ବଞ୍ଚିତ ବାଲ୍ମୀକି ସମ୍ପ୍ରଦାୟ

ଭାରତ ତାଙ୍କର ମାତୃଭୂମି, ଏହି ମାଟିରେ ସେମାନେ ପୁରୁଷ ପୁରୁଷ ଧରି ବସବାସ କରିଆସୁଛନ୍ତି, କିନ୍ତୁ ନାଗରିକ ମର୍ଯ୍ୟାଦାରୁ ଏଠାରେ ବଞ୍ଚିତ ସେମାନେ। ଏମିତି ଘଟୁଛି ଜମ୍ମୁରେ ରହୁଥିବା ବାଲ୍ମୀକି ସମ୍ପ୍ରଦାୟର ଦଳିତ ପରିବାରଙ୍କ କ୍ଷେତ୍ରରେ। ବକ୍ସି ଗୁଲାମ ମହମ୍ମଦଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ଜମ୍ମୁ-କଶ୍ମୀର ମ୍ୟୁନିସିପାଲିଟିର ସଫେଇ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳପାଇଁ ଧର୍ମଘଟ ଘୋଷଣାକରି କାର୍ଯ୍ୟ ବନ୍ଦକଲେ। ସାରା ଉପତ୍ୟକା ଅଳିଆ ଆବର୍ଜନାରେ ପୂର୍ଣ୍ଣହେଲା, ପୂତିଗନ୍ଧମୟ ପରିବେଶରେ ଅଣନିଃଶ୍ୱାସୀ ହୋଇଉଠିଲେ ଲୋକେ। ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧରେ ପଞ୍ଜାବର ଗୁର୍‌ଦାସପୁର ଓ ଅମୃତସର ଅଞ୍ଚଳରୁ ୭୦ ପରିବାର କଶ୍ମୀର ଯାଇ ଆନ୍ଦୋଳନରତ କର୍ମଚାରୀଙ୍କ କାମରେ ନିଯୁକ୍ତି ପାଇଲେ। ସେମାନଙ୍କ ଯାତାୟାତର ଭାର ବହନକଲେ ସରକାର। ଜମ୍ମୁର ଗାନ୍ଧୀନଗର ଅଞ୍ଚଳରେ ସେମାନଙ୍କୁ ଘର ଯୋଗାଇ ଦିଆଗଲା। ଏହା ଥିଲା ୧୯୫୭ ମସିହାର ଘଟଣା। ଇତି ମଧ୍ୟରେ ୭୦ବର୍ଷ ଅତିକ୍ରାନ୍ତ ହେଲାଣି। ସେମାନଙ୍କ ସଂଖ୍ୟା ବୃଦ୍ଧିପାଇ ୪୫୦ରୁ ୫୦୦ ପରିବାରରେ ପହଞ୍ଚିଛି। କିନ୍ତୁ କୌତୂହଳର ବିଷୟ, ଏମାନଙ୍କୁ ରାଜ୍ୟର ନାଗରିକ ମାନ୍ୟତା ଦିଆଯାଇନାହିଁ। ସ୍ଥାନୀୟ ସ୍ୱାୟତ୍ତଶାସନ କିମ୍ବା ବିଧାନସଭା ନିର୍ବାଚନରେ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବାର ଅଧିକାର ନାହିଁ। କେବଳ ଲୋକ ସଭା ନିର୍ବାଚନରେ ସେମାନେ ନିୟମିତ ଅଂଶଗ୍ରହଣ କରିଆସୁଛନ୍ତି। ତାଙ୍କର ସନ୍ତାନସନ୍ତତିମାନେ ଉଚ୍ଚଶିକ୍ଷା ଲାଭକଲେଣି, କିନ୍ତୁ ସବୁପ୍ରକାର ସରକାରୀ ନିଯୁକ୍ତିରୁ ବଞ୍ଚିତ ସେମାନେ। ସେମାନଙ୍କ ପାଇଁ ସରକାରୀ ବୈଷୟିକ ଶିକ୍ଷାନୁଷ୍ଠାନରେ ଅଧ୍ୟୟନର ସୁବିଧା କିମ୍ବା ସରକାରୀ ବୃତ୍ତିର ବ୍ୟବସ୍ଥା ମଧ୍ୟ ନାହିଁ। ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରରେ ସଫେଇ କର୍ମଚାରୀ ଉଲ୍ଲେଖ କରାଯିବା ଦ୍ୱାରା ପିଢ଼ି ପରେ ପିଢ଼ି କେବଳ ପାଇଖାନା ଓ ନାଳନର୍ଦ୍ଦମା ସଫା କରିବା ସେମାନଙ୍କ ଭାଗ୍ୟରେ ଯେପରି ଲେଖାଯାଇଛି।

ଗାନ୍ଧୀନଗର ସମ୍ପ୍ରତି ଏକ ଅଭିଜାତ ଅଞ୍ଚଳରୂପେ ଗଢ଼ି ଉଠୁଥିବାରୁ ସେମାନଙ୍କ ଘରବାଡ଼ି ଉପରେ ଅନ୍ୟ ପ୍ରଭାବୀ ଗୋଷ୍ଠୀଙ୍କର ଲୋଲୁପ ଦୃଷ୍ଟି ପଡ଼ିଲାଣି, ଯେ କୌଣସି ସମୟରେ ସେମାନଙ୍କୁ ବାସଚ୍ୟୁତ କରାଯିବ, ଏଭଳି ସମ୍ଭାବନା ମଧ୍ୟ ରହିଛି। ପଞ୍ଜାବରେ ଥିବା ତାଙ୍କ ସମ୍ପ୍ରଦାୟର ଲୋକମାନେ ଅନୁସୂଚିତ ଜାତିର ସମସ୍ତ ସୁବିଧା ଉପଭୋଗ କରୁଥିବା ସମୟରେ ଏମାନେ କିନ୍ତୁ ଦେଶର ନାଗରିକ ହୋଇଥିଲେ ମଧ୍ୟ କଶ୍ମୀରରେ ଦ୍ୱିତୀୟଶ୍ରେଣୀର ନାଗରିକ ରୂପେ ପରିଗଣିତ ହୁଅନ୍ତି। ଉକ୍ତ ବୈଷମ୍ୟର ପ୍ରତିବାଦକରି ରାଜ୍ୟର ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସେମାନଙ୍କ ଦାବି ପ୍ରତ୍ୟାଖ୍ୟାତ ହୋଇଛି। ବର୍ତ୍ତମାନ ସୁପ୍ରିମ୍‌କୋର୍ଟରେ ସେମାନେ ନ୍ୟାୟପ୍ରାର୍ଥୀ ହୋଇଛନ୍ତି।

ଅନୁରୂପଭାବେ ପ୍ରଥମ ଭାରତ-ପାକିସ୍ତାନ ଯୁଦ୍ଧ ୧୯୪୭ରେ ବର୍ତ୍ତମାନର ପାକିସ୍ତାନ ଶାସିତ ପଶ୍ଚିମ ପାକିସ୍ତାନରୁ ଲକ୍ଷାଧିକ ହିନ୍ଦୁ ଶରଣାର୍ଥୀ ମୁସଲମାନଙ୍କ ଅତ୍ୟାଚାରରେ ଅତିଷ୍ଠହୋଇ ଶରଣାର୍ଥୀରୂପେ କଶ୍ମୀର ଚାଲିଆସିଥିଲେ। ଏମାନଙ୍କ ସଂଖ୍ୟା ବର୍ତ୍ତମାନ ପାଞ୍ଚଲକ୍ଷରେ ପହଞ୍ଚିଛି। କିନ୍ତୁ ବିଡମ୍ବନାର ବିଷୟ, ଏହି ହିନ୍ଦୁ ଶରଣାର୍ଥୀମାନଙ୍କୁ ଗତ ୭୨ବର୍ଷ ଧରି ଜମ୍ମୁ-କଶ୍ମୀର ସରକାର ରାଜ୍ୟରେ ନାଗରିକ ଅଧିକାର ଦେଇନାହାନ୍ତି। ବିଭାଜନ ସମୟରେ ପାକିସ୍ତାନରୁ ପଳାଇ ଆସିଥିବା ମୁସଲମାନମାନେ ଭାରତରେ ସ୍ଥାୟୀ ନାଗରିକ ଅଧିକାର ପାଇଥିବା ବେଳେ କଶ୍ମୀରରେ ଏହାର ଘୋର ବ୍ୟତିକ୍ରମ ଘଟିଛି। ୧୯୪୭ ଅକ୍ଟୋବର ୨୭ରେ ଭାରତ ସହିତ ଜମ୍ମୁ-କଶ୍ମୀରର ଆନୁଷ୍ଠାନିକ ମିଶ୍ରଣ ଘଟି ଅନ୍ୟ ଦେଶୀୟ ରାଜ୍ୟଗୁଡ଼ିକ ପରି ମିଶ୍ରଣର ସର୍ତ୍ତ ଅନୁଯାୟୀ କେନ୍ଦ୍ରସରକାରଙ୍କୁ ରାଜ୍ୟର ପ୍ରତିରକ୍ଷା, ବୈଦେଶିକ ଓ ଯୋଗାଯୋଗ ଆଦି କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଅର୍ପଣ କରାଯାଇଛି। ଶାସନ ବ୍ୟବସ୍ଥାର ଅନ୍ୟ କ୍ଷମତାଗୁଡ଼ିକ ରାଜ୍ୟଗୁଡ଼ିକ ଅଧୀନରେ ରହିଛି। ପରବର୍ତ୍ତୀ ସମୟରେ କଶ୍ମୀର ଶାସନ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ସଂଘଟିତ ହୋଇଛି। ୧୯୫୨ରେ କଶ୍ମୀରର ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ଅବ୍‌ଦୁଲା ଓ ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ମଧ୍ୟରେ କଶ୍ମୀର ଶାସନ ସଂକ୍ରାନ୍ତରେ ଦିଲ୍ଲୀ ରାଜିନାମା ନାମରେ ଏକ ବୁଝାମଣା ଦଲିଲ ସ୍ୱାକ୍ଷରିତ ହୋଇ ଭାରତ ସମ୍ବିଧାନରେ ଯୋଡି ଦିଆଯାଇଛି। ବାସ୍ତବରେ ଉକ୍ତ ରାଜିନାମାରେ ଉଲ୍ଲିଖିତ ବିଷୟରାଜି ସମ୍ବିଧାନର ୩୬୮ ଧାରା ଅନୁଯାୟୀ ବିଧିସମ୍ମତ ଭାବରେ ପାର୍ଲାମେଣ୍ଟରେ ଆଲୋଚନା ଓ ଅନୁମୋଦନ ପାଇଁ ଉପସ୍ଥାପନ କରା ନ ଯାଇ ପଛଦ୍ୱାର ବାଟଦେଇ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭକରିଛି। ବିଧିପ୍ରଣୟନ ବ୍ୟବସ୍ଥା ରାଷ୍ଟ୍ରପତିଙ୍କର କ୍ଷମତା ପରିସରଭୁକ୍ତ ନ ଥିବା ସତ୍ତ୍ୱେ ଏବଂ ଉକ୍ତ ରାଜିନାମାର ଏକ ପରିଶିଷ୍ଟକୁ ଆଧାରକରି ସମ୍ବିଧାନର ଧାରା ୩୫(କ) ଗୃହୀତ ହୋଇ କିଭଳି କଶ୍ମୀରକୁ ଉକ୍ତ ସ୍ୱତନ୍ତ୍ର କ୍ଷମତା ଦିଆଯାଇପାରିଲା, ତାହା ଆଜି ବି ବିତର୍କର ବିଷୟ। ୩୫(କ) ଧାରା ଅନୁସାରେ କଶ୍ମୀର ବିଧାନସଭାକୁ, ରାଷ୍ଟ୍ରପତିଙ୍କ ମେ ୧୪ ତାରିଖ ୧୯୫୪ର ବିଶେଷ ଆଦେଶ ଅନୁଯାୟୀ, ରାଜ୍ୟରେ ନାଗରିକ ଆଇନ ନିର୍ଦ୍ଧାରଣ କରିବା ପାଇଁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଗଲା। ଏହାର ଶିକାର ହେଲେ ପଶ୍ଚିମ ପାକିସ୍ତାନରୁ ଆଗତ ହିନ୍ଦୁ ଶରଣାର୍ଥୀ ଓ ବାଲ୍ମୀକି ସମ୍ପ୍ରଦାୟର ଲୋକମାନେ। ସେମାନଙ୍କୁ ନାଗରିକ ଅଧିକାର ଦେବାରେ ପ୍ରତିବନ୍ଧକ ସାଜିଛି ଏହି ଆଇନ। ନିଜ ଦେଶରେ ଜନ୍ମଗ୍ରହଣ କରି ପୁରୁଷ ପୁରୁଷ ଧରି ନାଗରିକ ଅଧିକାରରୁ ବଞ୍ଚିତହେବା କେବଳ ଭାରତର କଶ୍ମୀର ରାଜ୍ୟରେ ସମ୍ଭବ ହୋଇଥାଏ। ପ୍ରଚଳିତ ଆଇନ ଅନୁସାରେ କଶ୍ମୀର ବିଧାନସଭାର ଦୁଇତୃତୀୟାଂଶ ସଭ୍ୟଙ୍କର ଅନୁମୋଦନ ବ୍ୟତୀତ କୌଣସି ଆଇନ ତିଆରି କିମ୍ବା ସଂଶୋଧିତ ହୋଇପାରିବ ନାହିଁ। ଅସୀମିତ କାଳପାଇଁ ଏମାନଙ୍କୁ ନାଗରିକତ୍ୱ ଅଧିକାରରୁ ବଞ୍ଚିତ କରିରଖିବା ଏହି କଳା ଆଇନର ମୂଳଲକ୍ଷ୍ୟ।

ଅନ୍ୟ ଏକ ଚିନ୍ତାଉଦ୍ରେକକାରୀ ପ୍ରସଙ୍ଗ ହେଉଛି ଜମ୍ମୁ-କଶ୍ମୀର ବିଧାନସଭାର ୮୭ ସଦସ୍ୟଙ୍କ ମଧ୍ୟରୁ ମାତ୍ର ୧୬% ଭୂଭାଗ ରହିଥିବା କଶ୍ମୀର ଉପତ୍ୟକାରୁ ୪୭ ସଦସ୍ୟ ବିଧାନସଭାକୁ ପ୍ରତିନିଧିତ୍ୱ କରୁଥିବା ବେଳେ, ୫୮% ଭୂଭାଗ ଥିବା ଲଦାଖର ଶିୟା ମୁସଲମାନ ଓ ବୌଦ୍ଧ ଅଧ୍ୟୁଷିତ ଅଞ୍ଚଳ ଓ ୨୬% ଭୂଭାଗ ଥିବା ହିନ୍ଦୁବହୁଳ ଜମ୍ମୁରୁ ଯଥାକ୍ରମେ ୪ ଓ ୪୧ ଜଣ ସଦସ୍ୟ ନିର୍ବାଚିତ ହୋଇଥାନ୍ତି। ବିଧାନ ସଭାରେ ଉକ୍ତ ୩ ଅଞ୍ଚଳରେ ଆସନ ସଂଖ୍ୟା ଏପରି ବଣ୍ଟନ କରାଯାଇଛି, ଯେପରି ସବୁ ସମୟରେ ମୁସଲମାନବହୁଳ କଶ୍ମୀର ଉପତ୍ୟକାରୁ ଜଣେ ନିର୍ବାଚିତ ପ୍ରତିନିଧି ମୁଖ୍ୟମନ୍ତ୍ରୀ ହେବେ ଏବଂ ତାଙ୍କର ଆଙ୍ଗୁଠି ଅଗରେ ସମଗ୍ର ଜମ୍ମୁ-କଶ୍ମୀର ଶାସିତ ହେଉଥିବ। ମୁସଲମାନ ଭିନ୍ନ ରାଜ୍ୟର ଅନ୍ୟ କୌଣସି ସମ୍ପ୍ରଦାୟଙ୍କ ସାମଗ୍ରିକ କଲ୍ୟାଣ ପାଇଁ ଆବଶ୍ୟକତା ଅନୁଭୂତ ହେଲେ, ରାଜ୍ୟରେ ସମ୍ବିଧାନ ସଂଶୋଧନ ସହଜରେ ହୋଇପାରିବ ନାହିଁ। ସେହିପରି ସମ୍ବିଧାନର ୩୭୦ ଧାରାରେ କଶ୍ମୀରକୁ ସ୍ୱୟଂଶାସିତ ରାଜ୍ୟରୂପେ ଅନେକ ସ୍ୱତନ୍ତ୍ର କ୍ଷମତା ପ୍ରଦାନକରି ଏକ ପ୍ରକାର ସ୍ୱାଧୀନ ଓ ସାର୍ବଭୌମ ପ୍ରଦେଶର ମାନ୍ୟତା ଦେବାକୁ ଚେଷ୍ଟା କରାଯାଇଛି। ଦେଶର ଅନ୍ୟ ରାଜ୍ୟ ତୁଳନାରେ ଜମ୍ମୁ-କଶ୍ମୀରକୁ ଭାରତ ସରକାର ଅଧିକ ଆଠଗୁଣ ସବ୍‌ସିଡି ପ୍ରଦାନ କରିଥାନ୍ତି। ରାଜ୍ୟର ରାଜସ୍ୱ ଆୟ ସରକାରୀ କର୍ମଚାରୀଙ୍କ ବେତନକୁ ନିଅଣ୍ଟ ହୋଇଥାଏ, କେନ୍ଦ୍ର ସରକାରଙ୍କ ସବ୍‌ସିଡି ଏହାକୁ ଭରଣା କରେ। ରାଜ୍ୟ ପାଇଁ ସ୍ୱତନ୍ତ୍ର ଜାତୀୟ ସଙ୍ଗୀତ ଓ ସ୍ୱତନ୍ତ୍ର ଜାତୀୟ ପତାକାର ବ୍ୟବସ୍ଥା ରହିଛି, ଯାହା ଅନ୍ୟ ରାଜ୍ୟରେ ପରିଦୃଷ୍ଟ ହୁଏନାହିଁ। ଅନ୍ୟ ରାଜ୍ୟର ଅଧିବାସୀ, ଏପରି କି ଦେଶର ଅନ୍ୟ ପ୍ରାନ୍ତର ମୁସଲମାନ ମଧ୍ୟ ସ୍ଥାୟୀ ସମ୍ପତ୍ତି ଅର୍ଜନ କରିବା ଓ ରାଜ୍ୟରେ ସରକାରୀ ନିଯୁକ୍ତିରେ ପ୍ରବେଶ କରିବାକୁ ରାଜ୍ୟରେ ନିଷେଧ କରାଯାଇଛି। କଶ୍ମୀର ଅଧିବାସୀ ଦେଶର ଅନ୍ୟ ପ୍ରାନ୍ତରେ ନିଯୁକ୍ତି ପାଇବାରେ ବାଧା ନ ଥିବାବେଳେ ଅନ୍ୟ ରାଜ୍ୟର ଯୋଗ୍ୟପ୍ରାର୍ଥୀ ସେଠାରେ କାହିଁକି ନିଯୁକ୍ତିରୁ ବଞ୍ଚିତ ହେବେ, ଏକ ଅସମାହିତ ପ୍ରଶ୍ନ, ଯାହା ସାତ ଦଶନ୍ଧି ଧରି ଜନମାନସକୁ ଆନ୍ଦୋଳିତ କରିଆସୁଛି। କଶ୍ମୀରରେ ଅବଦୁଲ୍ଲା ପରିବାରକୁ ସବୁଦିନ ପାଇଁ ପ୍ରଥମ ପରିବାରରୂପେ ପ୍ରକଟିତ କରି ଯୁଗଯୁଗ ଧରି ରାଜ୍ୟର ସ୍ୱାଧୀନ ପତାକା ଉଡେଇ ରଖିବା ନିମନ୍ତେ ସମ୍ବିଧାନରେ ବିଶେଷ ଧାରା ସଂଯୋଗ କରିବା ହୁଏତ ଏହାର ଅନ୍ତର୍ନିହିତ ଉଦ୍ଦେଶ୍ୟ ହୋଇପାରେ। ଦୀର୍ଘବର୍ଷ ଧରି କଶ୍ମୀରବାସୀଙ୍କୁ ଅଧିକ ଆର୍ଥିକ ସହାୟତା ଅବଶିଷ୍ଟ ଭାରତର ନାଗରିକଙ୍କ ମନରେ ଅସନ୍ତୋଷ ସୃଷ୍ଟିକରିବା ସ୍ୱାଭାବିକ। ତେଣୁ ନିହିତସ୍ୱାର୍ଥ ନିମନ୍ତେ ଗଣତନ୍ତ୍ରର ସମସ୍ତ ବିଧିବ୍ୟବସ୍ଥାକୁ ଉଲ୍ଲଂଘନ କରି କଶ୍ମୀର ଉପତ୍ୟକାରେ ସ୍ମିତହାସ୍ୟ କରି ଆସୁଥିବା ସମ୍ବିଧାନର ୩୭୦ ଓ ୩୫(କ)କୁ ଉଚ୍ଛେଦ କିମ୍ବା ସଂଶୋଧନ କରିବା ଅତୀବ ଜରୁରୀ। ଭାରତ ଭିତରେ ଅନ୍ୟ ଏକ ପାକିସ୍ତାନ ସୃଷ୍ଟିକରିବା ମାନସିକତାକୁ ପଥରୋଧ ଓ ପାକିସ୍ତାନୀ ମଗଜଗୁଡ଼ିକର ସମୟୋପଯୋଗୀ ଅସ୍ତ୍ରୋପଚାର କରିବା ସମୟ ବର୍ତ୍ତମାନ ଉପସ୍ଥିତ ହୋଇଛି।

ନୂଆବନ୍ଧସାହି, ନବରଙ୍ଗପୁର, ମୋ-୯୪୩୭୧୧୮୯୬୨

# ଆୟକର ଓ ଭାରତର ପ୍ରଗତି

ସୁରେଶ ଚନ୍ଦ୍ର ମହାପାତ୍ର

୧୮୫୭ ମସିହାରେ ଭାରତରେ ସଂଘଟିତ ସିପାହୀ ବିଦ୍ରୋହରେ ତତ୍କାଳୀନ ବ୍ରିଟିଶ ସରକାରଙ୍କୁ ପ୍ରଭୂତ କ୍ଷତି ସହିବାକୁ ପଡ଼ିଥିଲା। ସେହି ଆର୍ଥିକ କ୍ଷତିକୁ ଭରଣା କରିବା ଉଦ୍ଦେଶ୍ୟରେ ସେ ସମୟରେ ବ୍ରିଟେନର ପ୍ରଧାନମନ୍ତ୍ରୀ ଲର୍ଡ ପାଲମେର୍ଷ୍ଟନଙ୍କ ନେତୃତ୍ୱାଧୀନ ମନ୍ତ୍ରିମଣ୍ଡଳର ଅର୍ଥମନ୍ତ୍ରୀ ସାର୍ ଜେମ୍ସ ୱିଲସନ ୧୮୬୦ ମସିହାରେ ଭାରତ ପାଇଁ ପ୍ରଥମ ସଂଘୀୟ ବଜେଟରେ ଲୋକଙ୍କର ଆୟ ଉପରେ ଏକ କରର ପ୍ରସ୍ତାବନା କରିଥିଲେ। ଇଂଲଣ୍ଡ ପାର୍ଲାମେଣ୍ଟରେ ତାହା ଅନୁମୋଦିତ ହେବା ପରେ ବ୍ରିଟିଶ ଶାସନାଧୀନ ତତ୍କାଳୀନ ଭାରତରେ ୧୮୬୦ ଜୁଲାଇ ୨୪ରୁ ଆୟ ଉପରେ ଟିକସ ଲଗାଇବାର କ୍ଷମତା ସେ ସମୟର ଇଂରେଜ ସରକାରଙ୍କୁ ମିଳିଥିଲା। ତେଣୁ ଭାରତରେ ଜୁଲାଇ ୨୪ ତାରିଖକୁ ଆୟକର ଦିବସ ଭାବେ ପାଳନ କରାଯାଏ। ଭାରତ ପରିପ୍ରେକ୍ଷୀରେ ତାହାକୁ ଅର୍ଥଶାସ୍ତ୍ରୀମାନେ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥାନ୍ତି।

ଆୟ ଉପରେ କର ବସାଇବା ସମ୍ଭବତଃ ମାନବ ସଭ୍ୟତାର ଆଦ୍ୟ ସମୟରୁ ରହି ଆସିଛି। ଭାରତରେ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରୁ ଏଭଳି ଏକ କରର ପ୍ରଚଳନ ଥିବାର ପ୍ରମାଣ ମିଳେ। ମନୁସ୍ମୃତି ଅନୁସାରେ ରାଜା ନିଜ ପ୍ରଜାଙ୍କଠାରୁ କର ଏମିତି ଭାବରେ ଆଦାୟ କରିବା ଉଚିତ ଯେମିତିକି ପ୍ରଜା କୌଣସି ପ୍ରକାର କଷ୍ଟ ଅନୁଭବ ନ କରିବେ। ରଘୁବଂଶ ମହାକାବ୍ୟରେ ମହାକବି କାଳିଦାସ ସୂର୍ଯ୍ୟବଂଶର ରାଜା ଦିଲୀପଙ୍କ ପ୍ରଶଂସା କରିବାକୁ ଯାଇ କହିଛନ୍ତି ଯେ, ପ୍ରଜାମାନଙ୍କ ଉପକାରାର୍ଥେ ରାଜା କର ସେହିଭଳି ଆଦାୟ କରନ୍ତି, ଯେମିତି ସୂର୍ଯ୍ୟ ପୃଥିବୀ ଦେହରୁ ଜଳକଣା ସଂଗ୍ରହ କରେ ଓ ବର୍ଷା ଆକାରରେ ତାହାର ସହସ୍ରଗୁଣା ପୁନରାୟ ପୃଥିବୀକୁ ଫେରାଇଦିଏ। ଅର୍ଥଶାସ୍ତ୍ରର ପ୍ରଣେତା କୌଟିଲ୍ୟଙ୍କ କହିବା ଅନୁସାରେ ରାଷ୍ଟ୍ର ନିଜର ପ୍ରଜାଙ୍କଠାରୁ କର ସେହିଭଳି ଆଦାୟ କରିବା ଉଚିତ ଯେମିତି ମଧୁମକ୍ଷିକା ଫୁଲ ଦେହରୁ ଫୁଲକୁ କଷ୍ଟ ନ ଦେଇ ମଧୁ ସଂଗ୍ରହ କରିଥାଏ।

ଆୟ ଉପରେ କର ଲାଗୁ କରିବା ପ୍ରଥମ କରି ପ୍ରାଚୀନ ମିଶର ଦେଶରେ ଆରମ୍ଭ ହୋଇଥିଲା ବୋଲି କୁହାଯାଏ। ଚାଇନାରେ ଦଶମ ଶତାବ୍ଦୀରେ ଜିଙ୍ଗ ରାଜବଂଶର ସମ୍ରାଟ ୱାଙ୍ଗ ମାଙ୍ଗଙ୍କ ଦ୍ୱାରା ଶତକଡା ୧୦ ହାରରେ ଆୟ ଉପରେ କର ଲଗାଯାଇଥିଲା। ଆମେରିକାରେ ଆୟକରର ପ୍ରଚଳନ ୫ ଅଗଷ୍ଟ ୧୮୬୧ରୁ ଆରମ୍ଭ ହୋଇଥିଲା। ବ୍ରିଟେନରେ ଆୟକରର ପ୍ରଚଳନ ୧୭୯୯ ମସିହାରୁ ଆରମ୍ଭ ହୋଇଛି। ମୋଟାମୋଟି ଭାବେ କହିବାକୁ ଗଲେ କୌଣସି ନା କୌଣସି ଭାବେ ଆୟ ଉପରେ କର ଲଗାଇବାର ବ୍ୟବସ୍ଥା ପ୍ରତ୍ୟେକ ଦେଶରେ ପ୍ରାଚୀନ କାଳରୁ ରହିଆସିଛି।

ଭାରତର ସମ୍ବିଧାନର ସପ୍ତମ ଅନୁସୂଚୀର

## ଆୟକର ଦିବସ ଉପଲକ୍ଷେ

ପ୍ରଥମ ସୂଚୀ ବା ସଂଘ ସୂଚୀରେ ଆୟକର ଉପରେ ନିୟମ ପ୍ରଣୟନ କ୍ଷମତା କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯାଇଛି। ଏବେକାର ଆୟକର ଅଧିନିୟମଟି ୧ ଏପ୍ରିଲ ୧୯୬୧ରୁ ପ୍ରଚଳିତ। ଏହା ସମ୍ପୂର୍ଣ୍ଣ ଭାରତ ପାଇଁ ଲାଗୁ ଅଟେ। ୧୯୬୩ରେ ପ୍ରଣୟନ କରାଯାଇଥିବା କେନ୍ଦ୍ରୀୟ ରାଜସ୍ୱ ବୋର୍ଡ ଅଧିନିୟମର ଧାରା ୩ ଅନୁସାରେ ୧ ଜାନୁୟାରୀ ୧୯୬୪ରୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ ସ୍ୱତନ୍ତ୍ର ଭାବେ ଭାରତରେ ପ୍ରତ୍ୟକ୍ଷ କରର ଦାୟିତ୍ୱ ବହନ କରିଛି।

ଆୟକର ଏକ ପ୍ରତ୍ୟକ୍ଷ କର ହୋଇଥିବାରୁ ଏହା ଲୋକଙ୍କୁ ସିଧାସଳଖ ପ୍ରଭାବିତ କରେ। ଭାରତର ପ୍ରତ୍ୟକ୍ଷ କର ବ୍ୟବସ୍ଥାକୁ ଏକ ପ୍ରଗତିଶୀଳ କର ବ୍ୟବସ୍ଥା କୁହାଯାଏ। ବର୍ଷକୁ ବର୍ଷ ଏହାର ଆଦାୟରେ ବୃଦ୍ଧି ଘଟିବାର ଶ୍ରେୟ କେବଳ ଏ ଦେଶର ଅଗଣିତ କରଦାତାଙ୍କୁ ଯାଏ। ପ୍ରାୟ ଦେଢ଼ଶହ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପ୍ରଚଳିତ ଏପରି ଏକ ଟିକସ ବ୍ୟବସ୍ଥାରେ କରଦାତାଙ୍କ ପ୍ରତ୍ୟକ୍ଷ ଭାଗୀଦାରି ହିଁ ଆୟକର ଓ ପ୍ରତ୍ୟକ୍ଷ କରକୁ ସରକାରୀ ରାଜସ୍ୱ ସଂଗ୍ରହର ଏକ ପ୍ରମୁଖ ମାଧ୍ୟମ ଭାବେ ଗଢ଼ିତୋଳିଛି। ଦିନକୁ ଦିନ ଏହାର ସଂଗ୍ରହରେ ବୃଦ୍ଧି ଏ ଦେଶର ଅର୍ଥ ବ୍ୟବସ୍ଥା ପାଇଁ ଏକ ଅତ୍ୟନ୍ତ ଶୁଭ ସୂଚନା। କେନ୍ଦ୍ର ସରକାରଙ୍କ ବାର୍ଷିକ ରାଜସ୍ୱ ଆୟର ପାଖାପାଖି ଷାଠିଏ ଭାଗ ପ୍ରତ୍ୟକ୍ଷ କରରୁ ସଂଗ୍ରହ ହୋଇଥାଏ। ପ୍ରତ୍ୟକ୍ଷ କର ଜିଡିପିର ଶତକଡା ୬ ଭାଗ।

ସଂଗୃହୀତ ଉପରୋକ୍ତ କର ଭାରତ ଭଳି ବିଶାଳ ଦେଶର ବିକାଶରେ ହିଁ ବିନିଯୋଗ ହେଉଛି। ରାସ୍ତାଘାଟ, ରେଳ, ବିମାନବନ୍ଦର, ପୋତାଶ୍ରୟ ଭଳି ଭିତ୍ତିଭୂମିର ବିକାଶ ସେହି କର ସମ୍ବଳ ଯୋଗୁ ହିଁ ହେଉଛି। ଆଜି ଭାରତ ମହାକାଶ ବିଜ୍ଞାନରେ ଏକ ଅଗ୍ରଗାମୀ ଦେଶ। ଗୋଟିଏ ଗୋଟିଏ ମହାକାଶ ଯାନର ଉତ୍କ୍ଷେପଣରେ ଖର୍ଚ୍ଚ ହେଉଥିବା କୋଟି କୋଟି ଟଙ୍କା ସେହି ସମ୍ବଳରୁ ଆସୁଛି। ଦେଶର ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ, ପରିବହନ, ସମାଜର ଦୁର୍ବଳ ଶ୍ରେଣୀଙ୍କର ଉନ୍ନତି ଓ ଲୋକଙ୍କ ଜୀବନର ବହୁମୁଖୀ ବିକାଶରେ ଆୟକରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦେଶର ଆନ୍ତରିକ ସୁରକ୍ଷା ଓ ବହିଃସୁରକ୍ଷାରେ ଉପରୋକ୍ତ କରରାଶିର ଉପଯୋଗ ହେଉଛି। କହିବାକୁ ଗଲେ ଆୟକର ଏ ଦେଶର ପ୍ରତ୍ୟକ ବ୍ୟକ୍ତିର ସର୍ବାଙ୍ଗୀଣ ବିକାଶରେ ହିଁ ବିନିଯୋଗ ହେଉଛି।

କୌଣସି ଦେଶର ଉନ୍ନତି ଓ ବିକାଶ ଏହାର ଦୃଢ଼ ଅର୍ଥ ବ୍ୟବସ୍ଥା ଉପରେ ପର୍ଯ୍ୟବସିତ। ଏକ ଦୃଢ଼ ଅର୍ଥ ବ୍ୟବସ୍ଥା ଏକ ସୁସଂହତ କର ବ୍ୟବସ୍ଥା ଉପରେ ନିର୍ଭରଶୀଳ। ଉକ୍ତ କର ବ୍ୟବସ୍ଥାରେ ନାଗରିକଙ୍କ ସ୍ୱେଚ୍ଛାକୃତ ଅବଦାନ ଭାରତକୁ ବିଶ୍ୱରେ ଏକ ଶକ୍ତିଶାଳୀ ରାଷ୍ଟ୍ରଭାବେ ଗଢ଼ିତୋଳିବ। ତେଣୁ ସ୍ୱେଚ୍ଛାରେ ଆୟକର ପ୍ରଦାନ ପ୍ରତ୍ୟେକ ଭାରତୀୟଙ୍କର କେବଳ ଏକ ରାଷ୍ଟ୍ରୀୟ ଓ ନୈତିକ କର୍ତ୍ତବ୍ୟ।

ବିଗତ ଦେଢ଼ଶହ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଆୟକର ବିଭାଗ ନିଜର କର ନୀତିରେ ବିଭିନ୍ନ ପ୍ରକାର ସମୟୋପଯୋଗୀ ପରିବର୍ତ୍ତନ କରିଚାଲିଛି। ଏକ ସୁଦକ୍ଷ ଓ ପ୍ରଭାବଶାଳୀ କର ପ୍ରଶାସନ ମାଧ୍ୟମରେ ନାଗରିକଙ୍କ ଦ୍ୱାରା ସ୍ୱତଃପ୍ରବୃତ୍ତ କର ପ୍ରଦାନକୁ ଉତ୍ସାହିତ କରିବା ଏ ବିଭାଗର ଅନ୍ୟତମ ଲକ୍ଷ୍ୟ। ତତ୍ ସହ କରଫାଙ୍କିକୁ ଶୂନ୍ୟମାତ୍ରାରେ ବି ନ ସହିବାର ଏକ ଦୃଢ଼ ଶପଥ ନେଇ ଆୟକର ବିଭାଗ ଏ ଦେଶର ବିକାଶ ପାଇଁ ଶପଥବଦ୍ଧ। ଆଜି ଦେଶଯାକରେ ୫୬୦ରୁ ଅଧିକ ଜାଗାରେ ଆୟକର ବିଭାଗର ଅଫିସ ରହିଛି। ପ୍ରାୟ ୫୫ ହଜାରରୁ ଅଧିକ କର୍ମଚାରୀ କର ସଂଗ୍ରହରେ ନିୟୋଜିତ। ଦେଶ ଯେତେବେଳେ ସ୍ୱାଧୀନତା ଲାଭ କଲା ସେତେବେଳେ ମାତ୍ର କେଇ ହଜାର ଆୟକରଦାତା ଥିଲେ। ମାତ୍ର ତାହା ଆଜି ପ୍ରାୟ ୬ କୋଟିରୁ ଉର୍ଦ୍ଧ୍ୱରେ ପହଞ୍ଚିଲାଣି, କିନ୍ତୁ ସଂଖ୍ୟା ଦୃଷ୍ଟିରୁ ୧୩୫ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶ ପାଇଁ ଏହି ସଂଖ୍ୟା ମୋଟେ ଉତ୍ସାହପ୍ରଦ ନୁହେଁ। ଅବଶ୍ୟ ୨୦୧୯-୨୦୨୦ ସୁଦ୍ଧା ଆଉ ଏକ କୋଟିରୁ ଉର୍ଦ୍ଧ୍ୱ କରଦାତାଙ୍କୁ ଆୟକର ପରିସରକୁ ଆଣିବାର ଯୋଜନା ବିଭାଗର ଅନ୍ୟତମ ଲକ୍ଷ୍ୟ। ଆର୍ଥିକ ବର୍ଷ ୨୦୧୮-୧୯ରେ ପ୍ରତ୍ୟକ୍ଷ କର ସଂଗ୍ରହ ୧୧.୩୮ ଲକ୍ଷ କୋଟିରେ ପହଞ୍ଚିଛି, ଯାହାକି ପୂର୍ବ ଆର୍ଥିକବର୍ଷ ତୁଳନାରେ ୧୩.୪୭% ଅଧିକ। ସାଢ଼େ ଚାରି କୋଟିରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଓଡ଼ିଶାରେ ୨୦୧୮-୧୯ରେ ୧୩,୧୦୧.୪୦ କୋଟି ଟଙ୍କାର ପ୍ରତ୍ୟକ୍ଷ କର ଆଦାୟ ହୋଇପାରିଛି, ଯାହାକି ପୂର୍ବ ବର୍ଷ ତୁଳନାରେ ୨୮%ରୁ ଅଧିକ।

ଏକବିଂଶ ଶତାବ୍ଦୀର ଆୟକର ବିଭାଗ ଡିଜିଟାଲ ଇଣ୍ଡିଆ ପାଇଁ ନିଜକୁ ଏକ ଅଗ୍ରଦୂତ ଭାବେ ପ୍ରତିପାଦିତ କରିଛି। ବର୍ତ୍ତମାନ ଆୟକର ବିଭାଗ ନିଜର ସମସ୍ତ କାର୍ଯ୍ୟକୁ ସୂଚନା ପ୍ରଯୁକ୍ତି ବିଜ୍ଞାନ ମାଧ୍ୟମରେ ନିଷ୍ପାଦନ କରୁଛି। କରଦାତାଙ୍କୁ ନିଜର ବାର୍ଷିକ ଆୟକର ରିଟର୍ନ ଦାଖଲ କରିବାକୁ ଆୟକର ବିଭାଗ ଅଫିସକୁ ଆଉ ପରିଶ୍ରମ କରି ଓ ଖର୍ଚ୍ଚାନ୍ତ ହୋଇ ଆସିବାକୁ ପଡୁନାହିଁ। ରିଫଣ୍ଡ ପାଇଁ ବିଭାଗର ଦପ୍ତରକୁ ଆସିବାର ଆବଶ୍ୟକତା ନାହିଁ। ଆପଣାଛାଏଁ ତାହା କରଦାତାଙ୍କ ବ୍ୟାଙ୍କ ଖାତାରେ ଜମା ହୋଇଯାଉଛି।

ଆୟକର ବିଭାଗ, ଭୁବନେଶ୍ୱର, ମୋ-୯୪୩୮୯୧୭୧୪୭

## ପାଠକ ଶ୍ରେଷ୍ଠ ବିଚାରକ

### ପିଲାମାନେ କେଉଁଠି ପଢ଼ିବେ

ମହାଶୟ,

ଫନୀ ବାତ୍ୟାରେ ପୁରୀ ଜିଲାର ବହୁ ଶିକ୍ଷାନୁଷ୍ଠାନ ଭାଙ୍ଗିଯାଇଛି। ସ୍କୁଲ ଘରଗୁଡ଼ିକର ଛାତ ସବୁ ଉଡ଼ିଯାଇ ଶ୍ରୀହୀନ ଦିଶୁଛି। ସତ୍ୟବାଦୀ ସେବକସାହି ସ୍କୁଲ, ଶ୍ରୀରାମଚନ୍ଦ୍ରପୁର ହାଇସ୍କୁଲ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଫନୀ ଯିବାର ଦୁଇ ତିନି ମାସ ଅତିବାହିତ ହେଲା ପରେ ମଧ୍ୟ ସ୍କୁଲ ମରାମତି ହୋଇ ନ ପାରିବା ଦୁଃଖର ବିଷୟ। ବର୍ତ୍ତମାନ ପିଲାମାନେ କେଉଁଠି ପଢ଼ିବେ ? ସରକାର ଯୁଦ୍ଧକାଳୀନ ଭିତ୍ତିରେ ଦୁଇଟି ସ୍କୁଲକୁ ମରାମତି କରି ପିଲାମାନଙ୍କ ପାଠପଢ଼ା ପାଇଁ ସୁଯୋଗ ସୃଷ୍ଟି କରନ୍ତୁ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ପାକିସ୍ତାନରେ ଭାରତୀୟ ବୀରଙ୍କୁ ସମ୍ମାନ

ଧରିତ୍ରୀ(୩୦।୬)ରେ ପ୍ରକାଶିତ ଆକାର ପଟେଲଙ୍କ ବର୍ଣ୍ଣନାଟି ଅସଂପୂର୍ଣ୍ଣ। ଏହା ପାକିସ୍ତାନର ଅସଲ ଚିତ୍ର ବା ପରିସ୍ଥିତିର ରୂପାୟନ ନୁହେଁ। ସେ ଯେଉଁ ପଞ୍ଜାବୀ, ସଂସ୍କୃତି, ଜନସଂଖ୍ୟା, ଭୌଗୋଳିକ ଭୂଭାଗ ବା ଅଞ୍ଚଳ, ସେନାରେ (ପାକିସ୍ତାନୀ ବା ପଶ୍ଚିମ) ପଞ୍ଜାବର ୮୫% ଅଂଶ ପ୍ରସଙ୍ଗଟି ସୂଚାଇଛନ୍ତି ତାହା ଭାରତ ଓ ଭାରତୀୟତାର ଘୋର ବିରୋଧୀ। ଏବର (ପାକିସ୍ତାନୀ) ସେନାମୁଖ୍ୟ ଜେନେରାଲ ବାଜୱାଙ୍କ ଏକଦା ପୂର୍ବଜଗଣ ହରିୟାଣା ବା ସେତେବେଳର ପୂର୍ଣ୍ଣାଙ୍ଗ ପଞ୍ଜାବର ଜାଠ ହିନ୍ଦୁରୁ ଇସ୍‌ଲାମକୁ ଧର୍ମାନ୍ତରିତ ହେବା ପରେ ପଞ୍ଚନଦୀରେ ବହୁଜଳ ପ୍ରବାହିତ ହୋଇସାରିଛି ଓ ଦେଶ ବିଭାଜନ/ପାକିସ୍ତାନ ଗଠନ ସହିତ ଏକଦା ଉତ୍ତର-ପଶ୍ଚିମ ଅବିଭାଜିତ ଭାରତର ଅଧୁନା ପାକିସ୍ତାନ ଅନ୍ତର୍ଗତ ସେସବୁ ପ୍ରଦେଶର ଅନେକ ଧର୍ମାନ୍ତରିତ ହିନ୍ଦୁ ବଂଶୋଦ୍ଭବ ଏବେ ସଚ୍ଚା ମୁସଲମାନ ଓ ପାକିସ୍ତାନୀ। ଏହି ଗୋଷ୍ଠୀ ଭାରତ ସହିତ ସୈନ୍ୟବାହିନୀ ଓ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇ ମାଧ୍ୟମରେ ଭାରତର ଅସ୍ତିତ୍ୱ ବିଲୋପ ସହିତ କଶ୍ମୀରକୁ କଳେବଳେକୌଶଳେ ନେଇଯିବା ଲାଗି ସକ୍ରିୟ। ନୱାଜ ଶରିଫଙ୍କ କେନ୍ଦ୍ର ସରକାର ଓ ତାଙ୍କ ଦଳ ପରିଚାଳିତ ପଞ୍ଜାବ ସରକାର ଶାଦମାନ୍ ଚୌକର ନାମ ପରିବର୍ତ୍ତନ କରି ଭଗତ ସିଂଙ୍କ ସ୍ମୃତିରେ କରିବାର ଉଦ୍ୟମକୁ ସେନା ଓ ମୌଳବାଦୀମାନେ ପ୍ରଚଣ୍ଡ ବିରୋଧ କରିଥିବା କ'ଣ ଆକାରଙ୍କ ଅନୁସାରେ ଭାରତୀୟ ଗଣମାଧ୍ୟମର ମନଗଢ଼ା କାହାଣୀ ଥିଲା ?

ରାମକୃଷ୍ଣ ମହାନ୍ତି, କୋଳଥିଆ, ଖଣ୍ଡଗିରି, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)



କର୍ଣାଟକରେ ଭାଜପାର ରାଜନୈତିକ ଘୋଡ଼ାବେପାର ଯୋଗୁ ଗଣତାନ୍ତ୍ରିକ ମୂଲ୍ୟବୋଧ ହ୍ରାସପାଇଛି।

-କେ.ସି ବେଣୁଗୋପଲ,
କଂଗ୍ରେସ ସାଧାରଣ ସମ୍ପାଦକ



## ସଂକ୍ଷେପରେ

### ଦଳିତ ଯୁବକଙ୍କୁ ଚୋର ଭାବି ଜାଳିଦେଲେ

**ଲକ୍ଷ୍ନୌ,୨୩।୭(ପି.ଟି.):** ଉତ୍ତରପ୍ରଦେଶର ବାରାବାଙ୍କି ଜିଲାରେ ଜଣେ ଦଳିତ ଯୁବକ ବୁଲା କୁକୁରଙ୍କ ପ୍ରାଦୁର୍ଭାବରୁ ବଞ୍ଚିବା ପାଇଁ ଏକ ଘରେ ପଶିଯାଇଥିବାବେଳେ ତାଙ୍କୁ ଚୋର ମନେକରି ଜାଳି ଦିଆଯାଇଥିଲା। ସୁଜିତ କୁମାର ନାମକ ଉକ୍ତ ୨୮ ବର୍ଷୀୟ ଯୁବକଙ୍କ ଶରୀରର ୪୦% ପୋଡ଼ିଯାଇଥିବାବେଳେ ଲକ୍ଷ୍ନୌସ୍ଥିତ ଶ୍ୟାମାପ୍ରସାଦ ମୁଖାର୍ଜୀ ସିଭିଲ୍ ହସ୍ପିଟାଲରେ ସୋମବାର ତାଙ୍କର ମୃତ୍ୟୁ ଘଟିଛି। ଗତ ୧୯ ତାରିଖ ରାତି ୨ଟାରେ ସୁଜିତ ଦେବା ଅଞ୍ଚଳର ରାଘୋପୁରସ୍ଥିତ ତାଙ୍କ ଶ୍ୱଶୁର ଘରକୁ ଯାଉଥିବାବେଳେ ରାସ୍ତାରେ କୁକୁରମାନେ ତାଙ୍କୁ ଦେଖି ଭୁକିବାରେ ଲାଗିଥିଲେ। ସେ ବର୍ତ୍ତିଯିବା ପାଇଁ ଏକ ଘରକୁ ପଶିଯାଇଥିଲେ। ଘର ମାଲିକ ଚୋର ଭାବି ମାଡ଼ ମାରିବା ପରେ ତାଙ୍କ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ପୋଲିସ ଏନେଇ ୪ ଜଣଙ୍କ ବିରୋଧରେ ମାମଲା ରୁଜୁ କରିବା ସହ ଶ୍ରବଣ ଯାଦବ ଓ ଉମେଶ ଯାଦବଙ୍କୁ ଗତ ସପ୍ତାହରେ ଗିରଫ କରିଥିଲା। ପରେ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଚଳାଇଛି।

### ୨୧ କେନ୍ଦ୍ରୀୟ ବିଦ୍ୟାଳୟ ଗୃହ ଅସୁରକ୍ଷିତ

ନୂଆଦିଲ୍ଲୀ,୨୩।୭(ପି.ଟି.): ଦେଶରେ ଚାଲିଥିବା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରୁ ୨୧ଟିର ଶ୍ରେଣୀଗୃହ ଅସୁରକ୍ଷିତ ରହିଛି। ଏଗୁଡ଼ିକ ସମ୍ପୂର୍ଣ୍ଣ କିମ୍ବା ଆଂଶିକଭାବେ ଅସୁରକ୍ଷିତ ଥିବାରୁ ଏଠାରେ ପାଠ ପଢ଼ାଯାଇ ପାରିବ ନାହିଁ ବୋଲି ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଗୁଡ଼ିକ ମଧ୍ୟରୁ ମହାରାଷ୍ଟ୍ରରେ ୮, ଆସାମରେ ୩, ଉତ୍ତରପ୍ରଦେଶ ଓ ଗୁଜରାଟରେ ୨ଟି ଲେଖାଏ, ତ୍ରିପୁରା, କେରଳ, ପଶ୍ଚିମବଙ୍ଗ ଓ ମଧ୍ୟପ୍ରଦେଶ ଓ ସିକିମ୍‌ରେ ଗୋଟିଏ ଲେଖାଏ ରହିଛି। ଅଡିଟ୍ ରିପୋର୍ଟରେ ଏହା ଦର୍ଶାଯାଇଥିବାବେଳେ ଦଶନ୍ଧି ଦଶନ୍ଧି ଧରି ଏଗୁଡ଼ିକ ଜରାଜୀର୍ଣ୍ଣ ହୋଇ ପଡ଼ିରହିଛି।

# ଚତୁର୍ଥ ଥର ମୁଖ୍ୟମନ୍ତ୍ରୀ ହେବେ ୟେଦ୍ଦୁରପ୍ପା

ବେଙ୍ଗାଲୁରୁ,୨୩।୭



କର୍ଣାଟକ ବିଧାନସଭାରେ ୧୪ ମାସର କଂଗ୍ରେସ-ଜେଡିଏସ୍ ମେଣ୍ଟ ସରକାର ଆସ୍ଥାଭୋଟରେ ପରାଜୟବରଣ କରିବା ପରେ ଭାଜପା ରାଜ୍ୟରେ ସରକାର ଗଠନ କରିବା ଲାଗି ଆଗେଇ ଆସିଛି। ୪ ଦିନ ଧରି ଆସ୍ଥାଭୋଟ ଲାଗି ଚାଲିଥିବା ନାଟକକୁ ନିରୀକ୍ଷଣ କରି ନୀରବରେ ଦେଖୁଥିବା ଭାଜପା ନେତା ବି.ଏସ୍. ୟେଦ୍ଦୁରପ୍ପା ଚତୁର୍ଥଥର ଲାଗି କର୍ଣାଟକର ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଆସ୍ଥା ଭୋଟରେ ଭାଜପା ସପକ୍ଷରେ ୧୦୫ ଭୋଟ ପଡ଼ିଥିବାବେଳେ କୁମାରସ୍ୱାମୀ ସରକାର ସପକ୍ଷରେ ୯୯ ଭୋଟ ପଡ଼ିଥିଲା। ୨୨୫ ଆସନ ବିଶିଷ୍ଟ ରାଜ୍ୟ ବିଧାନସଭାରେ ୨୦ଜଣ ଆସ୍ଥାଭୋଟ ବେଳେ ଗୃହରେ ଅନୁପସ୍ଥିତ ରହିଥିଲେ।

କଂଗ୍ରେସ-ଜେଡିଏସ୍ ସରକାରର ପତନ ପରେ ଏହା ଗଣତନ୍ତ୍ରର ବିଜୟ ବୋଲି ୟେଦ୍ଦୁରପ୍ପା କହିଛନ୍ତି। ଲୋକମାନେ ରାଜ୍ୟ ସରକାରଙ୍କ ଉପରୁ ବିଶ୍ୱାସ ହରାଇଥିଲେ ବୋଲି ସେ କହିବା ସହ ଏବେ ବିକାଶର ନୂଆ ଯୁଗ ଆରମ୍ଭ ହେବାକୁ ଯାଉଛି ବୋଲି ପ୍ରକାଶ କରିଛନ୍ତି। ଭାଜପା ସରକାର କର୍ଣାଟକ କୃଷକଙ୍କ ବିକାଶ ଉପରେ ଗୁରୁତ୍ୱ ଦେବ ବୋଲି ସେ ଏହି ଅବସରରେ କହିଛନ୍ତି। ଅସାଧୁ ମେଣ୍ଟ ଓ ଦୁର୍ନୀତିର ଯୁଗ ଶେଷ ହୋଇଛି। ଆମେ ସ୍ଥିର ଓ ସୁଦୃଢ଼ ସରକାର ଦେବୁ ଓ ରାଜ୍ୟର ବିକାଶକୁ ଆଗେଇ ନେବୁ ବୋଲି ଭାଜପା ପକ୍ଷରୁ କୁହାଯାଇଛି।

ଗତବର୍ଷ ମେ'ରେ ୟେଦ୍ଦୁରପ୍ପା ମୁଖ୍ୟମନ୍ତ୍ରୀ ପଦଭାର ଗ୍ରହଣ କରିବାର ଅଢ଼େଇ ଦିନ ପରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇପାରି ନ ଥିଲେ। କଂଗ୍ରେସ-ଜେଡିଏସ୍ ସଦସ୍ୟମାନେ ତାଙ୍କୁ ଅଡୁଆରେ ପକାଇଥିଲେ। ଏବେ ସ୍ଥିତି ଓଲଟିଛି। କଂଗ୍ରେସ-ଜେଡିଏସ୍ ନେତାଙ୍କ ମଧ୍ୟରେ ଫାଟ ସୃଷ୍ଟିହୋଇଛି। କୁମାରସ୍ୱାମୀ ନିଜକୁ ଅସହାୟ ମଣି ଶେଷରେ ଆସ୍ଥାଭୋଟରେ ହାରିଛନ୍ତି। ୧୬ ବିଧାୟକଙ୍କ ଇସ୍ତଫା ଓ ୨ ସ୍ୱାଧୀନ ବିଧାୟକଙ୍କ କରଛଡ଼ା ପରେ ମେଣ୍ଟ ସରକାର ଭାଙ୍ଗିଛି। ଭାଜପା କର୍ଣାଟକରେ ସରକାର ଗଠନ କରିବା ଲାଗି ଦାବି କରିଥିବାବେଳେ ପୁଣି ୟେଦ୍ଦୁରପ୍ପା ମୁଖ୍ୟମନ୍ତ୍ରୀ ହେବା ନିଶ୍ଚିତ ହୋଇପଡ଼ିଛି।

## ବ୍ରିଟେନକୁ ଶକ୍ତିଶାଳୀ କରିବେ ବୋରିସ୍

ଲଣ୍ଡନ,୨୩।୭(ପି.ଟି.)



ବୋରିସ୍ ଜନ୍‌ସନ୍ ମଙ୍ଗଳବାର କଞ୍ଜରଭେଟିଭ୍ ପାର୍ଟିର ନେତୃତ୍ୱ ନେବା ପରେ ବୁଧବାର ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହୋଇଛନ୍ତି। ୟୁରୋପୀୟ ୟୁନିୟନ୍‌କୁ ନେଇ ଦେଶର ବ୍ରେକ୍‌ଜିଟ୍ ଡିଲ୍‌ରେ ରାଜନୈତିକ ଅସ୍ଥିରତା ଜାରି ରହିଥିବାବେଳେ ବୋରିସ୍ ପ୍ରଧାନମନ୍ତ୍ରୀ ଆସନ ଅଳଙ୍କୃତ କରିଛନ୍ତି। ବୋରିସ୍ ହେଉଛନ୍ତି ପୂର୍ବତନ ବୈଦେଶିକ ସଚିବ ତଥା ଲଣ୍ଡନ ମେୟର। ପ୍ରଧାନମନ୍ତ୍ରୀ ପଦ ପାଇଁ ସେ ଫରେନ୍ ସେକ୍ରେଟାରି ଜେରେମି ହଣ୍ଟଙ୍କୁ ହରାଇବା ଦୃଢ଼ ଆଶା କରାଯାଉଥିଲା। ମଙ୍ଗଳବାର ଫଳାଫଳ ଘୋଷଣା ହେବା ପରେ ପରେ ପାର୍ଲାମେଣ୍ଟ ହାଉସ୍ ନିକଟବର୍ତ୍ତୀ ଲଣ୍ଡନସ୍ଥିତ କୁଇନ୍ ଏଲିଜାବେଥ୍ ୨ ସେଣ୍ଟରରେ ଟୋରି ପାର୍ଟିର ସଦସ୍ୟମାନଙ୍କୁ ଉଦ୍‌ବୋଧନ ଦେଇ ବୋରିସ୍(୫୫) କହିଥିଲେ, କଞ୍ଜରଭେଟିଭ୍ ପାର୍ଟି ପ୍ରତି ବ୍ରିଟେନବାସୀଙ୍କର ସମର୍ଥନ ରହିଛି। ବ୍ରିଟେନ୍ ଇତିହାସରେ ବ୍ରେକ୍‌ଜିଟ୍ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାବେଳେ ଏହାକୁ ସମର୍ଥନ କରିବା ଆବଶ୍ୟକ। ଆମର ମନ୍ତ୍ର ହେଉଛି, ବ୍ରେକ୍‌ଜିଟ୍ ସପକ୍ଷରେ ଭୋଟ ଦେବା, ଦେଶକୁ ସଂଘବଦ୍ଧ କରିବା ଏବଂ ଲେବର ପାର୍ଟିର ନେତା ଜେରେମି କର୍‌ବିନ୍‌ଙ୍କୁ ପରାଜିତ କରିବା। ଆପଣମାନଙ୍କର ଆତ୍ମବିଶ୍ୱାସ ଫେରାଇଦେବା ପାଇଁ ପୂର୍ଣ୍ଣପ୍ରାଣରେ କାର୍ଯ୍ୟ କରିବି ବୋଲି ବୋରିସ୍ ପ୍ରତିଶ୍ରୁତି ଦେଇଥିଲେ।

# ମୋଦିଙ୍କ ସହ ଶିଶୁ ଫଟୋ ଭାଇରାଲ

ନୂଆଦିଲ୍ଲୀ,୨୩।୭
(ଆଇଏଏନ୍‌ଏସ୍)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଥିବା ଦୁଇଟି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପ୍ରଥମ ଫଟୋରେ ସେ ଏକ ଶିଶୁକୁ ହାତରେ ଧରି ଖେଳାଉଛନ୍ତି। ଦ୍ୱିତୀୟ ଫଟୋରେ ଶିଶୁଟି ତାଙ୍କ କୋଳରେ ବସି ପ୍ରଧାନମନ୍ତ୍ରୀଙ୍କ ଟେବୁଲରେ ଥିବା କାଗଜପତ୍ର ଦେଖୁଛି। ପାର୍ଲାମେଣ୍ଟରେ ଜଣେ ଅତ୍ୟନ୍ତ ସ୍ୱତନ୍ତ୍ର ବନ୍ଧୁ ତାଙ୍କୁ ଭେଟିବାକୁ ଆସିଥିଲେ ବୋଲି ମୋଦି ଉକ୍ତ ପୋଷ୍ଟିଂର ଶୀର୍ଷକ ଲେଖିଛନ୍ତି। ଶିଶୁର ପରିଚୟ ମିଳିପାରି ନ ଥିବାବେଳେ ଫଟୋ ଦୁଇଟିକୁ ପୋଷ୍ଟ କରିବା ମାତ୍ରେ ୧୩ ଲକ୍ଷ ଲାଇକ୍ ଓ ୧୬,୦୦୦ରୁ ଊର୍ଦ୍ଧ୍ୱ କମେଣ୍ଟ ମିଳିଛି।



## ପାର୍ଲାମେଣ୍ଟ ଅଧିବେଶନ ୧୦ ଦିନ ବଢ଼ିଲା

ନୂଆଦିଲ୍ଲୀ,୨୩।୭(ପି.ଟି.)

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଆଉ ୧୦ ଦିନ ବୃଦ୍ଧି କରାଯାଇଛି। ସରକାର ଏହି ଅଧିବେଶନ କାଳରେ ମୋଟ୍ ୩୫ ବିଲ୍ ପାସ କରିବା ଲାଗି ଯୋଜନା ରଖିଛନ୍ତି। ଏଥିସହ ଅନ୍ୟାନ୍ୟ ବ୍ୟବସ୍ଥାପିକା କାର୍ଯ୍ୟ ପୂରଣ କରିବା ଲାଗି ସମୟ ଲାଗିବ। ତେଣୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ପାର୍ଲାମେଣ୍ଟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ମଙ୍ଗଳବାର ପ୍ରକାଶ କରିଛନ୍ତି। ପାର୍ଲାମେଣ୍ଟ କାର୍ଯ୍ୟକାଳ ବଢ଼ିବା ସହ ଏବେ ଅଧିବେଶନ ଅଗଷ୍ଟ ୯ରେ ଶେଷ ହେବ ବୋଲି ଜୋଷୀ ଦର୍ଶାଇଛନ୍ତି। ଲୋକ ସଭାର ପ୍ରଥମ ଅଧିବେଶନ ଜୁନ୍ ୧୭ରୁ ଆରମ୍ଭ ହୋଇଥିଲା। ସ୍ଥିର କରାଯାଇଥିବା ସମୟ ଅନୁଯାୟୀ ଏହା ଜୁଲାଇ ୨୬ରେ ଶେଷ ହେବାର ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ, ବହିର୍ବ୍ୟାପାରମନ୍ତ୍ରୀ ଏସ୍. ଜୟଶଙ୍କର, ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗିରିରାଜ୍ ସିଂ ପ୍ରମୁଖଙ୍କୁ ନେଇ ଭାଜପା ସଂସଦୀୟ ଦଳ ବୈଠକ ଶେଷ ହେବା ପରେ ଜୋଷୀ ଏଭଳି ଘୋଷଣା କରିଛନ୍ତି।

## 'ଫାର୍ଷ୍ଟ ଗର୍ଲଫ୍ରେଣ୍ଡ'ଙ୍କ ଭବିଷ୍ୟତ ନେଇ ଚର୍ଚ୍ଚା



ବୋରିସ୍ ଜନ୍‌ସନ୍ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଭାବେ ଡାଉନିଂ ଷ୍ଟ୍ରିଟ୍‌ରେ ଅବସ୍ଥାନ କରିବାକୁ ଯାଉଥିବାବେଳେ ତାଙ୍କଠୁ ବୟସରେ ଯଥେଷ୍ଟ ସାନ ତରୁଣୀ-ବାନ୍ଧବୀ କ୍ୟାରି ସାଇମଣ୍ଡ୍ସଙ୍କୁ ସାଥିରେ ନେବେ କି ନାହିଁ ସେଥିନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି। ଦୁଇଥର ବିବାହ କରିଥିବା ବୋରିସ୍ ମଙ୍ଗଳବାର କଞ୍ଜରଭେଟିଭ୍ ପାର୍ଟିର ନେତା ନିର୍ବାଚିତ ହେବା ପରେ ବୁଧବାର ସେ ପ୍ରଧାନମନ୍ତ୍ରୀ ଆସନ ଅଳଙ୍କୃତ କରିଛନ୍ତି। ଦୀର୍ଘ ୩୧ବର୍ଷ ଧରି ଦଳର କମ୍ୟୁନିକେଶନ୍ ଡାଇରେକ୍ଟର ଭାବେ କାର୍ଯ୍ୟ କରିଆସୁଥିବା ଜନସନ୍‌ଙ୍କୁ କୁଇନ୍ ଏଲିଜାବେଥ୍ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି।

ତରୁଣୀ ବାନ୍ଧବୀ ସାଇମଣ୍ଡ୍ସ ହେଉଛନ୍ତି ପରିବେଶ ସୁରକ୍ଷାର ଜଣେ ଆଗଧାଡିର ପ୍ରଚାରକ। ୨୦୧୨ରେ ଲଣ୍ଡନ ମେୟର ନିର୍ବାଚନ ବେଳେ ସେ ବୋରିସ୍‌ଙ୍କ ପାଇଁ ପ୍ରଚାର କରିଥିଲେ। ବୋରିସ୍ ଦୀର୍ଘ ୨୬ବର୍ଷର ବୈବାହିକ ଜୀବନର ଅନ୍ତ ଘଟାଇ ୨୦୧୮ରେ ବିବାହ ବିଚ୍ଛେଦ ଘଟାଇବା ପରେ ତରୁଣୀ ସାଇମଣ୍ଡ୍ସଙ୍କ ସହିତ ତାଙ୍କର ସମ୍ପର୍କ ବିଷୟ ଚର୍ଚ୍ଚାର ପରିସରକୁ ଆସିଥିଲା। ତେବେ ବୋରିସ୍ କ୍ଷମତାକୁ ଆସିବା ପରେ ଦେଶର 'ଫାର୍ଷ୍ଟ ଗର୍ଲଫ୍ରେଣ୍ଡ'ଙ୍କ ଭବିଷ୍ୟତ ନେଇ ବ୍ରିଟିଶ ଖବରକାଗଜଗୁଡିକରେ ଚର୍ଚ୍ଚା ଜୋର ଧରିଛି।

# 'ନଟ୍‌ଖଟ୍' ନିର୍ମାଣ କରିବେ ବିଦ୍ୟା



**ମୁମ୍ବାଇ:** ଅଭିନେତ୍ରୀ ବିଦ୍ୟା ବାଲାନ୍ ସାମାଜିକ ପ୍ରସଙ୍ଗଭିତ୍ତିକ ଫିଲ୍ମ 'ନଟ୍‌ଖଟ୍' ନିର୍ମାଣ କରିବାକୁ ଯାଉଛନ୍ତି। ଏଥିରେ ସେ ନିଜେ ମଧ୍ୟ ଅଭିନୟ କରିବେ। ଏଥିପାଇଁ ସେ ପ୍ରଯୋଜକ ରୋନି ସ୍କ୍ରିଉବାଲାଙ୍କ ସହ ମିଳିତ ଭାବେ କାର୍ଯ୍ୟ କରିବେ। ଏ ସମ୍ପର୍କରେ ନିର୍ମାତାଙ୍କ ପକ୍ଷରୁ ଏକ ପ୍ରେସ ଇସ୍ତାହାରରେ କୁହାଯାଇଛି, ପୁରୁଷପ୍ରଧାନ ସାମାଜିକ ବ୍ୟବସ୍ଥା, ମହିଳା ପୁରୁଷ ଅସମାନତା, ବଳାତ୍କାର, ଘରୋଇ ହିଂସା ଭଳି ବିଭିନ୍ନ ସାମାଜିକ ସମସ୍ୟାକୁ ଭିତ୍ତିକରି ନଟ୍‌ଖଟ୍ ନିର୍ମାଣ ହେବାକୁ ଯାଉଛି। ଏ ସମ୍ପର୍କରେ ବିଦ୍ୟା କହନ୍ତି, ଏହା ଏକ ସୁନ୍ଦର କାହାଣୀ ହୋଇଥିବାରୁ ଏହାକୁ ପ୍ରସ୍ତୁତ କରିବା ସହିତ ଏଥିରେ ଅଭିନୟ କରିବାକୁ ଇଚ୍ଛା ହେଲା। ସ୍କ୍ରିଉବାଲା ମଧ୍ୟ ବିଦ୍ୟାଙ୍କ ସହିତ କାମ କରିବା ପାଇଁ ଇଚ୍ଛୁକ ଥିବା ପ୍ରକାଶ କରିଛନ୍ତି। ପ୍ରଥମେ ସେ ଯେତେବେଳେ ନଟ୍‌ଖଟ୍‌ର କାହାଣୀ ଶୁଣିଲେ ଏହାକୁ ନେଇ ଫିଲ୍ମ ନିର୍ମାଣ କରାଯିବା ଆବଶ୍ୟକ ବୋଲି ମତ ଦେଇଥିଲେ। ଉକ୍ତ ସିନେମାରେ ବହୁ ସାମାଜିକ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯାଇଥିବାବେଳେ ଫିଲ୍ମ ମାଧ୍ୟମରେ ସମାଜକୁ ବଳିଷ୍ଠ ବାର୍ତ୍ତା ମଧ୍ୟ ଦିଆଯାଇଛି। ବିଶେଷକରି ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବ ପାଇଁ ଏଭଳି ଏକ ଫିଲ୍ମ ନିର୍ମାଣ କରାଯାଉଥିବା ନିର୍ମାତା ସୂଚନା ଦେଇଛନ୍ତି। ଏହାର କାହାଣୀ ରଚନା କରିଛନ୍ତି ଅନୁକମ୍ପା ହର୍ଷ ଏବଂ ଶାନ୍ ବ୍ୟାସ। ଆର୍‌ଏସ୍‌ଭିପି ସହଯୋଗୀ ପ୍ରଯୋଜକ ସନୟ ଇରାନୀଙ୍କ ମିଳିତ ଉଦ୍ୟମରେ ଏହା ପ୍ରସ୍ତୁତ ହେଉଥିବାବେଳେ ଏହାର ନିର୍ଦ୍ଦେଶନା ଦେଉଛନ୍ତି ବ୍ୟାସ୍।

## ଇତିହାସର ଆଇନାରେ

### ଜୁଲାଇ ୨୪ର ପ୍ରମୁଖ ଘଟଣା

୧୯୮୨ ଜୁଲାଇ ୨୪ରେ ଜାପାନର ନାଗାସାକୀରେ ପ୍ରବଳ ବର୍ଷା ଯୋଗୁ ଏକ ସେତୁ ଭୁଶୁଡିଯାଇ ୨୯୯ ଲୋକଙ୍କ ମୃତ୍ୟୁ ଘଟିଥିଲା। ନାଗାସାକୀ ଜାପାନ୍‌ର ବୃହତ୍ ନଗରୀ ମଧ୍ୟରୁ ଅନ୍ୟତମ। ଷୋଡଶ ଶତାବ୍ଦୀରୁ ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଏହା ପର୍ତ୍ତୁଗୀଜ୍ ଏବଂ ଡଚ୍‌ମାନଙ୍କର ଔପନିବେଶିକ କେନ୍ଦ୍ର ଥିଲା। ନାଗାସାକୀ ଅଞ୍ଚଳକୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନ ଦିଆଯାଇଛି।

୨୦୧୩ ଜୁଲାଇ ୨୪ରେ ଉତ୍ତର-ପଶ୍ଚିମ ସ୍ପେନ୍‌ରେ ଏକ ଦ୍ରୁତଗାମୀ ଟ୍ରେନ୍ ଲାଇନଚ୍ୟୁତ ହେବା ଫଳରେ ୭୮ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଟ୍ରେନ୍ ମାଦ୍ରିଦ୍‌ରୁ ଫେରୋଲ ଯାତ୍ରା କରୁଥିଲା। ସାଣ୍ଟିଆଗୋ ଡି କୋମ୍ପୋଷ୍ଟିଲା ରେଳଷ୍ଟେଶନ୍‌ଠାରୁ ୪କିଲୋମିଟର ଦୂରରେ ଟ୍ରେନ୍‌ଟି ଗୋଟିଏ ବଙ୍କିଳ ପଥରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।




ଦେଶରେ ବଳାତ୍କାର ଓ ମହିଳା ବିରୋଧୀ ହିଂସା ବଢ଼ିଚାଲିଛି। ଏହାର ପ୍ରତିବାଦରେ ପାଟନାସ୍ଥିତ ବିହାର ବିଧାନସଭା ସମ୍ମୁଖରେ ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘୁଆ ରହିବା ସହିତ ବର୍ଷା ହେବାର ସମ୍ଭାବନା ଅଛି। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୨ | ୨୬.୪ |
| ଚାନ୍ଦବାଲି | ୩୫.୯ | ୨୭.୪ |
| କଟକ | ୩୫.୨ | ୨୫.୦ |
| ପାରାଦ୍ୱୀପ | ୩୩.୦ | ୨୮.୮ |
| ଭୁବନେଶ୍ୱର | ୩୬.୦ | ୨୭.୦ |
| ଗୋପାଳପୁର | ୩୩.୦ | ୨୭.୩ |
| ପୁରୀ | ୩୩.୮ | ୨୮.୦ |
| ଅନୁଗୋଳ | ୩୬.୧ | ୨୨.୦ |
| ବାରିପଦା | ୩୬.୪ | ୨୭.୨ |
| ଝାରସୁଗୁଡ଼ା | ୩୫.୨ | ୨୪.୨ |
| କେନ୍ଦୁଝର | ୩୪.୦ | ୨୪.୩ |
| ସମ୍ବଲପୁର | ୩୫.୭ | ୨୫.୫ |
| ସୁନ୍ଦରଗଡ଼ | ୩୨.୫ | ୨୨.୫ |
| ହୀରାକୁଦ | ୩୬.୧ | ୨୬.୧ |
| ତାଳଚେର | ୩୫.୫ | ୨୫.୫ |
| ଭବାନୀପାଟଣା | --- | ୨୫.୦ |
| ବଲାଙ୍ଗୀର | ୩୬.୦ | ୨୫.୫ |
| କୋରାପୁଟ | ୨୯.୬ | ୧୯.୮ |
| ଫୁଲବାଣୀ | ୩୩.୦ | --- |
| ଟିଟିଲାଗଡ଼ | ୩୩.୦ | ୨୨.୫ |
| ମାଲକାନଗିରି | ୩୬.୦ | ୨୦.୨ |
| ସୋନପୁର | ୩୬.୮ | ୨୨.୮ |
| ଦାରିଙ୍ଗିବାଡ଼ି | ୨୯.୫ | ୧୮.୦ |

ଡିଗ୍ରୀ ସେଲ୍‌ସିୟସ୍

# ପାର୍ଲାମେଣ୍ଟରେ କଶ୍ମୀର ଝଡ଼

ନୂଆଦିଲ୍ଲୀ,୨୩।୭(ପି.ଟି.)



ଗୃହରେ କଂଗ୍ରେସ ଏମ୍‌ପିଙ୍କ ହଟ୍ଟଗୋଳ।

### ଟ୍ରମ୍ପଙ୍କ ମଧ୍ୟସ୍ଥତା ମନ୍ତବ୍ୟ

- ପ୍ରଧାନମନ୍ତ୍ରୀଙ୍କଠାରୁ ବିବୃତି ଦାବିକଲେ ବିରୋଧୀ
- ମୋଦି କୌଣସି ଅନୁରୋଧ କରିନାହାନ୍ତି: କେନ୍ଦ୍ର

କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା କରିବା ଲାଗି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୋତେ ଅନୁରୋଧ କରିଥିଲେ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ସହ ସୋମବାର ଆଲୋଚନା ବେଳେ କହିବା ଘଟଣାକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟିହୋଇଛି। ମଙ୍ଗଳବାର ଏହି ଘଟଣାକୁ ନେଇ ପାର୍ଲାମେଣ୍ଟରେ ଝଡ଼ ସୃଷ୍ଟିହୋଇଛି। ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ଏହି ପ୍ରସଙ୍ଗକୁ ନେଇ ଗୃହ ବାରମ୍ବାର ମୁଲତବୀ ହେବା, ହଟ୍ଟଗୋଳ ଲାଗି ରହିବା ଭଳି ପରିସ୍ଥିତି ଦେଖିବାକୁ ମିଳିଥିଲା। ଏମିତିକି ବିରୋଧୀ ସଦସ୍ୟମାନେ ଗୃହ ଛାଡ଼ି ପଳାଇଥିଲେ। ପ୍ରଧାନମନ୍ତ୍ରୀ ଏନେଇ ନିଜେ ମନ୍ତବ୍ୟ ଦିଅନ୍ତୁ ବୋଲି ବିରୋଧୀ ଦଳର ସଦସ୍ୟମାନେ ଦାବି କରିଥିଲେ।

ରାଜ୍ୟ ସଭାରେ କଂଗ୍ରେସର ଉପନେତା ଆନନ୍ଦ ଶର୍ମା, ସିପିଆଇ ନେତା ଡି. ରାଜା ଏନେଇ ବିଭିନ୍ନ ପ୍ରଶ୍ନ କରିଥିଲେ। ସିପିଆଇଏମ୍, ଆପ୍, ଡିଏମ୍‌କେ, ଟିଏମ୍‌ସି, ଏସ୍‌ପି, ବିଏସ୍‌ପି ସଦସ୍ୟମାନେ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ତେବେ ପ୍ରଧାନମନ୍ତ୍ରୀ ଏଭଳି କୌଣସି ଅନୁରୋଧ ଟ୍ରମ୍ପଙ୍କୁ କରି ନ ଥିବା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ସ୍ପଷ୍ଟ କରିଥିଲେ। ଲୋକ ସଭାରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା। କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଏନେଇ ପ୍ରଧାନମନ୍ତ୍ରୀଙ୍କଠାରୁ ଉତ୍ତର ମଗାଯାଇଥିଲା। ଶୂନ୍ୟକାଳରେ କଂଗ୍ରେସ ନେତା ମନୀଷ ତିୱାରୀ, ଟିଏମ୍‌ସି ନେତା ସୌଗତ ରାୟ, ଏଆଇଏଡିଏମ୍‌କେ ନେତା ଟି.ଆର୍. ବାଲୁ ପ୍ରମୁଖ ସ୍ୱର ଉଠାଇ ମୋଦିଙ୍କଠାରୁ ଉତ୍ତର ଦାବି କରିଥିଲେ। ଗୃହରେ ହଟ୍ଟଗୋଳ ହେବା ଯୋଗୁ ଏହାକୁ ବାରମ୍ବାର ମୁଲତବୀ ରଖିବାକୁ ପଡ଼ିଥିଲା। ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏନେଇ ସରକାରଙ୍କ ପକ୍ଷ ରଖିଥିଲେ। ସରକାର ସ୍ପଷ୍ଟ କରିଥିଲେ ହେଁ ବିରୋଧୀ ଏଥିରେ ସନ୍ତୁଷ୍ଟ ନ ହୋଇ ପ୍ରଧାନମନ୍ତ୍ରୀଙ୍କଠାରୁ ଉତ୍ତର ଦାବି କରିଥିଲେ।

# ଭିତରକନିକା ଇକୋ-ଟୁରିଜିମ୍ ୩ ବର୍ଷରେ ୧ କୋଟି ୯୪ଲକ୍ଷ ଖର୍ଚ୍ଚ

ଭୁବନେଶ୍ୱର,୨୩।୭(ବ୍ୟୁରୋ)

କେନ୍ଦ୍ରପଡ଼ା ଜିଲାରେ ଥିବା ଭିତରକନିକା ଲୁଣାଜଙ୍ଗଲ ବନ୍ୟଜୀବ ବନଖଣ୍ଡରେ ଜଙ୍ଗଲ ଓ ପରିବେଶ ବିଭାଗର ମୋଟ ୩ଟି ପରିବେଶ ପର୍ଯ୍ୟଟନସ୍ଥଳ ରହିଛି। ସେଗୁଡ଼ିକ ହେଲା ଡାଙ୍ଗମାଳ, ଗୁପ୍ତି ଓ ହାବେଳିଖଟି ଇକୋ ଟୁରିଜିମ। ଏଠାରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ବିଗତ ୩ବର୍ଷରେ ବହୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏବାବଦକୁ ୧ କୋଟି ୯୩ଲକ୍ଷ ୮୨ ହଜାର ୨ଶହ ଟଙ୍କା ବ୍ୟୟ କରାଯାଇଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସୂଚନା ଦେଇଛନ୍ତି।

ବିଧାନସଭାରେ ବିଧାୟକ ବ୍ୟୋମକେଶ ରାୟ ପଚାରିଥିବା ଭିତରକନିକାର ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଆରୁଖ କହିଛନ୍ତି, ୨୦୧୬-୧୭ ଆର୍ଥିକବର୍ଷରେ ୪ ଲକ୍ଷ ୯୭ ହଜାର ୭ଶହ ଟଙ୍କାରେ ଡାଙ୍ଗମାଳଠାରେ ପର୍ଯ୍ୟଟକଙ୍କ ପାଇଁ ଇ-ରିକ୍ସା ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଥିଲା। ୧ କୋଟି ୪ଲକ୍ଷ ଟଙ୍କା ବ୍ୟୟରେ ହିରନ୍ ହାଉସ୍ ନିର୍ମାଣ କରାଯାଇଛି। ୨୦୧୭-୧୮ରେ ୧୦ଲକ୍ଷ ଟଙ୍କା ବ୍ୟୟରେ ଡାଙ୍ଗମାଳରେ ଶୌଚାଳୟ ସୁବିଧା ଉପଲବ୍ଧ କରାଯାଇଛି। ଗୁପ୍ତିଠାରେ ୨୦୧୬-୧୭ ଆର୍ଥିକବର୍ଷରେ ୬ଟି ନୂଆ କୋଠରିକୁ ଇକୋ-ଟୁରିଜିମ୍ ପାଇଁ ରୂପାନ୍ତର ପାଇଁ ୨ ଲକ୍ଷ ୮୪ ହଜାର ୫୦୦ ଟଙ୍କା ଓ ୨୦୧୮-୧୯ ଆର୍ଥିକବର୍ଷରେ ଗୁପ୍ତି ବନବିଭାଗ ଜେଟୀର ପୁନରୁଦ୍ଧାର ପାଇଁ ୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ହାବେଳିଖଟି ପରିବେଶ ପର୍ଯ୍ୟଟନସ୍ଥଳୀରେ ୨୦୧୭-୧୮ ଆର୍ଥିକବର୍ଷରେ ୫୦ଲକ୍ଷ ଟଙ୍କା ବ୍ୟୟରେ ୩ଟି ନୂଆ କୋଠରୀ ନିର୍ମାଣ ଓ ୨୦୧୮-୧୯ରେ ୨୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଆଉଏକ ନୂଆ କୋଠରୀ ପ୍ରସ୍ତୁତ କରାଯାଇଛି। ଡାଙ୍ଗମାଳ ପରିବେଶ ପର୍ଯ୍ୟଟନସ୍ଥଳୀରେ ପ୍ରାୟ ୩୭ଜଣ ପର୍ଯ୍ୟଟକ ରହିବାର ବ୍ୟବସ୍ଥା ଥିବାବେଳେ ଏଠାରେ ୧୩ଟି ଶୀତତାପ ନିୟନ୍ତ୍ରିତ କୋଠରୀ ଓ ୩ଟି ସାଧାରଣ କୋଠରୀ ରହିଛି। ସେହିଭଳି ଗୁପ୍ତିଠାରେ ୧୨ଜଣ ପର୍ଯ୍ୟଟକ ରହିବାର ସୁବିଧା ଥିବାବେଳେ ଏଠାରେ ୬ଟି ଶୀତତାପ ନିୟନ୍ତ୍ରିତ କୋଠରୀ ରହିଛି। ହାବେଳିଖଟିରେ ୫ଟି ବିନା ଶୀତତାପ ନିୟନ୍ତ୍ରିତ କୋଠରୀ ଥିବାବେଳେ ଏଠାରେ ୧୪ଜଣ ପର୍ଯ୍ୟଟକ ରାତ୍ରିରହଣୀ କରିବାସହ ସୁସ୍ୱାଦୁ ବ୍ୟଞ୍ଜନର ମଜା ନେଇପାରିବେ। ଏହି ସମସ୍ତ ପରିବେଶ ପର୍ଯ୍ୟଟନସ୍ଥଳୀରେ ରହିବା ଲାଗି ଦେଶ ବିଦେଶର ପର୍ଯ୍ୟଟକମାନେ ଓଏଫ୍‌ଡିସି ୱେବ୍‌ସାଇଟ୍ www.eco-tourodisha.com ରେ ଅନ୍‌ଲାଇନ ବୁକିଂ କରିପାରୁଛନ୍ତି। ଏଠାରେ ଆବଶ୍ୟକ ମୌଳିକ ସୁବିଧା ସହ ପରିଷ୍କାର ପରିଚ୍ଛନ୍ନତା, ଅତ୍ୟାଧୁନିକ ବୋଟିଂ ବ୍ୟବସ୍ଥା ଓ ଗାଇଡ୍ ସେବା ପ୍ରଦାନ କରାଯାଉଛି। ସ୍ଥାନୀୟ ଅଧିବାସୀଙ୍କ ଦ୍ୱାରା ପରିବେଶ ପର୍ଯ୍ୟଟନସ୍ଥଳୀର ପରିଚାଳନା କରାଯାଉଥିବାରୁ ସେମାନଙ୍କ ଆର୍ଥିକ ସ୍ଥିତିରେ ଅନେକ ସୁଧାର ଆସିପାରିଛି। ଚାନ୍ଦବାଲିଠାରେ ଭଦ୍ରକ ବନ୍ୟଜୀବ ବନଖଣ୍ଡ ତରଫରୁ ପ୍ରବେଶ ଅନୁମତି ବା ଏଣ୍ଟ୍ରି ପର୍‌ମିଟ୍ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ସେଠାରେ ଭାସମାନ ଜେଟୀ, ଶୌଚାଳୟ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି। ଖୋଲାଠାରେ ଏଣ୍ଟ୍ରି ପର୍‌ମିଟ୍ ପ୍ରଦାନ କରାଯିବା ସହ ସେଠାରେ ନୂତନ ଜେଟୀ ପାଇଁ ୨୦୧୭-୧୮ ଆର୍ଥିକବର୍ଷରେ ୧୬ଲକ୍ଷ ଟଙ୍କା ଏବଂ ପର୍ଯ୍ୟଟକ ବିନୋଦନ କେନ୍ଦ୍ର ପାଇଁ ୨୦୧୮-୧୯ବର୍ଷରେ ୬ଲକ୍ଷ ୧୬ ହଜାର ଟଙ୍କା ବ୍ୟୟ କରାଯାଇଥିବା ଆରୁଖ ସୂଚନା ଦେଇଛନ୍ତି।



ଆନ୍ଧ୍ରପ୍ରଦେଶର ନବନିଯୁକ୍ତ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ତିରୁପତିସ୍ଥିତ ତିରୁମାଲାର ଭଗବାନ ଭେଙ୍କଟେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରୁଛନ୍ତି।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ମେଗା ନିଯୁକ୍ତି ମେଳା, ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜ ପରିସର, ପୂର୍ବାହ୍ନ ୯ଟା।

**ସୁବର୍ଣ୍ଣପୁର**

- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ, ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ଅପରାହ୍ନ ସାଢେ ୩ଟା ।

**ରାଉରକେଲା**

- ସ୍ୱାଧୀନତା ଦିବସ ନେଇ ପ୍ରସ୍ତୁତି ବୈଠକ, ଆଇଟିଡିଏ ହଲ, ଉଦିତନଗର, ଅପରାହ୍ନ ୪ଟା।
- ହରିଆଲି ତିଜ ମହୋତ୍ସବ, ପର୍ଶୁରାମ ମନ୍ଦିର, ହନୁମାନ ବାଟିକା, ସନ୍ଧ୍ୟା ୫ଟା।

**ବଲାଙ୍ଗୀର**

- ଜିଲା କଂଗ୍ରେସ କମିଟି ପକ୍ଷରୁ ଧାରଣା, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ସାଢେ ୧୦ଟା।
- ମ୍ୟୁନିସିପାଲିଟି ଅବସରପ୍ରାପ୍ତ କର୍ମଚାରୀ ସଂଘ ବାର୍ଷିକ ସାଧାରଣ ପରିଷଦ ବୈଠକ, ସାମ୍ବାଦିକ ଭବନ, ପୂର୍ବାହ୍ନ ୧୧ଟା ୩୦।

**ନୂଆପଡ଼ା**

- ବିଶ୍ୱ ଜନସଂଖ୍ୟା ସପ୍ତାହ ନେଇ ସଚେତନତା ସଭା, ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହ, ପୂର୍ବାହ୍ନ ୧୧ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ବିବାହିତା ମହିଳାଙ୍କ ମୃତ୍ୟୁ ଘଟଣା ଅଭିଯୁକ୍ତ ସ୍ୱାମୀ ଗିରଫ

ବଡବିଲ, ୨୩।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ଥାନା ସେଡିଂରେ ବର୍ଷକ ତଳେ ପ୍ରେମ ବିବାହ କରିଥିବା ସୁଜାତା କାରୁଆ ନାମ୍ନୀ ଜଣେ ମହିଳା ଯୌତୁକ ନିର୍ଯାତନା ସହି ନ ପାରି ବିଷ ପିଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣାରେ ପୋଲିସ ମହିଳାଙ୍କ ସ୍ୱାମୀ ରଘୁ ବର୍ମନଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ମହିଳାଙ୍କ ପରିବାରବର୍ଗ ବଡବିଲ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ୪୯୮(କ), ୩୦୬ ଦଫାରେ ମାମଲା ରୁଜୁ ହୋଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ବିବାହ ପରଠାରୁ ଯୌତୁକ ନିମନ୍ତେ ସୁଜାତାଙ୍କୁ ନିର୍ଯାତନା ଦିଆଯାଉଥିଲା।

## ଅନୁଗୋଳ ମେଡିକାଲରେ ପୁଣି ଉତ୍ତେଜନା

# ବ୍ୟବଚ୍ଛେଦ ପୂର୍ବରୁ ଆଖି ଗାଏବ

- ସପ୍ତାହକ ମଧ୍ୟରେ କାର୍ଯ୍ୟକ୍ଷମ ହେବ ନୂଆ ଶବ ସଂରକ୍ଷଣ ଗୃହ
- ଲାଗିବ ସିସିଟିଭି, ଦିଆଗଲା ୩୦ ହଜାର ସହାୟତା
- ୪ ଦିନ ମଧ୍ୟରେ ଏହା ଦ୍ୱିତୀୟ ଘଟଣା

ଅନୁଗୋଳ ଅଫିସ, ୨୩।୭

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଶବ ସଂରକ୍ଷଣ ଗୃହରେ ଥିବା ଏକ ମୃତଦେହରୁ ପୁଣି ଗାଏବ ହୋଇଛି ଆଖି। ମଙ୍ଗଳବାର ସକାଳେ ଏପରି ଏକ ଅଭିଯୋଗକୁ ନେଇ ଡାକ୍ତରଖାନା ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ, ଆଡିସିନାଲ ଏସ୍‌ପି ଯଦୁନାଥ ହାସଁଦା, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଲକ୍ଷ୍ମୀ ନାରାୟଣ ବିଷୋୟୀ ଓ ଉପଜିଲାପାଳ ବାସୁଦେବ ଶତପଥୀ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ଘଟଣାର ତଦନ୍ତ କରାଯାଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ୩୦ ହଜାର ଟଙ୍କାର ସହାୟତା ଓ ଅନ୍ୟାନ୍ୟ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦିଆଯିବା ପରେ ଉତ୍ତେଜନା ଥମିଥିଲା।

ଅଭିଯୋଗ ଅନୁଯାୟୀ, ଛେଣ୍ଡିପଦା ବ୍ଲକ କୁଶକିଲା ଗ୍ରାମର ଜମ୍ମେଶ୍ୱର ନାଏକ(୩୨) ଓ ବିଭୂତି ଭୂଷଣ ଅନୁଗୋଳ ସହରରୁ ଫେରୁଥିବା ବେଳେ ଏକ ପିକ୍‌ଅପ୍(ନଂ. ଓଆର୧୯ଡି-୬୨୬୧) ଉଭୟଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଜମ୍ମେଶ୍ୱରଙ୍କ ମୃତ୍ୟୁ ହୋଇଥିଲା। ବିଭୂତି ଗୁରୁତର ହୋଇଥିଲେ। ୧୦୮ ଆମ୍ବୁଲାନ୍ସରେ ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ସେଠାରୁ ବିଭୂତିଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସନ୍ଧ୍ୟା ହୋଇଯାଇଥିବାରୁ ଜମ୍ମେଶ୍ୱରଙ୍କ ମୃତଦେହକୁ ଶବ ସଂରକ୍ଷଣ ଗୃହରେ ରଖାଯାଇଥିଲା। ମଙ୍ଗଳବାର ସକାଳ ୮ଟା ବେଳେ ଜମ୍ମେଶ୍ୱରଙ୍କ ପରିବାର ବର୍ଗ ମେଡିକାଲରେ ପହଞ୍ଚିଥିଲେ। ପଞ୍ଚନାମା ପାଇଁ ପୋଲିସ ମୃତଦେହ ବାହାରକୁ କାଢ଼ିବା ପରେ ଜମ୍ମେଶ୍ୱରଙ୍କ ଡାହାଣ ଆଖି ଗାଏବ ହୋଇଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଖବରପାଇ ଭାଜପା ନେତା ପ୍ରତାପ ଚନ୍ଦ୍ର ପ୍ରଧାନ, କଂଗ୍ରେସ ନେତା ବିପ୍ଳବ ଜେନାଙ୍କ ସହ ଉଭୟ ଦଳର ବହୁ କର୍ମୀ ଓ ଜନସାଧାରଣ ମେଡିକାଲରେ ପହଞ୍ଚି ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୃତଦେହ ରଖି ଧାରଣା ଦେଇଥିଲେ। ଅନୁଗୋଳ ଥାନା ଅଧିକାରୀ, ଆଡିସିନାଲ ଏସ୍‌ପି, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ପରିସ୍ଥିତି ଶାନ୍ତ ପଡ଼ି ନ ଥିଲା। ପରେ ଉପଜିଲାପାଳ ବାସୁଦେବ ଶତପଥୀ ପହଞ୍ଚି ଘଟଣା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଏଥିସହ ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାର ଲୋକଙ୍କୁ ୨୦ ହଜାର ଟଙ୍କା, ମେଡିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ୧୦ ହଜାର ଟଙ୍କା ଅନ୍ତିମ ସଂସ୍କାର ପାଇଁ ପ୍ରଦାନ କରାଯିବା ସହ ଆମ୍ବୁଲାନ୍ସରେ ମୃତଦେହ ତାଙ୍କ ଘରକୁ ପଠାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ମେଡିକାଲରେ ନିର୍ମାଣ ହୋଇଥିବା ନୂତନ ଶବ ସଂରକ୍ଷଣଗୃହ ସପ୍ତାହ ମଧ୍ୟରେ କାର୍ଯ୍ୟକ୍ଷମ କରାଯିବ ବୋଲି ଏଡିଏମ୍‌ଓ ମେଡିକାଲ ବିଶୋଇ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟ ମଧ୍ୟରେ ଯଦି ରାତିରେ ମୃତଦେହ ଆସେ ତା'ହେଲେ ତୁରନ୍ତ ବ୍ୟବଚ୍ଛେଦ କରାଯିବ ବୋଲି ମଧ୍ୟ ପ୍ରଶାସନ ପକ୍ଷରୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ କୁହାଯାଇଥିଲା। ଏଥିସହ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ଉପଜିଲାପାଳ ମେଡିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଶବ ସଂରକ୍ଷଣ ଗୃହରେ ସିସିଟିଭି ଲଗାଯିବାର ବ୍ୟବସ୍ଥା କରିବାକୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯିବା ପରେ ଉତ୍ତେଜନା ଥମିଥିଲା।

# ସ୍ମେଲଟରରେ ଦୁର୍ଘଟଣା, ୪ ଆହତ

ବଅଁରପାଳ,୨୩।୭(ଡି.ଏନ.ଏ.)

ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟ କାଷ୍ଟ ହାଉସ ବି ପରିସରରେ ମଙ୍ଗଳବାର ଦୁର୍ଘଟଣା ଘଟି ୪ ଶ୍ରମିକ ଆହତ ହୋଇଛନ୍ତି। ସେମାନେ ହେଲେ ରିଙ୍କିନ ସାହୁ, ମିଥୁନୁ ନାଥ, ବିଶ୍ୱେଶ୍ୱର ସାମଲ ଓ ରାଜନୀକାନ୍ତ ପରିଡା। ପ୍ଲାଣ୍ଟ ପରିସରରେ ସେମାନେ କାମ କରୁଥିବାବେଳେ ବିଦ୍ୟୁତ୍ ଟ୍ରାନ୍ସଫର୍ମରରୁ ହଠାତ୍ ଜୋରଦାର ନିଆଁ ବାହାରିଥିଲା। ଫଳରେ ୪ ଜଣ ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ ନାଲ୍‌କୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ପାଇଁ ସମସ୍ତଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଏହି ଖବରପାଇ ନାଲ୍‌କୋ ସିଏମ୍‌ଡି ତପନ କୁମାର ଚାନ୍ଦଙ୍କ ସମେତ ଉଚ୍ଚପଦସ୍ଥ ଅଧିକାରୀମାନେ ଭୁବନେଶ୍ୱରଠାରେ ଆହତମାନଙ୍କୁ ଭେଟିବା ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିଥିଲେ। ସେମାନଙ୍କୁ କିପରି ଉପଯୁକ୍ତ ଚିକିତ୍ସା ସହ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଯିବ ସେଥିପ୍ରତି ନାଲ୍‌କୋ ଦୃଷ୍ଟି ଦେବ ବୋଲି ସିଏମ୍‌ଡି କହିଛନ୍ତି।



ନାଲ୍‌କୋ ସିଏମ୍‌ଡି ତପନ କୁମାର ଚାନ୍ଦ ଜଣେ ଆହତଙ୍କ ଚିକିତ୍ସା ତଦାରଖ କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କନସିରି ଗୋଟା ସୁଦ୍ଧା ଯାଉଛି**
**ପାନରୁ ଶିରା କଢ଼ା ହେଉଛି ।**

ଅଜସ୍ର ଅର୍ଥ ଅଯଥାରେ ବ୍ୟୟ ହୋଇଯାଉଥିବା ବେଳେ ସେଥିପ୍ରତି ଅନେକ ଦୃଷ୍ଟି ଦେଇ ନ ଥାନ୍ତି। ଅଥଚ ଅଳ୍ପ କେତେକ ଧନ ରକ୍ଷାହେବା ନିମନ୍ତେ ଅକ୍ଳାନ୍ତ ଚେଷ୍ଟା ଚଳାଇଥାନ୍ତି। ଅନ୍ୟ ଦିଗରେ ବହୁତ ଖର୍ଚ୍ଚ ହେଲାବେଳେ ସାମାନ୍ୟ କଥାରେ କୃପଣତା ଭାବ ପ୍ରଦର୍ଶନ କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କଖାରୁ ଡଙ୍କ**
**ବଡ଼ଘର ପୁଅ ଏଡିକି ରଙ୍କ ।**

ଯାହା ପରେ ସବୁ ଅଛି, କିଛି ଅଭାବ ଅନଟନ ନାହିଁ, ସେ ଘରର ପିଲା ମଧ୍ୟ ବାହାରେ କେଉଁଠି ଜାଗା ଅଜାଗା ନ ବାରି ଭଲ ଜିନିଷ ଦେଖିଲେ ନ ପାଇବା ନ ଖାଇବା ଭଳି ବିକଳ ହୋଇ ପଡୁଥିବାର ଲକ୍ଷ୍ୟ କରାଯାଏ। ଧନୀଲୋକ ମଧ୍ୟ ରଙ୍କୁଣା ହୋଇପାରେ। ଥିଲାବାଲା ଘର ପିଲାଙ୍କର ଏପରି ସ୍ୱଭାବ ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
H.No. 10, Mandi Road, Bathinda, Punjab

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ASTROLOGY ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
09870155846

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୪ ଜୁଲାଇ, ୨୦୧୯



ଭୁଲ୍ କରିବାଟା ମନୁଷ୍ୟର ପ୍ରକୃତି, ତେଣୁ ସେ କ୍ଷମା ପାଇପାରିବ ।

- ଯୋସେଫ୍



## ସଂକ୍ଷେପରେ

### ପଣ୍ଡିତ ଗିରିଜା ମିଶ୍ରଙ୍କ ପରଲୋକ

ରେଙ୍ଗାଲି,୨୩।୭(ଡି.ଏନ୍.ଏ.)
ରେଙ୍ଗାଲି ବ୍ଲକ ନୂଆଁରମ୍ଭେଲା ଗ୍ରାମର ସୁନାମଧନ୍ୟ ପଣ୍ଡିତ ଗିରିଜା ପ୍ରସାଦ ମିଶ୍ରଙ୍କ ମଙ୍ଗଳବାର ଭୋର୍ ୪ଟାରେ ୬୫ ବର୍ଷ ବୟସରେ ବୁର୍ଲା ଡାକ୍ତରଖାନାରେ ପରଲୋକ ଘଟିଛି। ସେ ଜଣେ ଧର୍ମପରାୟଣ, ସମାଜସେବୀ, ମେଳାପି, ପରୋପକାରୀ ବ୍ୟକ୍ତି ଥିଲେ। ଦୀର୍ଘବର୍ଷ ଧରି ସେ ଶ୍ୱାସ ରୋଗରେ ପୀଡ଼ିତ ଥିଲେ। କିଛିଦିନ ତଳେ ଶ୍ୱାସ ବଢ଼ିଯିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଦେହାନ୍ତରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବଡ଼ପୁଅ ସଞ୍ଜୀବ ମିଶ୍ର ମୁଖାଗ୍ନି ଦେଇଥିଲେ। ଶହ ଶହ ଲୋକେ ତାଙ୍କ ଶେଷ ଦର୍ଶନ କରିଥିଲେ।

### ଗ୍ୟାସ୍ ପାଇପ କର୍ମଚାରୀ ମୃତ୍ୟୁ ମାମଲାରେ ଜଣେ ଗିରଫ

ବାମରା, ୨୩।୭(ସ୍ୱ.ପ୍ର.)
ବାମରା ବ୍ଲକ ବାଉଁଶଲଗା ପଞ୍ଚାୟତ ସର୍ଗିଡିହିଠାରେ ଗତ ୧୪ ତାରିଖରେ ଗ୍ୟାସ୍ ପାଇପ୍ ଲାଇନ୍ କାମ କରୁଥିବା ବେଳେ କମ୍ପାନୀର ଅବହେଳା କାରଣରୁ ଜଣେ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ନାମ ଅମରଜିତ ମଣ୍ଡଳ। ଏହି ମାମଲାରେ ଗୋବିନ୍ଦପୁର ପୋଲିସ ଡ୍ରିଲ ମେଶିନ ଅପରେଟର ପଶ୍ଚିମବଙ୍ଗ ମେଦିନପୁର ଜିଲା କାକୁରବା ଗ୍ରାମର ସ୍ୱଦେଶ କରନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ

ବାମରା,୨୩।୭(ସ୍ୱ.ପ୍ର.)
ଗୋବିନ୍ଦପୁର ଥାନା ଗଡ଼ପୋଷ ଫାଣ୍ଡି ଅନ୍ତର୍ଗତ ବଡ଼ଫିଙ୍ଗିବାହାଲ-ମହୁଲମୁଣ୍ଡା ରାସ୍ତାରେ ରବିବାର ଏକ ସ୍କୁଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ମହୁଲମୁଣ୍ଡା ଗ୍ରାମର ପାତ୍ରାସ ତିର୍କୀଙ୍କ ପୁଅ ମନୋଜ (୨୨) ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସୁନ୍ଦରଗଡ଼ ସଦର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସୋମବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଓଡି୧୫-କ୍ୟୁ୦୦୫୬ନଂ ସ୍କୁଟି ଯୋଗେ ମନୋଜ ହକି ଖେଳ ଦେଖିବା ପାଇଁ ବଡ଼ଫିଙ୍ଗିବାହାଲ ଯାଇ ଫେରୁଥିବା ବେଳେ ଏକ ଗଛରେ ପିଟି ହୋଇଯାଇଥିଲେ। ସାଙ୍ଗମାନେ ତାଙ୍କୁ ଉଦ୍ଧାର କରି ଗଡ଼ପୋଷ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ସୁନ୍ଦରଗଡ଼ ସ୍ଥାନାନ୍ତର କରାଯାଇଥିଲା। ପୋଲିସ ଦୁର୍ଘଟଣା ଜନିତ ମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ଫାଣ୍ଡି ଅଧିକାରୀ ଦେବରାଜ ପ୍ରଧାନ ସୂଚନା ଦେଇଛନ୍ତି।

### ବିଭିନ୍ନ ସମସ୍ୟା ନେଇ ଭାଜପାର ଦାବିପତ୍ର

ସମ୍ବଲପୁର,୨୩।୭(ବ୍ୟୁରୋ)
ବିଭିନ୍ନ ସମସ୍ୟା ସମାଧାନ ଦାବିରେ ସମ୍ବଲପୁର ଭାଜପା ସାକ୍ଷୀଗୋପିନାଥପଡ଼ା ମଣ୍ଡଳ ପକ୍ଷରୁ ମହାନଗର ନିଗମ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଗାନ୍ଧୀ କଲୋନୀ, ବରଗଛପଡ଼ା, ନଗେନ ଚଉଠି, ମୋତିଝରଣ, ଗେଙ୍ଗୁଟିପାଲି ପ୍ରଭୃତି ଅଞ୍ଚଳରେ ନିୟମିତ ସଫେଇ କରିବା, ପାନୀୟ ଜଳ, ଡ୍ରେନ୍, ରାସ୍ତା ଆଦି ସମସ୍ୟା ସମ୍ପର୍କରେ କମିଶନରଙ୍କୁ ଅବଗତ କରାଯାଇଛି। ପୂର୍ବତନ ନଗରପାଳ ଗିରିଶ ପଟେଲ, ସରୋଜ ଘଡ଼େଇ, ସନ୍ତୋଷ ମହାନନ୍ଦ, ଲୋକନାଥ ଲୁହା, ସୁରଜ ତାଣ୍ଡି, ଧନେଶ୍ୱର ବେହେରା, ଗୀତାଞ୍ଜଳି ପଣ୍ଡା, କାନ୍ତି ମେହେର ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

### ଚୋରି ଅଭିଯୁକ୍ତଙ୍କଠାରୁ କଫ୍ ସିରପ୍ ଜବତ

ସମ୍ବଲପୁର,୨୩।୭(ବ୍ୟୁରୋ)
ସମ୍ବଲପୁର କ୍ଷେତରାଜପୁର ଥାନା ପୋଲିସ ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ କାନାଜୁରୀର ରବି ମିଶ୍ର (୨୩)। ତାଙ୍କଠାରୁ ୨୧୦ ଟଙ୍କା, ୪ ଲିଟର କଫ୍ ସିରପ୍ ଓ ଅନ୍ୟ ସମାଗ୍ରୀ ଜବତ କରାଯାଇଛି। ଏ ନେଇ ଏକ ମାମଲା (ନଂ. ୧୮୫/୧୯) ରୁଜୁ ହୋଇଛି। ରବି କଫ୍ ସିରପ୍ ବିକ୍ରି କରୁଥିବା ନେଇ ପୋଲିସ ପାଖରେ ପୂର୍ବରୁ ଅଭିଯୋଗ ହୋଇଥିଲା।

ଶ୍ରାବଣ ମାସରେ ମୁଣ୍ଡଫଟା ଖରା

# ଜଳସେଚନ ପ୍ରକଳ୍ପ ଅଚଳ, ଗର୍ଜିଲେ ଚାଷୀ






ବର୍ଷା ଅଭାବରୁ ଧାନଜମି ଫାଟି ଆଁ କରିଛି (ବାମ)। ବୈଠକରେ ଉପସ୍ଥିତ ଚାଷୀନେତା।

ବାମରା,୨୩।୭ (ସ୍ୱ.ପ୍ର.)
ସମ୍ବଲପୁର ଜିଲା ବାମରା ବ୍ଲକ ଅଞ୍ଚଳରେ ଗତ ୨ମାସ ଧରି ବୁନ୍ଦାଏ ବର୍ଷା ହୋଇନାହିଁ। ଏବେ ଶ୍ରାବଣ ମାସ ଆରମ୍ଭ ହୋଇଯାଇଥିଲେ ମଧ ମୁଣ୍ଡଫଟା ଖରା ଯୋଗୁ ଚାଷୀ ନିରାଶ ହୋଇଛନ୍ତି। ଗତ ଖରିଫ ଚାଷ ମରୁଡ଼ିରେ କ୍ଷତିଗ୍ରସ୍ତ ହୋଇଥିଲେ ମଧ ଏପର୍ଯ୍ୟନ୍ତ ଇନ୍‌ପୁଟ ସବ୍‌ସିଡି କିମ୍ବା ବୀମା ଟଙ୍କା ମିଳିନାହିଁ। ଏହାର ପ୍ରତିବାଦରେ ବ୍ଲକର ୧୭ ପଞ୍ଚାୟତର ଚାଷୀ ପ୍ରତିନିଧି ମଙ୍ଗଳବାର କେଛୁପାଣି ସଭାଗୃହରେ ଏକତ୍ରିତ ହୋଇ ଆଲୋଚନା କରିବା ସହ ସରକାର ଏହାର ଶୀଘ୍ର ସମାଧାନ ନ କଲେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ବରିଷ୍ଠ ଚାଷୀ ନେତା ଯୋଗବିହାରୀ ପରିଡ଼ାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଚାଷୀନେତା ରୂପାନନ୍ଦ ପଟେଲ, ଅଭିମନ୍ୟୁ ସାହୁ ଓ ଦିଲରାଜ ପଟେଲ ପ୍ରମୁଖ ଯୋଗଦେଇଥିଲେ। ୨୦୧୨ରୁ ୨୦୧୮ ପର୍ଯ୍ୟନ୍ତ ବାମରା ବ୍ଲକ ମରୁଡ଼ି ପରିସ୍ଥିତିର ସାମ୍ନା କରିଆସୁଥିବା ବେଳେ ଗୋଟିଏ ପଞ୍ଚାୟତକୁ ୯୦

## ଶୀଘ୍ର ସମାଧାନ ନ ହେଲେ ଆନ୍ଦୋଳନ

ପ୍ରତିଶତ ଓ ଏହାକୁ ଲାଗି ରହିଥିବା ଅନ୍ୟ ପଞ୍ଚାୟତକୁ ୦ ପ୍ରତିଶତ ମରୁଡ଼ି କ୍ଷତିଗ୍ରସ୍ତ ଘୋଷଣା କେତେଦୂର ଯୁକ୍ତିଯୁକ୍ତ ବୋଲି ସେମାନେ ପ୍ରଶ୍ନ କରିଥିଲେ। ଏହା ସହ ଚାଷୀ ନିୟମିତ ଭାବେ ନିଜ ଚାଷର ବୀମା କରାଇ ଆସୁଥିଲେ ହେଁ ସରକାର ଓ ବୀମା କମ୍ପାନୀଙ୍କ ମଧୁଚନ୍ଦ୍ରିକା ଯୋଗୁ ମରୁଡ଼ି ସତ୍ତ୍ୱେ ଚାଷୀ କ୍ଷତିପୂରଣ ପାଇବାରୁ ବଞ୍ଚିତ ହେଉଥିବା ମଧ ଅଭିଯୋଗ ହୋଇଛି। ବାମରା ବ୍ଲକରେ ବିଭିନ୍ନ ଜଳସେଚନ ପ୍ରକଳ୍ପ ନାଁରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଆସୁଥିଲେ ମଧ ବ୍ଲକର ୧ ପ୍ରତିଶତ ଜମି ମଧ ଜଳସେଚିତ ହୋଇପାରୁନି। ଯାହା ଜଳସେଚନ ବିଭାଗର ଅପାରଗତାକୁ ପଦାରେ ପକାଉଛି ବୋଲି ଉପସ୍ଥିତ ଚାଷୀ ଅଭିଯୋଗ କରିଥିଲେ। ଚଳିତ ଖରିଫ ଚାଷ ମଧ ବର୍ଷା ଅଭାବରୁ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇ ଗଜା ମରୁଡ଼ି ପରିସ୍ଥିତି ଦେଖାଦେଇଛି। ଜଳସେଚନ ଉପରେ ପ୍ରଶାସନ ଜବାବ ନ ରଖିଲେ ଚାଷୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଚେତାବନୀ ଦିଆଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଚାଷୀ ହିରେନ ପାତ୍ର, ପ୍ରଫୁଲ୍ଲ ପଟେଲ, ତରଣୀ ଭଇଁଷା, ହରିପ୍ରିୟା ପଟେଲ, ସୌଦାମିନୀ ନାଏକ, ଦିଲୀପ ଛତ୍ରିଆ, କିରଣ ନାଏକ, ସାରଦା ପଟେଲ, ଲକ୍ଷ୍ମୀନାରାୟଣ ଛତ୍ରିଆ, ସୁଦୀପ୍ତ ପଟେଲ ପ୍ରମୁଖ ଯୋଗଦେଇ ନିଜ ନିଜ ଅଞ୍ଚଳର ଚାଷ ଜନିତ ସମସ୍ୟା ଉପସ୍ଥାପନ କରିଥିଲେ।

### ଜୟଦୁର୍ଗା କଲେଜରୁ ଚୋରି

ପଡ଼ିଆବାହାଲ, ୨୩।୭ (ଡି.ଏନ୍.ଏ.)
ସ୍ଥାନୀୟ ଜୟଦୁର୍ଗା କନିଷ୍ଠ ମହାବିଦ୍ୟାଳୟ ପରିସରରୁ ବଡ଼ଧରଣରେ ଚୋରି ହୋଇଛି। ଚୋରମାନେ ଇନ୍‌ଭର୍ଟର, ଷ୍ଟାବିଲାଇଜର, ସାଉଣ୍ଡ ସିଷ୍ଟମ, କୁଲର, ସିସି କ୍ୟାମେରା, କମ୍ପ୍ୟୁଟର ପ୍ରିଣ୍ଟର ପ୍ରଭୃତି ବୈଦ୍ୟୁତିକ ସରଞ୍ଜାମ ଚୋରି କରି ନେଇଛନ୍ତି। ଶନିବାର କଲେଜ ଛୁଟି ପରେ କଲେଜ ଅଧ୍ୟକ୍ଷ ସତ୍ୟବାଦୀ ପଟେଲ ଏ ସମ୍ପର୍କରେ ସଦର ଥାନାରେ ଅଭିଯୋଗ କରିଛନ୍ତି। ପଡ଼ିଆବାହାଲ ଓ ଆଖାପାଖ ଅଞ୍ଚଳରୁ ଇତିମଧ୍ୟରେ ଅନେକଙ୍କ ଘରୁ ଦିନବେଳେ ମଧ ତାଲା ଭାଙ୍ଗି ଲୁଟେରାମାନେ ମୂଲ୍ୟବାନ ଅଳଙ୍କାର ଓ ଟଙ୍କା ଚୋରି କରୁଛନ୍ତି। ପୋଲିସରେ ରିପୋର୍ଟ ମଧ ହେଉଛି। ମାତ୍ର ଚୋର ଧରାପଡୁନାହାନ୍ତି କି ଚୋରି ସାମଗ୍ରୀ ଉଦ୍ଧାର ହୋଇପାରୁ ନାହିଁ। ପୋଲିସ ସନ୍ଦିଗ୍ଧଙ୍କୁ ଥାନାକୁ ନେଇ ପଚରାଉଚୁରା ପରେ ଛାଡ଼ିଦେଉଛି। ରାତି ପାଟ୍ରୋଲିଂ ସତ୍ତ୍ୱେ ଚୋର ଧରା ପଡୁନାହାନ୍ତି। କଲେଜ ରାତ୍ରି ଜଗୁଆଳି ଥାଇ ମଧ ଚୋରି ବେଳେ ଜାଣି ନ ପାରିବା ସମସ୍ତଙ୍କୁ ବିସ୍ମିତ କରିଛି। ଚୋରି ସାମଗ୍ରୀ ମଧ୍ୟରେ ବଡ଼ ତଥା ଓଜନିଆ ଜିନିଷ ଥିବାରୁ ଚୋରମାନେ ଏଥିରେ ଚାରିଚକିଆ ଗାଡ଼ି ବ୍ୟବହାର କରିଥିବା ଅନୁମାନ କରାଯାଉଛି।

## ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

କୁଚିଣ୍ଡା,୨୩।୭(ଡି.ଏନ୍.ଏ.)
କୁଚିଣ୍ଡା ଉପଖଣ୍ଡରେ ଆସନ୍ତା ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ କୁଚିଣ୍ଡା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଛି। ଏଥିରେ ଉପଜିଲାପାଳ ବିଶ୍ୱରଞ୍ଜନ ନାୟକ ଅଧ୍ୟକ୍ଷତା କରିଥିଲେ। ଅଗଷ୍ଟ ୧୪ ପୂର୍ବରୁ ସମସ୍ତ ବିଭାଗୀୟ ପରିସର ସଫେଇ କରାଯିବ। ୧୫ ତାରିଖ ପ୍ରାତଃ ସାଢ଼େ ୪ଟାରେ ରାମଧୁନ, ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତଫେରି, ସାଢ଼େ ୭ଟାରୁ ୮ଟା ମଧ୍ୟରେ ସମସ୍ତ ସରକାରୀ ଓ ଘରୋଇ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ, ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସକାଳ ୯ଟା ୧୫ରେ ମୁକୁନ୍ଦି ଷ୍ଟାଡିୟମରେ ଜାତୀୟ ପତାକା ଉତ୍ତୋଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିକ୍ଷା ବିବରଣୀ ପାଠ କରିଥିଲେ। ସହକାରୀ ଉପଜିଲାପାଳ କପିଳ ରଣା, ଏସ୍‌ଡିପିଓ ରାଜ କିଶୋର ମିଶ୍ର ପ୍ରମୁଖ ଯୋଗଦେଇଥିଲେ।



ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

## ଢାବା ମାଲିକଙ୍କୁ ହତ୍ୟା ଘଟଣା: ଆଉ ଜଣେ ଗିରଫ

ସମ୍ବଲପୁର/ଚିପିଲିମା, ୨୩।୭(ବ୍ୟୁରୋ/ଡି.ଏନ୍.ଏ.)
ସମ୍ବଲପୁର ବୁର୍ଲା ଥାନା ଗୋଡ଼ଭଗା ନିକଟ ସ୍ୱାଗତ ଢାବା ମାଲିକ ଚିତ୍ତରଞ୍ଜନ ଭୋଇ (୪୬) ହତ୍ୟା ଘଟଣାରେ ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବୁର୍ଲାର ରାହୁଲ ଭାଇନା (୨୦)। ଏହି ଘଟଣାରେ ଗତ ୨୦ ତାରିଖରେ ବିକାଶ ବୁଡ଼ା (୨୪), ଜିତୁ ମିଶ୍ର (୨୪) ଓ ଅବିନାଶ ତାଣ୍ଡି (୨୫)ଙ୍କୁ ଗିରଫ କରାଯାଇଥିଲା। ଏ ନେଇ ମାମଲା (ନଂ. ୨୬୮/୧୯) ରୁଜୁ ହୋଇଥିଲା। ଶୁକ୍ରବାର ବିଳମ୍ବିତ ରାତିରେ କେତେଜଣ ଯୁବକ ଆସି ସ୍ୱାଗତ ଢାବାରେ ଖାଉଥିଲେ। ସେହି ସମୟରେ ଢାବାରେ ଖାଉଥିବା ଆଉ ଜଣେ ଯୁବକଙ୍କ ସହ ସେମାନଙ୍କର ଝଗଡ଼ା ହୋଇଥିଲା। ଏଥିରେ ଚିତ୍ତରଞ୍ଜନ ହସ୍ତକ୍ଷେପ କରିବାରୁ ଦୁର୍ବୃତ୍ତମାନେ ବେଲଚାରେ ତାଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ପୋଲିସ ତାଙ୍କୁ ବୁର୍ଲା ଭିମସାର ପଠାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କ ମୃତ୍ୟୁ ଘଟିଥିଲା।

## ନୁନଭେଟ ଗାଁରେ ପ୍ରାଣୀ ଟିକାକରଣ ଶିବିର



ଗୃହପାଳିତ ପ୍ରାଣୀମାନଙ୍କୁ ଟିକାକରଣ କରାଯାଉଛି।

ଜମନକିରା,୨୩।୭(ଡି.ଏନ୍.ଏ.)
ସମ୍ବଲପୁର ଜିଲା ଜମନକିରା ବ୍ଲକ ବାମରା ବନାଞ୍ଚଳ ବନ୍ୟପ୍ରାଣୀ ଅନ୍ତର୍ଗତ ବଡ଼ରମା ରେଞ୍ଜ ନୁନଭେଟ ଗାଁରେ ମଙ୍ଗଳବାର ବନ ବିଭାଗ ଓ ଜମନକିରା ପ୍ରାଣୀ ଚିକିତ୍ସା କେନ୍ଦ୍ର ଆନୁକୂଲ୍ୟରେ ପ୍ରାଣୀ ଟିକାକରଣ ଶିବିର ଅନୁଷ୍ଠିତ ହୋଇଛି। ଓଡ଼ିଶା ବନାଞ୍ଚଳ ପ୍ରକଳ୍ପ-୨ ସାତୋୟାମା ଆରମ୍ଭ ନେଇ ଏକାଭିମୁଖୀ ଭାବେ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଏହି ଶିବିରରେ ପ୍ରାଣୀ ଚିକିତ୍ସକ ସାରଦା ପ୍ରସାଦ ସିଂବରିହା ଏବଂ ସହକାରୀ ଚିକିତ୍ସକ ନିହାର ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ ଫାଟୁଆ ରୋଗର ପ୍ରଶିକ୍ଷଣ ଓ ଟିକାକରଣ, ଫାଟୁଆ ରୋଗର ପୂର୍ବ ସତର୍କତା, ପ୍ରାଣୀ ବିକାଶ ତରଫରୁ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଥିବା ଯୋଜନା, ଗାଈ ଗୁହାଳ, କୁକୁଡ଼ା ଗୁହାଳ, ଛେଳି ଗୁହାଳ, ବାଡ଼ି ଅଗଣାରେ କୁକୁଡ଼ା ପାଳନ, ଗୋପାଳନ, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସମ୍ପର୍କରେ ବୁଝାଇଥିଲେ। ଏଥିରେ ରେଞ୍ଜର ନୀଳାଦ୍ରିନାଥ ସାହୁଙ୍କ ସମେତ ସମସ୍ତ ଫରେଷ୍ଟର, ଫରେଷ୍ଟ ଗାର୍ଡ, ବିଟ୍ ଗାର୍ଡ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡି ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ସମ୍ବଲପୁର,୨୩।୭(ବ୍ୟୁରୋ)
ବିଜେଡି ସମ୍ବଲପୁର ନିର୍ବାଚନ ମଣ୍ଡଳୀ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ସୋମବାର ଗୋପାଳପାଲି ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଯୋଗଦେଇ ଚାରାରୋପଣ ଆବଶ୍ୟକତା ଓ ଉପକାରିତା ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ବୁର୍ଲା, ହୀରାକୁଦ, ସମ୍ବଲପୁର ସହରର ଦଳୀୟ କର୍ମୀ ଓ କର୍ମକର୍ତ୍ତା ଯୋଗଦେଇଥିଲେ। ନିମ୍ବ, ଆମ୍ବ, କରଞ୍ଜ, କୃଷ୍ଣଚୂଡ଼ା, ପିପଲ ପ୍ରଭୃତି ଚାରା ରୋପଣ କରାଯାଇଥିଲା। ବିଜେଡି ଟାଉନ ସଭାପତି ପ୍ରଫୁଲ୍ଲ କୁମାର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଶୋକ ସେନାପତି, ମହମ୍ମଦ ସନାଉଲ୍ଲା, ଗୋକୁଳ ମେହେର, ରାଜଲକ୍ଷ୍ମୀ ପ୍ରଧାନ, ଦେବାଶିଷ ନନ୍ଦ, ରେଣୁବାଳା ମରେଇ ଯୋଗଦେଇଥିଲେ।

## ଷଣ୍ଢପଥର ସ୍କୁଲରେ ଶିକ୍ଷକ-ଅଭିଭାବକ ବୈଠକ

ଜମନକିରା,୨୩।୭(ଡି.ଏନ୍.ଏ.)
ସମ୍ବଲପୁର ଜିଲା ଜମନକିରା ବ୍ଲକ ବଡ଼ରମା ପଞ୍ଚାୟତ ଷଣ୍ଢପଥର ହାଇସ୍କୁଲର ବିଭିନ୍ନ ସମସ୍ୟା ନେଇ ମଙ୍ଗଳବାର ଶିକ୍ଷକ-ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଧାନ ଶିକ୍ଷକ ସନତ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟତଃ ସ୍କୁଲ ଓ ହଷ୍ଟେଲର ସୁରକ୍ଷା ନେଇ ଆଲୋଚନା ହୋଇଥିଲା। ବର୍ତ୍ତମାନ ପରିପ୍ରେକ୍ଷୀରେ ଯେଉଁଭଳି ଭାବେ ବଳାତ୍କାର, ଅସଦାଚରଣ ଭଳି ବିଭିନ୍ନ ସମସ୍ୟା ସ୍କୁଲଗୁଡ଼ିକରେ ବଢ଼ି ଚାଲିଛି ସେ ଦିଗରେ ପଦକ୍ଷେପ ନେବାକୁ ଅଭିଭାବକମାନେ ଶିକ୍ଷକ ଓ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ସ୍କୁଲରେ ଛାତ୍ରୀଛାତ୍ରଙ୍କ ତୁଳନାରେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସଂଖ୍ୟା କମ୍ ରହିଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ସ୍କୁଲରେ ଥିବା ଛାତ୍ରୀନିବାସ ଓ ଛାତ୍ରାବାସରେ ପାଣି ସମସ୍ୟା ଯୋଗୁ ପିଲାମାନେ ବହୁତ ଅସୁବିଧା ଭୋଗୁଛନ୍ତି। ଏହାର ସମାଧାନ ପାଇଁ ଅଭିଭାବକମାନେ ଦାବି କରିଥିଲେ। ଶେଷରେ ଛାତ୍ର ସୁରେଶ ଚନ୍ଦ୍ର ମହାକୁଳ ଧନ୍ୟବାଦ ଦେଇଥିଲେ।




ଶିକ୍ଷକ-ଅଭିଭାବକ ବୈଠକରେ ମଞ୍ଚାସୀନ ଶିକ୍ଷକ।

## ଚିପିଲିମା ପଞ୍ଚାୟତ ହାଇସ୍କୁଲରେ ଶିକ୍ଷକ ଅଭାବ

ଚିପିଲିମା,୨୩।୭(ଡି.ଏନ୍.ଏ.)
ସମ୍ବଲପୁର ଶିକ୍ଷା ଜିଲା ଅଧୀନ ଚିପିଲିମା ସରକାରୀ ପଞ୍ଚାୟତ ହାଇସ୍କୁଲରେ ଶିକ୍ଷକ ଅଭାବ ଜନିତ ସମସ୍ୟା ଉପୁଜିଛି। କେତେଜଣ ଶିକ୍ଷକ ଅବସର ନେବାପରେ ସେମାନଙ୍କ ସ୍ଥାନରେ ନୂଆ ନିଯୁକ୍ତି ଦିଆଗଲା ନାହିଁ। ଫଳରେ ପାଠପଢ଼ାରେ ଅସୁବିଧା ସୃଷ୍ଟି ହେଉଛି। ପଞ୍ଚାୟତ ହାଇସ୍କୁଲ ଏହି ଅଞ୍ଚଳରେ ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ। ସ୍କୁଲରେ ନବମ ଓ ଦଶମ ଶ୍ରେଣୀ ରହିଛି। ଏବେ ମୋଟ ୧୬୮ ଛାତ୍ରୀଛାତ୍ର ଅଛନ୍ତି। ନବମରେ ୮୭ ଓ ଦଶମରେ ୭୯ ଛାତ୍ରୀଛାତ୍ର ଅଛନ୍ତି। ସମୁଦାୟ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫୬ ପ୍ରତିଶତ ଆଦିବାସୀ ଓ ଦଳିତ ଶ୍ରେଣୀର। ପାଠପଢ଼ା ପାଇଁ ଆବଶ୍ୟକ ଶ୍ରେଣୀଗୃହ, ଅଫିସ ଗୃହ ଆଦି ଥିବାବେଳେ ପିଲାଙ୍କୁ ସମସ୍ତ ସରକାରୀ ସୁବିଧା ମଧ ମିଳୁଛି। ହେଲେ ଶିକ୍ଷକ ନିଯୁକ୍ତ କରାଯାଉ ନାହିଁ। ଏଠାରେ ପିସିଏମ୍ ଶିକ୍ଷକ, କଳା




ଚିପିଲିମା ପଞ୍ଚାୟତ ହାଇସ୍କୁଲ।

ଶିକ୍ଷକ ଓ ହିନ୍ଦୀ ଶିକ୍ଷକ ପଦବୀ ଦୀର୍ଘବର୍ଷ ହେଲା ଖାଲି ପଡ଼ିଛି। ପ୍ରଧାନ ଶିକ୍ଷକ ଗଣିତ ପଢ଼ାଉଥିବା ବେଳେ ଏବେ ତାଙ୍କୁ ବସନ୍ତପୁର ପଞ୍ଚାୟତ ଗଡ଼ମୁଣ୍ଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ଦାୟିତ୍ୱ ଦିଆଯାଇଛି। ଫଳରେ ଦୁଇଟି ସ୍କୁଲ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ରହି ତାଙ୍କୁ ପାଠ ପଢ଼ାଇବା ସମ୍ଭବ ହେଉନାହିଁ। ଶିକ୍ଷକ ଅଭାବରୁ ସ୍କୁଲରେ ସାମାଜିକ ବିଜ୍ଞାନ, ଭୂଗୋଳ ଓ ହିନ୍ଦୀ ପାଠପଢ଼ା ହୋଇପାରୁ ନାହିଁ। ସରକାର ସ୍କୁଲଗୁଡ଼ିକୁ ଛାତ୍ରୀଛାତ୍ରଙ୍କୁ ଆକର୍ଷିତ କରିବା ପାଇଁ ମାଗଣା ବହି, ସାଇକେଲ, ମଧ୍ୟାହ୍ନଭୋଜନ, ପୋଷାକ ଆଦି ଯୋଗାଇ ଦିଆଯାଉଛି। କିନ୍ତୁ ଶିକ୍ଷକ ଦିଆ ନ ଯିବା ଦୁର୍ଭାଗ୍ୟଜନକ ବୋଲି ଅଭିଭାବକ ତଥା ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଶିକ୍ଷକ ଅଭାବ କାରଣରୁ ପାଠପଢ଼ା ଠିକ୍ ଭାବେ ହୋଇପାରୁ ନ ଥିବାରୁ ସ୍କୁଲର ରେଜଲ୍ଟ କ୍ରମଶଃ ଖରାପ ହେଉଛି। ଏ ନେଇ ଅଭିଭାବକମାନେ ଚିନ୍ତାରେ ପଡ଼ିଛନ୍ତି। ଖାଲି ପଡ଼ିଥିବା ଶିକ୍ଷକ ପଦବୀ ଶୀଘ୍ର ପୂରଣ କରିବା ପାଇଁ ଅଭିଭାବକମାନେ ଫୋନ୍ ଯୋଗେ ଜିଲା ଶିକ୍ଷା ଅଧିକାରୀଙ୍କୁ ନିବେଦନ କରିଥିବା ଜଣାଇଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ସୁବୋଧ ଦାସଙ୍କୁ ପଚାରିବାରୁ ସେ ଅବଗତ ଥିବା କହିଛନ୍ତି। କିଛିଦିନ ମଧ୍ୟରେ ଜଣେ ହିନ୍ଦୀ ଶିକ୍ଷକ ନିଯୁକ୍ତ କରାଯିବ। ଗେଷ୍ଟ ଟିଚର ମାଧ୍ୟମରେ ଅନ୍ୟ ଶିକ୍ଷକ ଦିଆଯିବା ପାଇଁ ଚେଷ୍ଟା ଚାଲିଥିବା ସେ କହିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୪ ଜୁଲାଇ, ୨୦୧୯



ଭୁଲ୍ କରିବାଟା ମନୁଷ୍ୟର ପ୍ରକୃତି, ତେଣୁ ସେ କ୍ଷମା ପାଇପାରିବ ।

- ଯୋସେଫ୍



## ସଂକ୍ଷେପରେ

### ବାଇକ୍ ଡିକି ଭାଙ୍ଗି ୨୦ ହଜାର ଚୋରି

ପୁରୁଣାକଟକ, ୨୩।୭(ଡି.ଏନ.ଏ)

ପୁରୁଣାକଟକ ବଜାରରୁ ମଙ୍ଗଳବାର ଦିନ ଦ୍ୱିପହରରେ ଏକ ବାଇକ୍‌ଡିକିରୁ ଦୁର୍ବୃତ୍ତମାନେ କୋଡିଏ ହଜାର ଟଙ୍କା ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ବୌଦ୍ଧ ବଘିଆପଡା ଖମାରିପଦର ଗ୍ରାମର ଦିଲୀପ ପ୍ରଧାନ ତାଙ୍କ ସ୍ତ୍ରୀ ଅଞ୍ଜଳି ପ୍ରଧାନଙ୍କ ସହ ମଙ୍ଗଳବାର ସକାଳେ ପୁରୁଣାକଟକ ଷ୍ଟେଟ ବ୍ୟାଙ୍କରୁ ଟଙ୍କା ଉଠାଣ ପାଇଁ ପହଞ୍ଚିଥିଲେ । ଅଞ୍ଜଳିଙ୍କ ବ୍ୟାଙ୍କ ଖାତାରୁ ନଗଦ କୋଡିଏ ହଜାର ଟଙ୍କା ଉଠାଇ ଗାଡି ଡିକିରେ ରଖି ପୁରୁଣାକଟକ ବଜାରର ଏକ ଜଳଖିଆ ଦୋକାନରେ ଜଳଖିଆ ଖାଉଥିଲେ । ଏହି ସମୟରେ କେହି ଦୁର୍ବୃତ୍ତ ଡିକି ଭାଙ୍ଗି ଟଙ୍କା ଚୋରି କରିନେଇଥିଲେ। ଅଭିଯୋଗ ପାଇ ପୁରୁଣାକଟକ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଛାନଭିନ୍ ଚଳାଇଥିବା ତଦନ୍ତକାରୀ ଅଫିସର ଉପେନ୍ଦ୍ର ଦିଗାଲ ସୂଚନା ଦେଇଛନ୍ତି ।

### ଝାରବନ୍ଧ ବ୍ଲକରେ ମରୁଡ଼ି ଆଶଙ୍କା

ଝାରବନ୍ଧ, ୨୩।୭ (ଡି.ଏନ.ଏ)

ଝାରବନ୍ଧ ବ୍ଲକ ଏକ ଚିରମରୁଡି ପ୍ରପୀଡିତ ଅଞ୍ଚଳ । ଏଠାରେ ଚାଷ କାର୍ଯ୍ୟ ପାଇଁ ଆବଶ୍ୟକତା ଜଳସେଚନ ସୁବିଧା ନାହିଁ । ଏଥିପାଇଁ ଏ ଅଞ୍ଚଳର ଚାଷୀ ପ୍ରତିବର୍ଷ ମରୁଡିର ଶିକାର ହୋଇଥାନ୍ତି । ୨୦୧୫ ମସିହାରୁ ଲଗାତାର ମରୁଡିର ସମ୍ମୁଖୀନ ହୋଇ ସାରିଛି । ବର୍ତ୍ତମାନ ଏକ ମହା ମରୁଡିର ସମ୍ଭାବନା ହୋଇ ଯାଇଛି । ବର୍ଷା ଅଭାବ ଯୋଗୁ ଚାଷୀଙ୍କ ମୁଣ୍ଡରେ ଚଡକ ପଡିଲାଣି । ଚାଷୀ ନିଜ ଜମିରେ ମଞ୍ଜି ବୁଣି ଆକାଶକୁ ଅନାଇ ବସିଛି । ଚାଷ ଜମି ଫାଟି ଆଁ କଲାଣି । ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ପଡିଛି । ବର୍ତ୍ତମାନ ଜୁଲାଇ ମାସ ଶେଷ ହେବାକୁ ଆଉ କିଛି ଦିନ ରହିଛି । ଏହି ସମୟରେ ରୁଆ, ବେଉଷଣ ଶେଷ ହେବା କଥା । ଏବେ କେଉଁଠି ଗଜା ଉଠି ମରିବାକୁ ବସିଲାଣି ତ କେଉଁଠି ମଞ୍ଜି ସେହିପରି ପଡି ରହିଛି । ଏପରି ପରିସ୍ଥିତିରେ ଲୋକେ ଦାଦନ ଖଟିବା ପାଇଁ ବାହାରିଲେଣି । ଚଳିତ ବର୍ଷ ନଈ, ନାଳ, ବନ୍ଧ ପୋଖରୀ ମଧ ଗ୍ରୀଷ୍ମ ଋତୁ ଭଳି ଶୁଖିଲା ପଡିଛି । ଗାଈ, ଗୋରୁ ପିଇବାକୁ ପାଣି ମୁନ୍ଦାଏ ମଧ ପାଉ ନାହାନ୍ତି। ଅନ୍ୟପକ୍ଷେ ଲୋ ଭୋଲଟେଜ ଯୋଗୁ ଗଭୀର ନଳକୂପ ଉପରେ ଭରସା କରୁଥିବା ଚାଷୀମାନେ ମଧ ପ୍ରଭାବିତ ହୋଇଛନ୍ତି । ବୃଷ୍ଟିପାତକୁ ଆକଳନ କଲେ ଏହା ବିଗତ ବର୍ଷ ତୁଳନାରେ ଢ଼େର କମ୍ ରହିଛି । ଏଣୁ ମରୁଡି ସୁନିଶ୍ଚିତ ବୋଲି ଚାଷୀମାନେ ଦାବି କରିଛନ୍ତି । ବିଗତ ୧୦ ବର୍ଷ ମଧରେ ଶସ୍ୟ ଉତ୍ପାଦନ ହାର କମି କମି ଯାଉଥିବା ସରକାରୀ ଆକଳନରୁ ଜଣାପଡିଛି । ଏହା ଚଳିତ ବର୍ଷ ଚାଷୀଙ୍କୁ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ କରିବ ବୋଲି ଆଶଙ୍କା ରହିଛି ।







ଖଲିଆପାଲି ନୂତନ ପ୍ରକଳ୍ପ ପ୍ରାଥମିକ ସ୍କୁଲରେ ତାଲା ପକାଇ ଅଭିଭାବକ ଓ ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି (ବାମ) । ଅଭିଭାବକମାନେ ଗଣ୍ଡାପାଜୁ ସ୍କୁଲରେ ତାଲା ପକାଇଛନ୍ତି ।

### ଶିକ୍ଷକ ବଦଳିକୁ ନେଇ ବଢୁଛି ଅସନ୍ତୋଷ

# ସ୍କୁଲ ଗେଟ୍‌ରେ ତାଲା ପକାଇ ଆନ୍ଦୋଳନ

## ଯୋଗ ଦେଇପାରିଲେନି ବିଜ୍ଞାନ ଶିକ୍ଷୟିତ୍ରୀ

ବୌଦ୍ଧ/ତଳଗାଁ,୨୩।୭ (ସ୍ୱ.ପ୍ର/ଡି.ଏନ.ଏ)

ବୌଦ୍ଧ ଜିଲା ଶିକ୍ଷା ବିଭାଗ ପକ୍ଷରୁ ତିନୋଟି ବ୍ଲକରେ ୧୭୮ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବଦଳି ଆଦେଶ ବାହାରିବା ପରେ ଜିଲାରେ ଅସନ୍ତୋଷ ବଢିବାରେ ଲାଗିଛି। ବିଭିନ୍ନ ବିଦ୍ୟାଳୟର ପରିଚାଳନା କମିଟି, ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହି ଶିକ୍ଷକ ବଦଳି ପରେ ଜିଲାର କେତେକ ସ୍ଥାନରେ ପୂର୍ବରୁ ରହିଥିବା ଶିକ୍ଷକଙ୍କ ବଦଳି ବାତିଲ ଦାବି ନେଇ ସ୍କୁଲରେ ତାଲା ପକାଇ ଛାତ୍ରଛାତ୍ରୀ ଓ ଅଭିଭାବକ ଆନ୍ଦୋଳନ କରିଛନ୍ତି ।

ମିଳିଥିବା ତଥ୍ୟ ଅନୁସାରେ ହରଭଙ୍ଗା ବ୍ଲକର ଗଣ୍ଡାପାଜୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ ଓ ସଂସ୍କୃତ ଶିକ୍ଷକ ପଦବୀ ପୂରଣ ଦାବିରେ ଗତ ତା୨୨।୪।୧୮ରିଖରେ ବିଦ୍ୟାଳୟ ଶିକ୍ଷା କମିଟି ପକ୍ଷରୁ ବିଦ୍ୟାଳୟରେ ତାଲା ପକାଯାଇଥିଲା। ଶିକ୍ଷା ବିଭାଗ ପକ୍ଷରୁ ଗତ ତା ୨୮।୪।୧୮ ରିଖରେ ବିଜ୍ଞାନ ଶିକ୍ଷକ ସୁଶାନ୍ତ କୁମାର ବେହେରାଙ୍କୁ ଉକ୍ତ ବିଦ୍ୟାଳୟରେ ନିଯୁକ୍ତି ଦିଆଯାଇଥିଲା। କିନ୍ତୁ ସୋମବାର ହୋଇଥିବା ବଦଳି ଆଦେଶରେ ବେହେରାଙ୍କୁ ଅନ୍ୟତ୍ର ବଦଳି କରାଯାଇ ତାଙ୍କ ସ୍ଥାନରେ ରାଧାନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ମମତା ମଙ୍ଗରାଜଙ୍କୁ ଅବସ୍ଥାପିତ କରାଯାଇଛି। ମଙ୍ଗଳବାର ଶିକ୍ଷୟିତ୍ରୀ ମଙ୍ଗରାଜ ବିଦ୍ୟାଳୟରେ ଯୋଗଦେବାକୁ ପହଞ୍ଚିବା ପରେ ଅଭିଭାବକ ଶିକ୍ଷା କମିଟି ପକ୍ଷରୁ ଏହାକୁ ବିରୋଧ କରି ମୁଖ୍ୟ ଫାଟକରେ ତାଲା ପକାଇ ଦିଆଯାଇଥିଲା। ଶିକ୍ଷକ ବେହେରାଙ୍କ ବଦଳି ଆଦେଶ ରଦ୍ଦ କରିବାକୁ ଅଭିଭାବକ ଓ ଶିକ୍ଷା କମିଟି ପକ୍ଷରୁ ଦାବି କରାଯାଇଛି। ଅପରାହ୍ନ ୪ଟା ପର୍ଯ୍ୟନ୍ତ ଶିକ୍ଷୟିତ୍ରୀ ମଙ୍ଗରାଜ ବିଦ୍ୟାଳୟ ବାହାରେ ଅପେକ୍ଷା କରିବା ପରେ ଫେରିଯାଇଥିଲେ । ଏସବୁ ସତ୍ତ୍ୱେ ଶିକ୍ଷା ବିଭାଗର କୌଣସି ଅଧିକାରୀଙ୍କ ଦେଖା ମିଳି ନ ଥିଲା । ସେହିପରି ହରଭଙ୍ଗା ବ୍ଲକର ଧଳପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଖଜୁରିଆ ପ୍ରାଥମିକ ବିଦ୍ୟାଳୟ, ଖଣ୍ଡହତା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳି ନେଇ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ଉକ୍ତ ବିଦ୍ୟାଳୟ ଗୁଡିକରେ ମଧ୍ୟ ତାଲା ପକାଯାଇଥିବା ଜଣାପଡିଛି। ଏ ନେଇ ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏଙ୍କୁ ପଚାରିବାରୁ ଶିକ୍ଷା ବିଭାଗରେ ସୁଧାର ଆଣିବାକୁ ଶିକ୍ଷକ ବଦଳି କରାଯାଇଛି ବୋଲି କହିଥିଲେ ।

## ସ୍କୁଲରେ ତାଲା, ଫେରିଲେ ଛାତ୍ରୀଛାତ୍ର



ଅଭିଭାବକମାନେ ସ୍କୁଲ ଗେଟ୍‌ରେ ତାଲା ପକାଇଛନ୍ତି ।

ପୁରୁଣାକଟକ,୨୩।୭(ଡି.ଏନ.ଏ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତିଳେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଖଣ୍ଡହତା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷକ ବଦଳି ପ୍ରତିବାଦରେ ଅଭିଭାବକମାନେ ସ୍କୁଲ ମୁଖ୍ୟ ଫାଟକରେ ମଙ୍ଗଳବାର ସକାଳେ ତାଲା ପକାଇଥିବା ଜଣାପଡିଛି । ଫଳରେ ଉକ୍ତ ସ୍କୁଲରେ ପାଠ ପଢୁଥିବା ଦୁଇ ଶହରୁ ଅଧିକ ଛାତ୍ରୀଛାତ୍ର ସ୍କୁଲ ଭିତରକୁ ଯାଇ ନ ପାରି ବାହାରେ ଠିଆ ହୋଇ ଶେଷରେ ଘରକୁ ଫେରିଥିବା ଦେଖିବାକୁ ମିଳିଛି।

ପ୍ରକାଶ ଯେ, ବୌଦ୍ଧ ଜିଲାର ଅନେକ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ଅଭାବ ଯୋଗୁ ପିଲାମାନେ ଗଣିତ, ବିଜ୍ଞାନ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡିକରେ ଶିକ୍ଷାଦାନରୁ ବଞ୍ଚିତ ହେଉଥିଲେ । ଏହାକୁ ଦୃଷ୍ଟିରେ ରଖି ଜିଲା ଶିକ୍ଷା ବିଭାଗ ପକ୍ଷରୁ ଚିଠି ନଂ. ୨୮୬୨/୧୯।୦୭।୧୯ରେ ହରଭଙ୍ଗା ବ୍ଲକର ୬୧ଜଣ ଶିକ୍ଷକଙ୍କୁ ବିଜ୍ଞାନ ଶିକ୍ଷକ ନ ଥିବା ସ୍କୁଲଗୁଡିକରେ ଥଇଥାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହି ନିର୍ଦ୍ଦେଶ ବଳରେ ଖଣ୍ଡହତା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ କିଶୋର ନାଏକଙ୍କୁ ଗଣ୍ଡିସର ଉଚ୍ଚପ୍ରାଥମିକ ସ୍କୁଲକୁ ବଦଳି କରାଯାଇଥିଲା । ମାତ୍ର ଏହାର ପ୍ରତିବାଦରେ ସ୍କୁଲ ପରିଚାଳନା କମିଟି ସଭାପତି କୁଶ ମହାକୁଡଙ୍କ ନେତୃତ୍ୱରେ ଅଭିଭାବକମାନେ ମଙ୍ଗଳବାର ସକାଳେ ସ୍କୁଲକୁ ଆସି ଗେଟ୍‌ରେ ତାଲା ପକାଇ ଏହାର ତୀବ୍ର ପ୍ରତିବାଦ ଜଣାଇଥିଲେ । ସୂଚନାଯୋଗ୍ୟ, ୧୯୫୩ ମସିହାରେ ସ୍ଥାପିତ ଖଣ୍ଡହତା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବର୍ତ୍ତମାନ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଦୁଇଶହ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ଏମାନଙ୍କ ଶିକ୍ଷାଦାନ ପାଇଁ ପ୍ରଧାନଶିକ୍ଷକଙ୍କୁ ମିଶାଇ ୭ଜଣ ଶିକ୍ଷକ ରହିଛନ୍ତି । ତେବେ ଶିକ୍ଷକ କିଶୋର ନାଏକଙ୍କୁ ଏଠାରୁ ବଦଳି କରା ନ ଯିବା ପାଇଁ ଅଭିଭାବକମାନେ ଅଡି ବସିଛନ୍ତି ।

## ବିଜ୍ଞାନ ଶିକ୍ଷକଙ୍କ ବଦଳି ବାତିଲ ଦାବି

କନ୍ଧମାଳ, ୨୩।୭ (ଡି.ଏନ.ଏ)

ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ଖଲିଆପାଲି ନୂତନ ପ୍ରକଳ୍ପ ପ୍ରାଥମିକ ସ୍କୁଲରେ ମଙ୍ଗଳବାର ଅଭିଭାବକ ସହ ଛାତ୍ରୀଛାତ୍ର ତାଲା ପକାଇ ଆନ୍ଦୋଳନ କରିଛନ୍ତି। ବିଜ୍ଞାନ ଶିକ୍ଷକଙ୍କ ବଦଳି ବାତିଲ କରିବାକୁ ସ୍କୁଲରେ ତାଲା ପକାଯାଇଥିବା ପରିଚାଳନା କମିଟି କହିଛି। ଅଭିଯୋଗ ଅନୁଯାୟୀ, ଖଲିଆପାଲି ପ୍ରକଳ୍ପ ପ୍ରାଥମିକ ସ୍କୁଲରେ ୧୧୦ ଜଣ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରୁଛନ୍ତି। ଶିକ୍ଷା ବିଭାଗର ବଦଳି ଆଦେଶରେ ଏହି ସ୍କୁଲରୁ ୨ ଜଣ ବିଜ୍ଞାନ ଶିକ୍ଷକଙ୍କୁ ଅପସାରଣ କରାଯାଇଛି । ସ୍କୁଲର ଏକମାତ୍ର ବିଜ୍ଞାନ ଶିକ୍ଷକ ଆଉ ଅଳ୍ପଦିନ ମଧ୍ୟରେ ଅବସର ନେବେ । ଏଭଳି ସ୍ଥିତିରେ ଛାତ୍ରୀଛାତ୍ର ପାଠପଢାରୁ ବଞ୍ଚିତ ହେବେ ବୋଲି ପରିଚାଳନା କମିଟି କହିଛି। ପ୍ରତିବାଦରେ ସ୍କୁଲକୁ ସକାଳ ୧୦ଟାରୁ ଅଭିଭାବକ ଓ ଛାତ୍ରୀଛାତ୍ର ତାଲା ପକାଇ ଧାରଣା ଦେଇଥିଲେ । ଏ ନେଇ ଶିକ୍ଷା ବିଭାଗକୁ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ୍ୟ ଘଟଣାସ୍ଥଳକୁ କୌଣସି ଅଧିକାରୀ ଆସି ନ ଥିଲେ । ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଚାଲିବ ବୋଲି ପରିଚାଳନା କମିଟି ସୂଚନା ଦେଇଛି ।

### ଅବେବସ୍ତା ଘେରରେ ଗୋହିପିଟା ପ୍ରାଥମିକ ବିଦ୍ୟାଳୟ

## ଗୁଟେ ପଢ଼ାକୁଠିଥି ୫ଟା ଶ୍ରେଣୀର ଛୁଆ

ମନମୁଣ୍ଡା, ୨୩।୭ (ଡି.ଏନ୍.ଏ):

କନ୍ଧମାଳ ବ୍ଲକ ଗୋହିପିଟା ପ୍ରାଥମିକ ସ୍କୁଲ ନାନା ସମସିଆ ଘେରରେ ରହିଛେ। ଏହେଦେ ଇ ସ୍କୁଲରେ ୪୬ ଝନ୍ ଛାତ୍ରୀଛାତ୍ର ପାଠ୍ ପଢୁଥିଲାବେଲେ ୧ମରୁ ୫ମ ତକ୍ ପଢ଼ବାର ବେବସ୍ତା ରହିଛେ। ହେଲେ ସ୍କୁଲରେ ପଢ଼ାକୁଠି ଅଭାବୁ ୫ଟା ଶ୍ରେଣୀର ଛୁଆ ଗୁଟେ କୁଠିଥି ଜାଁକିକୁଁଚି ହେଇ ବସି ପାଠ୍ ପଢୁଥିବାର ଦେଖିବାକେ ମିଳୁଛେ। ଯେନ୍‌ଥିରଲାଗି ଶିକ୍ଷାଦାନରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ବଡ଼ଭାରି ସମସିଆର ସାମନା କରୁଥିବାର ସ୍କୁଲର ଶିକ୍ଷକ ପ୍ରକାଶ ପୁରୋହିତ ଆର ଶିକ୍ଷୟିତ୍ରୀ ବିଦ୍ୟୁତପ୍ରଭା ରଥ କହିଛନ୍।

ସୂଚନା ହିସାବେ ସ୍କୁଲର ୨ଟା କୁଠିର କାଁଥି ଅନେକ ବଛର ହେଲା ଫାଟି ଆଁ କରିଥିଲାବେଲେ ଝରକା କବାଟ ଭାଂଗି ବିପଦ୍ ଅବସ୍ତାରେ ରହିଛେ। ଟିକେ ବରଷାରେ ଇ କୁଠିମାନକେ ଦରୋ ଦରୋ ପାଏନ୍ ଗଲୁଛେ। ଯେନ୍‌ଥିରଲାଗି ଇ କୁଠି ଦୁଇଟା ବେଭାର ନାଇଁ ହେଇକରି ପଡ଼ି ରହିଛେ। ସେନ୍‌ତା ସ୍କୁଲରେ ଥିବାର ରଁଧା ଘରର ଛାତ୍ ପଡ଼ିଛେ, ହେଲେ ଆଏଜ୍‌କେ ୧୨ ବଛର ହେଲା ଝରକା କବାଟ ନାଇଁ ଲାଗିପାରି କି ଘରଟା ପ୍ଲାଷ୍ଟର ନାଇଁହେଇ। ଏନ୍‌ତାଥି ଧୁକା ବରଷା ହେଲେ ଭାତ୍ ଡୁନ୍‌ରେ ଧୁଳିବାଲି, ବରଷାର ଛିଁଚା ପାଏନ୍ ପଡୁଥିବାର ରାଁଧେନ ସୁନାଫୁଲ ବଗର୍ତ୍ତି, ପାନ୍‌ତେନ ଜଗ ବଗର୍ତ୍ତି କହିଛନ୍। ଇଆଡ଼େ ବିପଦ୍ ଅବସ୍ତାରେ ପଡ଼ି ରହିଥିବାର ଦୁଇଟା କୁଠି, ରଁଧାଘର ଯେତେ ଜଲଦି ହେବା ତିଆର କରବାର ଲାଗି ଗାଁବାସୀ ପ୍ରଭାତ ପଟ୍ଟନାୟକ, ଚୈତନ୍ୟ ଦଣ୍ଡସେନା, ପ୍ରକାଶ ପଟ୍ଟନାୟକ, ଶ୍ରବଣ ବଗର୍ତ୍ତି, ରତନ ପ୍ରଧାନ, ବେଲ ବଗର୍ତ୍ତି ପରମୁଖ ଦାବି କରିଛନ୍। ଇ ବାବ୍‌ଦେ ସିଆରସିସି ଆନନ୍ଦ ପରମଗୁରୁଙ୍କୁଁ ପଚରାଲାରୁ ନୂତନ ପଢ଼ାକୁଠି ତିଆରି ଲାଗି ପରଶାସନକେ ଚିଠି କରାଯାଇଥିବାର ସେ କହିଥିଲେ।

## କିଡ୍‌ନୀ ପ୍ରଭାବିତ ବସ୍ତିକୁ ମିଳୁନି ବିଶୁଦ୍ଧ ପାନୀୟ ଜଳ, ବଢୁଛି ଆକ୍ରାନ୍ତଙ୍କ ସଂଖ୍ୟା

ବୌଦ୍ଧ,୨୩।୭(ସ୍ୱ.ପ୍ର)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଛତରଙ୍ଗ ପଞ୍ଚାୟତ ବାଇଶିପଡା ଗ୍ରାମର ବିରଚନ ମାଝୀ ଗତ ଜାନୁୟାରୀ ୧୧ ତାରିଖରେ କଟକ ବଡ ମେଡିକାଲରେ କିଡ୍‌ନୀ ରୋଗରେ ମୃତ୍ୟୁବରଣ କରିଥିଲେ । କେବଳ ବିରଚନ ମାଝୀ ନୁହନ୍ତି ବିଗତ ଦୁଇ ବର୍ଷରେ ଗ୍ରାମର ପ୍ରେମାନନ୍ଦ କହଁର, ଯୁବତୀ କହଁର, ଅମୃତି ପ୍ରଧାନ, ବିଦ୍ୟାଧର ସାହୁ, ଗୌତମ ମଲିକ, ବିଶ୍ୱାମିତ୍ର ଦେହୁରୀଙ୍କ ସମେତ ପଡୋଶୀ ଗ୍ରାମ କୁଟିଂଗାଡ୍ରୁର ଅଜିତ ବେହେରା, ସାଇବନ ନାଏକଙ୍କ କିଡନୀ ରୋଗରେ ମୃତ୍ୟୁ ହୋଇଥିବା ଜଣାପଡିଥିଲା। ସେହିପରି ହରଭଙ୍ଗା ଗ୍ରାମର ବେହେରା ସାହିର ଧରଣୀ ବେହେରାଙ୍କ ୯ ମାସର ଶିଶୁପୁତ୍ର ଗତ ଜାନୁୟାରୀ ମାସ ୧୦ ତାରିଖରେ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ବଡ ପୁଅର ମଧ୍ୟ ଏହା ପୂର୍ବରୁ କିଡନୀ ରୋଗରେ ମୃତ୍ୟୁ ଘଟିଥିଲା । ଏସବୁ ଖବର ଗଣମାଧ୍ୟମରେ ପ୍ରକାଶିତ ପରେ ପୂର୍ବତନ ଜିଲାପାଳ ସୀତାଂଶୁ କୁମାର ରାଉତ କିଡ୍‌ନୀ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ପାଇପ ଯୋଗେ ପାଣି ଯୋଗାଇ ଦେବାକୁ କହିଥିଲେ । କିନ୍ତୁ ଏହି ଅଞ୍ଚଳ ପାଇଁ ଠିକା ନେଇଥିବା ସଂସ୍ଥା ଅଧାପନ୍ତରିଆ ଭାବେ କାର୍ଯ୍ୟ କରି ଛାଡି ଚାଲିଯାଇଛି । ପ୍ରକଳ୍ପ କାର୍ଯ୍ୟ ହୋଇ ନ ଥିବାରୁ ପୂର୍ବରୁ ବ୍ୟବହାର କରୁଥିବା ନଳକୂପର ଫ୍ଳୋରାଇଡ଼ ଯୁକ୍ତ ପାଣି ପିଇ ଏହି ବସ୍ତିର ଆଉ ଜଣେ ବୃନ୍ଦାବନ ବେହେରା (୬୦) କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିବା ଡାକ୍ତରୀ ପରୀକ୍ଷାରୁ ଜଣାପଡିଛି । ଫଳରେ ଏହି ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି । ତୁରନ୍ତ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

### ଟ୍ରକ୍ ଧକ୍କାରେ ଟାଟା ଏସି ଗାଡ଼ି ଚାଳକ ଗୁରୁତର

ବିନିକା,୨୩।୭(ଡି.ଏନ.ଏ.)

ସୋନପୁର-ବିନିକା ମୁଖ୍ୟରାସ୍ତା ଜାମଛାପର ଛକ ନିକଟରେ ମଙ୍ଗଳବାର ଅପରାହ୍ନ ୩ଟାରେ ଟ୍ରକ୍ ଧକ୍କାରେ ଟାଟା ଏସି ଗାଡ଼ି ଚୁରମାର୍ ହୋଇଛି। ଏଥିରେ ଟାଟାଏସି ଗାଡି ଚାଳକ ଓ ହେଲପର ଆହତ ହୋଇଛନ୍ତି। ଗୁରୁତର ଆହତ ଟାଟା ଏସି ଚାଳକ ଦୁଃଖୁ ନାୟକଙ୍କ ଅଣ୍ଟା ଓ ହାତରେ ଗଭୀର ଆଘାତ ଲାଗିଛି। ତାଙ୍କୁ ବୁର୍ଲାକୁ ପଠାଯାଇଥିବା ବେଳେ ହେଲପରଙ୍କୁ ବିନିକା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଛି। ଆହତ ଟାଟା ଏସି ଚାଳକ ବିନିକାର। ଟ୍ରକ୍ ଚାଳକ ବୌଦ୍ଧ ଜିଲା ନୂଆଁପଡା ଗ୍ରାମର ରାଜେନ୍ଦ୍ର କହଁର।

## ନାରାୟଣପ୍ରସାଦ ପଞ୍ଚାୟତରେ ଚାଷୀ ସମାବେଶ





ସମାବେଶରେ ଉପସ୍ଥିତ ଚାଷୀମାନେ ।

ଘଣ୍ଟାପଡା, ୨୩।୭ (ଡି.ଏନ.ଏ)

କନ୍ଧମାଳ ବ୍ଲକ ନାରାୟଣପ୍ରସାଦ ପଞ୍ଚାୟତର ସଦର ଶିବ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ପଞ୍ଚାୟତସ୍ତରୀୟ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଆଦିମ ଅଧିବାସୀ ଏକତା ମଞ୍ଚର ଆହ୍ୱାନକ୍ରମେ ଅନୁଷ୍ଠିତ ସଭାରେ କୃଷକ ନେତା ଘନଶ୍ୟାମ ବୁଡେକ ସଭାପତିତ୍ୱ କରିଥିଲେ । ସଭାରେ ପଞ୍ଚାୟତର ୨୧ ଖଣ୍ଡ ଗ୍ରାମର ଚାଷୀ ଯୋଗଦେଇ ଚାଷ କାର୍ଯ୍ୟରେ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ । ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ପଞ୍ଚାୟତର ପ୍ରାୟ ଗ୍ରାମରେ ଗଜା ମରୁଡି ଆଶଙ୍କା ରହିଛି । ତେଣୁ ସରକାରୀ ସ୍ତରରେ ତଦନ୍ତ କରାଯାଇ ସମ୍ପୂର୍ଣ୍ଣ ପଞ୍ଚାୟତକୁ ଗଜା ମରୁଡି ଘୋଷଣା କରିବା ପାଇଁ ଚାଷୀମାନେ ସରକାରଙ୍କ ନିକଟରେ ଦାବି ରଖିବାକୁ ଆଲୋଚନା କରିଥିଲେ । ପରେ ଏକ ଚାଷୀ ସଂଘ ଗଠନ କରାଯାଇଥିଲା । ପର୍ଶୁରାମ ରଣା ସଭାପତି ଏବଂ ରମାରଞ୍ଜନ ସାହୁଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଥିଲା । ସଂଘ ପକ୍ଷରୁ କନ୍ଧମାଳ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବା ନେଇ ସଭାପତି ରଣା ସୂଚନା ଦେଇଛନ୍ତି । ସଭାରେ ଆଦିମ ଅଧିବାସୀ ଏକତା ମଞ୍ଚର କନ୍ଧମାଳ ବ୍ଲକ ସଂଯୋଜକ ମିନକେତନ ମେହେର, ବ୍ଲକ ସହ ସଂଯୋଜକ ସମ୍ପତ୍ତି ବାଘ, ଜନସାଥି ବଳରାମ ବିଘ ଓ ଶ୍ରୀକୃଷ୍ଣ ମହାକୁଡ ଯୋଗ ଦେଇଥିଲେ । ସମ୍ପତ୍ତି ବାଘ ଧନ୍ୟବାଦ ଦେଇଥିଲେ ।

## ୭ ଦିନ ପରେ ୧୯ ଛାତ୍ରୀ ବିଦ୍ୟାଳୟକୁ ଫେରିଲେ

ତଳଗାଁ,୨୩।୭(ଡି.ଏନ.ଏ)

ତଳଗାଁ ନୋଡାଲ ହାଇସ୍କୁଲର ଛାତ୍ରୀ ନିବାସରେ ଗୁଣିଗାରେଡି ଭୟରେ ୨୫ଜଣ ଛାତ୍ରୀ ଅସୁସ୍ଥ ହେବା ପରେ ସେମାନଙ୍କ ଅଭିଭାବକ ଘରକୁ ନେଇଯାଇଥିଲେ। ତେବେ ମଙ୍ଗଳବାର ସୁଦ୍ଧା ଉକ୍ତ ଛାତ୍ରୀ ନିବାସକୁ ୧୯ ଜଣ ଛାତ୍ରୀ ଫେରିଥିବା ଜଣାପଡିଛି । ଅନ୍ୟପକ୍ଷେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ବିଜନ କିଶୋର ମହାନ୍ତି, ଏଡିଏମଓ (ପିଏଚ) ଡ. ମକରନ୍ଦ ବେହେରା, ଆଡେଣୀ ମେଡିକାଲ ଅଧିକାରୀ ଡ. ବିଶ୍ୱ ରଞ୍ଜନ ସାହୁ ଓ ସ୍ୱାସ୍ଥ୍ୟ କର୍ମୀମାନେ ଉକ୍ତ ଛାତ୍ରୀ ନିବାସକୁ ଯାଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ଉର୍ମା ଓ ଅଭିଭାବକମାନଙ୍କୁ ନେଇ ଏକ ସଚେତନତା କମିଟି ଗଠନ କରିଥିଲେ । ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ମହାନ୍ତି ଅନ୍ଧ ବିଶ୍ୱାସରୁ ଦୂରେଇ ରହିବା ସହ ଯେ କୌଣସି ସ୍ୱାସ୍ଥ୍ୟ ସମସ୍ୟା ପାଇଁ ନିକଟସ୍ଥ ଚିକିତ୍ସାଳୟକୁ ଯାଇ ଚିକିତ୍ସା କରାଇବାକୁ ପରାମର୍ଶ ଦେଇଥିଲେ । ଏ ନେଇ ଡ. ମହାନ୍ତିଙ୍କୁ ପଚାରିବାରୁ ଛାତ୍ରୀ ନିବାସର ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପୂର୍ଣ୍ଣ ଠିକ ରହିଛି । ଏହି ବୟସରେ ଛାତ୍ରୀମାନଙ୍କ ଶରୀରରେ ଏଭଳି ଲକ୍ଷଣ ଦେଖାଯାଏ ବୋଲି ସେ ପ୍ରକାଶ କରିଥିଲେ ।



ଛାତ୍ରୀ ନିବାସରେ ସଚେତନତା ସଭା କରାଯାଉଛି ।

**ତଳଗାଁ ଛାତ୍ରୀନିବାସ**

## କୃତ୍ରିମ ବର୍ଷାରେ ଭିଜି ଶିଶୁ ନାଚିଲେ

ବରଗଡ଼ ଅଫିସ୍,୨୩।୭

ବରଗଡ଼ର ସଂସ୍କାର ସ୍କୁଲରେ ଶିଶୁ ତଥା କୁନି ଛାତ୍ରୀଛାତ୍ରଙ୍କ ପାଇଁ ସୋମବାର ମନସୁନ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଦିନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ଚାଲିଥିବା ଏହି କାର୍ଯ୍ୟକ୍ରମରେ କୁନୀ ଛାତ୍ରୀଛାତ୍ର କୃତ୍ରିମ ବର୍ଷାରେ ଭିଜି ସଙ୍ଗୀତ, ବାଦ୍ୟର ତାଳେ ତାଳେ ନାଚିଥିଲେ। ସ୍କୁଲର ପ୍ରି ପ୍ରାଇମେରୀ ଶିକ୍ଷୟିତ୍ରୀ ସୁନୀତା ପଟ୍ଟନାୟକ, ଓଁକାରମୟୀ ସାହୁ, ଶୁଭସ୍ମିତା ମହାନ୍ତି, ଏଲିନା ଦାଶ, ଚେତନା ଦୋରା, ପ୍ରଧାନଶିକ୍ଷକ କରନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ନେଇଥିଲେ । ସଙ୍ଗୀତ ତଥା ନୃତ୍ୟ ଶିକ୍ଷକ କମଳେଶ ଚକ୍ରବର୍ତ୍ତୀ, କରନ ଦାସ ସଙ୍ଗୀତ, ନୃତ୍ୟରେ ପିଲାମାନଙ୍କୁ ସହଯୋଗ କରିଥିଲେ ।



ଭୀରୁ ବାରମ୍ବାର ମରେ; କିନ୍ତୁ ସାହାସୀ ଲୋକର ଜୀବନରେ ମାତ୍ର ଥରେ ମୃତ୍ୟୁ ହୋଇଥାଏ ।
- ନେପୋଲିୟନ



■ ଜବରଦଖଲ ଉଚ୍ଛେଦରେ ପୌର ପରିଷଦର ବିଚିତ୍ର ନୀତି

# ଥିଲାବାଲାଙ୍କୁ ମାଫ୍, ଗରିବଙ୍କୁ ନାଲିଆଖି





ଜବରଦଖଲ ଉଚ୍ଛେଦରେ ଭଙ୍ଗା ଯାଇଥିବା ଘର (ବାମ) । ଜବରଦଖଲ ଉଚ୍ଛେଦ ପ୍ରତିବାଦରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ମହିଳାମାନେ ।

**ବରଗଡ଼ ଅଫିସ୍, ୨୩।୭**

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ଼ ନଂ-୧୯ ଅଧୀନ ଏକ ପଡ଼ାରେ ମଙ୍ଗଳବାର ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି । ପୌର ପରିଷଦର ବିଭିନ୍ନ ଜାଗାରେ ବହୁ ବଡ଼ବଡ଼ିଆ ଲୋକେ ଜବରଦଖଲ କରି କୋଠାବାଡ଼ି ନିର୍ମାଣ କରିଥିବାବେଳେ ସେଥିପ୍ରତି ଆଖିବୁଜି ଗରିବ, ଖଟିଖିଆ ଲୋକେ ବସବାସ କରୁଥିବା ସେହି ପଡ଼ାରେ ପୌର କର୍ତ୍ତୃପକ୍ଷ ଜବରଦଖଲ ଉଚ୍ଛେଦ କରିଛନ୍ତି। ଏଥିରୁ ପୌର କର୍ତ୍ତୃପକ୍ଷଙ୍କ ଅସଲି ରୂପ ପଦାରେ ପଡ଼ିଯାଇ ଥିବାବେଳେ ଏହାକୁ ନେଇ ପଡ଼ାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ପଡ଼ାବାସୀ ମଙ୍ଗଳବାର ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରିଛନ୍ତି ।

ପ୍ରକାଶ ଯେ, ବରଗଡ଼ ରେଳଷ୍ଟେଶନ ନିକଟରେ ରହିଥିବା ସେହି ପଡ଼ାରେ ଗରିବ, ଖଟିଖିଆ ତଥା ଦଳିତ ଶ୍ରେଣୀର ଲୋକେ ବସବାସ କରୁଛନ୍ତି । ନିଜର କିଛି ଜମିବାଡ଼ି ନ ଥିବା ଯୋଗୁ ସେଠାକାର ସରକାରୀ ଜମିରେ ସେମାନେ ଘରଦ୍ୱାର କରି ପିଲାଛୁଆ ଧରି ଦୀର୍ଘଦିନ ହେଲା ରହିଆସୁଛନ୍ତି । ମାତ୍ର ପୌର କର୍ତ୍ତୃପକ୍ଷ ଥିଲାବାଲାଙ୍କୁ ଛାଡ଼ି ଦେଇ ଦଳିତ ଗରିବ ଅଧିବାସୀ ରହୁଥିବା ସେହି ପଡ଼ା ଉପରେ ଆଖି ପକାଇଛି । ପରିଷଦର କର୍ମଚାରୀମାନେ ମଙ୍ଗଳବାର ବୁଲଡୋଜର ଧରି ସେହି ପଡ଼ାକୁ ଯାଇ ପୌର ପରିଷଦ ପୋଲିସ ଉପସ୍ଥିତିରେ ଘରଦ୍ୱାର ଭାଙ୍ଗିଛନ୍ତି ଏବଂ ଅନ୍ୟ ଅଧିବାସୀଙ୍କ ଘର ଖାଲି କରିବାକୁ କିଛି ସମୟ ଦେଇଥିବା ସୂଚନା ମିଳିଛି। ଜବରଦଖଲ ଉଚ୍ଛେଦ ସମୟରେ ଅତିରିକ୍ତ ତହସିଲଦାର ଅନୁରାଗ ମିଶ୍ର ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବାବେଳେ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାରୀ, ଏସ୍‌ଆଇ ସନୟ କୁମାର ନାୟକ ଓ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ ।

ଅପରପକ୍ଷେ ପୌର ପରିଷଦର ଏଭଳି ଜବରଦଖଲ ଉଚ୍ଛେଦ ପ୍ରତିବାଦରେ ପଡ଼ାବାସୀ ଜିଲାପାଳ ତ୍ରିପାଠୀଙ୍କୁ ଫେରାଦ ହୋଇଥିଲେ । ସେମାନେ ୪୦ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ସେଠାରେ ବସବାସ କରୁଥିବା ବେଳେ ପୌର କର୍ତ୍ତୃପକ୍ଷ ବିନା ନୋଟିସ୍‌ରେ କିମ୍ବା ବିନା ଥଇଥାନରେ ସେଠାରୁ ସେମାନଙ୍କୁ ଉଚ୍ଛେଦ କରୁଥିବା ଅଭିଯୋଗ କରି ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଉଚ୍ଛେଦ ପୂର୍ବରୁ ସେମାନଙ୍କୁ ଅନ୍ୟତ୍ର ଥଇଥାନ କରାଯାଉ କିମ୍ବା ଜାଗା ମିଶନରେ ସାମିଲ କରାଯାଉ ବୋଲି ରକ୍ମିଣୀ ଘିବେଲା, ଅନସୂୟା ସୁନାଙ୍କ ସମେତ ବହୁ ମହିଳା ନିବେଦନ କରିବା ସହ ସ୍ମାରକପତ୍ର ପ୍ରଦାନ କରିଥିଲେ । ସେହିପରି ଥଇଥାନ ନ କରି ସେଠାରୁ ସେହି ଗରିବ ଖଟିଖିଆ ତଥା ଦଳିତ ପରିବାରଙ୍କୁ ହଟାଗଲେ, ତାର ଦୃଢ଼ ପ୍ରତିବାଦ କରାଯିବ ବୋଲି ଆମ୍ ଆଦମୀ ପାର୍ଟି (ଆପ୍)ର ବରଗଡ଼ ଜିଲା ଆବାହକ ଭବାନୀ ପ୍ରସାଦ ସାହୁ ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ରାଉତଙ୍କୁ ପଚାରିବାରୁ ସେ କହିଲେ, ଜବରଦଖଲ ଉଚ୍ଛେଦ ପାଇଁ ପୌର ପରିଷଦ ପକ୍ଷରୁ ସମସ୍ତ ପ୍ରକ୍ରିୟା ସରିଥିଲା । ସେମାନଙ୍କୁ ବାରମ୍ବାର ନୋଟିସ ଦେବା ସତ୍ତ୍ୱେ ସେମାନେ ତାହା ଗ୍ରହଣ କରି ନ ଥିଲେ ।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଜଣେ ମୃତ

**ସରଣ୍ଡା, ୨୩।୭(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ଖଇରପାଲି ଗ୍ରାମରେ ମଙ୍ଗଳବାର ବିଦ୍ୟୁତ ଆଘାତରେ ଜଣଙ୍କର ମୃତ୍ୟୁ ହୋଇଛି । ମୃତକ ହେଲେ ଏହି ଗ୍ରାମର ପୁସ୍ତମ ବିଶ୍ୱାଳ (୪୦) । ପ୍ରକାଶ ଯେ, ପରମାଣପୁର ଅଞ୍ଚଳର ଜଣେ ଆନ୍ଦ୍ରଚାଷୀ ଝାଇଁଜୋର ପାଖରେ ଥିବା ଏକ ଏଲ୍‌ଆଇ ପଏଣ୍ଟରେ ବିଦ୍ୟୁତ ମରାମତି ପାଇଁ ପୁସ୍ତମଙ୍କୁ ଡାକିଥିଲେ। ଏହି ସମୟରେ କୌଣସି ପ୍ରକାରରେ ତାଙ୍କୁ ବିଦ୍ୟୁତ ଆଘାତ ଲାଗିଥିଲା ଏବଂ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା । ଘଟଣା ପରେ ସେଠାରୁ ସମ୍ପୃକ୍ତ ଆନ୍ଦ୍ରଚାଷୀ ସେଠାରୁ କୁଆଡ଼େ ଫେରାର୍ ହୋଇ ଯାଇଥିଲେ। ଖବର ପାଇ ଗ୍ରାମବାସୀ ଓ ପରିବାର ଲୋକେ ଘଟଣାସ୍ଥଳକୁ ପହଞ୍ଚିବା ସହିତ ପୋଲିସକୁ ଖବର ଦେଇଥିଲେ । ପୋଲିସ ସେଠାକୁ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ତେବେ ପୁସ୍ତମଙ୍କ ସ୍ତ୍ରୀ ପଙ୍କଜିନୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ଦାବିରେ ଘଟଣାସ୍ଥଳରୁ ଲୋକେ ମୃତଦେହକୁ ଛାଡ଼ି ନ ଥିଲେ । ଲରାସରା ସରପଞ୍ଚ ରଣଜିତ ସାହୁଙ୍କ ନେତୃତ୍ୱରେ ଗ୍ରାମବାସୀ ନିଜ ଦାବିରେ ଅଡ଼ି ବସିଥିଲେ । ସମ୍ପୃକ୍ତ ଆନ୍ଦ୍ରଚାଷୀଙ୍କ ସମ୍ପର୍କୀୟମାନେ ସେଠାକୁ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ଆର୍ଥିକ ସହାୟତା ଦେବେ ବୋଲି ପ୍ରତିଶ୍ରୁତି ଦେବା ପରେ ଲୋକେ ମୃତଦେହ ଛାଡ଼ିଥିଲେ ଏବଂ ଏହାପରେ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଥିଲା। ଅତାବିରା ୱେଷ୍ଟୋ ଏସଡ଼ିଓ ବିଜୟ ବେହେରା ଘଟଣାକୁ ନେଇ ଥାନାରେ ଏତଲା ଦେଇଛନ୍ତି ।

ଓକିଲ-ପୋଲିସ ବିବାଦ

## ସମ୍ବଲପୁର ବଦଳିଲେ ଆଇଆଇସି

**ବରଗଡ଼ ଅଫିସ୍, ୨୩।୭**

ବରଗଡ଼ ଜିଲା ଓକିଲ ସଂଘର ଜଣେ ସଭ୍ୟ ବିନୟ ଯୋଷୀଙ୍କୁ ସଦର ଥାନା ଆଇଆଇସି କଲ୍ୟାଣୀ ବେହେରା ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ଘଟଣାକୁ ନେଇ ଓକିଲ-ପୋଲିସ ବିବାଦ ତେଜି ଉଠିଥିଲା । ଓକିଲମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିବା ବେଳେ ନାଗରିକ କମିଟି ମଧ୍ୟ ଘଟଣାକୁ ନିନ୍ଦା କରିଥିଲା । ଏହି କ୍ରମରେ ଗତ ୧୮ତାରିଖରେ ଜିଲା ଓକିଲ ସଂଘର କର୍ମକର୍ତ୍ତା ତଥା ନାଗରିକ ମଣ୍ଡଳୀ ସମ୍ବଲପୁର ଡିଆଇଜି ସତ୍ୟବ୍ରତ ଭୋଇଙ୍କୁ ଭେଟି ଆଇଆଇସି ବେହେରାଙ୍କୁ ଜିଲା ବାହାରକୁ ବଦଳି କରିବାକୁ ଦାବି କରିଥିଲେ। ତେବେ ଘଟଣା ତଥା ପାରିପାର୍ଶ୍ୱିକ ପରିସ୍ଥିତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିବା ପରେ ମଙ୍ଗଳବାର ଡିଆଇଜି ଭୋଇ ବରଗଡ଼ ସଦର ଥାନା ଆଇଆଇସି ବେହେରାଙ୍କୁ ସମ୍ବଲପୁର ଜିଲାକୁ ବଦଳି କରିଥିବା ଜଣାପଡ଼ିଛି । ଆଇଆଇସି ବେହେରାଙ୍କ ବଦଳି ଆଦେଶ ପହଞ୍ଚି ସାରିଛି ବୋଲି ବରଗଡ଼ ଏସ୍‌ପି ମୁକେଶ କୁମାର ଭାମୁ କହିଛନ୍ତି ।

ପ୍ରକାଶଥାଉକି, ଗତ ୧୦ତାରିଖ ସେଠାରେ ଓକିଲ ଯୋଶୀ କୌଣସି ଏକ ମାମଲା କାମରେ ସଦର ଥାନାକୁ ଯାଇଥିବା ବେଳେ ଆଇଆଇସି ବେହେରା ଓ ତାଙ୍କ ସହକର୍ମୀ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦରେ ଘଟଣା ଦିନ ସନ୍ଧ୍ୟାରେ ଜିଲା ଓକିଲ ସଂଘ ଡିଆଇଜିଙ୍କୁ ଭେଟିଥିଲେ । ସେ ଦିଗରେ ପଦକ୍ଷେପ ନେବାକୁ ଡିଆଇଜି ପ୍ରତିଶ୍ରୁତି ଦେଇଥିଲେ ।

## ମେଲଛାମୁଣ୍ଡା ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

**ଘେଁସ, ୨୩।୭(ଡି.ଏନ.ଏ)**

ବରଗଡ ଜିଲା ମେଲଛାମୁଣ୍ଡାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲୋକପାଳ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମିତି ସମ୍ପାଦକ ସଞ୍ଜୀବ ନାୟକ ମୁଖ୍ୟ ଅତିଥି, ପୁରେନା ହାଇସ୍କୁଲ ଶିକ୍ଷୟିତ୍ରୀ ନନ୍ଦିନୀ ମିଶ୍ର ମୁଖ୍ୟବକ୍ତା, କଲ୍ୟାଣୀ ମିଶ୍ର, ଅମୀୟ ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ଭୋଜରାଜ ପଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ଗୁରୁମା ଗତିକ୍ରିଷ୍ଣା ପଧାନ ସଭା ସଂଯୋଜନା କରିଥିଲେ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନରେ ମା'ମାନଙ୍କ ଭୂମିକା ଉପରେ ମୁଖ୍ୟବକ୍ତା ଦିଗଦର୍ଶନ ଦେଇଥିଲେ। ଏହି ଅବସରରେ ଶତାଧିକ ମା' ଯୋଗଦାନ କରିଥିଲେ । ଗୁରୁଜୀ ସରୋଜ କୁଅଁର, ତରଣୀସେନ ବାରିକ, ଗୋବିନ୍ଦ ସାହୁ, ପରମାନନ୍ଦ ସାହୁ ଏବଂ ମିନତି ଗୁରୁମା ସହଯୋଗ କରିଥିଲେ । ଗୁରୁଜି ସଚ୍ଚିପତି ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।



ମାତୃ ସମ୍ମିଳନୀ ଅବସରରେ ପୂଜାର୍ଚ୍ଚନା ଚାଲିଛି ।

## ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି

**ସୋହେଲା, ୨୩।୭(ଡି.ଏନ.ଏ)**

ସୋହେଲା ବ୍ଲକ ଜାତୀୟ ଦିବସ ପାଳନ କମିଟି ସଂଯୋଜକ ବିଡିଓ ଅଶୋକ କୁମାର ଗଡତିଆଙ୍କ ସଂଯୋଜନାରେ ମଙ୍ଗଳବାର ବ୍ଲକ ସଭାଗୃହରେ ଆଗାମୀ ସ୍ୱାଧୀନତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଜାତୀୟ ଦିବସ ପାଳନ କମିଟି ସଦସ୍ୟ ଡା. ଶିଶିର କୁମାର ସାହୁ, ଗିରିଜା ଶଙ୍କର ଆଚାର୍ଯ୍ୟ, ଥାନା ଆଇଆଇସି ନିର୍ମଳ କୁମାର ମହାପାତ୍ର, ଦମକଳ କେନ୍ଦ୍ର ଅଧିକାରୀ ଦୟାନିଧି ମାଝୀ, ଅତିରିକ୍ତ ତହସିଲଦାର ମାନସ ରଞ୍ଜନ ସ୍ୱାଇଁ, କଲେଜ ଅଧ୍ୟକ୍ଷ ଇଶ୍ୱର ଚନ୍ଦ୍ର ସାହୁ, ସରପଞ୍ଚ ଜିତେନ୍ଦ୍ର କୁମାର ଭୋଇ, ସମସ୍ତ ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷକ ତଥା କମିଟିର ସଦସ୍ୟ ଉପସ୍ଥିତ ଥିଲେ। ଡବ୍ଲୁଇଓ ଅତୀଶ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ଘର ହିଁ ବିଦ୍ୟାଳୟ ପ୍ରକଳ୍ପ ଉଦ୍‌ଘାଟିତ

**ବରଗଡ଼ ଅଫିସ୍, ୨୩।୭**

ବରଗଡ଼ କେଶବନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ)ରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ ପ୍ରଥମ ପର୍ଯ୍ୟାୟ ଉଦଘାଟିତ ହୋଇଯାଇଛି । ବିଦ୍ୟା ଭାରତୀ, ଶିକ୍ଷା ବିକାଶ ସମିତି, ଭୁବନେଶ୍ୱରଙ୍କ ଯୋଜନା ଅନୁସାରେ ଚାଲିଥବା ଏହି କାର୍ଯ୍ୟକ୍ରମ ସହ ପ୍ରଧାନଆଚାର୍ଯ୍ୟ ପ୍ରଦୀପ ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ତେଜସ୍ୱୀ ଦିଶ୍ରୀ ମୁଖ୍ୟଅତିଥି ଏବଂ ବିଦ୍ୟାଳୟର ପ୍ରମୁଖ ଗୁରୁମା ତନୁଜା ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରକଳ୍ପ ଆୟୋଜନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ୮୫ଜଣ ଅଭିଭାବିକା, ଅଭିଭାବକ ଉପସ୍ଥିତ ଥିଲେ । ପରେ ବିଭିନ୍ନ ଚିତ୍ର, ପ୍ରଦର୍ଶନୀମାନ ପ୍ରଦର୍ଶିତ ହୋଇଥିଲା। ଗୁରୁମା ଅର୍ଚ୍ଚନା ଯାଦବ, ଶୁଭକାନ୍ତି ପଣ୍ଡା, ମଞ୍ଜୁଳା ସାହୁ, ସୌଦାମିନୀ ପଟ୍ଟନାୟକ, ପୁଷ୍ପିତା ମହାନ୍ତି ପ୍ରମୁଖ ପ୍ରାୟୋଗିକ କାଳାଂଶରେ ଶିକ୍ଷାଦାନର ବିଭିନ୍ନ ପ୍ରଣାଳୀ ବୁଝାଇଥିଲେ । ଗୁରୁଜୀ ମେଘନାଦ ତାଦେନ ଏବଂ ଶିବପ୍ରସାଦ ସାହୁଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଗୁରୁମା ଦିପ୍ତୀରାଣୀ ସେଠ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପରିଚାଳନା ସମିତି ସହ ସମ୍ପାଦକ ଚୁଙ୍ଗୀଲାଲ ସେଠ, ପ୍ରଧାନଆଚାର୍ଯ୍ୟ ସନ୍ତୋଷ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ସଂଘମିତ୍ରା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।



ଜଣେ ଶିକ୍ଷୟିତ୍ରୀ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ ଉପରେ ବକ୍ତବ୍ୟ ରଖୁଛନ୍ତି ।

## ଜିଲାପାଳଙ୍କୁ ଫେରାଦ ହେଲେ ଅଭିଭାବକ

**ବରଗଡ଼ ଅଫିସ୍, ୨୩।୭**

**ଗଳି ରାସ୍ତା ଅବରୋଧ**

ବରଗଡ଼ ବ୍ଲକ କଲୋନୀ ସ୍କୁଲକୁ ସଂଯୋଗ କରୁଥିବା ଏକ ଗଳିରାସ୍ତା ଅବରୋଧ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ସୋମବାର ଅଭିଭାବକମାନେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରି ସେ ଦିଗରେ ବିହିତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି ।

୧୯୭୩ ମସିହାରେ ଗଢ଼ି ଉଠିଥିବା ଉକ୍ତ ସ୍କୁଲରେ ୩୧୯ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ସ୍କୁଲକୁ ସଂଯୋଗ କରୁଥିବା ଗଳିରାସ୍ତାରେ ୱାର୍ଡ଼ ନଂ-୧୦ ଉଦୟନଗରର ଛାତ୍ରୀଛାତ୍ରମାନେ ନିୟମିତ ପଢ଼ିବାକୁ ଆସିଥାନ୍ତି । ରବିବାର ସେହି ଗଳିରାସ୍ତା ଉପରେ କାନ୍ଥ ଦେଇ ଅବରୋଧ କରାଯାଇଥିବାରୁ ଛାତ୍ରୀଛାତ୍ର ସ୍କୁଲକୁ ପଢ଼ିବାକୁ ଆସି ପାରୁନାହାନ୍ତି । ଅପରପକ୍ଷେ ମୁଖ୍ୟରାସ୍ତା ଦେଇ ଛାତ୍ରୀଛାତ୍ର ସ୍କୁଲକୁ ଗଲେ ଦୂରତା ଅଧିକ ହେବ ଏବଂ ଯାନବାହନ ଚଳାଚଳ ଯୋଗୁ ସେମାନଙ୍କ ଜୀବନ ପ୍ରତି ବିପଦ ମଧ ରହିଛି । ଏହି ଦୃଷ୍ଟିରୁ ସେହି ଗଳି ରାସ୍ତାରେ ଦିଆଯାଇଥିବା କାନ୍ଥକୁ ହଟାଯାଇ ପୂର୍ବଭଳି ପିଲାମାନଙ୍କ ଯାତାୟାତ ବ୍ୟବସ୍ଥା କରିବା ପାଇଁ ଗୀତାଞ୍ଜଳି ରାଉତ, ସୁମିତ୍ରା ବାରିକ, ଜେମାଦେଈ ବିଶି, ସନ୍ତୋଷିନୀ ବାଗଙ୍କ ସମେତ ବହୁ ଅଭିଭାବକ ଜିଲାପାଳଙ୍କୁ ନିବେଦନ କରିଛନ୍ତି ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଅଭିଭାବକବୃନ୍ଦ ।

## ଏସ୍‌ପିଙ୍କୁ ଭେଟିଲେ ଦଳିତ ସଂଘ ପ୍ରତିନିଧି

**ବରଗଡ଼ ଅଫିସ୍, ୨୩।୭**

ବରଗଡ଼ ଜିଲାରେ ଦଳିତମାନଙ୍କ ପ୍ରତି ବିଭିନ୍ନ ଥାନାରେ ହୋଇଥିବା ସମସ୍ୟା ଗୁଡ଼ିକୁ ନେଇ ମଙ୍ଗଳବାର ସନ୍ଧ୍ୟାରେ ବରଗଡ଼ ଜିଲା ଦଳିତ ସଙ୍ଗଠନ ସମନ୍ୱିତ କ୍ରିୟାନୁଷ୍ଠାନ କମିଟି ଏସପି ମୁକେଶ କୁମାର ଭାମୁଙ୍କୁ ଫେରାଦ ହୋଇଥିଲା। କମିଟିରେ ଯାଇଥିବା ୧୩ଜଣିଆ ପ୍ରତିନିଧି ମଣ୍ଡଳୀ ଏସପି ଭାମୁଙ୍କ ସହିତ ଆଲୋଚନା କରି ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ଉପସ୍ଥାପନ କରିଥିଲେ । ଏ ସମ୍ପର୍କରେ ଏସପି ଭାମୁଙ୍କ ପଚାରିବାରୁ ସେ କହିଥିଲେ, ଦଳିତ ସଙ୍ଗଠନ ସମନ୍ୱିତ କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧି ମଣ୍ଡଳୀ ତାଙ୍କୁ ଭେଟି କିଛି ସମସ୍ୟା ଜଣାଇଥିଲେ । ତାକୁ ଅନୁଧ୍ୟାନ କରାଯାଉଛି ଏବଂ ନିଶ୍ଚୟ ବିହିତ ପଦକ୍ଷେପ ନିଆଯିବ । ବରଗଡ଼ ସଦର ଥାନା ଆଇଆଇସି କଲ୍ୟାଣୀ ବେହେରା ଏବଂ ଆଡ଼ଭୋକେଟ୍ ବିନୟ ଯୋଶୀଙ୍କ ବିବାଦର ନିରପେକ୍ଷ ତଦନ୍ତ, ଅତାବିରା କଲେଜର ଅଧ୍ୟାପକ ଡଃ ମଦନ ମେହେରଙ୍କ ଏତଲା ଉପରେ କାର୍ଯ୍ୟାନୁଷ୍ଠାନ ସହିତ ଅଭିଯୁକ୍ତଙ୍କୁ ଗିରଫ କରିବା, ମେଲଛାମୁଣ୍ଡା ଥାନା ଅଞ୍ଚଳରେ ଛାତ୍ରୀ ଗର୍ଭବତୀ ହେବା ଘଟଣା ସମେତ ଦଳିତଙ୍କ ଉପରେ ହେଉଥିବା ଅତ୍ୟାଚାର ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେହି ପ୍ରତିନିଧି ମଣ୍ଡଳୀ ଏସପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ପ୍ରତିନିଧି ମଣ୍ଡଳୀରେ ନିହାଲ ସିଂ, ନାରାୟଣ ଭେସ୍ରା, ପ୍ରମୋଦ ଲୁହୁରା, ରାଜୁ ନନ୍ଦ ପ୍ରମୁଖ ରହିଥିଲେ ।



ଏସପିଙ୍କୁ ଭେଟିଥିବା ଦଳିତ ସଂଘର ପ୍ରତିନିଧି ମଣ୍ଡଳୀ ।

## ଦିଲ୍ଲୀରେ ଉଠିବ କୋଶଳ ରାଜ୍ୟ ଦାବି

**ବରଗଡ଼ ଅଫିସ୍, ୨୩।୭**

ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବି ପ୍ରସଙ୍ଗ ନେଇ ମଙ୍ଗଳବାର ସକାଳୁ କୋଶଳ ରାଜ୍ୟ ସମନ୍ୱୟ ସମିତିର ଏକ ପ୍ରତିନିଧି ଦଳ ଦିଲ୍ଲୀ ଗସ୍ତ କରିଛନ୍ତି। ସ୍ଥାନୀୟ କଚେରୀ ସମ୍ମୁଖରୁ ସକାଳ ପ୍ରାୟ ୮ଟାରୁ ଏହି ପ୍ରତିନିଧି ଦଳ ଏକ ଗାଡ଼ିରେ ଦିଲ୍ଲୀ ଅଭିମୁଖେ ବାହାରିଛନ୍ତି । ରାୟପୁର ଦେଇ ସେମାନେ ଦିଲ୍ଲୀ ଯାଇ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବି ପ୍ରସଙ୍ଗରେ ବୁଧବାର ବିଭିନ୍ନ ସାମାଜିକ, ରାଜନୈତିକ ସଙ୍ଗଠନ, ପ୍ରଶାସନିକ ଅଧିକାରୀ, ରାଜ୍ୟ ଆନ୍ଦୋଳନର ନେତା ପ୍ରମୁଖଙ୍କୁ ଭେଟି ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଦିଲ୍ଲୀ ଗସ୍ତ କରିଥିବା ଏହି ପ୍ରତିନିଧି ଦଳରେ କୋଶଳ ରାଜ୍ୟ ସମନ୍ୱୟ ସମିତିର ଅଧ୍ୟକ୍ଷ ପ୍ରମୋଦ ମିଶ୍ର, ସାଧାରଣ ସମ୍ପାଦକ ସୁନୀଲ ପୁରୋହିତ, ବଲାଙ୍ଗୀର ଜୋନ୍‌ର ବରିଷ୍ଠ ନେତା ଅବଦୁଲ୍ ଜମାଲ୍ ଖାଁ, ଡୋଲାମଣି ପଧାନ, କିଶୋର ସାହୁ ପ୍ରମୁଖ ଅଛନ୍ତି। ବରଗଡ଼ରୁ ଦିଲ୍ଲୀ ଅଭିମୁଖେ ଯାତ୍ରା ଆରମ୍ଭ କରିବା ସମୟରେ ସ୍ଥାନୀୟ କୋଶଳପ୍ରେମୀମାନେ ଉପସ୍ଥିତ ରହି ଶୁଭକାମନା ଜଣାଇଥିଲେ ।



କୋଶଳ ରାଜ୍ୟ ସମନ୍ୱୟ ସମିତିର ପ୍ରତିନିଧିମାନେ ଦିଲ୍ଲୀ ଅଭିମୁଖେ ବାହାରୁଛନ୍ତି ।

## ହଳଦୀପାଲିରେ ମହିମା ଆଶ୍ରମ ଉଦ୍‌ଘାଟିତ

**ସୋହେଲା, ୨୩।୭ (ଡି.ଏନ.ଏ)**

ସୋହେଲା ନିକଟସ୍ଥ ହଳଦୀପାଲି ଠାରେ ମହିମା ଆଶ୍ରମ ବ୍ରହ୍ମ ଅବଧୂତ ବୀରେନ୍ଦ୍ର ବାବାଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ସୋହେଲା ପିପିଲିପାଲି ମହିମା ଆଶ୍ରମ ନିକଟରେ ହଳଦିପାଲି ଗ୍ରାମ ସୀମାରେ ମହିମାଧର୍ମର ପ୍ରଚାର ଓ ସାଧୁସନ୍ଥଙ୍କ ବିଶ୍ରାମ ନିମନ୍ତେ ଏକ ଆଶ୍ରମ ନିର୍ମାଣ ପାଇଁ ତତ୍କାଳୀନ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର ମହାନ୍ତି ବିକାଶ ପରିଷଦ ପାଣ୍ଠିରୁ ୫ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରଥିଲେ । ଏହି ଆଶ୍ରମ ନିର୍ମାଣ ପାଇଁ ଆବଶ୍ୟକ ଜାଗା ହଳଦୀପାଲିର ତୀର୍ଥବାସୀ ନାଏକ ଓ ବିବେକା ନାଏକ ପ୍ରଦାନ କରିଥିଲେ । ନବନିର୍ମିତ ଆଶ୍ରମ ଉଦଘାଟନ ଅବସରରେ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ନିମାଇଁ ଭୋଇ, ଗଣତନ୍ତ୍ର ପଧାନ, ଟେକଚାନ୍ଦ ଦୁଆନ, ରାଜୁ ବିଶ୍ୱାଳ, ସରତ ସାହୁ, ଆନନ୍ଦ ଦାସ, ସୁଧୀର ଦେବତା ପ୍ରମୁଖ ବହୁ ମହିମା ଭକ୍ତ ଉପସ୍ଥିତ ଥିଲେ । ଏହି ଅବସରରେ ମହିମା ସାଧୁ ଅମୃତାନନ୍ଦ ଦାସ, ବାଦଲ ଦାସ, ସୁଶୀଲ ବ୍ରହ୍ମଚାରୀ ଯୋଗ ଦେଇଥିଲେ ।



କୌଣସି ଲୋକ ଦୀର୍ଘକାଳ ଧରି କ୍ଷମତାର ଅପବ୍ୟବହାର କରିପାରେ ନାହିଁ କି ପାରିବ ନାହିଁ।
- ସେନେକା



## ସଂକ୍ଷେପରେ

### ପ୍ରଶାସନର ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ, ୨୪ ଘଣ୍ଟିଆ ବନ୍ଦ ଆଜି

**ଦେବଗଡ,୨୩।୭(ଡି.ଏନ୍.ଏ.):** ଦେବଗଡ଼ ପୌରାଞ୍ଚଳରେ ମାର୍କେଟ ତଥା ବିଭିନ୍ନ ୱାର୍ଡ଼ରେ ପୌରପରିଷଦ ପକ୍ଷରୁ ଚାଲିଥିବା ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ କରିଯାଇଛି। ବ୍ୟବସାୟୀମାନେ ଏକ ଅସ୍ଥାୟୀ କମିଟି ଗଠନ କରି ବୁଧବାର ୨୪ ଘଣ୍ଟିଆ ଦେବଗଡ ବନ୍ଦ ଡ଼ାକରା ଦେଇଛନ୍ତି। ଏହି ବନ୍ଦରେ ଅତ୍ୟବଶ୍ୟକ ସେବା ଔଷଧ ଦୋକାନ ଓ ଜାତୀୟ ରାସ୍ତାକୁ ବାଦ୍ ଦେଇ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ସ୍କୁଲ କଲେଜ, ବ୍ୟାଙ୍କ, ବସ ଚଳାଚଳ, ବ୍ୟବସାୟିକ ପ୍ରତିଷ୍ଠାନ, ଦୋକାନ ବଜାର ବନ୍ଦ ରହବ ବୋଲି ସୂଚନା ମିଳିଛି ।

### ବିଶୁଦ୍ଧ ଜଳ ଯୋଗାଣ ଦାବି

**ସମ୍ବଲପୁର,୨୩।୭(ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମରେ ମିଶିଥିବା ୫୪ ଗ୍ରାମକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସମ୍ଭବ ହୋଇନାହିଁ ଫଳରେ ଲୋକେ ପାଣି ପାଇଁ ଡହଳବିକଳ ହେଉଛନ୍ତି। ଏ ନେଇ ସମ୍ବଲପୁର ଆମ୍ ଆଦମୀ ପାର୍ଟି ପକ୍ଷରୁ ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ଭାଗ୍ୟଧର ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ତ୍ୱରିତ ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବାନ ଦିଆଯାଇଛି। ପ୍ରତିନିଧି ଦଳରେ ପ୍ରଶାନ୍ତ ମହାରଣା, ମେହଫୁଜ ଆଲାମ, ଆଲ୍ଲାଉଦ୍ଦିନ ସିଦ୍ଦିକି, ବୀରେନ୍ଦ୍ର କୁମାର ପାଣିଗ୍ରାହୀ ପ୍ରମୁଖ ସାମିଲ ଥିଲେ।

### ସୁଇମର୍ସ କ୍ଲବର ସାଧାରଣ ପରିଷଦ ବୈଠକ

**ସମ୍ବଲପୁର,୨୩।୭(ବ୍ୟୁରୋ):** ଓଡିଶା ମାଷ୍ଟର୍ସ ସୁଇମର୍ସ କ୍ଲବର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ରାଜେଶ କୁମାର ମିଶ୍ରଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। କ୍ଲବ ସମ୍ପାଦକ ଜୟନ୍ତ ପାଣ୍ଡେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସେପ୍ଟେମ୍ବର ୧୫ରେ ଖଟେଶ୍ୱର ପାଣ୍ଡେ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା କରିବାକୁ ସ୍ଥିର କରାଯାଇଛି। ଏଥିରେ ୫ବର୍ଷରୁ ୮୦ ବର୍ଷ ବୟସ ପର୍ଯ୍ୟନ୍ତ ସନ୍ତରଣବିତ୍ ଅଂଶଗ୍ରହଣ କରିପାରିବେ। ୫୦ ମିଟର ଫ୍ରି ଷ୍ଟାଇଲ, ବ୍ୟାକ୍ ଷ୍ଟ୍ରୋକ, ବଟର ଫ୍ଲାଏ, ବ୍ରେଷ୍ଟ ଷ୍ଟ୍ରୋକ ଇଭେଣ୍ଟ ହେବ। ଆର୍ତ୍ତତ୍ରାଣ ମାଝି, ହରେକୃଷ୍ଣ ପଣ୍ଡା, ନାରାୟଣ ରଞ୍ଜନ ପଣ୍ଡା, ସୁରେନ୍ଦ୍ର ନାଏକ, ସୁନ୍ଦରମଣି ବାରିକ, ରଙ୍କନିଧି ସେଠ, ଦିଲୀପ ପଣ୍ଡା, ଅନନ୍ତ ବେରିହା, ମନୋଜ ବନଛୋର, ଆଶୁତୋଷ ନାୟକ ଆଲୋଚନାରେ ଭାଗ ନେଇଥିଲେ। କୋଷାଧକ୍ଷ ଅନୀଲ ବେରିହା ଧନ୍ୟବାଦ ଅର୍ପଣ କରିଥିଲେ।

ମରିବାକୁ ବସିଲାଣି ଧାନଗଛ

# ଇନ୍ଦ୍ରପୂଜା କଲେ ଗ୍ରାମବାସୀ

**ରିଆମାଳ, ୨୩।୭।୧୯(ଡି.ଏନ.ଏ.)**

ବର୍ଷା ନହେବାରୁ ଦେବଗଡ ଜିଲା ରିଆମାଳ ବ୍ଲକ ଅନ୍ତର୍ଗତ ୨୬ଟି ପଞ୍ଚାୟତରେ ମରୁଡିର ପଦଧ୍ୱନୀ ଦେଖାଦେଲାଣି। ସ୍ଥାନୀୟ ଅଞ୍ଚଳର ଚାଷୀମାନେ ରଜ ସଂକ୍ରାନ୍ତି ଛଅ ଦିନ ପୂର୍ବରୁ ଧାନବୁଣା ଆରମ୍ଭ କରି ଆଠଦିନ ମଧ୍ୟରେ ଶେଷ କରିଥିଲେ। ଧାନଗଛ ପ୍ରାୟ ଛଅରୁ ଆଠ ଇଞ୍ଚ ପର୍ଯ୍ୟନ୍ତ ବଡ ହୋଇଛି। ବର୍ଷା ନହେବା ଯୋଗୁ ଧାନ ଗଛ ଲାଲରଙ୍ଗ ହୋଇ ମରିବାକୁ ଆରମ୍ଭ କଲାଣି। ବ୍ଲକ ଅଞ୍ଚଳରେ ୧୨,୬୨୫ ହେକ୍ଟର ଜମିରେ ଧାନ ଚାଷ ହୋଇଥାଏ। ଏଥରୁ ଚଳିତବର୍ଷ ୮୩୮୯ ହେକ୍ଟର ଜମିରେ ଧାନ ବୁଣାଯାଇଥିଲା। ୩୦୩ ହେକ୍ଟର ଜମିରେ ଧାନ ତଳି ପଡ଼ିଥିଲା। ଗତ ୨୦ ତାରିଖ ସୁଦ୍ଧା ୫୦ହେକ୍ଟର ଜମିରେ ଧାନ ଚାଷ ହୋଇଥିଲା ବୋଲି ବ୍ଲକ କୃଷି ଅଧିକାରୀ ଅନନ୍ତ ଚରଣ ଦାଶଙ୍କୁ ରିପୋର୍ଟ ଦେଇଥିଲେ। କିନ୍ତୁ ଉକ୍ତ ଚାଷ ହୋଇଥିବା ଜମି ବର୍ଷା ଅଭାବରୁ ମାଟି ଯାଇ ଆଁ କଲାଣି। ବ୍ଲକରେ ୪୧୯୦ ଏକର ଜମିରେ ଧାନ ଫସଲ ନଷ୍ଟ ହେବା ଆରମ୍ଭ କରିଛି। ବର୍ଷା ନହେବା ଯୋଗୁ ମଙ୍ଗଳବାର ବାବରାକୋଟ ଓ କଙ୍କରଖୋଲ ଗ୍ରାମରେ ଚାଷୀମାନେ ବର୍ଷା ନିମନ୍ତେ ଇନ୍ଦ୍ରପୂଜା କରିଛନ୍ତି। ବାବରାକୋଟ ଗ୍ରାମରେ ହୋଇଥିବା ଇନ୍ଦ୍ରପୂଜାରେ ପ୍ରବୀର ଶତପଥୀ ପୁରୋହିତ କାର୍ଯ୍ୟ ସମ୍ପାଦନା କରିଥିଲେ। ଟଙ୍କଧର ପ୍ରଧାନ ଓ ତାଙ୍କ ସ୍ତ୍ରୀ ରକୁଣୀ ପ୍ରଧାନ ଇନ୍ଦ୍ରରାଜାଙ୍କଠାରେ ଶରଣାପନ୍ନ ହୋଇ ବର୍ଷା ନିମନ୍ତେ ଗୁହାରି କରିଛନ୍ତି। ଗ୍ରାମବାସୀ ଡୁମୁର ଗ୍ରାମର ଝରଣାରୁ ପାଣି ଆଣି ପୂଜା ଆରମ୍ଭ କରିବା ସହିତ ଗ୍ରାମର ଠାକୁରାଣୀ ପୀଢ଼ ଓ ମହାମାୟୀଙ୍କ ନିକଟରେ ମଧ ଗୁହାରି କରିଛନ୍ତି। ଅପରପକ୍ଷରେ ଆଦ୍ୟକାଣ୍ଡ ପୁରାଣ ପଢ଼ାଯାଇଛି। ସେହିପରି କଙ୍କରଖୋଲ ଗ୍ରାମବାସୀ ଡୁମ୍ବାମାଳ ଭୀମଡୁମ୍ବାଠାରୁ ଜଳ ଆଣି ଇନ୍ଦ୍ରରାଜାଙ୍କ ପୂଜାର୍ଚ୍ଚନା କରିଛନ୍ତି। ଆଗାମୀ ଦୁଇଦିନ ମଧ୍ୟରେ ବର୍ଷା ନହେଲେ ରିଆମାଳ ବ୍ଲକରେ ମରୁଡ଼ି ନିଶ୍ଚିତ ବୋଲି ଚାଷୀମାନେ କହିଛନ୍ତି।

## ବାରକୋଟ ବ୍ଲକରେ ୫୨ ପ୍ରତିଶତ କମ୍ ବର୍ଷା

**ବାରକୋଟ, ୨୩।୭ (ଡି.ଏନ.ଏ)**

ଦେବଗଡ ଜିଲାରେ ଶ୍ରାବଣ ମାସରେ ଟାଣ ଖରାରେ ଧାନ ଚାଷ ଉଜୁଡି ଯିବାକୁ ବସିଲାଣି । କୃଷି ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବ୍ଲକର ମୋଟ ୨୦୯୨୫ ହେକ୍ଟର ଚାଷ ଜମି ମଧ୍ୟରୁ ଚଳିତ ବର୍ଷ ୯୩୮୦ ହେକ୍ଟର ଜମିରେ ଧାନ ଚାଷ ହେବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ମାତ୍ର ବର୍ଷା ଅଭାବରୁ ବର୍ତ୍ତମାନ ସୁଦ୍ଧା ୧୫୦ ହେକ୍ଟର ଜମିରେ ରୁଆ ଏବଂ ୮୦ ହେକ୍ଟର ଜମିରେ ବେଉଷଣ କାର୍ଯ୍ୟ ସରିଛି । ଚଳିତ ବର୍ଷ ଜୁନ ମାସରେ ସ୍ୱାଭାବିକ ଭାବେ ୨୪୨.୪ ମିମି ବର୍ଷା ହେବା ପରିବର୍ତ୍ତେ ୧୮୫ ମିମି ବର୍ଷା ହୋଇଥିଲା । ସେହିଭଳି ଜୁଲାଇ ୨୩ ସୁଦ୍ଧା ୩୩୨.୨ ମିମି ବର୍ଷା ହେବା ପରିବର୍ତ୍ତେ ମାତ୍ର ୧୫୯.୨୦ ମିମି ବର୍ଷା ହୋଇଛି । ଯାହାକି ସ୍ୱାଭାବିକ ବର୍ଷାଠାରୁ ୫୨ ପ୍ରତିଶତ କମ୍ ବର୍ଷା ହୋଇଛି । ଯାହା ଫଳରେ ଟାଣ ଖରା ଯୋଗୁଁ ବୁଣାଧାନ ସହିତ ଧାନତଳି ମରିବାକୁ ବସିଲାଣି ।



ରାସ୍ତାରୁ ଉଠିଯାଇଥିବା ସ୍ଥାନରେ ପ୍ୟାଚ ପକାଯାଇଛି।

ରାସ୍ତାକାମ ନିମ୍ନମାନର

## ନିର୍ମାଣ ଦୁଇଦିନ ପରେ ପିଚୁ ଉଠିଲା

**ଦେବଗଡ,୨୩।୭(ଡି.ଏନ.ଏ.)**

ଦେବଗଡ ଜିଲା ତିଲେଇବଣି ବ୍ଲକର ଅଞ୍ଚଳ ଗୋହିର ଡ୍ୟାମରୁ ଚାରବାଟି ପର୍ଯ୍ୟନ୍ତ ଆରଏଣ୍ଡବି ବିଭାଗ ପକ୍ଷରୁ ନିର୍ମାଣ କରାଯାଉଥିବା ରାସ୍ତା ଅତି ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି । ଗୋହିର ଡ୍ୟାମରୁ ଚାରବାଟି ପର୍ଯ୍ୟନ୍ତ ୮୯ଲକ୍ଷ ଟଙ୍କା ଅଟକଳ ବ୍ୟୟରେ ରାସ୍ତା ନିର୍ମାଣ କରାଯାଉଛି । ନିର୍ମାଣର ଦୁଇ ଦିନ ନପୁରୁଣୁ ଏଥିରେ ବ୍ୟବହାର ହୋଇଥିବା ପିଚୁ ବଜ୍ରି ଛାଡି ବାହାରି ଯାଇଥିବା ଦେଖିବାକୁ ମିଳୁଛି । ପରେ ଏହାକୁ ପ୍ୟାଚ ପକାଯାଉଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଧନୁଞ୍ଜୟ ବିଶ୍ୱାଳଙ୍କୁ ପଚାରିବାରୁ କାମ ଚାଲିଛି, ଶେଷ ହୋଇ ନାହିଁ। ବର୍ଷା ପାଇଁ ପିଚୁ ଉଠିଯାଇଛି ବୋଲି କହିଥିଲେ । ଏହାର ବିଧିବଦ୍ଧ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହେଉଛି।

# ଜିଲାରେ ସ୍ୱାସ୍ଥ୍ୟଗତ ସମସ୍ୟାକୁ ନେଇ ଉଦ୍‌ବେଗ

**ସମ୍ବଲପୁର,୨୩।୭(ବ୍ୟୁରୋ)**

ବରିଷ୍ଠ ନାଗରିକଙ୍କ ସଂଖ୍ୟା ଆନୁପାତିକ ଭାବେ ବୃଦ୍ଧି ପାଇଛି। ତେଣୁ ବରିଷ୍ଠ ନାଗରିକଙ୍କ ଶାରୀରିକ ଓ ମାନସିକ ସୁସ୍ଥତା ପ୍ରତି ବିଶେଷ ଦୃଷ୍ଟି ଦିଆଯିବା ଆବଶ୍ୟକତା ରହିଛି। ସମ୍ବଲପୁର ହୀରାଖଣ୍ଡ ନାଗରିକ ପରିଷଦର ଆଲୋଚନାଚକ୍ରରେ ଏହି ମତ ପ୍ରକାଶ ପାଇଛି। ପରିଷଦ ସଭାପତି ଡ. ସୁରୁବାବୁ ମେହେରଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ର ହୋଇଥିଲା। ଉପସଭାପତି ଡା. ଜ୍ୟୋତିରଞ୍ଜନ ପଣ୍ଡା, ରତ୍ନଭୂଷଣ ପୁରୁଷେଠ, ଭାଗବତ ପ୍ରସାଦ ନନ୍ଦ, ଅରବିନ୍ଦ ମହାପାତ୍ର, ନନ୍ଦ କିଶୋର ଦେବତା, ବିପିନ ବିହାରୀ ପଟ୍ଟନାୟକ, ସଦାନନ୍ଦ ସୋନବର୍ଷା, ପ୍ରଫେସର ଶଙ୍କର ପ୍ରସାଦ ପତି, ଡ. ବିଭୂତି ଭୂଷଣ ମିଶ୍ର, ଯୋଗେଶ ପ୍ରସାଦ ହୋତା, ଡା. ନାରାୟଣୀ ପଣ୍ଡା, ଡା. ବିନୋଦ ବିହାରୀ ନାୟକ, ଡା. ଜୟଦେବ ମେହେର ପ୍ରମୁଖ ଭାଗ ନେଇଥିଲେ। ସହର ସମେତ ଗ୍ରାମାଞ୍ଚଳରେ ବାସ କରୁଥିବା ବରିଷ୍ଠ ନାଗରିକଙ୍କ ପ୍ରତି ମଧ ସମାଜ ଓ ବ୍ୟବସ୍ଥା ଯତ୍ନବାନ ହେବା ଆବଶ୍ୟକ। ବର୍ତ୍ତମାନର ସାମାଜିକ ବ୍ୟବସ୍ଥାରେ ସ୍ଖଳନ ଏବଂ ବରିଷ୍ଠ ନାଗରିକମାନଙ୍କ କ୍ରମବର୍ଦ୍ଧିଷ୍ଣୁ ସମସ୍ୟା ଦୃଷ୍ଟିରୁ କାଉନସେଲିଂ କେନ୍ଦ୍ରଗୁଡ଼ିକ ଖୋଲିବା ଆବଶ୍ୟକତା ଅଛି। ଡାକ୍ତରଖାନା ଓ ରେଲୱେ ଷ୍ଟେଶନଗୁଡ଼ିକରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର କାଉଣ୍ଟର ରହିବା ସହ ଗ୍ରାମାଞ୍ଚଳରେ ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟବସ୍ଥା ରହିବା ଉଚିତ। ଆୟୁଷ୍ମାନ ଭାରତ ଯୋଜନା କେବଳ ବିପିଏଲ୍ ନାଗରିକଙ୍କ ଲାଗି ନ ହୋଇ ସାର୍ବଜନୀନ ହେବା ଉଚିତ। ସମ୍ପ୍ରତି ପରିବର୍ତ୍ତନଶୀଳ ସାମାଜିକ ବ୍ୟବସ୍ଥାରେ ବରିଷ୍ଠ ନାଗରିକମାନେ ସବୁଠାରୁ ଅଧିକ ବଳି ପଡୁଛନ୍ତି। ନିଃସଙ୍ଗ ଜୀବନଯାପନ ଯୋଗୁ ଦୁଶ୍ଚିନ୍ତା ଓ ରୋଗଗ୍ରସ୍ତ ଜୀବନ ଲାଗି ରହିଛି। ତେବେ ବରିଷ୍ଠ ନାଗରିକମାନଙ୍କୁ ନେଇ ଅଧିକରୁ ଅଧିକ ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣ, ହାସ୍ୟ କ୍ଲବ, ଯୋଗ ଓ ପ୍ରାଣାୟାମ ସଂଗଠନ ଗଢ଼ି ତୋଳିବା ଏକାନ୍ତ ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା। ଶେଷରେ ପରିଷଦର ଅତିରିକ୍ତ ସଚିବ ନିର୍ମଳ କୁମାର ମାଇତି ଧନ୍ୟବାଦ ଅର୍ପଣ କରିଥିଲେ।

## ନାଗରିକ କ୍ରିୟାନୁଷ୍ଠାନ କମିଟି ବୈଠକ: ସ୍ୱାଧୀନତା ଦିବସରେ ସରକାରୀ କାର୍ଯ୍ୟକ୍ରମ ବର୍ଜନ

**ସମ୍ବଲପୁର,୨୩।୭(ବ୍ୟୁରୋ)**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ରାଜ୍ୟ ଓ କେନ୍ଦ୍ର ସରକାର କୌଣସି ପ୍ରକାର ତ୍ୱରିତ ପଦକ୍ଷେପ ନେଉନାହାନ୍ତି। ତେଣୁ ଆସନ୍ତା ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସରେ ହେବାକୁ ଥିବା ସରକାରୀ କାର୍ଯ୍ୟକ୍ରମକୁ ନାଗରିକ କ୍ରିୟାନୁଷ୍ଠାନ କମିଟି ବର୍ଜନ କରିବ। ମଙ୍ଗଳବାର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନରେ ଆୟୋଜିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଭାଗବତ ପ୍ରସାଦ ନନ୍ଦଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ପ୍ରଫେସର ଶଙ୍କରପ୍ରସାଦ ପତି, ସୁଦର୍ଶନ ପୂଜାରୀ, ରଘୁନାଥ ମିଶ୍ର, ଅରବିନ୍ଦ ମହାପାତ୍ର, ଡା. ରାଜକୁମାର ବଡ଼ପଣ୍ଡା, ଅଶୋକ ବେରିଆ, କିଶୋର ପ୍ରଧାନ, ଶିବପ୍ରସାଦ ମେହେର, ବିଜୟଲକ୍ଷ୍ମୀ ବେହେରା, ସୁରେଖା ସାହୁ, ଯୋଗେଶ ପ୍ରସାଦ ହୋତା, ବ୍ୟୋମକେଶ ପଣ୍ଡା, ରାମନୁଜ ପଣ୍ଡା, ଗୋକୁଳ ମେହେର, ସରୋଜ ଦାଶ, ଶଶିଭୂଷଣ ତ୍ରିପାଠୀ, ଦୀପକ କୁମାର ପଣ୍ଡା ଆଲୋଚନାରେ ଭାଗ ନେଇଥିଲେ। ପ୍ରଫୁଲ୍ଲ କୁମାର ହୋତା ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଅଶୋକ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ମୁଖ୍ୟ ଅତିଥି ମଶାଲ ପ୍ରଜ୍ୱଳନ କରି ଚେସ୍ ପ୍ରତିଯୋଗିତାର ଉଦ୍‌ଘାଟନ କରୁଛନ୍ତି।

# ସମ୍ଭାଗସ୍ତରୀୟ ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ

**ଦେବଗଡ, ୨୩।୭(ଡ଼ି.ଏନ.ଏ.)**

ଦେବଗଡ ଜିଲା ତିଲେଇବଣି ବ୍ଲକ ସୁନାମୁଣ୍ଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ସମ୍ଭାଗସ୍ତରୀୟ ୩୦ତମ ଚେସ୍ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଛି । ଅତିରିକ୍ତ ଜିଲାପାଳ ଧରମ ହାଁସଦା ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡ଼ାପତାକା ଉତ୍ତୋଳନ କରି ମିଳିତ ପରେଡ଼ରେ ଅଭିବାଦନ ଗହଣ କରିଥିଲେ। ବିଦ୍ୟାଳୟ ଅଧକ୍ଷ ଉତ୍ତମ ପ୍ରସାଦ ସ୍ୱାଗତ ଭାଷଣ ପ୍ରଦାନ କରି ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଓଡ଼ିଶାର ବିଭିନ୍ନ ନବୋଦୟ ବିଦ୍ୟାଳୟରୁ ଆସିଥିବା ୧୦୨ କ୍ରୀଡ଼ା ପ୍ରତିଯୋଗୀ ତଥା ଏସ୍କର୍ଟମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ । ସଙ୍ଗୀତ ଅଧାପିକା ରୀତାରାଣୀ ସେଠୀଙ୍କ ନିର୍ଦ୍ଦେଶିତ ସ୍ୱାଗତ ସଙ୍ଗୀତ ଓ ଦଶାବତାର ଓଡ଼ିଶୀ ନୃତ୍ୟ ସହିତ ଯୋଗ ପ୍ରଦର୍ଶନ ପରିବେଷଣ କରାଯାଇଥିଲା । ପରେ ମୁଖ୍ୟ ଅତିଥି କ୍ରୀଡ଼ା ପ୍ରତିଯୋଗିତାକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ଅଧାପକ ସୁଜିତ କୁମାର ସାମଲ, ମୁଖ୍ୟ ଆର୍ବିଟର ସନ୍ତୋଷ କୁମାର ମହାପାତ୍ର, କୁଳମଣି ଜେନାଙ୍କ ତତ୍ତ୍ୱାବଧାନରେ ଚେସ୍ ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା । ଅଧାପକ ଜଗଦୀଶ ପାତ୍ର, ପିଆର୍‌ଓ ତଥା ବରିଷ୍ଠ ଓଡ଼ିଆ ଅଧାପକ ଡ଼.ସୁରେନ୍ଦ୍ର ନାଥ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ । ଅଧାପିକା ଦୀପାଞ୍ଜଳି ଜେନା ଧନ୍ୟବାଦ ପ୍ରଦାନ କରିଥିଲେ। ଆସନ୍ତା ଅଗଷ୍ଟ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ଜାତୀୟସ୍ତରର ପ୍ରତିଯୋଗିତା ଏହି ବିଦ୍ୟାଳୟରେ ଅନୁଷ୍ଠିତ ହେବ ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।




ପ୍ରତିଷ୍ଠା ଦିବସର ଅବସରରେ ଅତିଥିଙ୍କ ସହ ଅନ୍ୟମାନେ।

# ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ

**ଦେବଗଡ,୨୩।୭(ଡି.ଏନ.ଏ.)**

ଭାରତୀୟ ମଜଦୁର ସଂଘ ଦେବଗଡ ଜିଲା କାର୍ଯ୍ୟାଳୟରେ ସଂଘର ୬୫ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି । ଏହି ଅବସରରେ ସଂଘର ଦେବଗଡ ଜିଲା ସଭାନେତ୍ରୀ ନେତ୍ରମଣୀ ବେହେରା ଅଧ୍ୟକ୍ଷତା କରିଥିଲେ। ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ଜିଲା ପ୍ରଭାରୀ ଶ୍ରୀନିବାସ ଖୁଁଟିଆ ଯୋଗଦେଇ ଭାରତୀୟ ମଜଦୁର ସଂଘ ସର୍ବଭାରତୀୟ ସ୍ତରରେ ସର୍ବ ବୃହତ ଅଣରାଜନୈତିକ ଶ୍ରମିକ ସଂଗଠନରେ ପରିଣତ ହୋଇପାରିଥିବା ସୂଚନା ଦେଇଥିଲେ । ସଂଘର ଜିଲା ସମ୍ପାଦକ ଦିଲୀପ ଗଡନାୟକଙ୍କ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମରେ ଶ୍ରୀବତ୍ସ ମିଶ୍ର, ନଳିନୀ ନନ୍ଦ, ରାଜେନ୍ଦ୍ର ସାହୁଙ୍କ ସମେତ ସଦସ୍ୟା ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

# ବର୍ଷା ନାହିଁ, ଜମି ଫାଟି ଆଁ କରିଛି

**ବାମରା, ୨୩।୭ (ସ୍ୱ.ପ୍ର.)**

ସମ୍ବଲପୁର ଜିଲା ବାମରା ବ୍ଲକର ୧୭ଟି ଯାକ ପଞ୍ଚାୟତରେ ବର୍ଷା ଅଭାବ ଯୋଗୁ ମରୁଡି ପରିସ୍ଥିତି ଉପୁଜିଛି। ଚାଷୀ ବର୍ତ୍ତମାନ ନିରୁପାୟ ହୋଇ ପଡିଛନ୍ତି। କେତେକ ସ୍ଥାନରେ ଚାଷୀ ରୁଆ-ବିହୁଡା ଆରମ୍ଭ କରିପାରି ନ ଥିବା ବେଳେ କେତେକ ସ୍ଥାନରେ ଧାନ ଗଜା ହେବା ପରିବର୍ତ୍ତେ ଶୁଖି ଗଲାଣି। ସେହିଭଳି କେତେକ ଜାଗାରେ ପହ୍ଳା ମଧ ଶୁଖି ଯାଇଛି । ଜମି ଫାଟି ଆଁ କରିଛି । ଜୁନ ଓ ଜୁଲାଇ ମାସରେ ଆବଶ୍ୟକତା ଠାରୁ କମ୍ ବର୍ଷା ହେବା ଯୋଗୁ ଏଭଳି ଅବସ୍ଥା ହୋଇଥିବା ଚାଷୀମାନେ କହିଛନ୍ତି। ପମ୍ପ ଯୋଗେ ଖାଲି ଜମିରେ ରୁଆ କାମ କରୁଥିଲେ ମଧ ବର୍ଷା ଅଭାବ ଯୋଗୁ ପହ୍ଳା ହଳଦିଆ ପଡିବା ସହିତ ଶୁଖି ଯାଇଥିବା ଦେଖାଯାଇଛି । ଏପରି ପରିସ୍ଥିତିରେ ଚାଷୀ ନିରୁପାୟ ହୋଇ ହୋମ, ଯଜ୍ଞ କରୁଥିବା ବେଳେ କେତେକ ସ୍ଥାନରେ ବର୍ଷା ଆଶାରେ ଚାଷୀ ଇନ୍ଦ୍ର ପୂଜା କରୁଛନ୍ତି। କେତେକ ଗାଁରେ ବର୍ଷା ପାଇଁ ଲୋକ ବେଙ୍ଗ ବିବାହ ମଧ କରୁଛନ୍ତି। ଅଞ୍ଚଳରେ ଜଳସେଚନର ପର୍ଯ୍ୟାପ୍ତ ବ୍ୟବସ୍ଥା ନ ଥିବା ବେଳେ ଚେକ୍‌ଡ୍ୟାମ ଗୁଡିକ ଏଠାରେ ବିଫଳ ହୋଇ ପଡିଥିବା ଅଭିଯୋଗ ହୋଇଛି । ଗ୍ରାମାଞ୍ଚଳରେ ଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଗୁଡିକ ଆବଶ୍ୟକ ପାଣି ଯୋଗାଇ ପାରୁନାହିଁ। ଅନେକ ଉଠାଜଳସେଚନ ପଏଣ୍ଟ ଅଚଳ। ବିଭିନ୍ନ ଘରୋଇ ଓ ସରକାରୀ ଅର୍ଥ ଲଗାଣକାରୀ ସଂସ୍ଥାଠାରୁ ଚାଷୀ ଋଣ ନେଇଥିବା ବେଳେ ମରୁଡି ପରିସ୍ଥିତି ସେମାନଙ୍କ ମନୋବଳ ଭାଙ୍ଗି ଦେଇଛି। ବର୍ଷା ନ ହେଲେ ଚାଷ କାର୍ଯ୍ୟ ଆଦୌ ହୋଇ ପାରିବ ନାହିଁ । ଚଳିତ ବର୍ଷ ମଧ ବାମରା ବ୍ଲକ ଅଞ୍ଚଳ ମରୁଡି ଦାଉରୁ ବର୍ତ୍ତି ପାରିବ ନାହିଁ ।

### ଏମାନେ ଯାହା କୁହନ୍ତି...



ବାମରା ବ୍ଲକ ଅଞ୍ଚଳରେ ବର୍ଷା ଅଭାବ ଯୋଗୁ ଚାଷ କାମ ସଂପୂର୍ଣ୍ଣ ପ୍ରଭାବିତ ହୋଇଛି। ବିଲରେ ଧାନ ପଡିଛି। ହେଲେ ଗଜା ନ ହୋଇ ଶୁଖି ଯାଇଛି। କେବଳ ଚାଷ ଉପରେ ନିର୍ଭର ଚାଷୀ ସର୍ବସ୍ୱାନ୍ତ ହୋଇପଡିବେ। ସରକାରୀ ସହାୟତା ନ ମିଳିଲେ ଚାଷୀଙ୍କ କ୍ଷତି ଭରଣା କରିବା ଅସମ୍ଭବ ହୋଇ ପଡିବ।

**-ପ୍ରଶାନ୍ତ ନାଏକ, ଯୁବ ଚାଷୀ, ଲୋଲୋବିରା, ବାମରା ବ୍ଲକ**



ବାମରା ବ୍ଲକର ଡୁରେଇ ଅଞ୍ଚଳ ଜଳସ୍‌ସେଚିତ ଅଞ୍ଚଳ ଭାବେ ପରିଗଣିତ ହୋଇ ଆସୁଥିବା ବେଳେ ଉକ୍ତ ଅଞ୍ଚଳରେ ଉଠା ଜଳସେଚନ ପାଇଁ ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ସୁବିଧା ପ୍ରଦାନ କରାଯାଇ ନାହିଁ । ଚଳିତବର୍ଷ ବର୍ଷା ଅଭାବରୁ କେନାଲଗୁଡିକରେ ମଧ ପାଣି ଅଭାବ ଯୋଗୁ ଚାଷ ସଂପୂର୍ଣ୍ଣ ପ୍ରଭାବିତ ହୋଇଛି।

**-ଆନନ୍ଦ ବିହାରୀ ପଟେଲ, ଚାଷୀ ଡୁରେଇ, ବାମରା ବ୍ଲକ**



ବାମରା ବ୍ଲକ ଅଞ୍ଚଳରେ ବର୍ଷା ଅଭାବ ଯୋଗୁ ଧାନ ବିହନ ଗଜା ନ ହୋଇ ପଡି ରହିଥିବା ବେଳେ ପହ୍ଳା ମଧ ଶୁଖି ଯାଇଛି । କାଦୁଅ ଜମି ଫାଟି ଆଁ କଲାଣି । ସପ୍ତାହ ମଧରେ ବର୍ଷା ନ ହେଲେ ସ୍ଥିତି ଅଣାୟତ୍ତ ହେବ ।

**-ଦେବାନନ୍ଦ ସାହୁ, ସହକାରୀ କୃଷି ଅଧିକାରୀ, ବାମରା ବ୍ଲକ**

## ଫଟୋରେ ଖବର







ରବିବାର ରାତିରେ ସମ୍ବଲପୁର ଅଗ୍ରସେନ ଭବନରେ ଆୟୋଜିତ ଶ୍ରାବଣୀ ମେଳାରେ ମହିଳାମାନେ(ବାମ)। ସୋମବାର ସମ୍ବଲପୁର ଦରବାରଠାରେ ହଜ୍ ଯାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି (ମଝି)। ସୋମବାର ସମ୍ବଲପୁର ରେଳ ଷ୍ଟେଶନରେ ପାରାଙ୍କୁ ଚାଉଳ ଦିଆଯାଉଛି।

## ଆମ୍ବ କିସମ

ଜୁଲାଇ ଓ ଅଗଷ୍ଟ ମାସ ହେଉଛି ଆମ୍ବ ଗଛ ଲଗାଇବାର ପ୍ରକୃଷ୍ଟ ସମୟ। ବାଗନପଲ୍ଲୀ,ତୋତାପୁରୀ,ବମ୍ବେଗ୍ରିନ୍,ସୁବର୍ଣ୍ଣରେଖା,ନିଲମ୍,ହିମସାଗର,ଲାଙ୍ଗରା, ଦଶେରୀ, ଚୌଷା, ଆମ୍ରପଲ୍ଲୀ, ମଲ୍ଲିକା, ରତ୍ନା, ରାମକେଲା, ରୋମାନି, ଚେରୁକରସମ,ସିନ୍ଧୁ, ଆଲଫାନ୍ସୋ, କେଶରୀ ଆଦି କିସମ ଲଗାନ୍ତୁ। ୧୦x୧୦ ମିଟର ଦୂରତାରେ ୧x୧x୧ ମିଟର ଗାତ କରି ଗଛ ଲଗାନ୍ତୁ। ଏକ ବର୍ଷିଆ କେନାବିହୀନ ସୁସ୍ଥସବଳ କଲମୀ ଗଛ ଲଗାନ୍ତୁ। ଲଗାଇବା ସମୟରେ ଗାତ ପିଛା ଦୁଇଝୁଡି କମ୍ପୋଷ୍ଟ ୮୦ଗ୍ରାମ ଯବକ୍ଷାରଜାନ, ୧୦୦ଗ୍ରାମ୍ ଫସଫେଟ୍ ଓ ୬୦ଗ୍ରାମ୍ ପଟାସ ପ୍ରୟୋଗ କରନ୍ତୁ।



## ଆଖୁର ପୋକ ଦମନ

ଆଖୁର ଅଗବିନ୍ଧା ପୋକର ଦମନ ପାଇଁ ଟ୍ରାଇକୋଗ୍ରାମା ଚିଲୋନିସ୍ ନାମକ ପରାଶ୍ରୟୀ ଜୀବକୁ ଏକର ପ୍ରତି ୫୦ ହଜାର ସଂଖ୍ୟାରେ ଛାଡନ୍ତୁ। ଏହାଛଡା ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡିକୁ ଧରି ମାରି ଦିଅନ୍ତୁ ଅଥବା ଏକର ପ୍ରତି ୨୦୦ ଲିଟର ପାଣିରେ ୪୦୦ମିଲି ମନୋକ୍ରୋଟୋଫସ କିମ୍ବା କୁଇନାଲଫସ୍ ଔଷଧ ମିଶାଇ ସିଞ୍ଚନ କରନ୍ତୁ। ବର୍ତ୍ତମାନ ଦହିଆ ପୋକ ଲାଗିବାର ଆଶଙ୍କା ଅଛି । ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ନାଲି ଶଢ଼ାରୋଗର ନିୟନ୍ତ୍ରଣ ପାଇଁ ପ୍ରତିଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ +ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ।





## କଣ୍ଟାବିହୀନ କ୍ୟାକ୍‌ଟସ୍ ଚାଷ



ପ୍ରୀତିଲଗ୍ନା ଧଳ

କଣ୍ଟାବିହୀନ ନାଗଫେଣୀ ବା କାକ୍‌ଟସ୍‌କୁ ବର୍ତ୍ତମାନ ଗୋଖାଦ୍ୟ ରୂପେ ବ୍ୟବହାର କରାଯାଉଛି। ଏହା କେବଳ ଗୋଖାଦ୍ୟ ରୂପେ ନୁହେଁ ବରଂ ମନୁଷ୍ୟ ତଥା ପ୍ରାଣୀ ସମ୍ପଦ ପାଇଁ ବହୁତ ଜରୁରୀ । ଏହି ନାଗଫେଣୀ (ଅପୁଷ୍ଟିଆ ଫିକ୍ସ ଇଣ୍ଡିକା)ର ଉତ୍ପତ୍ତି ଦକ୍ଷିଣ ଆମେରିକା ଓ କେନ୍ଦ୍ରୀୟ ମରୁଭୂମିରେ ହୋଇଥିଲେ ହେଁ ଶୁଷ୍କ ତଥା ଅର୍ଦ୍ଧଶୁଷ୍କ ଅଞ୍ଚଳରେ ବହୁଳ ଭାବରେ ଚାଷ କରାଯାଉଛି।

**ବ୍ୟବହାର:** ଏହା ଶ୍ୱେତସାର ତଥ କ୍ୟାଲସିୟମ୍‌ରେ ଭରପୂର।

- ସ୍ୱାଦଯୁକ୍ତ ତଥା ସହଜ ରେ ହଜମ ହୋଇପାରେ।
- ଛୋଟ ଛୋଟ ଖଣ୍ଡ କରି କାଟି ଏହାକୁ ଚୋକଡ଼ ତଥା କୁଣ୍ଡା ସହ ମିଶାଇ ଖାଇବାକୁ ମଧ୍ୟ ଦିଆଯାଇପାରେ।
- ଶତକଡ଼ା ୫୦ରୁ ୧୦୦ ଭାଗ ଦେହର ଦଳୀୟ ଅଂଶର ଆବଶ୍ୟକତା ମଧ୍ୟ ପୂରଣ କରେ।
- ଗୋରୁଙ୍କୁ ଦିନରେ ୮ରୁ ୧୦ କେଜି ତଥା ମେଣ୍ଢାଙ୍କୁ ୫ରୁ ୬ କେଜି ସତେଜ ନାଗଫେଣୀ କାଣ୍ଡକୁ କାଟି ଦିଆଯାଇପାରେ।
- ଏହା ମୃତ୍ତିକା କ୍ଷୟ ମଧ୍ୟ ରୋକିଥାଏ।
- ନାଗଫେଣୀ ଫସଲ ମଧ୍ୟରେ ଚାଷୀମାନେ ଅନ୍ତଃ ଫସଲ ହେଉ ଅବା ପର୍ଯ୍ୟାୟ ଫସଲ ଭାବରେ ଖେସାରି ଚାଷ ବା ଗିନି ଘାସ ଚାଷ କରିପାରିବେ।

**ମୃତ୍ତିକା:** ୨୦ରୁ ୨୪ଡିଗ୍ରୀ ସେଲ୍‌ସିୟସ୍ ଉତ୍ତାପ ଥିଲେ ଭଲ ଗଜା ହୁଏ।

- ଏହା ମୃତ୍ତିକାର ୭୦ରୁ ୯୦ ଭାଗ ସଞ୍ଚିତ ପାଣିକୁ ବ୍ୟବହାର କରି ବଞ୍ଚିପାରେ।

**ତାପମାତ୍ରା:** ୨୦ରୁ ୩୦ ଡିଗ୍ରୀ ସେଲସିୟସ୍ ଉତ୍ତାପ ତଥା ୩୦୦ରୁ ୬୦୦ ମିଲମିଟର ବର୍ଷା ହେଉଥିବା ଅଞ୍ଚଳରେ ଏହା ଭଲ ହୋଇଥାଏ।

**ବଂଶ ବିସ୍ତାର:** ନାଗଫେଣୀକୁ ଛୋଟ ଛୋଟ ଖଣ୍ଡ କରି ମୁଖ୍ୟ ଫସଲ ହିସାବରେ ଧାଡ଼ିକୁ ଧାଡ଼ି ୫ମିଟର ତଥା ଗଛକୁ ଗଛ ୪ମିଟର ବ୍ୟବଧାନରେ ହେକ୍ଟର ପିଛା ୫୦୦ଟି କାଣ୍ଡ ଲଗାଯାଇପାରିବ। ଅଧିକ ଅମଳ ପାଇବା ପାଇଁ ହେକ୍ଟର ପିଛା ୧୦୦ କେ.ଜି. ଯବକ୍ଷାରଜାନ ସାର ଦରକାର ହୋଇଥାଏ।

**ଅମଳ:** ୧ ହେକ୍ଟରରୁ ୮୦-୧୦୦ ଟନ୍ କାଣ୍ଡ ଅମଳ ହୋଇଥାଏ। ଅମଳ ହେଲାପରେ ନିଜେ କାଟି ଖରାରେ ଶୁଖାଇ ଭଲଭାବରେ ଗୁଣ୍ଡ କରି ନଡ଼ା, ଶସ୍ୟ ତଥା ଡାଲି ସାଙ୍ଗରେ ମିଶାଇ ଖାଇବାକୁ ଦିଅନ୍ତୁ।

*-ଓୟୁଏଟି, ଭୁବନେଶ୍ୱର*



# ହରଡ଼ ଫସଲର ସଫଳ ରୋଗପୋକ ପରିଚାଳନା



ଡ.ପରେଶ କୁମାର ପଣ୍ଡା

**ହରଡ ଫସଲର ସଫଳ ରୋଗପୋକ ପରିଚାଳନା ଓ ଅମଳ ସମ୍ପର୍କରେ କେତୋଟି ଜାଣିବା କଥା...**

ଫସଲ ଚାଷରେ ଭାବିବାକୁ ହୋଇଥାଏ,ସଫଳତାର ସହ ରୋଗ ପୋକ ପରିଚାଳନା ବିଷୟରେ। ତେବେ ହରଡ ଚାଷରେ ରୋଗଗୁଡିକ ହେଲା-ଝାଉଁଳା,ପାଉଁଶିଆ,ପତ୍ରପୋଡା,ପତ୍ରଚିତା, କଳଙ୍କି,ସାହେବୀ ଭୂତାଣୁ,ଶୁଖିଲା ଚେରପଚା ଆଦି।

**ରୋଗ ନିୟନ୍ତ୍ରଣ ନିମନ୍ତେ** -ଝାଉଁଳା କ୍ଷେତ୍ରରେ ମେଟିରାମ୍ ୭୦% ଡବ୍ଲୁ .ଜି ୧୫ଗ୍ରାମ୍,ପାଉଁଶିଆ ରୋଗ ପାଇଁ ସଲଫର ୮୦% ଡବ୍ଲୁ.ପି ୪୦ଗ୍ରାମ୍ କିମ୍ବା ପ୍ରୋପିକୋନାଜୋଲ୍ ୨୫ ପ୍ରତିଶତ ଏ.ସି ୫ ମିଲି , ପତ୍ରପୋଡା ରୋଗ ନିୟନ୍ତ୍ରଣ ଲାଗି -ସି.ଓ.ସି ୫୦ପ୍ରତିଶତ ଡବ୍ଲୁଡି.ଜିର ୩୦ଗ୍ରାମ୍ +ଷ୍ଟ୍ରେପ୍ଟୋସାଇକ୍ଲିନ୍ ୯%ର ୧୦ଗ୍ରାମ୍‌ର ମିଶ୍ରଣ, ପତ୍ରଚିତା ନିମନ୍ତେ - କ୍ଲୋରୋଥାଲୋନିଲ୍ ୭୫% ଡବ୍ଲୁପି ୨୦ଗ୍ରାମ୍ କିମ୍ବା କାର୍ବେଣ୍ଡାଜିମ୍ ୧୨% +ମାଙ୍କୋଜେବ୍ ୬୩% ମିଶ୍ରଣରର ୧୫ଗ୍ରାମ୍ ), ଧୂସର ଫିମ୍ପି (କାର୍ବେଣ୍ଡାଜିମ୍୫୦% ଡବ୍ଲୁ.ପି ୨୦ଗ୍ରାମ୍), ବେକପଚା(କାର୍ବେଣ୍ଡାଜିମ୍୫୦% ଡବ୍ଲୁପ.ପି ୨୦ଗ୍ରାମ୍), କଳଙ୍କି (କ୍ଲୋରୋଥାଲୋଲିନ୍ ୭୫% ପ୍ରତିଶତ ଡବ୍ଲୁପ.ପି ୨୦ଗ୍ରାମ୍/ଡାଇଫେନୋକୋନାଜୋଲ୍ ୨୫% ଇ.ସି ୧୦ମିଲି ) ସାହେବି ଭୂତାଣୁ ସଲଫର ୮୦ପ୍ରତିଶତ ଡବ୍ଲୁପି.୫୦ଗ୍ରାମ୍ / ଥାୟୋମେଥୋକ୍ସାମ୍୨୫% ଡବ୍ଲୁଜି ୧୦ଗ୍ରାମ୍ , ଶୁଖିଲା ଚେରପଚା ( ଭାଲିଡାମାସିନ୍ ୩% ଏଲ୍ ୨୦ ମିଲି /କାର୍ବେଣ୍ଡାଜିମ୍ ୫୦ପ୍ରତିଶତ ଡବ୍ଲୁ ପି ୨୦ଗ୍ରାମ୍) କୀଟନାଶକ ଔଷଧକୁ ପ୍ରତି ୧୦ଲିଟର ପାଣିରେ ମିଶାଇ ଫସଲରେ ସିଞ୍ଚନ କରନ୍ତୁ।

ଛୁଇଁ/ଫଳବିନ୍ଧା ପୋକ ନିୟନ୍ତ୍ରଣ ଲାଗି ଦେଶୀୟ ପ୍ରଣାଳୀରେ ୩.୫ଲିଟର ଗୋମୂତ୍ର ସହ ୩.୫କି.ଗ୍ରା ଗୋବର ମିଶାଇ ଏକ ପାତ୍ରରେ ୭ଦିନ ଘୋଡାଇ ରଖି ପରେ ଛାଣି ପାଣି ମିଶାଇ



୧୦୦ଲିଟର କରାଯାଏ। ଏଥିସହ ୨୦୦ଗ୍ରାମ୍ ଚୂନ ମିଶାଇ ଛଣାଯିବା ପରେ ଅପରାହ୍ନରେ ହରଡ ଫସଲରେ ଏକ ସପ୍ତାହ ଅନ୍ତରରେ ଦୁଇ ତିନିଥର ସିଞ୍ଚନ କରନ୍ତୁ। ଅନ୍ୟ ଡାଲି ଫସଲରେ ଏହାକୁ ପ୍ରୟୋଗ କରି ଫଳବିନ୍ଧା ପୋକ ଦାଉରୁ ଫସଲକୁ ରକ୍ଷା କରାଯାଇପାରିବ। ଆହୁରି ମଧ୍ୟ ୧୦୦ଲିଟର ପାଣିରେ ୫କି.ଗ୍ରା ଗୁଡ ମିଶାଇ ଭଲ ଭାବରେ ଘାଣ୍ଟି ଗୁଡ ପଣା ତିଆରି କରନ୍ତୁ। ତା'ପରେ ଏହାକୁ ଛାଣି ଏକ ଏକର ଫସଲରେ ସିଞ୍ଚନ କଲେ ପିମ୍ପୁଡି ମାନେ ଗଛରେ ଚଢ଼ିବେ ଫଳବିନ୍ଧା ଓ ପତ୍ରଡିଆଁ ପୋକର ଅଣ୍ଡାଗୁଡିକୁ ଖାଇଯାଆନ୍ତି ଓ ଫସଲ ରକ୍ଷା ପାଇଥାଏ।

ସ୍ଥଳବିଶେଷରେ ଜଉ, ସବୁଜ ପତ୍ରଡିଆଁ, ବ୍ଲିଷ୍ଟର ବିଟିଲି ପୋକର ନିୟନ୍ତ୍ରଣ ପାଇଁ ( ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ. ୨.୮ମି.ଲି / ଥାୟୋମେଥୋକ୍ସାମ୍ ୨୫% ଡବ୍ଲୁ .ଜି.୨ ଗ୍ରାମ୍ / ଆସେଟାମିପ୍ରିଡ୍ ୨୦% ଏସ୍.ପି ୨.୫ଗ୍ରାମ୍ );ବାଘୁଆ ପୋକ,ଛୁଇଁ /ଫଳବିନ୍ଧା ପୋକ , ସମ୍ବାଲୁଆ ନିୟନ୍ତ୍ରଣ ନିମନ୍ତେ ( ଫ୍ଲୁବେଣ୍ଡିଆମାଇଡ୍ ୩୯.୩୫%ଏସ୍.ସି ୨ମିଲି. ଲି/ଇଣ୍ଡୋକ୍ସାକାର୍ବ ୧୫.୮% ଇ.ସି ୬.୭ମି.ଲି) କୀଟନାଶକ ଔଷଧକୁ ପ୍ରତି ୧୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଅମଳ:**ଫସଲର ତିନି ଚତୁର୍ଥାଂଶ ଛୁଇଁ ଶୁଖି ଆସିଲେ ଅମଳ କରିବା ଭଲ। ହରଡ ଫସଲରେ ଏକ ସମୟରେ କଢ଼ ଓ ଫୁଲ, କଞ୍ଚା ଓ ପାକଳ ଛୁଇଁ ଦେଖିବାକୁ ମିଳିଥାଏ। ବେଶୀ ଖରାରେ ଛୁଇଁ ପାଚି ରହିଲେ ଛୁଇଁରୁ ମଞ୍ଜି ଫାଟି ଗଳିପଡେ। ତେଣୁ ଏକ ଥାକ ଛୁଇଁ ପାଚିଗଲା ପରେ ଡାଳକାଟି ଅମଳ କରାଯାଏ। ତାହାର ପ୍ରାୟ ଦେଢ଼ମାସ ପରେ ୨ୟ ଦଫା ଓ ଶେଷରେ ଦ୍ୱିତୀୟ ଦଫାର ଦେଢ଼ମାସ ପରେ ଡାଳକାଟି ଅମଳ କରାଗଲେ ୫୦ପ୍ରତିଶତରୁ ଅଧିକ ଅମଳ ମିଳିଥାଏ। ତେବେ ଏହିପରି ଏକ ଏକର ଫସଲକୁ ୬-୧୦କ୍ୱିଣ୍ଟାଲ ମଞ୍ଜି ଅମଳ ହୁଏ।

*-ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର, ମୋ:୭୨୦୫୦୯୬୦୮୦*

## ରୋଗଣା କୁକୁଡା ଚିହ୍ନିବେ କିପରି

କୁକୁଡା ଖାଦ୍ୟ ଠିକ୍ ଭାବରେ ଖାଉନ ଥିବ, ଦୁର୍ବଳ ଭଳି ଚାଲୁଥିବ, ଗୋଟିଏ ସ୍ଥାନରେ ବସିଥିବ, ଘୁମଉଥିବ, ପର ତଥା ମଳଦ୍ୱାରରେ ମଳ ଲାଗି ରହୁଥିବ ଅଥବା ନାକରୁ ପାଣି ଗଡୁଥିବ ତା' ହେଲେ ଜାଣିବେ କୁକୁଡାକୁ କୌଣସି ରୋଗ ହୋଇଛି। ତେଣୁ ତୁରନ୍ତୁ ରୋଗର କାରଣ ଯାଞ୍ଚ କରାନ୍ତୁ। ଏହାଛଡା ଝାଡାରେ ରକ୍ତ ପଡିବା ଅଥବା ଝାଡାର ରଙ୍ଗ ବଦଳିଲେ ମଧ୍ୟ ରୋଗର ସୂଚନା ମିଳିଥାଏ। ଦୁର୍ବଳ ତଥା ରୋଗଣା କୁକୁଡାଙ୍କୁ ଅଲଗା ରଖି ତାଙ୍କର ସ୍ୱତନ୍ତ୍ର ଯତ୍ନ ନିଅନ୍ତୁ ତଥା ନିକଟସ୍ଥ ପ୍ରାଣୀଚିକିତ୍ସକଙ୍କ ପରାମର୍ଶ ନେଇ ଯଥାଶୀଘ୍ର ଚିକିତ୍ସା କରାନ୍ତୁ।

**ରୋଗ ପରିଚାଳନା:** କୁକୁଡ଼ା ବିଭିନ୍ନ କୃମିଦ୍ୱାରା ଆକ୍ରାନ୍ତ ହେବା ସହିତ ବିଭିନ୍ନ ସଂକ୍ରମଣର ଶିକାର ହୋଇଥାନ୍ତି । ଭିନ୍ନ ଭିନ୍ନ ଋତୁ ତଥା ଭିନ୍ନ ଭିନ୍ନ ସମୟରେ ତାପମାତ୍ରା ଏବଂ ଆର୍ଦ୍ରତାରେ ରୋଗ ଜୀବାଣୁ ସଂକ୍ରମଣର ଆଶଙ୍କା ଭିନ୍ନ ହୋଇଥାଏ । ବୀଜାଣୁ, ଭୂତାଣୁ ଏବଂ କବକ କୁକୁଡ଼ାଙ୍କୁ ଆକ୍ରାନ୍ତ କରିଥାନ୍ତି। ବାର୍ଡ ଫ୍ଲୁ, କୁକୁଡା ବସ, କଲେରା, ମାଇକୋପ୍ଲାଜମୋସିସ, ରାଣୀକ୍ଷେତ୍, ଗୁମ୍ବୋରୋ ବା ଆଇ.ବି.ଡ଼ି., କକ୍ସିଡିଓସିସ, ସାଲମୋନେଲୋସିସ୍ ଓ ମାରେକ୍ସ ଆଦି କୁକୁଡାଙ୍କର ମୁଖ୍ୟ ରୋଗ । ଏହାଛଡା ପାଣିପାଗ ଅଥବା ଖାଦ୍ୟର ତତ୍କ୍ଷଣାତ୍ ପରିବର୍ତ୍ତନ ତଥା ପାଣି ସଠିକ୍ ପରିମାଣରେ ନ ମିଳିଲେ ଏମାନଙ୍କ ସ୍ୱାସ୍ଥ୍ୟହାନୀ ହୋଇଥାଏ । ରୋଗ ସଂକ୍ରମଣରୁ ରକ୍ଷା ପାଇବା ପାଇଁ କୁକୁଡ଼ାଙ୍କୁ ନିର୍ଦ୍ଧାରିତ ବୟସରେ ଟୀକାକରଣ କରାନ୍ତୁ।

**କୁକୁଡା ପାଳନରୁ ଲାଭ:** ବୈଜ୍ଞାନିକ ପଦ୍ଧତିରେ କୁକୁଡାପାଳନ କଲେ ଜଣେ ଚାଷୀ ୨୫ରୁ ୩୦ ଟି କୁକୁଡାରୁ ବାର୍ଷିକ ୧୪,୦୦୦ ରୁ ୧୬,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ମିଳିପାରିବ । କୁକୁଡା ମଳ ଉନ୍ନତ ସାର ରୂପେ ବ୍ୟବହାର ହୋଇଥାଏ । ଅଗଣାରେ କୁକୁଡା ପାଳିଲେ ଅନାବନା ଘାସ, ପୋକଜୋକ, ଜିଆ, ଝିଣ୍ଟିକା, ଗେଣ୍ଡା, ପଡିଥିବା ଶସ୍ୟର ଅବଶିଷ୍ଟାଂଶ ଓ ରୋଷେଇ ଘରୁ ବାହାରୁଥିବା ନଷ୍ଟ ଖାଦ୍ୟ ମଧ୍ୟ ଖାଇବାରୁ ଏମାନଙ୍କ ଖାଇବା ଖର୍ଚ୍ଚ ବହୁତ କମ୍ ହୋଇଥାଏ । କୁକୁଡା ପାଳିବା ପୂର୍ବରୁ ଜ୍ଞାନ କୌଶଳ ପାଇଁ ଚାଷୀମାନେ ନିକଟସ୍ଥ ପ୍ରାଣୀ ଚିକିତ୍ସକ, କୃଷି ବିଜ୍ଞାନ କେନ୍ଦ୍ର ଅଥବା କେନ୍ଦ୍ରୀୟ କୁକ୍କୁଟ ବିକାଶ ସଂଗଠନ (ପୂର୍ବାଞ୍ଚଳ), ଭୁବନେଶ୍ୱର ସହିତ ସମ୍ପର୍କ କରିପାରିବେ । ଗ୍ରାମାଞ୍ଚଳରେ ଖାଦ୍ୟ ଓ ପୋଷଣ ନିରାପତ୍ତା ରକ୍ଷା ପାଇଁ ରାଷ୍ଟ୍ରୀୟ ପ୍ରାଣୀଧନ ମିଶନ ଆନୁକୂଲ୍ୟରେ 'ଘର ଅଗଣାରେ କୁକୁଡ଼ା ପାଳନ' ଯୋଜନା ମାଧ୍ୟମରେ ୪୫ଟି କୁକୁଡ଼ା ଚିଆଁ ସହିତ ଖାଦ୍ୟପାତ୍ର, ପାଣିପାତ୍ର ଓ ରାତ୍ର ରହଣିର ବ୍ୟବସ୍ଥା ପାଇଁ ଟ. ୧୫୦୦/- ଦିଆଯିବାର ବ୍ୟବସ୍ଥା ରହିଛି।

***-ରଞ୍ଜନ କୁମାର ମହାନ୍ତ***

***-ସାରଦା ପ୍ରସନ୍ନ ସାହୁ***



## କଦଳୀରେ ଝାଉଁଳା ରୋଗ ନିୟନ୍ତ୍ରଣର ଉପାୟ

କଦଳୀରେ ଫିମ୍ପି ଜାତୀୟ ଝାଉଁଳା ରୋଗ ଲାଗିଲେ ପତ୍ରଗୁଡିକ ହଳଦିଆ ପଡି ଶୁଖିଯାଏ ଓ ମୂଳ ଫାଟିଯାଏ। ଏହାର ନିୟନ୍ତ୍ରଣ ସକାଶେ ପ୍ରତି ଲିଟର ପାଣିରେ ୧.୫ଗ୍ରାମ ହିସାବରେ ମେଟାଲାକ୍ସିଲ୍ କିମ୍ବା ମାଙ୍କୋଜେବ୍ ମିଶ୍ରଣ ଗଛମୂଳରେ ସିଞ୍ଚନ କରନ୍ତୁ।



## ସେଲ୍ଫି କର୍ଣ୍ଣର



@ ସୁରେନ୍ଦ୍ର



@ ସୁଷମ



@ ପ୍ରମୋଦ



@ ମୁକୁ



@ ସଂଗ୍ରାମ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# 'ଗଣମାଧ୍ୟମ କ୍ୟାରିୟରକୁ ଗୁରୁତ୍ୱ ଦେଇଛି'

ସମ୍ବଲପୁର,୨୩।୭(ବ୍ୟୁରୋ)

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଗଣମାଧ୍ୟମ କ୍ୟାରିୟରକୁ କେନ୍ଦ୍ରୀଭୂତ କରିଛି। ଛାତ୍ରୀଛାତ୍ର ଗଣମାଧ୍ୟମକୁ କିପରି କ୍ୟାରିୟର କରିପାରିବେ ସେ ନେଇ ଗୁରୁତ୍ୱାରୋପ କରିଆସୁଛି। ୨୦୧୫ରେ ଡିପ୍ଲୋମା ଇନ୍ ଜର୍ନାଲିଜମ୍ ପାଠ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ୨୦୧୭ରେ ଆଡଭାନ୍ସଡ ଡିପ୍ଲୋମା ଇନ୍ ଜର୍ନାଲିଜମ୍, ସାର୍ଟିଫିକେଟ ଇନ୍ ଜର୍ନାଲିଜମ ଓ ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା ଇନ୍ ଜର୍ନାଲିଜମ, ୨୦୧୮ରେ ମାଷ୍ଟର୍ସ ଡିଗ୍ରୀ ଇନ୍ ଜର୍ନାଲିଜମ ଓ ୨୦୧୯ ଶିକ୍ଷାବର୍ଷରେ ବ୍ୟାଚଲର ଇନ୍ ଜର୍ନାଲିଜମ ପାଠ୍ୟକ୍ରମ ଆରମ୍ଭ କରାଯାଇଛି। ସମ୍ପ୍ରତି ଗଣମାଧ୍ୟମ ପାଠ୍ୟକ୍ରମରେ ୩ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଡିପ୍ଲୋମା ଇନ୍ ଜର୍ନାଲିଜମ୍‌ରେ ୧୦୫୬ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୭୭୦ ପୁରୁଷ ଓ ୨୫୬ ମହିଳା ରହିଛନ୍ତି। ସେହିପରି ଆଡଭାନ୍ସଡ ଡିପ୍ଲୋମା ଇନ୍ ଜର୍ନାଲିଜମରେ ୩୫ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୮ ପୁରୁଷ ଓ ୭ ମହିଳା, ସାର୍ଟିଫିକେଟ ଇନ୍ ଜର୍ନାଲିଜମରେ ୫୮୬ଜଣଙ୍କ ମଧ୍ୟରୁ ୪୧୪ ପୁରୁଷ ଓ ୧୩୨ ମହିଳା, ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା ଇନ୍ ଜର୍ନାଲିଜମରେ ୭୫୭ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫୬୧ ପୁରୁଷ ଓ ୧୪୬ ମହିଳା ରହିଛନ୍ତି। ଅପରପକ୍ଷେ ମାଷ୍ଟର୍ସ ଡିଗ୍ରୀ ଇନ୍ ଜର୍ନାଲିଜମରେ ୬୩୫ ଜଣଙ୍କ ମଧ୍ୟରୁ ୩୬୪ ପୁରୁଷ ଓ ୨୭୧ ମହିଳା ରହିଛନ୍ତି। ବ୍ୟାଚଲର ଇନ୍ ଜର୍ନାଲିଜମ ବିଭାଗରେ ୩୫ ଜଣଙ୍କ ମଧ୍ୟରୁ ୩୧ ପୁରୁଷ ଓ ୪ ମହିଳା ରହିଛନ୍ତି। ଗଣମାଧ୍ୟମ ପାଠ ପଢ଼ି ବର୍ତ୍ତମାନ ପର୍ଯ୍ୟନ୍ତ ଏହି ବିଶ୍ୱବିଦ୍ୟାଳୟର ୧୩୫୦ ଚାକିରି ପାଇଥିବା ବେଳେ ୧୭୦୪ ଜଣ ଆତ୍ମନିର୍ଭରଶୀଳ ହେବା ସହ ଚାକିରି ଅନ୍ବେଷଣରେ ଅଛନ୍ତି। ମୁଖ୍ୟତଃ ମହିଳା ଓ ବିବାହିତ ବ୍ୟକ୍ତିମାନେ ମଧ୍ୟ ଗଣମାଧ୍ୟମ ପଢ଼ିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏହି କ୍ରମରେ ବିଶ୍ୱବିଦ୍ୟାଳୟରୁ ଏ ପର୍ଯ୍ୟନ୍ତ ୯୩୬ ଜଣ ମହିଳା ଅଧ୍ୟୟନ କରିଛନ୍ତି। ତେବେ ୯୭୫ ଜଣ ବିବାହିତ ବ୍ୟକ୍ତି ମଧ୍ୟ ଅଧ୍ୟୟନ କରି ସାରିଛନ୍ତି। ପ୍ରକୃତ ପକ୍ଷେ ଓଏସ୍ଓୟୁରେ ଗଣମାଧ୍ୟମ ପାଠ୍ୟକ୍ରମ ପଢ଼ିବାକୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଛାତ୍ରୀଛାତ୍ର, ମହିଳା, ପୁରୁଷ ଆଗ୍ରହ ପ୍ରକାଶ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ୫୧ ଶିକ୍ଷାକେନ୍ଦ୍ର ଖୋଲାଯାଇଛି। ଏ ନେଇ ବିଶ୍ୱବିଦ୍ୟାଳୟ କୁଳପତି ଡ. ଶ୍ରୀକାନ୍ତ ମହାପାତ୍ର ସାକ୍ଷାତକାରରେ କହିଛନ୍ତି, ପୂର୍ବରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଗଣମାଧ୍ୟମ ପାଠ୍ୟକ୍ରମ ଖୋଲାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ତାହା ବନ୍ଦ ହୋଇଯାଇଥିଲା। ଫଳରେ ଗଣମାଧ୍ୟମରେ ରୁଚି ରଖୁଥିବା ଛାତ୍ରୀଛାତ୍ର ନିରାଶ ହୋଇଥିଲେ। ଅପରପକ୍ଷେ ୧୯୯୩ରେ ଢେଙ୍କାନାଳଠାରେ ଇଣ୍ଡିୟାନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମାସ୍ କମ୍ୟୁନିକେଶନ୍ ଆରମ୍ଭ ହୋଇଥିଲା। ତେବେ ଏଠାରେ ସୀମିତ ସିଟ୍ ରହିଥିବାରୁ ସମସ୍ତଙ୍କ ପକ୍ଷେ ପାଠ ପଢ଼ିବା ସମ୍ଭବ ହୋଇପାରୁ ନ ଥିଲା। ଏହାକୁ ଦୃଷ୍ଟିରେ ରଖି ଓଏସ୍ଓୟୁ ଗଣମାଧ୍ୟମ ପାଠ୍ୟକ୍ରମକୁ ଗୁରୁତ୍ୱ ଦେଇଆସିଛି। ଏହାଦ୍ୱାରା ରାଜ୍ୟର ବିଭିନ୍ନ ଅଞ୍ଚଳର ଛାତ୍ରୀଛାତ୍ର, କର୍ମଜୀବୀ, ମହିଳା, ପୁରୁଷଙ୍କୁ ଗଣମାଧ୍ୟମ ପାଠ୍ୟକ୍ରମ ସ୍ୱଳ୍ପ ମୂଲ୍ୟରେ ପଢ଼ିବା ସୁଯୋଗ ଯୋଗାଇ ଦେଇଛି। କିନ୍ତୁ ଗଣମାଧ୍ୟମ ପାଠ୍ୟକ୍ରମରେ ଶିକ୍ଷକ ଅଭାବ ସମସ୍ୟା ରହିଛି। ଯେଉଁଥିପାଇଁ ଆମେ ଅଧିକ ଶିକ୍ଷାକେନ୍ଦ୍ର ଖୋଲିପାରୁନାହୁଁ। ପାଠ ପଢ଼ିସାରିବା ପରେ ଛାତ୍ରୀଛାତ୍ରମାନଙ୍କୁ ରାଜ୍ୟର ବିଭିନ୍ନ ଗଣମାଧ୍ୟମ ସଂସ୍ଥାରେ ଚାକିରିର ସୁଯୋଗ ଦେଲେ ଗଣମାଧ୍ୟମର ଆଭିମୁଖ୍ୟ ଓ ସାମାଜିକ ଦାୟିତ୍ୱ ପ୍ରକୃତ ପକ୍ଷେ ପୂରଣ ହୋଇପାରିବ ବୋଲି କୁଳପତି ଡ. ମହାପାତ୍ର କହିଛନ୍ତି।



ଓଏସ୍ଓୟୁ କୁଳପତି ଡ. ଶ୍ରୀକାନ୍ତ ମହାପାତ୍ର।

# 'ଜାତୀୟ ଶିକ୍ଷାନୀତି ନିରନ୍ତର ଶିକ୍ଷା ପାଇଁ ପ୍ରୋତ୍ସାହନ ଯୋଗାଇବ'

ଭୁବନେଶ୍ୱର, ୨୩।୭(ବ୍ୟୁରୋ)




ଜାତୀୟ ଶିକ୍ଷାନୀତି କର୍ମଶାଳାରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ଉଦ୍‌ବୋଧନ ଦେଉଛନ୍ତି।

ପ୍ରଣୟନ ହେବାକୁ ଥିବା ଜାତୀୟ ଶିକ୍ଷାନୀତି ସମାଜର ଉପଯୋଗିତା, ପ୍ରୟୋଜନୀୟତା ଏବଂ ପ୍ରୟୋଗୀକରଣ ଉପରେ ପର୍ଯ୍ୟବେଶିତ ହେବା ଆବଶ୍ୟକ। ଜାତୀୟ ଶିକ୍ଷାନୀତି ନିରନ୍ତର ଶିକ୍ଷା ପ୍ରଦାନକୁ ପ୍ରୋତ୍ସାହିତ କରିବ ବୋଲି ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ କହିଛନ୍ତି। ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଦୁଇଦିନିଆ ଜାତୀୟ ଶିକ୍ଷାନୀତି କର୍ମଶାଳା-୨୦୧୯କୁ ଉଦ୍‌ଘାଟନ କରି ମନ୍ତ୍ରୀ ଦାସ ଏହା କହିଛନ୍ତି।

ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସାଧାରଣ ଶିକ୍ଷା ସହିତ ମାନସିକ ଦକ୍ଷତା ଓ ଶାରୀରିକ ଦକ୍ଷତାରେ ବିକାଶର ଆବଶ୍ୟକତା ରହିଛି ବୋଲି କହିଥିଲେ। ଗଣଶିକ୍ଷା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ମହାପାତ୍ର, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ପରାମର୍ଶଦାତା ବିଜୟ କୁମାର ସାହୁ, ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବ ଶାଶ୍ୱତ ମିଶ୍ର, ୟୁନିସେଫ୍‌ର ରାଜ୍ୟ ମୁଖ୍ୟ ଡ. ମୋନିକା ଓ. ନିଲ୍‌ସନ୍ ଏବଂ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଗଙ୍ଗାଧର ସାହୁ, ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ଶିକ୍ଷାବିତ୍, ଶିକ୍ଷକ ସଂଘ, ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ, ଜାତିସଂଘ ପ୍ରତିନିଧି, ୟୁ.ଏନ୍ ଏଜେନ୍ସି, ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ଜାତୀୟ ଶିକ୍ଷାନୀତିରେ ଘରୋଇ ସ୍କୁଲରେ ଫି' ଷ୍ଟ୍ରକ୍ଚରକୁ ନିୟନ୍ତ୍ରଣ କରିବା, ଘରୋଇ ସ୍କୁଲରେ ଏନ୍‌ସିଇଆରଟି ପୁସ୍ତକ ବ୍ୟବହାର କରିବା, ପ୍ରତି ୪ମାସରେ ଥରେ ଅଭିଭାବକ ବୈଠକ, ୩ରୁ ୬କ୍ଲାସ୍ ପର୍ଯ୍ୟନ୍ତ ଶିକ୍ଷା କ୍ଷେତ୍ରରେ କୌଣସି ଚାପ ନ ଦେବା, ଧନ୍ଦାମୂଳକ ଶିକ୍ଷା ସାମିଲ କରାଗଲେ ଭଲ ହୁଅନ୍ତା ବୋଲି ଅଭିଭାବକ ମହାସଂଘ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି।

# ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଫେରାର

ରେଢ଼ାଖୋଲ,୨୩।୭(ଡି.ଏନ୍.ଏ.)

ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା କୋଳ୍ହମଲ୍ଲିଆ ଗ୍ରାମର ଜଣେ ନାବାଳିକାଙ୍କୁ ନିକଟସ୍ଥ ହେମାମୁରା ଗ୍ରାମର ସୁମନ୍ତ ପ୍ରଧାନ ବଳାତ୍କାର କରିଥିବା ମଙ୍ଗଳବାର ରାତି ୯ଟାରେ ଥାନାରେ ଅଭିଯୋଗ ହୋଇଛି। ନାବାଳିକାଙ୍କ ଅଭିଯୋଗ କ୍ରମେ ପୋଲିସ ଦଫା ୩୭୬ ଓ ପକ୍ସୋ ଆକ୍ଟ ଧାରା ୪ରେ ଏକ ମାମଲା (ନଂ. ୧୪୭) ରୁଜୁ କରିଛି। ଅଭିଯୁକ୍ତ ସୁମନ୍ତ ଫେରାର ହୋଇଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ କହିଛନ୍ତି। ନାବାଳିକାଙ୍କ ଅଭିଯୋଗ ଅନୁଯାୟୀ ସୁମନ୍ତଙ୍କ ସହ ନାବାଳିକାଙ୍କର ପୂର୍ବରୁ ପ୍ରେମ ସମ୍ପର୍କ ଥିଲା। ସୁମନ୍ତ ବଲାଙ୍ଗୀରରେ କାମ କରନ୍ତି। ଗତ ୧୭ ତାରିଖରେ ସୁମନ୍ତ ନାବାଳିକାଙ୍କୁ ଫୋନ କରି ବଲାଙ୍ଗୀର ଡକାଇଥିଲେ। ନାବାଳିକା ବଲାଙ୍ଗୀର ପହଞ୍ଚିବା ପରେ ସୁମନ୍ତ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିବା ସହ ସେହିଦିନ ତାଙ୍କୁ ଘରକୁ ଫେରିଯିବାକୁ କହିଥିଲେ। ନାବାଳିକା ବସ୍ ଯୋଗେ ବଲାଙ୍ଗୀରରୁ ସମ୍ବଲପୁର ଆସିଥିଲେ। ହେଲେ ରେଢ଼ାଖୋଲ ବସ୍ ନ ମିଳିବାରୁ ରେଙ୍ଗାଲି ନିକଟ ଶାସନଠାରେ ଓହ୍ଲାଇ ବୁଲୁଥିଲେ। ଶାସନ ପୋଲିସ ସନ୍ଦେହରେ ତାଙ୍କୁ ପଚରାଉଚୁରା କରିବା ପରେ ଘଟଣା ପଦାକୁ ଆସିଥିଲା। ପୋଲିସ ନାବାଳିକାଙ୍କୁ ୧୮ ତାରିଖରେ ସମ୍ବଲପୁର ଶିଶୁ କଲ୍ୟାଣ ସମିତିକୁ ହସ୍ତାନ୍ତର କରିଥିଲା। ଶିଶୁ କଲ୍ୟାଣ ସମିତି ନାବାଳିକାଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରି ସୋମବାର ହସ୍ତାନ୍ତର କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ନାବାଳିକା ରେଢ଼ାଖୋଲ ଚାଇଲ୍ଡ ଲାଇନ କର୍ମକର୍ତ୍ତାଙ୍କ ସହଯୋଗରେ ଥାନାକୁ ଆସି ଏ ବିଷୟରେ ଅଭିଯୋଗ କରିଛନ୍ତି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**ଜିଲ୍ଲା ଓ ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ନିଜ ଜିଲ୍ଲା ଓ ବ୍ଲକରେ କାମ କରିବା ପାଇଁ ପ୍ରାର୍ଥୀ ଆବଶ୍ୟକ। ବୟସ 30 ବର୍ଷ ମଧ୍ୟରେ। ଯୋଗ୍ୟତା: 8thରୁ +3. ଦରମା: 6500/- to 25,800/-.
ଯୋଗାଯୋଗ: 9583494854

**APPOINTMENT**
ଭୁବନେଶ୍ୱରରେ ଘରୋଇ ଗାଡ଼ି ଚଳାଇବା ପାଇଁ ଡ୍ରାଇଭର ଏବଂ ବଗିଚାରେ କାମ କରିବାକୁ ମାଳୀ ଆବଶ୍ୟକ।
ଯୋଗାଯୋଗ: 9937203178

ବ୍ରଏଲର ଫାର୍ମରେ କାମ କରିବା ପାଇଁ ଲୋକ ଆବଶ୍ୟକ। ଘର ସହ ଦରମା 10,000/-.
ଯୋଗାଯୋଗ:
7008403582
7809525452

**APPOINTMENT**
Experience Resident Teacher's Required for Xavier International School At Aul, Kendrapada. Subject: English, Maths & Science.
Contact: Whatsapp: 9439159798, 9437505565
Email resume: xavierintlschool@gmail.com

PROJECT HEAD, SR. ACCOUNTANT, MARKETING, EXCEL EXPERT, LABOUR CONTRACTOR, SUPERVISOR, TELE-CALLER
For Pre-Cast Manufacturing Unit Two-Wheeler must; All Odisha
CONTACT: 9040019196 / 9778821577

**କୁଏତ୍ ତେଲ କମ୍ପାନୀରେ ଶୀଘ୍ର ଆବଶ୍ୟକ**
ଡ୍ରାଇଭର, ଅପରେଟର, ୱେଲ୍‌ଡର, ଇଲେକ୍ଟ୍ରିସିଆନ୍, ହେଲପର, ଫିଟର, ପେଣ୍ଟର, ପ୍ଲମ୍ବର, ସିକ୍ୟୁରିଟି ଗାର୍ଡ
ଦରମା ୩୫,୦୦୦/-, ୨ ବର୍ଷ କଣ୍ଟ୍ରାକ୍ଟ, ଆଡଭାନ୍ସ ଟଙ୍କା ନାହିଁ
କମଲ ପ୍ଲେସ୍‌ମେଣ୍ଟ, ରଙ୍ଗିଲାପାର୍କ, ବିଦ୍ଦୋଲି, ସୁରଟ, ଗୁଜୁରାଟ୍ | ଶିଘ୍ର ଯିବେ ପାସ୍‌ପୋର୍ଟ ଜରୁରୀ
9157312448, 9157012447

**URGENT REQUIRED**
Need Security Guard & Supervisor for a Resort, Puri.
Urgent Contact:
Mob: 7978523513, 9748974527

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time/Full Time)
Contact: 9938676412

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., ମାସିକ ଦରମା upto Rs.25,000/-.
Contact Immediately
Mob: 8763257042

**OFFICE STAFF ଆବଶ୍ୟକ**
Bhubaneswar ଅଫିସ୍ ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24,000/-.
Contact : 9938414918

**WANTED**
VIGEN INDIA REQUIRED SMART MALE / FEMALE CANDIDATES FOR OFFICE JOB. EDU- 10th TO GRADUATE, AGE- 20-30. FULLY OFFICE JOB AND FIX SALARY.
JOB PLACE - SASTRI NAGAR & LEWIS ROAD
CONTACT- 9348916882

**WANTED**
WANTED A WORKS MANAGER TO MANAGE A SPONGE IRON PLANT NEAR CHOUDWAR
Contact : 7381075901 9437021279

**REQUIRED**
CA (Inter) Experienced Accountant required
Contact : 9437922131

**NEELAMADHAB MAHAVIDYALAYA, KANTILO**
Walk-In-Interview for the following posts
1. LECTURER (1 each) : ODIA, POLITICAL SCIENCE, SOCIOLOGY, ECONOMICS, SANSKRIT, PSYCHOLOGY, LIBRARY & INFORMATION SCIENCE, PHYSICS, CHEMISTRY, BOTANY & ZOOLOGY. * *Qualification : 55% or more in the respective subject in PG*
2. JUNIOR CLERK-CUM-D.E.O : Any Graduate with PGDCA and equivalent, 3. Lady Attendant & Sweeper (Male) (1 each) : Under matriculate. Appointment will be on a purely contractual basis. Interested candidates have to reach the college before 11:00 A.M. on the 28th July 2019 with their complete BIODATA, Original Mark Sheets and Pass Certificates of their respective Qualifications and a Demand Draft of Rs.200/- drawn in favour of Principal, Neelamadhab Mahavidyalaya, Kantilo. The undersigned reserves all the right to reject any or all the interview without assigning any reason thereof.
Sd./- Principal

**GANGADHAR MEHER UNIVERSITY**
SAMBALPUR-768004, ODISHA
**RECRUITMENT OF FACULTY**
Gangadhar Meher University invites application from eligible Indian citizens for the following positions.
1. **Professor** [Pay Band of Rs. 37,400-67,000 with AGP of Rs. 10,000.00]- 23 Posts
2. **Associate Professor** [Pay Band of Rs. 37,400-67,000 with AGP of Rs. 9,000.00]- 35 Posts
**General Conditions:**
The above positions are available in the following subjects: Anthropology, Biotechnology, Botany, Chemistry, Commerce, Computer Science, Economics, Education, English, Geography, Hindi, History, Library & Information Science, Mathematics, Odia, Philosophy, Physics, Political Science, Psychology, Sanskrit, Sociology, Statistics and Zoology.
(i) The Advertisement is for Regular Positions.
(ii) There is an application fee of INR 2750.00 from candidates belonging to General and SEBC Category. The application fee for SC/ST/PwD and Women candidates is INR 1750.00. Those who have applied earlier against the Advertisement No. 001/REC/GMU/FAC: Sambalpur, Dated 28.05.2018 need to pay facilitation charges of INR 250.00 only.
(iii) The link for the detailed advertisement and online application submission module is given herewith: https://recruitment.gmuniversity.ac.in.
(iv) The last date for submission of online applications complete in all respects is 19th August 2019 at 23.59. The last date of receipt of print copy of the applications with all supporting documents is 29th August 2019 at 17.00. Online submission of application is mandatory.
(v) Application fee is non-refundable. Seven printed hard copies of the application form will be accepted, when sent through Speed-Post/ Registered Post/ Courier only. The candidate must send one set of supporting documents to validate their data.
**Advt. No. 003/REC/GMU/FAC: Sambalpur, Dated: 23rd July 2019.**
**Sd./- REGISTRAR, GANGADHAR MEHER UNIVERSITY, SAMBALPUR**

**JAGANNATH GUPTA INSTITUTE OF MEDICAL SCIENCES AND HOSPITAL**
(A UNIT OF B.B.I.T. & URMILA DEVI JAGANNATH GUPTA CHARITABLE TRUST)
**BUDGE BUDGE, KOLKATA-700137**
Jagannath Gupta Institute of Medical Sciences & Hospital a 350 Bedded Medical College & Jagannath Gupta Institute of Nursing Sciences is looking for caring, compassionate and dedicated professionals to support its Medical College, Nursing College & Hospital in Kolkata, on full time basis under following positions:
**Principal & Medical Superintendent**
As per MCI guidelines.
**Professors, Associate Professors, Assistant Professors & Tutors**
**(All Clinical / Pre & Para-clinical Subjects)**
(As per MCI Guidelines)
**Senior Residents & Junior Residents / Resident Medical Officers**
**( All Clinical Subjects)**
MD/MS/DNB for Senior Residents MBBS for Junior Residents
(As per the MCI Guidelines)
**Staff Nurses – Senior /Junior** (GNM/BSc only)
**Professor, Associate Professor, Assistant Professors & Tutors**
for Nursing College (As per the guidelines of Nursing Council of India)
Interested candidates please mail your full biodata with particulars within seven days at **hr@jimsh.org** or drop your CV at JIMSH, KP Mondal Road, Buita Budge Budge, Kolkata-700137
**For any further queries please call at (0)8240765491/ (0)9831845422 | or Visit : www.jimsh.org**



"ଚାଷ କ୍ଷେତ୍ରରେ ଅତ୍ୟାଧୁନିକ ଯନ୍ତ୍ରପାତି ଓ ନୂଆ ପ୍ରଯୁକ୍ତିର ବ୍ୟବହାର ଲାଗି ପ୍ରତିଶ୍ରୁତିବଦ୍ଧ।
– ଅଶୋକ ଶର୍ମା, ମହିନ୍ଦ୍ରା ଆଗ୍ରି ସଲ୍ୟୁଶନ୍ସ ଲିମିଟେଡ୍ ଏମ୍‌ଡି ତଥା ସିଇଓ



"ବଙ୍କର ଇନ୍ଧନରେ ସଲ୍‌ଫର୍ ମାତ୍ରା କମାଇବା ଲାଗି ଭାରତ କାର୍ଯ୍ୟ କରୁଛି। ତେବେ ଭାରତ ଇଣ୍ଟରନ୍ୟାଶନାଲ ମେରିଟାଇମ ଅର୍ଗାନାଇଜେଶନରେ ସ୍ୱର ଉତ୍ତୋଳନ ଜାରି ରଖିବ।
– ମନସୁଖ ଏଲ୍. ମାଣ୍ଡଭିୟା, କେନ୍ଦ୍ର ରସାୟନ ଓ ସାର ରାଷ୍ଟ୍ରମନ୍ତ୍ରୀ

## ସଂକ୍ଷେପରେ

### ଭାରତର ଜିଡିପି ଅନୁମାନ ହ୍ରାସ କଲା ଆଇଏମ୍‌ଏଫ୍

**ନୂଆଦିଲ୍ଲୀ,୨୩-୭:** ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ୨୦୧୯ ଏବଂ ୨୦୨୦ ଲାଗି ଭାରତର ଜିଡିପି ଅଭିବୃଦ୍ଧି ହାର ଅନୁମାନ ହ୍ରାସ କରିଛି। ଦୁଇ ବର୍ଷ ଲାଗି ବିକାଶ ହାରରେ ୦.୩% ଲେଖାଏ ହ୍ରାସ କରାଯାଇଛି। ଆଇଏମ୍‌ଏଫ୍ ପକ୍ଷରୁ ଜାରି ସଦ୍ୟତମ ଅନୁମାନରେ ୨୦୧୯ ଲାଗି ଭାରତର ଜିଡିପି ବୃଦ୍ଧି ହାର ୭ ଏବଂ ୨୦୨୦ରେ ୭.୨% ଦର୍ଶାଯାଇଛି। ତେବେ ଭାରତ ବିଶ୍ୱରେ ସବୁଠାରୁ ଦ୍ରୁତ ଅଭିବୃଦ୍ଧି କରୁଥିବା ଦେଶ ଭାବେ ଆଗେଇ ଚାଲିବ ବୋଲି ରିପୋର୍ଟରେ କୁହାଯାଇଛି।

### ଆଜି ଆସିବ ଅଭିନବତ୍ୱ ଅର୍ଥନୀତି ତାଲିକା

#### ଭାରତକୁ ମିଳିପାରେ ଫାଇଦା

**ନୂଆଦିଲ୍ଲୀ,୨୩-୭:** ଭାରତକୁ ବିଶ୍ୱର ସବୁଠାରୁ ଅଧିକ ଅଭିନବତ୍ୱ ଅର୍ଥନୀତି ସୂଚକାଙ୍କରେ ନିଜର ସ୍ଥିତି ସୁଧାରିବାର ସୁଯୋଗ ମିଳିବ। ବୁଧବାର ଏହି ସୂଚକାଙ୍କ ତାଲିକା ଜାରି ହେବ। ବର୍ତ୍ତମାନ ଭାରତ ଏହି ସୂଚକାଙ୍କ ତାଲିକାର ୫୭ତମ ସ୍ଥାନରେ ରହିଛି। ଉଦ୍ୟୋଗ ଏବଂ ଆଭ୍ୟନ୍ତରୀଣ ବ୍ୟାପାର ପରିଚାଳନା ବିଭାଗ(ଡିପିଆଇଆଇଟି) ସଚିବ ରମେଶ ଅଭିଷେକ ମଙ୍ଗଳବାର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। କାରବାର ସୁଗମତା କ୍ଷେତ୍ରରେ ଭାରତ ଅନେକ ବାଟ ଆଗେଇଥିବାରୁ ଉକ୍ତ ସୂଚକାଙ୍କ ତାଲିକାରେ ଫାଇଦା ମିଳିବ ବୋଲି ଆମେ ନିଶ୍ଚିତ ଅଛୁ। ୱାର୍ଲ୍ଡ ଇଣ୍ଟେଲିକ୍‌ଚୁଆଲ ପ୍ରପର୍ଟି ଅର୍ଗାନାଇଜେଶନ ପକ୍ଷରୁ ବୁଧବାର ଗ୍ଲୋବାଲ ଇନୋଭେଶନ ଇଣ୍ଡେକ୍ସ, ୨୦୧୯ ପ୍ରକାଶ କରାଯିବ। ଗତବର୍ଷ ୫୭ତମ ସ୍ଥାନରେ ଥିବା ଭାରତ ୨୦୧୭ରେ ୬୦ତମ, ୨୦୧୬ରେ ୬୬ତମ ଓ ୨୦୧୫ରେ ୮୧ତମ ସ୍ଥାନରେ ରହିଥିଲା। ଏହି ତାଲିକାର ଶୀର୍ଷ ୨୫ ମଧ୍ୟରେ ରହିବା ଲାଗି ଭାରତ ଲକ୍ଷ୍ୟ ଧାର୍ଯ୍ୟ କରିଛି।

### ୯ବର୍ଷ ୫ ମାସରେ ଦୁଇଗୁଣା ହେବ କେଭିପି

**ନୂଆଦିଲ୍ଲୀ,୨୩-୭:** କେନ୍ଦ୍ର ସରକାର କିଷାନ ବିକାଶ ପତ୍ର(କେଭିପି) ସୁଧ ହାର ହ୍ରାସ ସମ୍ପର୍କରେ ଘୋଷଣା କରିଛନ୍ତି। ଫଳରେ ଆଗାମୀ ଦିନରେ ଏଥିରେ ଜମା ରାଶି ଦୁଇଗୁଣା ହେବାକୁ ଅଧିକ ଏକ ମାସ ସମୟ ଲାଗିବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅର୍ଥାତ୍ ପୂର୍ବରୁ ୯ ବର୍ଷ ୪ ମାସ ବା ୧୧୨ ମାସରେ ଜମା ରାଶି ଦ୍ୱିଗୁଣା ହେଉଥିବା ବେଳେ ଏଣିକି ଏଥିପାଇଁ ୯ ବର୍ଷ ୫ ମାସ ବା ୧୧୩ ମାସ ସମୟ ଆବଶ୍ୟକ ହେବ। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କିଷାନ ବିକାଶ ପତ୍ର ନିୟମ, ୨୦୧୪ରେ ହୋଇଥିବା ସଂଶୋଧନ ସମ୍ପର୍କରେ କୁହାଯାଇଛି ଯେ, ଜମା ରାଶିର ନୂଆ ବ୍ୟବସ୍ଥା ଚଳିତବର୍ଷ ଜୁଲାଇ ପହିଲାରୁ କାର୍ଯ୍ୟକାରୀ ହେବ। ଜୁଲାଇ-ସେପ୍ଟେମ୍ବର ଲାଗି କେଭିପିରେ ମିଳୁଥିବା ସୁଧ ହାରକୁ ସରକାର ୭.୬%କୁ ହ୍ରାସ କରିଛନ୍ତି। ଏପ୍ରିଲ-ଜୁନ୍ ଅବଧିରେ ଏହା ୭.୭% ରହିଥିଲା। ସୂଚନାଥାଉ କି, ସରକାର ପ୍ରତି ତ୍ରୈମାସରେ ସ୍ୱଳ୍ପ ସଞ୍ଚୟ ଯୋଜନାର ସୁଧ ହାର ସଂଶୋଧନ କରିଥାନ୍ତି।

### ଅନିଲ ଅମ୍ବାନୀଙ୍କ ବିରୋଧରେ ଅବମାନନା ମାମଲା ଖାରଜ



**ନୂଆଦିଲ୍ଲୀ,୨୩-୭:** ରିଲାଏନ୍ସ ଗ୍ରୁପ୍ ଅଧକ୍ଷ ଅନିଲ ଅମ୍ବାନୀ ଏବଂ ଅନ୍ୟମାନଙ୍କ ବିରୋଧରେ ଆଗତ ଅଦାଲତ ଅବମାନନା ମାମଲାକୁ ରାଷ୍ଟ୍ରୀୟ କମ୍ପାନୀ ବିଧି ଅପିଲୀୟ ନ୍ୟାୟାଧିକରଣ(ଏନ୍‌ସିଏଲ୍‌ଏଟି) ମଙ୍ଗଳବାର ଖାରଜ କରିଦେଇଛନ୍ତି। ଅଧକ୍ଷ ଜଷ୍ଟିସ୍ ଏସ୍.ଜେ.ମୁଖୋପାଧ୍ୟାୟଙ୍କ ଅଧକ୍ଷତାରେ ଗଠିତ ଦୁଇ ସଦସ୍ୟ ବିଶିଷ୍ଟ ଖଣ୍ଡପୀଠ ଆବେଦନକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଏହି ମାମଲାର ଶୁଣାଣି ହେବା ପରେ ଖଣ୍ଡପୀଠ ଜୁଲାଇ ୩ରେ ରାୟ ସଂରକ୍ଷିତ ରଖିଥିଲେ। ସ୍ୱଳ୍ପ ଶେୟାରଧାରୀ ଏଚ୍‌ଏସ୍‌ବିସି ଡେଜି ଇନ୍‌ଭେଷ୍ଟମେଣ୍ଟ(ମରିସସ୍) ଏବଂ ଅନ୍ୟମାନେ ରିଲାଏନ୍ସ ଇନ୍‌ଫ୍ରାଟେଲ ଦ୍ୱାରା ବକେୟା ପ୍ରଦାନ କରାଯାଇ ନ ଥିବା ଅଭିଯୋଗ କରି କମ୍ପାନୀ, ଏହାର ମାଲିକ ତଥା ଅନ୍ୟମାନଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଦାଏର କରାଯାଇଥିଲା। କୌଣସି ପ୍ରକାର ଅଦାଲତ ଅବମାନନା ହୋଇ ନ ଥିବା ରାୟ ପ୍ରକାଶ କରି ଖଣ୍ଡପୀଠ କହିଛନ୍ତି।

## ବିଦାୟ ବେଳାରେ ସରକାରଙ୍କୁ ବିରାଲଙ୍କ ପରାମର୍ଶ

# ବନ୍ଦ ହେଉ ଲାଭ ଦେଉ ନ ଥିବା ସବ୍‌ସିଡି ସ୍କିମ୍

**ମୁମ୍ବାଇ,୨୩-୭**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ସ୍ୱାଧୀନତା ନେଇ ମୁଖର ଥିବା ଡେପୁଟି ଗଭର୍ନର ବିରାଲ ଆଚାର୍ଯ୍ୟ ନିଜ କାର୍ଯ୍ୟକାଳର ଶେଷ ଦିନରେ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ଅର୍ଥନୀତି ନେଇ କେତେକ ପରାମର୍ଶ ଦେଇଛନ୍ତି। ଫାଇଦା ଦେଉ ନ ଥିବା ସବ୍‌ସିଡିଯୁକ୍ତ ଯୋଜନା(ସ୍କିମ୍)ଗୁଡ଼ିକୁ ସରକାର ବିଚାର କରି ବନ୍ଦ କରିଦିଅନ୍ତୁ ବୋଲି ସେ ତାଙ୍କ ପରାମର୍ଶରେ କହିଛନ୍ତି।

ଚାକିରି କାଳର ୬ ମାସ ପୂର୍ବରୁ ନିଜ ପଦରୁ ଇସ୍ତଫା ଦେଇଥିବା ବିରାଲ ପୂର୍ବତନ ଗଭର୍ନର ଡ.ଉର୍ଜିତ ପଟେଲଙ୍କ ବଡ଼ ସମର୍ଥକ ଥିଲେ। ରିଜର୍ଭ ବ୍ୟାଙ୍କର ସ୍ୱାଧୀନତାରେ କେନ୍ଦ୍ର ସରକାର ହସ୍ତକ୍ଷେପ କରୁଛନ୍ତି ବୋଲି ଖୋଲାଖୋଲି ଅଭିଯୋଗ କରି ସମସ୍ତଙ୍କୁ ଚକିତ କରିଥିବା ବିରାଲ କେନ୍ଦ୍ରୀୟ ବ୍ୟାଙ୍କରେ ମୁଦ୍ରାନୀତି ନିର୍ଣ୍ଣାୟକ କମିଟିର ଅନ୍ୟତମ ସଦସ୍ୟ ଥିଲେ। ସେ କହିଛନ୍ତି ଯେ, କ୍ଷତିରେ ଚାଲୁଥିବା ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକରୁ ସରକାର ନିଜର ଅଂଶଧନକୁ ପ୍ରତ୍ୟାହାର କରିନିଅନ୍ତୁ। ଏହାଦ୍ୱାରା ଘରୋଇ ସେକ୍ଟର ଏଥିରେ ପ୍ରବେଶ କରିପାରିବେ। କାରଣ ଏଭଳି ରାଷ୍ଟ୍ରାୟତ୍ତ କମ୍ପାନୀଙ୍କ ଯୋଗୁ ସରକାରଙ୍କ

- କ୍ଷତିରେ ଚାଲୁଥିବା ରାଷ୍ଟ୍ରାୟତ୍ତ କମ୍ପାନୀରୁ ଅଂଶଧନ ପ୍ରତ୍ୟାହାର କରନ୍ତୁ
- ଦେଶର ଋଣ ୮୫%କୁ ବୃଦ୍ଧି ପାଇଛି
- ସରକାରୀ ଋଣବୃଦ୍ଧି ଯୋଗୁ ଡେଟ୍ ବଜାର ଚାପ ବଢ଼ିବ



ଉପରେ ଅଯଥା ବୋଝ ବଢ଼ିବାରେ ଲାଗିଛି। ଏହି ନିଷ୍ପତ୍ତି ଯୋଗୁ ଏହା ହାଲୁକା ହୋଇଯିବ। ତାଙ୍କ ମତରେ ୨୦୦୦ ପରେ ଉତ୍ପାଦନ ତୁଳନାରେ ଭାରତର ଋଣ ୬୭ରୁ ବୃଦ୍ଧି ପାଇ ୮୫%ରେ ପହଞ୍ଚିଯାଇଛି। ଯାହା କି, କୌଣସି ବିକାଶଶୀଳ ବଜାର ଠାରୁ ଯଥେଷ୍ଟ ଅଧିକ। ମିଡିଆ ରିପୋର୍ଟ ଅନୁଯାୟୀ, ବିଦାୟର ଠିକ୍ ପୂର୍ବରୁ ବିରାଲ ଏହା ମଧ୍ୟ କହିଛନ୍ତି ଯେ, ସରକାରୀ ଋଣ ବୃଦ୍ଧି ପାଇବା ଯୋଗୁ ଡେଟ୍ ବଜାର ଉପରେ ଚାପ ବଢ଼ିବାର ବିପଦ ବଢ଼ିବ। ଏହାଦ୍ୱାରା ସୁଧ ହାର ବଢ଼ିଯିବାର ଆଶଙ୍କା ସୃଷ୍ଟି ହେବ। ଫଳସ୍ୱରୂପ କମ୍ପାନୀଙ୍କ ପାଇଁ ଋଣ ଆହୁରି ମହଙ୍ଗା ହୋଇଯିବ। ଉଲ୍ଲେଖ କରାଯାଇପାରେ ଯେ, ମୁଦ୍ରାସ୍ଫୀତିକୁ ନେଇ ସର୍ବଦା ଦୃଢ଼ ମନୋଭାବ ପ୍ରଦର୍ଶନ କରିଆସୁଥିବା ବିରାଲ ଅନେକ ଥର ସୁଧ ହାର ହ୍ରାସ ନିଷ୍ପତ୍ତିକୁ ବିରୋଧ କରିଆସିଛନ୍ତି। ମୁଦ୍ରା ନୀତି ସମୀକ୍ଷା କମିଟି ବୈଠକରେ ସେ ଏ ପ୍ରସଙ୍ଗରେ ବାରମ୍ବାର ନିଜର ଅସହମତି ପ୍ରକାଶ କରିଆସିଛନ୍ତି। ଆଚାର୍ଯ୍ୟଙ୍କ ସମୟରେ ହିଁ ମୁଦ୍ରା ନୀତି ସମୀକ୍ଷା କମିଟିକୁ ୬ ସଦସ୍ୟବିଶିଷ୍ଟ କରାଯାଇଥିଲା। ନ୍ୟୁୟର୍କ ୟୁନିଭର୍ସିଟିର ଷ୍ଟେର୍ନ ସ୍କୁଲ୍ ଅଫ୍ ବିଜନେସ୍‌ରେ ପ୍ରଫେସର ଥିବା ଆଚାର୍ଯ୍ୟ ବ୍ୟକ୍ତିଗତ କାରଣ ଦର୍ଶାଇ ଆର୍‌ବିଆଇରୁ ଦୂରେଇ ଯାଇଛନ୍ତି। ୨୦୧୭ ଜାନୁୟାରୀ ୨୩ରେ କେନ୍ଦ୍ରୀୟ ବ୍ୟାଙ୍କରେ ସେ ଯୋଗ ଦେଇଥିଲେ। ତାଙ୍କର କାର୍ଯ୍ୟକାଳ ୩ବର୍ଷ ପର୍ଯ୍ୟନ୍ତ ରହିଥିଲା। ସୂଚନାଯୋଗ୍ୟ ଯେ, ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ନିଷ୍ପତ୍ତିକୁ ବିରାଲ ସହଜରେ ଗ୍ରହଣ କରିପାରୁ ନ ଥିଲେ। ସେ ନିଜର ସ୍ୱତନ୍ତ୍ର ମତପୋଷଣ କରୁଥିଲେ। ଗତ ଦୁଇଟି ମୁଦ୍ରାନୀତି କମିଟି ବୈଠକରେ ସେ ମୁଦ୍ରାସ୍ଫୀତି ଏବଂ ଜିଡିପି ଅଭିବୃଦ୍ଧିକୁ ନେଇ ଭିନ୍ନ ମତପୋଷଣ କରିଥିଲେ। ଗଭର୍ନର ପଦରୁ ଉର୍ଜିତ ପଟେଲ ଇସ୍ତଫା ଦେବା ପୂର୍ବରୁ ବିରାଲ ଏକ ଖୋଲା ସଭାରେ ଆର୍‌ବିଆଇ ସ୍ୱାଧୀନତାରେ କେନ୍ଦ୍ର ସରକାର ହସ୍ତକ୍ଷେପ କରୁଥିବା ଅଭିଯୋଗ କରିଥିଲେ। କେନ୍ଦ୍ରୀୟ ବ୍ୟାଙ୍କର ସ୍ୱାଧୀନତାକୁ ସମ୍ମାନ ନ କଲେ ଶୀଘ୍ର ହେଉ ଅଥବା ବିଳମ୍ବ ସରକାରଙ୍କୁ ବଜାରର ଅସନ୍ତୋଷର ସାମ୍ନା କରିବାକୁ ପଡିବ। ବଜାରରୁ ସରକାରଙ୍କୁ ନିରାଶ ହେବାକୁ ପଡିବ। ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥାର କମ୍ ମୂଲ୍ୟାୟନ କରିବା ନେଇ ସରକାର ପରେ ପଶ୍ଚାତ୍ତାପ କରିବେ। ସେ କହିଥିଲେ ଯେ, ସରକାରଙ୍କୁ କ୍ରୁର ଅଥଚ ସ୍ୱଚ୍ଛ ସତ୍ୟ ଜଣାଇବା ଆର୍‌ବିଆଇର କାର୍ଯ୍ୟ। ଅର୍ଥନୀତି ସମ୍ପର୍କରେ ଏହା ମିତ୍ର ଭାବେ ସରକାରଙ୍କୁ ବାରମ୍ବାର ସଚେତ କରିଥାଏ। ଯିବା ବେଳେ ବିରାଲ କହିଛନ୍ତି ଯେ, ସରକାରଙ୍କ ଦ୍ୱାରା ଋଣ ମାଫ୍ କରିବା ଅତ୍ୟନ୍ତ ବିପଦପୂର୍ଣ୍ଣ। ଏହାଦ୍ୱାରା ବ୍ୟାଙ୍କଗୁଡ଼ିକ ଦୀର୍ଘସମୟ ଧରି କ୍ଷତି ସହିବେ। ସରକାର କ୍ରମାଗତ ଋଣ ଛାଡ଼ କରିଚାଲିଲେ ବ୍ୟାଙ୍କଗୁଡ଼ିକ ପାଇଁ କାମ କରିବା ଅସୁବିଧା ଜନକ ହେବ ବୋଲି ବିରାଲ କହିଛନ୍ତି।

## ୭୫୦୦ ଟଙ୍କାରୁ ଅଧିକ ଫ୍ଲାଟ୍ ମେଣ୍ଟେନାନ୍ସ ଲାଗି

# ଦେବାକୁ ହେବ ୧୮% ଜିଏସ୍‌ଟି

**ନୂଆଦିଲ୍ଲୀ,୨୩-୭**




କେନ୍ଦ୍ର ସରକାର ଫ୍ଲାଟ୍ ମେଣ୍ଟେନାନ୍ସରୁ ମଧ ଜିଏସ୍‌ଟି ଆଦାୟ ଲାଗି ସ୍ଥିର କରିଛନ୍ତି। ଏଣିକି ଫ୍ଲାଟ୍ ମେଣ୍ଟେନାନ୍ସ ବାବଦରେ ରେସିଡେଣ୍ଟ ୱେଲ୍‌ଫେୟାର ଆସୋସିଏଶନକୁ ପ୍ରତି ମାସରେ ୭୫୦୦ ଟଙ୍କାରୁ ଅଧିକ ପ୍ରଦାନ କରାଯାଉଥିଲେ ୧୮% ଜିଏସ୍‌ଟି ଦେବାକୁ ହେବ ବୋଲି ଅର୍ଥ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି। ଏଥିରେ କୁହାଯାଇଛି ଯେ, ୨୦୧୮ ଜାନୁୟାରୀ ୨୫ ପୂର୍ବରୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଫ୍ଲାଟ୍ ମେଣ୍ଟେନାନ୍ସ ପାଇଁ ପ୍ରତି ମାସରେ ଜିଏସ୍‌ଟି ଛାଡ଼ ମିଳୁଥିଲା। ଯାହାକୁ ଜାନୁୟାରୀ ୨୫ରୁ ୭୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ତେବେ ଏହି ସୀମା ଟପିବା ମାତ୍ରେ ଜିଏସ୍‌ଟି ଦେବାକୁ ହେବ। ଟିକସ ଅଧିକାରୀଙ୍କ ଉଦ୍ଦେଶ୍ୟରେ ମନ୍ତ୍ରଣାଳୟ ପକ୍ଷରୁ ଏକ ଉଦାହରଣ ଉପସ୍ଥାପନ କରାଯାଇଛି। ଏଥିରେ କୁହାଯାଇଛି ଯେ, ଯଦି ଜଣେ ମାଲିକ ଫ୍ଲାଟ୍ ମେଣ୍ଟେନାନ୍ସ ବାବଦରେ ମାସକୁ ୯ ହଜାର ଟଙ୍କା ଦିଅନ୍ତି, ତେବେ ଏହା ଉପରେ ହିଁ ୧୮% ଜିଏସ୍‌ଟି ଆଦାୟ ହେବ, ୧୫୦୦ ଟଙ୍କା(୯୦୦୦–୭୫୦୦ ଟଙ୍କା) ଉପରେ ନୁହେଁ। ମନ୍ତ୍ରଣାଳୟ ପକ୍ଷରୁ ଏହା ମଧ ସ୍ପଷ୍ଟ କରାଯାଇଛି ଯେ, ଯଦି ରେସିଡେଣ୍ଟ ୱେଲ୍‌ଫେୟାର ଆସୋସିଏଶନର ଟର୍ନଓଭର ବା କାରବାର ବାର୍ଷିକ ୨୦ ଲକ୍ଷ ଟଙ୍କାରୁ ଅଧିକ ହୋଇ ନ ଥିବ ତେବେ ତାଙ୍କୁ ରେଜିଷ୍ଟ୍ରେଶନ ନମ୍ବର ଏବଂ ଜିଏସ୍‌ଟି ଦେବାକୁ ପଡିବ ନାହିଁ। ଏ କ୍ଷେତ୍ରରେ ମେଣ୍ଟେନାନ୍ସ ଚାର୍ଜ ୭୫୦୦ ଟଙ୍କାରୁ ଅଧିକ ହେଲେ ମଧ ଛାଡ଼ ମିଳିବ। ମନ୍ତ୍ରଣାଳୟ ପକ୍ଷରୁ ଏହା ମଧ କୁହାଯାଇଛି ଯେ, ଯାହାଙ୍କ ନିକଟରେ କୌଣସି ହାଉସିଂ ସୋସାଇଟି ଅଥବା ରେସିଡେନ୍ସିଆଲ କମ୍ପ୍ଲେକ୍ସରେ ଏକାଧିକ ଫ୍ଲାଟ୍ ରହିଛି, ତାଙ୍କ ପାଇଁ ୭୫୦୦ ଟଙ୍କାରୁ ଊର୍ଦ୍ଧ୍ୱ ପ୍ରତି ମାସ ମେଣ୍ଟେନାନ୍ସ ସୀମା ସ୍ୱତନ୍ତ୍ର ଭାବେ ଧରାଯିବ।

# ଏନ୍‌ବିସିସି ତିଆରି କରିବ ଆମ୍ରପାଲିର ଅଧୁରା ଫ୍ଲାଟ୍

**ନୂଆଦିଲ୍ଲୀ,୨୩-୭**

ସୁପ୍ରିମକୋର୍ଟ ଆମ୍ରପାଲି ଗ୍ରୁପ୍ ବିରୋଧରେ ଦୃଢ଼ ମନୋଭାବ ପୋଷଣ କରିଛନ୍ତି। ଏହି ଗ୍ରୁପ୍‌ର ସମସ୍ତ କମ୍ପାନୀଙ୍କ ରେରା ରେଜିଷ୍ଟ୍ରେଶନକୁ ସର୍ବୋଚ୍ଚ ଅଦାଲତ ରଦ୍ଦ କରିଛନ୍ତି। ୪୨ ହଜାରରୁ ଊର୍ଦ୍ଧ୍ୱ ଘର କ୍ରେତାଙ୍କୁ ଆଶ୍ୱସ୍ତ କରି ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ, ନ୍ୟାଶନାଲ ବିଲ୍ଡିଂ କନଷ୍ଟ୍ରକ୍‌ଶନ କର୍ପୋରେଶନ ଲିମିଟେଡ(ଏନ୍‌ବିସିସି) ଆମ୍ରପାଲି ଗ୍ରୁପ୍‌ର ଅଧୁରା ପ୍ରକଳ୍ପ ନିଜ ହାତକୁ ନେଇ ଫ୍ଲାଟ୍ ନିର୍ମାଣ କରିବ।

ସୁପ୍ରିମକୋର୍ଟ ଏହି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ମନିଲଣ୍ଡରିଂ ମାମଲାର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆମ୍ରପାଲି ଗ୍ରୁପ୍ ମାଲିକ ମନିଲଣ୍ଡରିଂରେ ସମ୍ପୃକ୍ତ ଥିବା ପ୍ରମାଣିତ ହୋଇଛି। ଫ୍ଲାଟ୍‌ର ବୋଗସ୍ ଆଲଟମେଣ୍ଟ ହୋଇଛି। ଗ୍ରୁପ୍‌ର ଡାଇରେକ୍ଟରମାନେ ଘର କ୍ରେତାଙ୍କ ଅର୍ଥକୁ ଅନ୍ୟତ୍ର ବ୍ୟୟ କରିଛନ୍ତି। ବିଲ୍ଡର ଭାରି ମାତ୍ରାରେ କ୍ରେତାଙ୍କଠାରୁ ଅର୍ଥ ନେଇଛନ୍ତି। ଏହି ମାମଲାରେ ବଡ଼ ଧରଣର ଜାଲିଆତି ହୋଇଛି ବୋଲି ଜଷ୍ଟିସ ଅରୁଣ ମିଶ୍ରା ଏବଂ ୟୁ.ୟୁ.ଲଳିତଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଘର କ୍ରେତା ସେମାନଙ୍କ ବକେୟା କିସ୍ତି ଆସନ୍ତା ୩ ମାସ ଭିତରେ ସୁପ୍ରିମକୋର୍ଟ ରେଜିଷ୍ଟ୍ରାରଙ୍କ ନିକଟରେ ଜମା କରିବାକୁ ଖଣ୍ଡପୀଠ କହିଛନ୍ତି। ଏଥିଲାଗି ଆର୍.ଭେଙ୍କଟରମାନୀଙ୍କୁ କୋର୍ଟ ରିସିଭର ଭାବେ ନିଯୁକ୍ତ କରିଛନ୍ତି। ଆମ୍ରପାଲିର ନୋଏଡା ଓ ଗ୍ରେଟର ନୋଏଡାର ସମସ୍ତ ଅଧୁରା ଫ୍ଲାଟ୍ ଉପରେ ନୋଇଡା କିମ୍ବା ଗ୍ରେଟର ନୋଇଡା ପ୍ରାଧିକରଣ କିମ୍ବା ବ୍ୟାଙ୍କ ଦାବି କରିପାରିବେ ନାହିଁ। ଏହା କେବଳ ଘର କ୍ରେତାଙ୍କ ନାମରେ ରହିବ। ନିର୍ମାଣ ଶେଷ ପରେ ସେମାନଙ୍କୁ ହସ୍ତାନ୍ତର କରାଯିବ। ତେବେ ସେମାନେ ଆମ୍ରପାଲିର ଅନ୍ୟ ସମସ୍ତ ସମ୍ପତ୍ତି ଉପରେ ନିଜର ଦାବି କରିପାରିବେ। ଏ ସଂକ୍ରାନ୍ତ ମାମଲାର ଶୁଣାଣି ଅଗଷ୍ଟ ୯ରେ ହେବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

# ବଜାଜ ଆଣିଲା ନୂଆ ସିଟି, ପ୍ଲାଟିନା ଏଚ୍




**ଭୁବନେଶ୍ୱର,୨୩-୭ (ବ୍ୟୁରୋ)**

ବଜାଜ ଅଟୋ ପକ୍ଷରୁ ନୂଆ ସିଟି–୧୧୦ ଏବଂ ପ୍ଲାଟିନା ଏଚ୍ ବାଇକ ଭୁବନେଶ୍ୱର ବଜାରରେ ପ୍ରବେଶ କରିଛି। ସ୍ଥାନୀୟ ଲୁଇସ୍ ରୋଡ୍‌ସ୍ଥିତ ବିନାୟକ ଅଟୋମୋବାଇଲଠାରେ ଏହାକୁ ଉନ୍ମୋଚନ କରାଯାଇଥିଲା। ରଫ୍ ରୋଡରେ ଏକ ରୋମାଞ୍ଚକର ଯାତ୍ରା ଏବଂ ଉନ୍ନତ ଗୁଣବତ୍ତା ଏହି ମଡେଲରେ ଗ୍ରାହକ ଲାଭ କରିପାରିବେ। ଯାନଟିର ଅନ୍‌ରୋଡ ମୂଲ୍ୟ ୫୧,୨୩୯ ଟଙ୍କା ରହିଛି। ସେହିଭଳି ଏହା ଇଲେକ୍ଟ୍ରିକ ଏବଂ କିକ୍ ଷ୍ଟାର୍ଟ ବର୍ଗରେ ଆସୁଛି। ଏଥିରେ ଆଣ୍ଟି ସ୍କିଡ୍ ବ୍ରେକ୍ ସିଷ୍ଟମ, ଫୁଏଲ ଗଜ୍, ୧୫୧ ସିସି ଡିଟିଏସ୍‌ଆଇ ଇଞ୍ଜିନ ଭଳି ପ୍ରମୁଖ ଫିଚର ରହିଛି। ଏହାବାଦ ନୂଆ ପ୍ଲାଟିନାରେ ହାଇୱେ ରାଇଡିଂ ଲାଗି ସ୍ୱତନ୍ତ୍ର ଏଚ୍ ଗିୟର,ଡିଜିଟାଲ କନ୍‌ସୋଲ ଗିୟର ସିଫ୍ଟ ଗାଇଡ୍ ରହିଛି। ଯାନଟିର ଅନ୍‌ରୋଡ୍‌ମୂଲ୍ୟ ୬୪,୦୩୫ ଟଙ୍କା ରହିଥିବା ସୂଚନା ରହିଛି। ଏଥିରେ ବିନାୟକ ବଜାଜର ଜିଏମ୍ ରାଜେନ୍ଦ୍ର ମିଶ୍ର, ବଜାଜ ଅଟୋର ଆଞ୍ଚଳିକ ପ୍ରବନ୍ଧକ ସୁଶର ଭଟ୍ଟାଚାର୍ଯ୍ୟ, ଏଏସ୍‌ଏମ୍ ସନ୍ତୋଷ ଦାସ, ବଜାଜ ଫାଇନାନ୍ସ ଆଞ୍ଚଳିକ ପ୍ରବନ୍ଧକ ପ୍ରଶାନ୍ତ କୁମାର, ପାର୍ଟନର ବିଜୟ ଗୁପ୍ତା, ରାକେଶ ଅଗ୍ରୱାଲ, ଅନୀଲ ଝୁଝୁନିଆ, ବଜାଜ ଫାଇନାନ୍ସ ଏଏସ୍‌ଏମ୍ ପ୍ରଶାନ୍ତ ମିଶ୍ର ଏବଂ ସିଏସ୍‌ଏମ୍ ମୁକ୍ତି ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ସାଇବର ଅପରାଧ ଯୋଗୁ ଭାରତୀୟ କମ୍ପାନୀଙ୍କୁ ୧୩ କୋଟି କ୍ଷତି



**ନୂଆଦିଲ୍ଲୀ,୨୩-୭**

ଆଇଟି କ୍ଷେତ୍ରରେ ଦେଶ ଯେତେ ଆଗେଇ ଚାଲିଛି ସେହି ଅନୁପାତରେ ସାଇବର ଅପରାଧ ମଧ ବଢ଼ି ଚାଲିଛି। ୨୦୧୮ ଜୁଲାଇରୁ ୨୦୧୯ ଏପ୍ରିଲ ମଧ୍ୟରେ ଦେଶରେ କମ୍ପାନୀଙ୍କୁ ହାରାହାରି ୧୨.୮୦ କୋଟି ଟଙ୍କା କ୍ଷତି ସହିବାକୁ ପଡିଛି। ପ୍ରଯୁକ୍ତି କ୍ଷେତ୍ରର ପ୍ରମୁଖ କମ୍ପାନୀ ଆଇବିଏମ୍ ଦ୍ୱାରା ଜାରି ଏକ ରିପୋର୍ଟରେ ଏହା କୁହାଯାଇଛି। ରିପୋର୍ଟ ଅନୁସାରେ ବିଶ୍ୱ ସ୍ତରରେ କ୍ଷତିର ପରିମାଣ ପ୍ରାୟ ୨୭.୦୩ କୋଟି ଟଙ୍କା। ଉକ୍ତ ଅବଧିରେ ହ୍ୟାକିଂ ଯୋଗୁ ହାରାହାରି ୨୫,୫୭୫ ରେକର୍ଡ ପ୍ରଭାବିତ ହୋଇଛି। ରିପୋର୍ଟରେ କୁହାଯାଇଛି ଯେ, ଡାଟା ଚୋରି ଅଥବା ସୂଚନା ହ୍ୟାକିଂ ଯୋଗୁ ଭାରତରେ ପ୍ରତି ବ୍ୟକ୍ତି ପ୍ରତି କ୍ଷତି ୫୦୧୯ ଟଙ୍କା ଥିବା ବେଳେ ବିଶ୍ୱରେ ଏହା ୧୫୦ ଡଲାର ରହିଛି। ଭାରତରେ ଏହି ଘଟଣା ଯୋଗୁ ହାରାହାରି ୩୫,୬୩୬ ରେକର୍ଡ ପ୍ରଭାବିତ ହୋଇଥାଏ। ଆଇବିଏମ୍ ସିକ୍ୟୁରିଟିଜ ଦ୍ୱାରା ପ୍ରାୟୋଜିତ ଏହି ରିପୋର୍ଟକୁ ପୋନେମ୍ୟାନ ଇନ୍‌ଷ୍ଟିଚ୍ୟୁଟ୍ ପ୍ରସ୍ତୁତ କରିଛି। ସିକ୍ୟୁରିଟି ସଫ୍ଟୱେର ଲିଡର ବୈଦ୍ୟନାଥନ ଆୟାର କହିଛନ୍ତି ଯେ, ଭାରତରେ ଦ୍ରୁତଗତିରେ ସାଇବର ଅପରାଧ ବଦଳୁଛି। ଏହା ଏବେ ଅତ୍ୟନ୍ତ ସଂଗଠିତ ଭାବେ ତାଳମେଳ ରଖି କରାଯାଉଛି।

# ଏଲ୍‌ଆଇସି ପକ୍ଷରୁ ସ୍କୁଲ ବସ୍ ପ୍ରଦାନ

**ଭୁବନେଶ୍ୱର,୨୩-୭ (ବ୍ୟୁରୋ)**




ଭାରତୀୟ ଜୀବନବୀମା (ଏଲ୍‌ଆଇସି)ର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (କିସ୍)କୁ ଏକ ବସ୍ ପ୍ରଦାନ କରାଯାଇଛି। ଏଲ୍‌ଆଇସିର ପୂର୍ବ–ମଧ୍ୟ କ୍ଷେତ୍ର ଜୋନାଲ ମ୍ୟାନେଜର ମହେନ୍ଦ୍ର କୁମାର କିସ୍ ପ୍ରଭାରୀଙ୍କୁ ଉକ୍ତ ବସ୍ ହସ୍ତାନ୍ତର କରିଥିଲେ। ମହେନ୍ଦ୍ର କୁମାରଙ୍କ ସହ ଏଏଲ୍‌ଆଇସିର ରିଜିଓନାଲ ମ୍ୟାନେଜର (ପାଟନା) ଆର୍.ପି. ଗୁପ୍ତା, ଭୁବନେଶ୍ୱର ମଣ୍ଡଳ ପ୍ରବନ୍ଧକ ଅକ୍ଷୟ କୁମାର ସାହୁ, ବିପଣନ ପ୍ରବନ୍ଧକ ଅନନ୍ତ ଭୂଷଣ ରଥ ଏବଂ ବିକ୍ରୟ ପ୍ରବନ୍ଧକ ଅଶୋକ କୁମାର ରାୟ ପ୍ରମୁଖ ଉପସ୍ଥିତ ଥିଲେ। କିସ୍ ପରିସର ପରିଦର୍ଶନ କରି ମହେନ୍ଦ୍ର କୁମାର ଅନୁଷ୍ଠାନର ଅଧିକାରୀଙ୍କ ସହ ବାର୍ତ୍ତାଳାପ କରିଥିଲେ। ସମାଜ ପ୍ରତି ଏଲ୍‌ଆଇସିର ଦାୟିତ୍ୱବୋଧ ଉପରେ ସେ ଆଲୋକପାତ କରିଥିଲେ। କିସ୍ ମୁଖ୍ୟ ସିଇଓ ପ୍ରଶାନ୍ତ ରାଉତ ଓ ସଚିବ ଆର୍.ଏନ୍. ଦାସ ପ୍ରମୁଖ ଏଲ୍‌ଆଇସି–ଜିଜେଏଫ୍‌ର ମହାନତାକୁ ପ୍ରଶଂସା କରିଥିଲେ। ଏପରି ସାମାଜିକ କାର୍ଯ୍ୟ ପାଇଁ ଏଲ୍‌ଆଇସି ଅଧିକାରୀଙ୍କୁ ଧନ୍ୟବାଦ ଦେଇଥିଲେ।

# ପ୍ରିମିୟମ ଶୃଙ୍ଖଳାରେ ରିୟଲମିର ପ୍ରବେଶ

**ନୂଆଦିଲ୍ଲୀ,୨୩-୭**



ପ୍ରମୁଖ ସ୍ମାର୍ଟଫୋନ ବ୍ରାଣ୍ଡ ରିୟଲମି ପ୍ରିମିୟମ ଶୃଙ୍ଖଳାରେ ପ୍ରବେଶ କରିଛି। କମ୍ପାନୀ ନୂଆ ରିୟଲମି ଏକ୍ସ ଏବଂ ରିୟଲମି ୩ଆଇକୁ ବଜାର ଉନ୍ମୋଚନ କରିଛି। ଡିଜାଇନ, ଗୁଣବତ୍ତା ଏବଂ ପରଫରମାନ୍ସ ଦୃଷ୍ଟିକୋଣରୁ ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ଏହି ମଡେଲଗୁଡ଼ିକୁ ପ୍ରସ୍ତୁତ କରାଯାଇଛି। ରିୟଲମି ଏକ୍ସର ବଜାର ଦର ୧୬,୯୯୯ ଟଙ୍କାରୁ ୧୯,୯୯୯ ଟଙ୍କା ରହିଛି। ଏହା ପୋଲାର ହ୍ୱାଇଟ ଏବଂ ସ୍ପେସ ବ୍ଲୁ ରଙ୍ଗରେ ଉପଲବ୍ଧ। ରିୟଲମି ୩ଆଇରେ ଗ୍ରାହକମାନେ ଉନ୍ନତ ବ୍ୟାଟେରି ବ୍ୟାକ୍ ଅପ୍ ପାଇପାରିବେ। ଏହାର ବଜାର ଦର ୭,୯୯୯ ଟଙ୍କାରୁ ଆରମ୍ଭ। ଗ୍ରାହକଙ୍କୁ ଉନ୍ନତ ଟେକ୍ନୋଲୋଜିଯୁକ୍ତ ପ୍ରଡକ୍ଟ ଯୋଗାଣ ଦିଗରେ ଧ୍ୟାନ କେନ୍ଦ୍ରିତ କରିଛୁ ବୋଲି କମ୍ପାନୀର ସିଇଓ ମାଧବ ସେଠ୍ କହିଛନ୍ତି।

# ଫ୍ଲାଟ୍ ଦେଇ ନ ଥିବା ବିଲ୍ଡରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ

**ନୂଆଦିଲ୍ଲୀ,୨୩-୭**

ଘର କ୍ରେତାଙ୍କଠାରୁ ଅର୍ଥ ନେଇ ଠିକ୍ ସମୟରେ ଫ୍ଲାଟ୍ ପ୍ରଦାନ କରୁ ନ ଥିବା ବିଲ୍ଡରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୁପ୍ରିମକୋର୍ଟ ମଙ୍ଗଳବାର ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

ଆମ୍ରପାଲି ଗ୍ରୁପ୍ ଦ୍ୱାରା ଘର କ୍ରେତାମାନଙ୍କୁ ଠକାଯାଇଥିବା ଉପରେ ପ୍ରତିକ୍ରିୟା ପ୍ରକାଶ କରି ଜଷ୍ଟିସ୍ ଅମିତ ମିଶ୍ରା ଓ ୟୁ.ୟୁ.ଲଳିତଙ୍କୁ ନେଇ ଗଠିତ

**କେନ୍ଦ୍ର, ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**



ଖଣ୍ଡପୀଠ ଉକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଶୀର୍ଷ ଅଦାଲତ କହିଛନ୍ତି ଯେ, ଆମ୍ରପାଲିର ଫ୍ଲାଟ୍ କ୍ରେତାଙ୍କ ଭଳି ଦେଶର ବିଭିନ୍ନ ସ୍ଥାନରେ କ୍ରେତାମାନେ ସମଦଶା ଭୋଗୁଛନ୍ତି। ରିଏଲ ଇଷ୍ଟେଟ କମ୍ପାନୀଙ୍କ ଦ୍ୱାରା ଠକାମିର ଶିକାର ହେଉଥିବା ଫ୍ଲାଟ୍‌କ୍ରେତାଙ୍କୁ ରକ୍ଷା କରିବା ଲାଗି କେନ୍ଦ୍ର ଓ ରାଜ୍ୟ ସରକାର ଆଗେଇ ଆସିବାକୁ ହେବ। ଫ୍ଲାଟ୍‌କ୍ରେତାମାନେ ନିଜର କଷ୍ଟାର୍ଜିତ ଧନକୁ ଫ୍ଲାଟ୍ କିଣିବା ପାଇଁ ବିଲ୍ଡରଙ୍କୁ ଦେଇ ଅନିଶ୍ଚିତ ଭବିଷ୍ୟତର ସମ୍ମୁଖୀନ ହେଉଛନ୍ତି। ବିଲ୍ଡର ସେମାନଙ୍କ ଠାରୁ ଅର୍ଥ ନେଇ ଠିକ୍ ସମୟରେ ଫ୍ଲାଟ୍ ଦେଉନାହାନ୍ତି। ଫ୍ଲାଟ୍ କ୍ରେତାଙ୍କ ସ୍ୱାର୍ଥ ରକ୍ଷା ଲାଗି ସରକାର ଆଗେଇ ଆସନ୍ତୁ ଏବଂ ଏଭଳି ବିଲ୍ଡରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଘର କିଣିବାର ସ୍ୱପ୍ନ ଦେଖୁଥିବା କ୍ରେତା ଅଧିକାଂଶ ମଧ୍ୟବିତ୍ତ ଶ୍ରେଣୀର ହୋଇଥିବାରୁ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ସେମାନଙ୍କର ସ୍ୱାର୍ଥରକ୍ଷା କରିବା ଜରୁରୀ ବୋଲି ଖଣ୍ଡପୀଠ କହିଛନ୍ତି। ସୂଚନାଥାଉ କି, ସୁପ୍ରିମକୋର୍ଟ ଇତିପୂର୍ବେ ଜେପି ଆସୋସିଏଟ୍ସ, ୟୁନିଟେକ୍ ଲିମିଟେଡର ଫ୍ଲାଟ୍ କ୍ରେତାଙ୍କ ସପକ୍ଷରେ ମତପ୍ରକାଶ କରିଥିଲେ।

# ବ୍ୟାଙ୍କ ଜାତୀୟକରଣର ସୁବର୍ଣ୍ଣ ଜୟନ୍ତୀ



**ଭୁବନେଶ୍ୱର,୨୩-୭ (ବ୍ୟୁରୋ)**

ୟୁନିୟନ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କ ଜାତୀୟକରଣ ଦିବସର ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ରୀୟ ବିଦ୍ୟାଳୟ–୨ଠାରେ ଏକ ବକ୍ତୃତା ଦିବସ ପାଳିତ ହୋଇଛି। ଏଥିରେ ଜାତୀୟକରଣର ଆବଶ୍ୟକତା ଏବଂ ଜାତୀୟ ଅର୍ଥନୀତି ଉପରେ ଆଲୋଚନା ହୋଇଥିଲା। ଅଲ ଓଡିଶା ୟୁନିୟନ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ ସଭାପତି ଲିଙ୍ଗରାଜ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ଯତିକାନ୍ତ ମହାନ୍ତି ଏଥିରେ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି।

"ଗତ ଇଂଲଣ୍ଡ ବିପକ୍ଷ ଆଇସିସି ବିଶ୍ୱକପ୍ ଫାଇନାଲରେ ପରାଜୟ ମୋ କ୍ୟାରିୟରର ସବୁଠାରୁ ଶ୍ରେଷ୍ଠ ଏବଂ ନିକୃଷ୍ଟ ଦିବସ ।
–ମାର୍ଟିନ ଗୁପ୍‌ଟିଲ, ନ୍ୟୁଜିଲାଣ୍ଡ କ୍ରିକେଟର



"ଲର୍ଡ୍ସଠାରେ ଆୟର୍ଲାଣ୍ଡ ବିପକ୍ଷରେ ମୋ ଟେଷ୍ଟ ପଦାର୍ପଣ ବେଳେ ମୁଁ ଅଷ୍ଟ୍ରେଲିଆର ଡେଭିଡ ୱାର୍ନରଙ୍କ ବ୍ୟାଟିଂ ଷ୍ଟାଇଲକୁ ଅନୁସରଣ କରିବାକୁ ଚେଷ୍ଟା କରିବି ।
–ଜାସନ ରୟ, ଇଂଲଣ୍ଡ ଓପନର



## ସଂକ୍ଷେପରେ

### ଡେଜାନ ପାପିକ୍ ଟିଟିର ନୂଆ ମୁଖ୍ୟ କୋଚ୍

**ନୂଆଦିଲ୍ଲୀ, ୨୩।୭ (ପି.ଟି.):** କାନାଡାର ଡେଜାନ୍ ପାପିକ୍ ଜାତୀୟ ଟେବୁଲ ଟେନିସ ଦଳର ନୂଆ ମୁଖ୍ୟ କୋଚ୍ ହେବେ। ମଙ୍ଗଳବାର ତାହା ସ୍ପଷ୍ଟ ହୋଇଛି। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ତରଫରୁ ତାଙ୍କୁ ଦିଆଯାଇଥିବା ବର୍ଷିକିଆ ଚୁକ୍ତିପତ୍ରକୁ ସେ ଗ୍ରହଣ କରିଛନ୍ତି। ଗତ ବର୍ଷ ଏସିଆନ ଗେମ୍ସ ପରଠାରୁ ଖେଳାଳିମାନେ ମୁଖ୍ୟ କୋଚ୍ ସେବାରୁ ବଞ୍ଚିତ ହୋଇଛନ୍ତି। ଆଗକୁ ୨୦୨୦ ଜୁଲାଇ-ଅଗଷ୍ଟରେ ଟୋକିଓ ଅଲିମ୍ପିକ୍ସ ହେବାକୁଥିବାବେଳେ ସେମାନେ ବହୁମୂଲ୍ୟ ସମୟ ହରାଇସାରିଛନ୍ତି। ଟେବୁଲ ଟେନିସ ଫେଡେରେଶନ ଅଫ୍ ଇଣ୍ଡିଆ (ଟିଟିଏଫ୍ଆଇ) ପାପିକ୍‌ଙ୍କୁ ଗତ ମାର୍ଚ୍ଚରେ ଭାରତୀୟ ଟେବୁଲ ଟେନିସର ମୁଖ୍ୟ କୋଚ ଭାବେ ମନୋନୀତ କରିଥିଲା। ମାତ୍ର ସାଇ ଦୁଇ ସପ୍ତାହ ତଳେ ତାଙ୍କ ନିକଟକୁ ଚୁକ୍ତିପତ୍ର ପଠାଇଛି। ପାପିକ୍ ବର୍ତ୍ତମାନ ଭ୍ରମଣରେ ଅଛନ୍ତି। ତେଣୁ ଚୁକ୍ତି ସ୍ୱାକ୍ଷରରେ ବିଳମ୍ବ ଘଟୁଛି। ଆସନ୍ତାମାସ ପ୍ରଥମ ସପ୍ତାହରେ ସେ ଭାରତରେ ପହଞ୍ଚିବେ ବୋଲି ଆଶା କରାଯାଉଛି ବୋଲି ଟିଟିଏଫ୍ଆଇ ସମ୍ପାଦକ ଏମ୍.ପି. ସିଂ କହିଛନ୍ତି। କୋଚ ନିଯୁକ୍ତିରେ ବିଳମ୍ବ ପାଇଁ ଶରଥ କମଲ ଏବଂ ଜି. ସାଥିୟାଁଙ୍କ ଭଳି ଖେଳାଳି ନୈରାଶ୍ୟ ପ୍ରକାଶ କରିସାରିଛନ୍ତି। ପାପିକ୍ ମାସକୁ ବେତନ ବାବଦରେ ୭୦୦୦ ଆମେରିକୀୟ ଡଲାର ପାଇବେ। ଅଲିମ୍ପିକ୍ସ ପରେ ତାଙ୍କ ଚୁକ୍ତି ନବୀକରଣ କରାଯିବ।

### ସାଇ ପ୍ରଣୀଥ୍‌ଙ୍କ ବିଜୟ ଅଭିଯାନ

**ଟୋକିଓ, ୨୩।୭ (ପି.ଟି.):** ଭାରତୀୟ ଶଟ୍‌ଲର ବି. ସାଇ ପ୍ରଣୀଥ୍ ଏଠାରେ ଚାଲିଥିବା ଜାପାନ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସର ଏକ ମୁକାବିଲାରେ ସାଇ ପ୍ରଣୀଥ୍ ୨୧-୧୭, ୨୧-୧୩ ସିଧାସଳଖ ଗେମ୍‌ରେ ଘରୋଇ ପ୍ରତିଯୋଗୀ କେଣ୍ଟୋ ନିଶିମୋଟୋଙ୍କୁ ପରାସ୍ତ କରିଛନ୍ତି। ଅନ୍‌ସିଡ୍ ପ୍ରଣୀଥ୍ ଏହି ମ୍ୟାଚ୍ ଜିତିବାକୁ ୪୨ ମିନିଟ୍ ସମୟ ନେଇଥିଲେ। ଦ୍ୱିତୀୟ ରାଉଣ୍ଡରେ ତାଙ୍କର ମୁକାବିଲା ଅନ୍ୟତମ ଜାପାନ ଶଟ୍‌ଲର କାଣ୍ଟା ସୁନେୟାମାଙ୍କ ସହ ହେବ। ସେହିଭଳି ମିକ୍ସଡ୍ ଡବଲ୍ସରେ ସାତ୍ୱିକସାଇରାଜ ରାନ୍‌କିରେଡ୍ଡୀ ଓ ଅଶ୍ୱିନୀ ପୋନାପ୍ପା ଯୋଡ଼ି ମଧ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମ ରାଉଣ୍ଡର ଏକ ମୁକାବିଲାରେ ଏହି ଭାରତୀୟ ଯୋଡ଼ି ୨୧-୧୪, ୨୧-୧୯ ଗେମ୍‌ରେ ଜର୍ମାନୀ ଯୋଡ଼ିଦାର ମାର୍ଭିନ ସିଡେଲ ଓ ଲିଣ୍ଡା ଏଫ୍‌ଲରଙ୍କୁ ହରାଇଛନ୍ତି। ତେବେ ପୁରୁଷ ଡବଲ୍ସରେ ମନୁ ଅତ୍ରି ଓ ସୁମିଥ୍ ରେଡ୍ଡୀଙ୍କୁ ନିରାଶ ହେବାକୁ ପଡ଼ିଛି। ଉଭୟ ୧୨-୨୧, ୧୬-୨୧ରେ ମାଲେସିଆର ଘୋ ଜେ ଫେଇ ଓ ନୁର୍ ଇଜୁଦ୍ଦିନଙ୍କ ନିକଟରୁ ହାରିଯାଇଛନ୍ତି। ବୁଧବାର ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟିନୀ ପି.ଭି. ସିନ୍ଧୁ ଓ କିଦାମ୍ବୀ ଶ୍ରୀକାନ୍ତଙ୍କ ପରି ପ୍ରମୁଖ ଭାରତୀୟ ଖେଳାଳି କୋର୍ଟକୁ ଓହ୍ଲାଇବେ।

## ଭାରତୀୟ ମହିଳା ହକି ଦଳର ଅଲିମ୍ପିକ ପ୍ରସ୍ତୁତି

# ମସଲାଯୁକ୍ତ, ମିଠା ଖାଦ୍ୟ ମନା

ନୂଆଦିଲ୍ଲୀ,୨୩।୭(ପି.ଟି.)

ଭାରତୀୟ ମହିଳା ହକି ଦଳ ଟୋକିଓ ଅଲିମ୍ପିକ ୨୦୨୦ ପାଇଁ ଯୋଗ୍ୟତା ହାସଲ କରିବା ଲକ୍ଷ୍ୟରେ ରହିଛି। ଏହି ପରିପ୍ରେକ୍ଷୀରେ ଖେଳାଳିମାନଙ୍କ ଖାଦ୍ୟରେ ପରିବର୍ତ୍ତନ କରାଯାଇଛି। ସେମାନଙ୍କୁ ମସାଲାଯୁକ୍ତ ଏବଂ ମିଠାଯୁକ୍ତ ଖାଦ୍ୟ ନ ଖାଇବା ଲାଗି ପରାମର୍ଶ ଦିଆଯାଇଛି। ଗତମାସରେ ଜାପାନର ହିରୋସୀମାରେ ଅନୁଷ୍ଠିତ ଏଫ୍ଆଇଏଚ୍ ହକି ସିରିଜ ଫାଇନାଲ୍ସରେ ଚାମ୍ପିୟନ ହୋଇଥିବା ଭାରତୀୟ ଖେଳାଳିଙ୍କ ମନୋବଳ ବେଶ ଦୃଢ଼ ରହିଛି। ଆସନ୍ତା ନଭେମ୍ବରରେ ହେବାକୁ ଥିବା ଅଲିମ୍ପିକ କ୍ୱାଲିଫାୟର୍ସର ଅନ୍ତିମ ପର୍ଯ୍ୟାୟରେ ଭାଗନେବାକୁ ଥିବା ଏହି ଦଳ ଏବେ ଜୋର୍‌ଦାର ଅଭ୍ୟାସ ଜାରି ରଖିଛି। ଦଳର ଅଧିନାୟିକା ରାଣୀ ରାମପାଲ କହିଛନ୍ତି ଯେ, ସେ ଯେତେ ଭାରତୀୟ ମହିଳା ହକି ଦଳ ଦେଖିଛନ୍ତି ତାହା ମଧ୍ୟରୁ ଏହି ଦଳ ସବୁଠୁ ଫିଟ୍। ସେହିପରି ସାଇଣ୍ଟିଫିକ୍ ଆଡଭାଇଜର ୱେନ୍ ଲୋମ୍ବାର୍ଡଙ୍କୁ ସେ ପ୍ରଶଂସା କରିବା ସହ ସେ ପ୍ରତ୍ୟେକ ଖେଳାଳିଙ୍କ ଫିଟ୍‌ନେସ୍ ପ୍ରତି ଯଥେଷ୍ଟ ଧ୍ୟାନ ଦେଉଛନ୍ତି ବୋଲି ରାଣୀ କହିଛନ୍ତି। ଆହୁରି ମଧ୍ୟ ପ୍ରତ୍ୟେକ ଖେଳାଳି ତାଙ୍କ ଡାଏଟ୍ ପ୍ଲାନ ଅନୁଯାୟୀ ଖାଦ୍ୟ ଖାଉଛନ୍ତି। ଆଗାମୀ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବାକୁ ହେଲେ ଆମକୁ ପୁଷ୍ଟିକର ଖାଦ୍ୟ ଖାଇବାକୁ ପଡ଼ିବ। ମାତ୍ର ଖେଳାଳିମାନେ ମିଠା, ଚକୋଲେଟ, ମସାଲାଯୁକ୍ତ ଏବଂ ତୈଳାକ୍ତ ଖାଦ୍ୟ ନ ଖାଇବାକୁ ୱେନ୍ ପରାମର୍ଶ ଦେଇଛନ୍ତି। ପ୍ରତ୍ୟେକ ଖେଳାଳି ସନ୍ତୁଳିତ ଆହାର ଖାଉଛନ୍ତି ଏବଂ ବେଶ ଆରାମ ଅନୁଭବ କରୁଛନ୍ତି। ୧୯୮୦ ମସ୍କୋ ଅଲିମ୍ପିକ୍ସରେ ଭାରତୀୟ ମହିଳା ଦଳ ପ୍ରଥମ ଥର ଅଲିମ୍ପିକରେ ଅଂଶଗ୍ରହଣ କରି ୪ର୍ଥ ସ୍ଥାନ ଅଧିକାର କରିଥିଲା। ଯାହା ଅଲିମ୍ପିକ୍ସରେ ଭାରତୀୟ ମହିଳା ଦଳର ସର୍ବଶ୍ରେଷ୍ଠ ପ୍ରଦର୍ଶନ ରହିଛି। ତେବେ ଏହାର ୩୬ ବର୍ଷ ପରେ ଭାରତୀୟ ମହିଳା ଦଳ ରିଓ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିଥିଲେ ମଧ୍ୟ ୧୨ତମ ସ୍ଥାନରେ ରହିଥିଲା। ରିଓ ଅଲିମ୍ପିକ୍ସରେ ଭାରତ ପ୍ରତିଯୋଗିତାର ସ୍ତର ଅନୁଯାୟୀ ପ୍ରଦର୍ଶନ କରିପାରି ନଥିଲେ ମଧ୍ୟ ଏଥିରୁ ଅନେକ କିଛି ଶିକ୍ଷାଲାଭ କରିଛି। ଏହାପରେ ଦଳ ଚମତ୍କାର ପ୍ରଦର୍ଶନ ଜାରି ରଖିଛି ଓ ଏଥର ପ୍ରତି ଖେଳାଳି ଭଲ ପ୍ରଦର୍ଶନ ଦେବାକୁ ପ୍ରସ୍ତୁତ ହେଉଛନ୍ତି ବୋଲି ରାଣୀ କହିଛନ୍ତି। ପ୍ରଥମେ ଦଳ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ହାସଲ କରିବା ପାଇଁ ପ୍ରୟାସ କରିବ ଓ ସଫଳ ହେବ ବୋଲି ରାଣୀ ଆଶାବ୍ୟକ୍ତ କରିଛନ୍ତି। ଭାରତୀୟ ମହିଳା ଦଳ ନିକଟରେ ଚଳିତଥର ଅଲିମ୍ପିକ ମେଡାଲ ଜିତିବାର ଯଥେଷ୍ଟ କ୍ଷମତା ରହିଛି ବୋଲି ସେ କହିଛନ୍ତି। ଭାରତୀୟ ମହିଳା ହକି ଦଳର ପ୍ରତ୍ୟେକ ଖେଳାଳି ହିମା ଦାସ ଓ ଦୂତୀ ଚାନ୍ଦଙ୍କ ବର୍ତ୍ତମାନର ପ୍ରଦର୍ଶନକୁ ନେଇ ପ୍ରଭାବିତ ହୋଇଛନ୍ତି। ହିମା ନିକଟରେ ଦେଶ ଲାଗି ୫ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ଦୂତୀ ଲୌରେଲ ଜିତିଛନ୍ତି। କ୍ରୀଡ଼ାରେ ଭାରତୀୟ ମହିଳାମାନେ ଉନ୍ନତ ପ୍ରଦର୍ଶନ କରୁଥିବାବେଳେ ହକିରେ ମଧ୍ୟ ଦଳ ପଛରେ ରହିବ ନାହିଁ ବୋଲି ରାଣୀ କହିଛନ୍ତି। ବେଙ୍ଗାଲୁରୁରେ ଚାଲିଥିବା ଶିବିର ସମ୍ପର୍କରେ ରାଣୀ କହିଛନ୍ତି ଯେ, ଏହି ଶିବିରରେ ଟେକ୍ନିକାଲ ବିଷୟ ସହ ଦଳର ଏକତା, ଅନ୍ ଫିଲ୍ଡ ଓ ଅଫ୍ ଫିଲ୍ଡ ନିଷ୍ପତ୍ତି ନେବା ସମ୍ପର୍କରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। କିମ୍ବଦନ୍ତୀ ଡିଫେଣ୍ଡର ଫରଗସ୍ କାଭାନାଘଙ୍କ ସହ ଡିଫେଣ୍ଡରମାନଙ୍କର ଏକ ଶିବିର ଅନୁଷ୍ଠିତ ହୋଇଯାଇଛି ଯାହା ବେଶ ସଫଳ ହୋଇଛି। ଦଳ ଏବେ ଶିବିରରେ ଡିଫେନ୍ସ, ଆଟାକ, ପେନାଲ୍ଟି କର୍ନର ଏବଂ ଟିମ ବଣ୍ଡିଂ ଉପରେ କାର୍ଯ୍ୟ କରୁଛି ବୋଲି ରାଣୀ ସୂଚନା ଦେଇଛନ୍ତି। ସେହିପରି ଅନ୍‌ଫିଲ୍ଡ ଓ ଅଫ୍‌ଫିଲ୍ଡ ନିଷ୍ପତ୍ତି କିଭଳି ଶୀଘ୍ର ନେଇ ହେବ ତାହା ଉପରେ ଦଳ ଶିକ୍ଷା ନେଉଛି ବୋଲି ସେ କହିଛନ୍ତି। ଆସନ୍ତା ମାସରେ ଭାରତ ଟୋକିଓରେ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଖେଳିବ। ଏହି ଟୁର୍ନାମେଣ୍ଟରେ ଭାରତ ସମେତ ଅଷ୍ଟ୍ରେଲିଆ, ଜାପାନ ରହିଛନ୍ତି। ଏହାପରେ ଭାରତ ଇଂଲଣ୍ଡ ସହ ଏକ ଟେଷ୍ଟ ସିରିଜ ଖେଳିବ।



ଅଧିନାୟିକା ରାଣୀ ରାମପାଲ୍।

## ଏହସାନ ମନି ଆଇସିସି କମିଟି ଅଧ୍ୟକ୍ଷ

**କରାଚୀ, ୨୩।୭ (ପି.ଟି.):** ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଅଧ୍ୟକ୍ଷ ଏହସାନ ମନିଙ୍କୁ ଆଉ ଏକ ଗୁରୁଦାୟିତ୍ୱ ମିଳିଛି। ସେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି)ର ବେଶ୍ ଗୁରୁତ୍ୱପୂର୍ଣ୍ଣ ତଥା ପ୍ରଭାବୀ ଫାଇନାନ୍ସ ଓ କମର୍ସିଆଲ ଆଫେୟାର୍ସ (ଏଫ୍ ଆଣ୍ଡ ସିଏ) କମିଟି ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି। ଗତ ସପ୍ତାହରେ ଅନୁଷ୍ଠିତ ହୋଇଥିବା ବାର୍ଷିକ ଅଧିବେଷଣ ଅବସରରେ ତାଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ପିସିବିର ଆଉ ଜଣେ ବରିଷ୍ଠ ଅଧିକାରୀ ତଥା ସଲମାନ ନାସିରଙ୍କୁ ଆଇସିସି ସେଫ୍‌ଗାର୍ଡିଂ ପ୍ୟାନେଲ୍‌ରେ ସାମିଲ କରାଯାଇଛି। ନାସିର ପିସିବିର ଜେନେରାଲ କନ୍‌ସେଲ ଓ ବାରିଷ୍ଟର ହିସାବରେ କାର୍ଯ୍ୟ କରୁଛନ୍ତି। ଆଇସିସି ଅଧ୍ୟକ୍ଷ ଶଶାଙ୍କ ମନୋହର ଏହି ଦୁଇଜଣଙ୍କୁ ନିଯୁକ୍ତି ଦେଇଛନ୍ତି ବୋଲି ପିସିବି ତରଫରୁ କୁହାଯାଇଛି। ଏହି କମିଟିରେ ସାମିଲ ହୋଇଥିବା ଅନ୍ୟ ଅଧିକାରୀମାନେ ହେଲେ ଇନ୍ଦ୍ର ନୟି, ବିସିସିଆଇ ଆକ୍ଟିଂ ସେକ୍ରେଟାରୀ ଅମିତାଭ ଚୌଧୁରୀ, କ୍ରିକେଟ ସାଉଥ୍ ଆଫ୍ରିକା (ସିଏସ୍ଏ) ଅଧ୍ୟକ୍ଷ କ୍ରିସ୍ ଖ୍ୱାଜା, କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ଅଧ୍ୟକ୍ଷ ଏର୍ଲ ଏଡିଙ୍ଗ୍ସ ଓ ଇଂଲଣ୍ଡ କ୍ରିକେଟ ବୋର୍ଡ (ଇସିବି) ଅଧ୍ୟକ୍ଷ କଲିନ ଗ୍ରେଭ୍ସ। ଶଶାଙ୍କ ଓ ଆଇସିସି ମୁଖ୍ୟ କାର୍ଯ୍ୟନିର୍ବାହୀ ମନୁ ସାହନି ଏକ୍ସ– ଅଫିସୋ ସଦସ୍ୟ ଭାବେ ଏଫ୍ ଆଣ୍ଡ ସିଏରେ ସକ୍ରିୟ ରହିବେ। ୭୪ ବର୍ଷୀୟ ମାନି ପେସାରେ ଜଣେ ଚାର୍ଟାଡ ଆକାଉଣ୍ଟାଣ୍ଟ। ସେ ପୂର୍ବରୁ ୧୯୯୬ରେ ଆଇସିସିର ପ୍ରଥମ ଏଫ୍ଆଣ୍ଡ ସିଏ ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଥିଲେ ଓ ୨୦୦୨ ପର୍ଯ୍ୟନ୍ତ ଏହି ପଦରେ ରହି କାର୍ଯ୍ୟ କରିଥିଲେ। ଏହାପରେ ସେ ଆଇସିସିର ଅଧ୍ୟକ୍ଷ ଭାବେ ୨୦୦୬ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ନୂଆ ଦାୟିତ୍ୱ ଦେଇଥିବାରୁ ମନି ଶଶାଙ୍କଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ ମଧ୍ୟ ଆଇସିସି ଅଡିଟ କମିଟିରେ ସାମିଲ ହୋଇଛନ୍ତି। ଏହ କମିଟିର ଅଧ୍ୟକ୍ଷ ରହିଛନ୍ତି ଭାରତର ଯୁବରାଜ ନାରାୟଣ।



## କେଶବ, ପ୍ରସୂନଙ୍କୁ ମୋହନ ବାଗାନ ରତ୍ନ ସମ୍ମାନ

**କୋଲକାତା, ୨୩।୭ (ପି.ଟି.):** ଜୁଲାଇ ୨୯ରେ ମୋହନ ବାଗାନ କ୍ଲବର ବାର୍ଷିକ ଉତ୍ସବରେ ଦୁଇଥର ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା କେଶବ ଦତ୍ତ ଏବଂ ପୂର୍ବତନ ଭାରତୀୟ ଫୁଟ୍‌ବଲ ଅଧିନାୟକ ପ୍ରସୁନ ବାନାର୍ଜୀ ମୋହନବାଗାନରତ୍ନରେ ସମ୍ମାନିତ କରାଯିବ। ୨୦୧୯ ଆଇସିସି ବିଶ୍ୱକପ୍‌ରେ ହ୍ୟାଟ୍ରିକ୍ ନେଇଥିବା ମହମ୍ମଦ ସାମିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ। ସୌରଭ ଗାଙ୍ଗୁଲିଙ୍କୁ ଆଜୀବନ ସଦସ୍ୟତା ପ୍ରଦାନ କରାଯିବ।

## ଏମ୍‌ସିଏକୁ ସିଓଏର ତାଗିଦ

ମୁମ୍ବାଇ, ୨୩।୭ (ପି.ଟି.)

ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ପ୍ରଶାସକ ସମିତି (ସିଓଏ) ମହାରାଷ୍ଟ୍ର କ୍ରିକେଟ୍ ଆସୋସିଏଶନ(ଏମ୍‌ସିଏ)କୁ ଏହାର ନୂତନ ସମ୍ବିଧାନରେ ରହିଥିବା ତ୍ରୁଟି ସୁଧାରିବା ଲାଗି କହିଛି। ଯଦି ଏହି ତ୍ରୁଟି ଠିକ୍ ନ ହୁଏ ତେବେ ଆଗାମୀ ଅକ୍ଟୋବର ୨୨ରେ ହେବାକୁ ଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନିର୍ବାଚନରୁ ଏମ୍‌ସିଏକୁ ବାଦ୍ ଦିଆଯିବ ବୋଲି ସିଓଏ ଚେତାବନୀ ଦେଇଛି। ଭାରତର ସର୍ବପୁରାତନ କ୍ରିକେଟ ଆସୋସିଏଶନ ମଧ୍ୟରୁ ଏମ୍‌ସିଏ ଅନ୍ୟତମ। ଏହି ଆସୋସିଏଶନର ପ୍ରାୟ ୭୦ଜଣ କ୍ରିକେଟର ଭାରତ ଲାଗି ଅନ୍ତର୍ଜାତୀୟ କ୍ରିକେଟରେ ପ୍ରତିନିଧିତ୍ୱ କରିଛନ୍ତି। ଗତବର୍ଷ ସେପ୍ଟେମ୍ବରରେ ଏମ୍‌ସିଏ ଲୋଧା କମିଟି ସୁପାରିସ ଅନୁଯାୟୀ ଏହାର ସମ୍ବିଧାନ ପଞ୍ଜୀକରଣ କରିବାକୁ ଦୁଇଜଣ ପୂର୍ବତନ ବିଚାରପତିଙ୍କୁ ଦାୟିତ୍ୱ ଦେଇଥିଲା। ମାତ୍ର ଏହି ନୂତନ ସମ୍ବିଧାନରେ କିଛି ଭୁଲ୍ ସିଓଏର ଦୃଷ୍ଟିକୁ ଆସିଛି। ଏ ନେଇ ସିଓଏ ପକ୍ଷରୁ ଏମ୍‌ସିଏକୁ ଚଳିତ ମାସ ୧୯ତାରିଖରେ ଇ–ମେଲ୍ ମାଧ୍ୟମରେ ଅବଗତ କରାଯାଇଛି। ଅନ୍ୟପକ୍ଷରେ ଏହି ସମ୍ବିଧାନ ପଞ୍ଜୀକରଣ ଦାୟିତ୍ୱରେ ରହିଥିବା ଜଣେ ବିଚାରପତି କହିଛନ୍ତି ଯେ, ସମ୍ବିଧାନ ପ୍ରସ୍ତୁତ କରିବା ସମୟରେ ବିସିସିଆଇ ଲିଗାଲ ଟିମ୍‌ର ସହାୟତା ନିଆଯାଇଥିଲା ଓ ଏମ୍‌ସିଏ ସହ ଅନୁବନ୍ଧିତ ସଦସ୍ୟଙ୍କଠାରୁ ପରାମର୍ଶ ଏବଂ ଅଭିଯୋଗ ଲୋଡ଼ା ଯାଇଥିଲା। ଏମ୍‌ସିଏର ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ ସିଓଏର ଏହି ଇ–ମେଲ୍‌ର ଉତ୍ତର ଦିଆଯାଇ ନାହିଁ। ଆହୁରି ମଧ୍ୟ ଆସନ୍ତା ସେପ୍ଟେମ୍ବର ୧୪ ପୂର୍ବରୁ ହେବାକୁ ଥିବା ଆସୋସିଏଶନ ନିର୍ବାଚନ ଲାଗି ଜଣେ ନିର୍ବାଚନ ଅଧିକାରୀଙ୍କୁ ନିଯୁକ୍ତ କରିବା ପାଇଁ ସିଓଏ ଏମ୍‌ସିଏକୁ କହିଛି। ଏହି ପରିପ୍ରେକ୍ଷୀରେ ଏମ୍‌ସିଏ ମହାରାଷ୍ଟ୍ର ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ପତ୍ର ଲେଖିଛି।



## ଇଟାଲୀ ଯିବେ ପାର୍ବତୀ

କଟକ ଅଫିସ,୨୩।୭

ଓଡ଼ିଶା କ୍ରୀଡ଼ା ଜଗତର ଡିସ୍‌କସ୍ ରାଣୀ ଭାବେ ପରିଚିତ ଅନ୍ତର୍ଜାତୀୟ ଆଥଲେଟ୍ ପାର୍ବତୀ ସେଠୀ ବୁଧବାର ଇଟାଲୀ ଯାତ୍ରା କରିବେ। ଇଟାଲୀର ଟୋରିନୋ ସହରରେ ହେବାକୁ ଥିବା ୟୁରୋପିଆନ ମାଷ୍ଟର୍ସ ଗେମ୍ସରେ ପାର୍ବତୀ ରାଜ୍ୟ ପକ୍ଷରୁ ଏକମାତ୍ର ଖେଳାଳି ଭାବେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଛନ୍ତି। ଭାରତୀୟ ଦଳରେ ସାମିଲ ହୋଇଥିବା ପାର୍ବତୀ ଉକ୍ତ ଟୁର୍ନାମେଣ୍ଟରୁ ପଦକ ଜିତିବା ଆଶା ରଖିଛନ୍ତି ।

ପୂର୍ବରୁ ମାଲେସିଆରେ ଅନୁଷ୍ଠିତ ଏସିଆ ପାସିଫିକ୍ ମାଷ୍ଟର୍ସ ଗେମ୍ସରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବା ସହ ଡିସ୍‌କସ୍ ଥ୍ରୋରେ ସ୍ୱର୍ଣ୍ଣ ଓ ଶଟ୍‌ପୁଟ୍‌ରେ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଏହାଛଡ଼ା ଭାରତୀୟ ସିନିୟର ଦଳରେ ନିୟମିତ ଖେଳାଳିଭାବେ ସୁଯୋଗ ପାଉଛନ୍ତି ପାର୍ବତୀ। ନୂଆଦିଲ୍ଲୀରେ ଅନୁଷ୍ଠିତ ଏସିଆନ ଅଲ ଷ୍ଟାର ଟୁର୍ନାମେଣ୍ଟରେ ପାର୍ବତୀଙ୍କ ପ୍ରଦର୍ଶନ ତାଙ୍କୁ ଜାତୀୟ ସ୍ତରରେ ପରିଚୟ ଦେଇଥିଲା। କୋଚିରେ ଅନୁଷ୍ଠିତ ଏସିଆନ ଗ୍ରାଁପ୍ରିରେ ମଧ୍ୟ ପାର୍ବତୀ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରି ଅଳ୍ପ ବ୍ୟବଧାନରେ ପଦକରୁ ବଞ୍ଚିତ ହୋଇଥିଲେ । କିଛି ଦିନ ତଳେ ଇଟାଲୀ ସହରରୁ ଭାରତ ପାଇଁ ପଦକ ବିଜୟୀ ହୋଇଥିବା ଓଡ଼ିଶା ଧାବିକା ଦୂତୀ ଚାନ୍ଦଙ୍କ ପରେ ଅନ୍ୟଜଣେ ଓଡ଼ିଆ ପ୍ରତିଭା ଭାବେ ଏବେ ପାର୍ବତୀଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଛି । ଦୂତୀ ସିନିୟର ବର୍ଗରୁ ପଦକ ଜିତିଥିବା ବେଳେ ପାର୍ବତୀ ମାଷ୍ଟର୍ସ ବିଭାଗରେ ପଦକ ଜିତୁଛନ୍ତି। ପାର୍ବତୀ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଅଭ୍ୟାସ ଜୋରଦାର କରିଛି । ଟୁର୍ନାମେଣ୍ଟ ନିମନ୍ତେ ନିଜକୁ ୨ମାସ ଆଗରୁ ପ୍ରସ୍ତୁତ ଚଳାଇଛି। ସ୍ୱାମୀ କୁବେର ବେହେରା ମୋ ଅଭ୍ୟାସରେ ଅନେକ ସହଯୋଗ କରିଛନ୍ତି। ସ୍ୱର୍ଣ୍ଣ ପଦକ ବିଜୟୀ ହେବାର ଆଶା ରହିଥିବା ପାର୍ବତୀ ପ୍ରତିକ୍ରିୟାରେ କହିଥିଲେ। ପାର୍ବତୀ କଟକ ରେଳବାଇ ବିଭାଗରେ ଟିଟିଆଇ ଭାବେ କାର୍ଯ୍ୟରତ। ପ୍ରତିଯୋଗିତା ଅଗଷ୍ଟ ୪ ପର୍ଯ୍ୟନ୍ତ ଚାଲିବ। ଜଗତ୍‌ସିଂପୁରର ପୂର୍ବତନ ଏମ୍‌ପି ଡ. କୁଳମଣି ସାମଲ, ଓଡ଼ିଶା ମାଷ୍ଟର୍ସ ଗେମ୍ସ ଆସୋସିଏଶନ ସମ୍ପାଦକ ଶିବ ପ୍ରସାଦ ମିଶ୍ର, ପୂର୍ବତଟ ରେଳୱେ, ଖୋର୍ଦ୍ଧା ଡିଭିଜନ ପକ୍ଷରୁ ପାର୍ବତୀଙ୍କୁ ଶୁଭେଚ୍ଛା ଜଣାଯାଇଛି।




## ମାମଲା ରଦ୍ଦ ପାଇଁ ଅଲିମ୍ପିଆନ ଦତ୍ତୁଙ୍କ ଆବେଦନ

**ମୁମ୍ବାଇ, ୨୩।୭ (ପି.ଟି.):** ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ତଥା ଅଲିମ୍ପିଆନ ଦତ୍ତୁ ଭୋକାନାଲଙ୍କ ବିରୋଧରେ ତାଙ୍କ ସ୍ତ୍ରୀ ଏକ ନିର୍ଯାତନା ମାମଲା ରୁଜୁ କରିଛନ୍ତି। ଏହି ଅଭିଯୋଗକୁ ପୂର୍ବରୁ ଦତ୍ତୁ ଖଣ୍ଡନ କରିଥିଲେ। ମାମଲାଟିର ବିଚାର ଚାଲିଥିବାବେଳେ ଆସନ୍ତା ମାସରେ ଅଷ୍ଟ୍ରିଆରେ ହେବାକୁ ଥିବା ବିଶ୍ୱ ରୋଇଂ ଚାମ୍ପିୟନଶିପରେ ସେ ଅଂଶଗ୍ରହଣ କରିବାର ଅଛି। ଏହି ମାମଲା ଯୋଗୁ ଦତ୍ତୁ ଆଗାମୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ନାହିଁ। ତେଣୁ ଦତ୍ତୁଙ୍କ ଓକିଲ ବୈଭବ ଗାଏକ୍ୱାଡ୍ ମଙ୍ଗଳବାର ମାମଲାର ରଦ୍ଦ ପାଇଁ ମୁମ୍ବାଇ ହାଇକୋର୍ଟର ବିଚାରପତି ରଞ୍ଜିତ ମୋରେ ଓ ଭାରତୀ ଡାଙ୍ଗ୍‌ରେଙ୍କୁ ନେଇ ଗଠିତ ବେଞ୍ଚରେ ଆବେଦନ କରିଛନ୍ତି। ବୁଧବାର ଦତ୍ତୁଙ୍କ ଆବେଦନ ଉପରେ ହାଇକୋର୍ଟ ରାୟ ଶୁଣାଇବେ। ଗତ ମେ'ରେ ନାସିକ ପୋଲିସ ଯୌତୁକ ନିର୍ଯାତନା, ଠକେଇ ଆଦି ମାମଲାରେ ଦତ୍ତୁଙ୍କୁ ଆଇପିସି ଧାରା ୪୯୮(ଏ) ଓ ୪୨୦ ଅନୁଯାୟୀ ଗିରଫ କରିଥିଲା। ଦତ୍ତୁଙ୍କ ସ୍ତ୍ରୀ ନାସିକ ପୋଲିସରେ କନଷ୍ଟେବଲ ଭାବେ କାର୍ଯ୍ୟରତ ଥିବାବେଳେ ଦତ୍ତୁ ଭାରତୀୟ ସେନାରେ କାର୍ଯ୍ୟ କରୁଛନ୍ତି। ୨୦୧୮ ଏସିଆନ୍ ଗେମ୍ସରେ ଦତ୍ତୁ କ୍ୱାର୍ଡରପୁଲ ସ୍କଲ୍‌ରେ ସ୍ୱର୍ଣ୍ଣପଦକ ହାସଲ କରିଥିବାବେଳେ ୨୦୧୬ ରିଓ ଅଲିମ୍ପିକ୍ସରେ ଏକମାତ୍ର ଭାରତୀୟ ଭାବେ ରୋଇଂ ଇଭେଣ୍ଟରେ ଭାଗ ନେଇଥିଲେ।




କଟକର ୱାଇଏମ୍‌ସିଏସ୍ଥିତ ଉତ୍କଳ କରାଟେ ସ୍କୁଲରେ ଅନୁଷ୍ଠିତ ବେଲ୍ଟ ଟେଷ୍ଟରେ କୃତିତ୍ୱ ଅର୍ଜନ କରିଥିବା ୫୨ କରାଟେକା କର୍ମକର୍ତ୍ତାଙ୍କ ସହ। ଗୌରୀ ମହାନ୍ତି, ଜୟଦେବ ପଟ୍ଟନାୟକ, ଗୋପାଳ ଦାସ, ଏନ.ବି. ପଟ୍ଟନାୟକ, ଉମାକାନ୍ତ ବେହେରା ଓ ଅନୁପମା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅଭିଷେକଙ୍କୁ ଆଇରନ୍‌ମ୍ୟାନ୍ ଟାଇଟଲ

ଧର୍ମଗଡ,୨୩।୭(ଡି.ଏନ.ଏ.)

ବିଶ୍ୱ ଟ୍ରାଇଥଲନ୍ କର୍ପୋରେଶନ ଦ୍ୱାରା ସୁଇଜରଲାଣ୍ଡର ଜୁରିକ୍‌ଠାରେ ଆୟୋଜିତ ବିଶ୍ୱ ଆଇରନମ୍ୟାନ ପ୍ରତିଯୋଗିତାରେ କଳାହାଣ୍ଡି ଜିଲା ଅନ୍ତର୍ଗତ ଧର୍ମଗଡ଼ର ଅଭିଷେକ ପଟ୍ଟଜୋଷୀ ଟାଇଟଲ ହାସଲ କରିଛନ୍ତି। ପ୍ରତିଯୋଗିତାରେ ବିଶ୍ୱର ବିଭିନ୍ନ ଦେଶର ପ୍ରତିଯୋଗୀ ଭାଗ ନେଇଥିଲେ। ଏହା ଏକ ପ୍ରକାର ଷ୍ଟଣ୍ଟ ଶୋ। ଏଥିରେ ୧୮ଘଣ୍ଟା ମଧ୍ୟରେ ପ୍ରତିଯୋଗୀଙ୍କୁ ସମୁଦ୍ର ଭିତରେ ୩.୮ କି.ମି. ସନ୍ତରଣ, ୧୮୦ କି.ମି. ସାଇକେଲ ଚାଳନା ଓ ୪୨ କି.ମି. ଦୌଡିବାକୁ ପଡ଼ିଥିଲା। ଅଭିଷେକ ନିର୍ଦ୍ଧାରିତ ସମୟଠାରୁ ୧ ଘଣ୍ଟା ପୂର୍ବରୁ ଅର୍ଥାତ ୧୭ ଘଣ୍ଟାରେ ରେସ୍‌କୁ ସମ୍ପୂର୍ଣ୍ଣ କରିଥିଲେ। ଭାରତର ୪୦ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଥିବାବେଳେ ପଶ୍ଚିମ ଓଡିଶାର ଜଣେ ପ୍ରତିଯୋଗୀ ଭାବେ ଅଭିଷେକ ଅଂଶଗ୍ରହଣ କରିଥିଲେ। ଭାରତର ସର୍ବକନିଷ୍ଠ ପ୍ରତିଯୋଗୀ ଭାବେ ଏହି ଟାଇଟଲ ସେ ହାସଲ କରିଛନ୍ତି। ଧର୍ମଗଡର ବିଶିଷ୍ଟ ଆଇନଜୀବୀ ମିହିର ରଞ୍ଜନ ପଟ୍ଟଜୋଷୀଙ୍କ ପୁଅ। ତାଙ୍କର ଏହି ସଫଳତାକୁ ନେଇ ଜିଲାର ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।




ଆଇରନ୍‌ମ୍ୟାନ୍ ଟାଇଟଲ୍ ଜିତିବା ପରେ ଖୁସି ମନାଉଛନ୍ତି ଅଭିଷେକ ପଟ୍ଟଜୋଷୀ।



“ପାକିସ୍ତାନ ହକି ମହାସଂଘ (ପିଏଚ୍‌ଏଫ୍)ଏଣିକି ନିୟମିତ ଭାବେ ଏହାର ଆର୍ଥିକ କାରବାର ସମ୍ପର୍କିତ ରିପୋର୍ଟ ନିଜସ୍ୱ ୱେବ୍ ସାଇଟ୍‌ରେ ପ୍ରକାଶ କରିବ ।

–ଅସିଫ୍ ବାଜୱା, ପିଏଚ୍‌ଏଫ୍‌ର ନୂଆ ସାଧାରଣ ସମ୍ପାଦକ



“ନ୍ୟୁଜିଲାଣ୍ଡ କ୍ରିକେଟ ଦଳର ଅଧିନାୟକ କେନ୍ ୱିଲିୟମସନ ନ୍ୟୁଜିଲାଣ୍ଡର ଅଫ୍ ଦି ଇୟର ପୁରସ୍କାର ପାଇବା ପାଇଁ ପ୍ରକୃତ ହକ୍‌ଦାର ।

–ବେନ୍ ଷ୍ଟୋକ୍ସ, ଇଂଲଣ୍ଡର ବିଶ୍ୱକପ୍ ହିରୋ

## ସଂକ୍ଷେପରେ

### ରାଜନୀତି ବିଜ୍ଞାନ ପଢ଼ିବେ ମନୁ



**ନୂଆଦିଲ୍ଲୀ, ୨୩।୭ (ପି.ଟି.):** ରାଜ୍ୟଗୋଷ୍ଠୀ କ୍ରୀଡ଼ା ତଥା ଯୁଥ୍ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ଷ୍ଟାର୍ ଭାରତୀୟ ମହିଳା ଶୁଟର୍ ମନୁ ଭାକର ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଲେଡି ଶ୍ରୀରାମ କଲେଜ (ଏଲ୍‌ଏସ୍‌ଆର୍)ରେ ପଢ଼ିବା ଲାଗି ସିଟ୍ ପାଇଛନ୍ତି। ଯେଉଁଠାରେ ଏହି ୧୭ ବର୍ଷୀୟା ଶୁଟର୍ ପଲିଟିକାଲ ସାଇନ୍ସ ପଢ଼ିବେ। ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ଏକାଧିକ ସ୍ୱର୍ଣ୍ଣ ପଦକ ଜିତିଥିବା ମନୁ ସ୍ପୋର୍ଟ୍ସ କୋଟାରେ ପଢ଼ିବା ଲାଗି ଆବେଦନ କରିଥିଲେ। ସ୍ପୋର୍ଟ୍ସ କୋଟାର ସୁବିଧା ଅନୁଯାୟୀ ଯେକୌଣସି କଲେଜରେ ସିଧାସଳଖ ଆଡ୍‌ମିଶନ ସହ ପସନ୍ଦର ବିଷୟ ନେଇ ପଢ଼ିବା ଲାଗି ସେ ଯୋଗ୍ୟ ଥିଲେ। ‘ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସମ୍ମାନଜନକ ଲେଡି ଶ୍ରୀରାମ କଲେଜରେ ପଲିଟିକାଲ ସାଇନ୍ସ ପଢ଼ିବା ଲାଗି ଆଡ୍‌ମିଶନ କରିଥିବା ଆମର ଆମର ୟଙ୍ଗ୍ ଶୁଟର୍ ମନୁ ଭାକରଙ୍କୁ ଅଭିନନ୍ଦନ। ଆମର ଏହି ଟପ୍ ଆଥ୍‌ଲେଟ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସମେତ ବିଭିନ୍ନ ବିଶ୍ୱକପରେ ସ୍ୱର୍ଣ୍ଣ ପଦକ ଜିତି ୨୦୨୦ ଟୋକିଓ ଅଲିମ୍ପିକ୍ସକୁ ଯୋଗ୍ୟତା ହାସଲ କରିଛନ୍ତି’ ବୋଲି ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଏହାର ଅଭିନନ୍ଦନ ବାର୍ତ୍ତାରେ ଉଲ୍ଲେଖ କରିଛି। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ନିୟମ ଅନୁଯାୟୀ, କେନ୍ଦ୍ର ଯୁବ ଓ କ୍ରୀଡ଼ା ବିଭାଗ ଅନୁମୋଦିତ କ୍ରୀଡ଼ାରେ ଯେଉଁମାନେ ଦେଶ ତରଫରୁ ପ୍ରତିନିଧିତ୍ୱ କରିଥିବେ ସେମାନଙ୍କୁ ବିନା କୌଣସି ଟ୍ରାଏଲ୍ସରେ ସିଧାସଳଖ ଆଡ୍‌ମିଶନ କରିବାର ସୁଯୋଗ ପ୍ରଦାନ କରାଯିବ।

### ଆୟର୍ଲାଣ୍ଡ ଟେଷ୍ଟରୁ ଓହରିଲେ ଆଣ୍ଡରସନ

**ଲଣ୍ଡନ, ୨୩।୭ (ଏଏଫ୍‌ପି):** ଘରୋଇ ଇଂଲଣ୍ଡ ଓ ଆୟର୍ଲାଣ୍ଡ ମଧ୍ୟରେ ଏକମାତ୍ର ଟେଷ୍ଟ ମ୍ୟାଚ୍ (୪ ଦିନିଆ) ବୁଧବାରଠାରୁ ସ୍ଥାନୀୟ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଆରମ୍ଭ ହେବ। ତେବେ ଡାହାଣ ଗୋଡ଼ର ମାଂସପେଶୀରେ ଆଘାତଜନିତ ସମସ୍ୟା ଲାଗି ଇଂଲଣ୍ଡ ଦଳର ଅଭିଜ୍ଞ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନଙ୍କୁ ଏହି ମ୍ୟାଚ୍‌ରୁ ବାଦ୍ ଦିଆଯାଇଛି। ଜୁଲାଇ ୨ରେ ଲଙ୍କାଶାୟର ଓ ଡର୍‌ହାମ ମଧ୍ୟରେ ଖେଳାଯାଉଥିବା କାଉଣ୍ଟି ମ୍ୟାଚ୍ ସମୟରେ ଆଣ୍ଡରସନ ଆଘାତ ପାଇଥିଲେ ମଧ ଏଥିରୁ ସେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇପାରି ନାହାନ୍ତି। ଅଗଷ୍ଟ ୧ରୁ ଏଜ୍‌ବାଷ୍ଟନରେ ଆରମ୍ଭ ହେବାକୁ ଥିବା ଐତିହାସିକ ଆଶେସ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ପର୍ଯ୍ୟନ୍ତ ଏହି ଭେଟେରାନ ବୋଲରଙ୍କ ଆଘାତଜନିତ ସମସ୍ୟା ଉପରେ ନଜର ରଖାଯିବ ବୋଲି ଇଂଲଣ୍ଡ ଆଣ୍ଡ୍ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପକ୍ଷରୁ କୁହାଯାଇଛି।

## ଭାରତ ବିପକ୍ଷ ପ୍ରଥମ ଦୁଇ ଟି୨୦

# ୱେଷ୍ଟଇଣ୍ଡିଜ ଦଳରେ ନାରିନ, ପୋଲାର୍ଡ

**ସେଣ୍ଟ ଜୋନ୍ସ (ଆଣ୍ଟିଗୁଆ), ୨୩।୭ (ପି.ଟି.)**

ଭାରତ ବିପକ୍ଷ ଟି୨୦ ସିରିଜର ପ୍ରଥମ ଦୁଇଟି ମ୍ୟାଚ୍ ପାଇଁ ଘରୋଇ ୱେଷ୍ଟଇଣ୍ଡିଜ ଦଳ ମଙ୍ଗଳବାର ଘୋଷଣା କରାଯାଇଛି। ଭେଟେରାନ ସ୍ପିନର ସୁନୀଲ ନାରିନ ଓ ଅଲ୍‌ରାଉଣ୍ଡର କିରନ ପୋଲାର୍ଡ ପ୍ରଥମ ୨ ମ୍ୟାଚ୍ ପାଇଁ ଦଳରେ ସାମିଲ ହୋଇଛନ୍ତି। ସେହିଭଳି ଉଇକେଟ୍‌କିପର ଆନ୍ଥୋନୀ ବ୍ରାମ୍ବଲେ ଏକମାତ୍ର ନୂଆମୁହଁ ଭାବେ




୧୪ ଜଣିଆ ଦଳରେ ସ୍ଥାନ ପାଇଛନ୍ତି। ତିନି ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜର ପ୍ରଥମ ଦୁଇ ମ୍ୟାଚ୍ ଅଗଷ୍ଟ ୩ ଓ ୪ରେ ଆମେରିକାର ଫ୍ଲୋରିଡାସ୍ଥିତ ବ୍ରୋୱାର୍ଡ କାଉଣ୍ଟି ଷ୍ଟାଡିୟମରେ ଖେଳାଯିବ। ତେବେ ଗୁଏନା ନ୍ୟାଶନାଲ ଷ୍ଟାଡିୟମରେ ଅଗଷ୍ଟ ୬ରେ ଖେଳାଯିବାକୁ ଥିବା ଅନ୍ତିମ ତଥା ୩ୟ ଟି୨୦ ମ୍ୟାଚ୍ ଲାଗି ଟିମ୍‌ରେ ପରିବର୍ତ୍ତନ କରାଯାଇପାରେ ବୋଲି ୱେଷ୍ଟଇଣ୍ଡିଜ କ୍ରିକେଟ୍ ବୋର୍ଡ ପକ୍ଷରୁ କୁହାଯାଇଛି।

ଏହି ୧୪ ଜଣିଆ ଦଳର ନେତୃତ୍ୱ କାର୍ଲୋସ ବ୍ରାଥ୍‌ୱେଟ୍‌ଙ୍କୁ ପ୍ରଦାନ କରାଯାଇଥିବାବେଳେ ଅଲ୍‌ରାଉଣ୍ଡର



ସୁନୀଲ ନାରିନ



କିରନ ପୋଲାର୍ଡ

ଆନ୍ଦ୍ରେ ରସେଲଙ୍କୁ ମଧ ଡାକରା ମିଳିଛି। କିନ୍ତୁ ରସେଲଙ୍କୁ ଏଥିପାଇଁ ଫିଟ୍‌ନେସ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିବ। ପୂର୍ବରୁ ବାମ ଗୋଇଠିରେ ଆଘାତଜନିତ ସମସ୍ୟା ଲାଗି ରସେଲ ବିଶ୍ୱକପ୍‌ର ପ୍ରାରମ୍ଭିକ ପର୍ଯ୍ୟାୟରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। ସେହିଭଳି କାନାଡାରେ ହେବାକୁ ଥିବା ଗ୍ଲୋବାଲ ଟି୨୦ ଟୁର୍ନାମେଣ୍ଟରେ ଖେଳିବା ଲାଗି ପ୍ରତିଶ୍ରୁତି ଦେଇଥିବାରୁ ବିସ୍ଫୋରକ ଓପନର୍ କ୍ରିସ ଗେଲ୍ ନିଜ ଆଡୁ ଏହି ସିରିଜରୁ ଓହରି ଯାଇଛନ୍ତି ବୋଲି ୱେଷ୍ଟଇଣ୍ଡିଜ ଚୟନ କମିଟିର ଅନ୍ତରୀଣ ଅଧ୍ୟକ୍ଷ ରର୍ବଟ୍ ହେନ୍ସ ସୂଚନା ଦେଇଛନ୍ତି। ବାମହାତୀ ଓପନର୍ ଜନ୍ କ୍ୟାମ୍ପବେଲ୍ ଓ ସ୍ପିନର ଖେରୀ ପିଏରଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। ଅଷ୍ଟ୍ରେଲିଆରେ ଆସନ୍ତା ବର୍ଷ ହେବାକୁ ଥିବା ଟି୨୦ ବିଶ୍ୱକପ୍‌କୁ ନଜରରେ ରଖାଯାଇ ଦଳ ଚୟନ ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ହେନ୍ସ କହିଛନ୍ତି। ୨୮ ବର୍ଷୀୟ ବ୍ରାମ୍ବଲେ ଉଇକେଟ୍‌କିପର ଭାବେ ସ୍ଥାନ ପାଇଥିଲେ ମଧ୍ୟ ନିକୋଲାସ ପୁରାନ ପ୍ରଥମ ପସନ୍ଦ ରହିବେ। ଟି୨୦ ସିରିଜ ପରେ ଉଭୟ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ୩ଟି ଦିନିକିଆ ଓ ୨ଟି ଟେଷ୍ଟ ମ୍ୟାଚ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

**ୱେଷ୍ଟଇଣ୍ଡିଜ ଦଳ**

କାର୍ଲୋସ ବ୍ରାଥୱେଟ୍ (ଅଧିନାୟକ), ସୁନୀଲ ନାରିନ, କେମୋ ପଲ୍, ଖେରୀ ପିଏର, କିରନ ପୋଲାର୍ଡ, ନିକୋଲାସ ପୁରାନ (ଉଇକେଟ୍‌କିପର), ରୋଭମାନ ପାୱେଲେ, ଆନ୍ଦ୍ରେ ରସେଲ, ଓଶାନେ ଥୋମାସ, ଆନ୍ଥୋନୀ ବ୍ରାମ୍ବଲେ (ଉଇକେଟ୍‌କିପର), ଜନ୍ କ୍ୟାମ୍ପ୍‌ବେଲ, ଶେଲଡନ କୋଟ୍ରେଲ, ଶିମରନ ହେଟ୍‌ମେୟର ଓ ଏଭିନ୍ ଲୁଇସ।

# ଶୀର୍ଷରେ କୋହଲି ଅପରିବର୍ତ୍ତିତ

**ଦୁବାଇ, ୨୩।୭ (ପି.ଟି.)**

ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲି ବ୍ୟାଟିଂ ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ସେ ପୂର୍ବପରି ୧ ନମ୍ବର ସ୍ଥାନରେ ରହିଛନ୍ତି। କୋହଲିଙ୍କ ନେତୃତ୍ୱରେ ଭାରତ ଗତ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ୍‌ରେ ୨-୧ ବ୍ୟବଧାନରେ ସିରିଜ ବିଜୟୀ ହୋଇଥିଲା। ସେ ୯୨୨ ପଏଣ୍ଟ ପାଇଁ ୧ ନମ୍ବର ସ୍ଥାନରେ ରହିଛନ୍ତି। ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନ ୯୧୩

**ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍**



ପଏଣ୍ଟ ପାଇ ଦ୍ୱିତୀୟ ଓ ଟେଷ୍ଟ ସ୍ପେଶାଲିଷ୍ଟ କୁହାଯାଉଥିବା ଚେତେଶ୍ୱର ପୂଜାରା ୮୮୧ ପଏଣ୍ଟ ପାଇଁ ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି।

ଦଳୀୟ ର୍‍ୟାଙ୍କିଙ୍ଗ୍‌ରେ ଭାରତ ପୂର୍ବପରି ପ୍ରଥମ ସ୍ଥାନରେ ରହିଛି। ସେହିପରି ନ୍ୟୁଜିଲାଣ୍ଡ ଦ୍ୱିତୀୟ, ଦକ୍ଷିଣ ଆଫ୍ରିକା ତୃତୀୟ, ଇଂଲଣ୍ଡ ଚତୁର୍ଥ ଓ ଅଷ୍ଟ୍ରେଲିଆ ପଞ୍ଚମ ସ୍ଥାନରେ ରହିଛି। ବୋଲିଂ ତାଲିକାରେ ୨ଜଣ ଭାରତୀୟ ବୋଲର ଟପ୍-୧୦ରେ ସାମିଲ ରହିଛନ୍ତି। ରବୀନ୍ଦ୍ର ଜାଡେଜା ଓ ରବିଚନ୍ଦ୍ରନ ଅଶ୍ୱିନ୍ ଯଥାକ୍ରମେ ଷଷ୍ଠ ଓ ଦଶମ ସ୍ଥାନରେ ରହିଛନ୍ତି। ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଆୟର୍ଲାଣ୍ଡ ବିପକ୍ଷ ୪ ଦିନିଆ ଟେଷ୍ଟରୁ ଇଞ୍ଜୁରି କାରଣରୁ ବାଦ୍ ପଡିଥିବା ଅଭିଜ୍ଞ ଇଂଲଣ୍ଡ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଆଣ୍ଡରସନଙ୍କଠାରୁ ଅଧିକ ୧୬ ପଏଣ୍ଟ ପାଇ ଅଷ୍ଟ୍ରେଲିଆର ପ୍ୟାଟ କୁମିନ୍ସ ବୋଲିଂ ତାଲିକାର ଶୀର୍ଷ ସ୍ଥାନରେ ରହିଛନ୍ତି। ଗତ ନଭେମ୍ବରରେ ଆଣ୍ଡରସନଙ୍କୁ ଦକ୍ଷିଣ ଆଫ୍ରିକାର କାଗିସୋ ରବାଡ଼ା ପଛରେ ପକାଇଥିଲେ। ତେବେ ସେ ଏବେ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟତମ ଇଂଲଣ୍ଡ ଦ୍ରୁତ ବୋଲର ଷ୍ଟୁଆର୍ଟ ବ୍ରଡ ୧୯ତମ ସ୍ଥାନରେ ରହିଛନ୍ତି। ସେ ୨୦୦୯ ପରଠାରୁ ଟପ୍-୨୦ରେ ସ୍ଥାନ ବଜାୟ ରଖିଆସିଛନ୍ତି। ସେହିପରି ୬୨୧ ପଏଣ୍ଟ ପାଇ ମୋଇନ୍ ଅଲି ୨୫ତମ ସ୍ଥାନରେ ରହିଛନ୍ତି। ଇଂଲଣ୍ଡ ଅଧିନାୟକ ଜୋ ରୁଟ ବ୍ୟାଟିଂ ତାଲିକାର ଷଷ୍ଠ ସ୍ଥାନରେ ରହିଛନ୍ତି। ସେହିପରି ଜନି ବେୟାରଷ୍ଟୋ ଓ ଜୋଶ ବଟଲର ଯାଥାକ୍ରମେ ୨୬ ଓ ୨୭ତମ ସ୍ଥାନରେ ରହିଛନ୍ତି। ଆୟର୍ଲାଣ୍ଡର କେଭିନ ଓ’ବ୍ରାଏନ ୬୮ତମ ସ୍ଥାନକୁ ଉଠିଥିବା ବେଳେ ଗ୍ୟାରୀ ୱିଲିସନ ୧୪୦ତମ ସ୍ଥାନରେ ରହିଛନ୍ତି। ଅଲରାଉଣ୍ଡର ତାଲିକାରେ ଜାଡେଜା ଭାରତୀୟ ଦୃଷ୍ଟିକୋଣରୁ ଶ୍ରେଷ୍ଠ ସାବ୍ୟସ୍ତ ହୋଇଛନ୍ତି। ସେ ତୃତୀୟ ସ୍ଥାନରେ ରହିଛନ୍ତି। ୱେଷ୍ଟଇଣ୍ଡିଜର ଜାସନ ହୋଲ୍ଡର ଶୀର୍ଷ ସ୍ଥାନରେ ରହିଥିବା ବେଳେ ବାଂଲାଦେଶର ସାକିବ ଅଲ ହାସନ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ନାମ, ନମ୍ବର ଥିବା ଜର୍ସି ପିନ୍ଧିବ ଇଂଲଣ୍ଡ



ନୂଆ ଜର୍ସିରେ ଜୋ ରୁଟ୍।

**ଲଣ୍ଡନ, ୨୩।୭:** କ୍ରିକେଟ୍ ଇତିହାସରେ ପ୍ରଥମଥର ଲାଗି ଇଂଲଣ୍ଡ ଦଳ ଏହାର ଖେଳାଳିଙ୍କ ଟେଷ୍ଟ ଜର୍ସିରେ ନାମ ଓ ନମ୍ବର ଉଲ୍ଲେଖ କରିଛି। ସୀମିତ ଓଭର କ୍ରିକେଟ୍ ପରି ଧଳା ଜର୍ସିର ପଛ ପାର୍ଶ୍ୱରେ ସେମାନଙ୍କ ନାମ ଓ ନମ୍ବର ସହ ଇଂଲଣ୍ଡ ଖେଳାଳିମାନେ ଆଗାମୀ ଆଶେସ ସିରିଜରେ ନଜରକୁ ଆସିବେ। ଆଶେସ ସିରିଜର ୭୧ତମ ସଂସ୍କରଣର ପ୍ରଥମ ଟେଷ୍ଟ ଅଗଷ୍ଟ ୧ରୁ ଏଜ୍‌ବାଷ୍ଟନରେ ଆରମ୍ଭ ହେବ। ସେହିଭଳି ଆଇସିସି ଟେଷ୍ଟ ଚାମ୍ପିୟନଶିପ୍‌ର ମଧ ଏହା ଉଦ୍‌ଘାଟନୀ

**ଆଶେସ ଟେଷ୍ଟ ସିରିଜ**

ସଂସ୍କରଣ। ତେଣୁ ଇଂଲଣ୍ଡ ଆଣ୍ଡ୍ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ମଙ୍ଗଳବାର ନାମ ଓ ନମ୍ବର ଲେଖା ଥିବା ଏହି ନୂଆ ପ୍ରକାର ଜର୍ସିର ଉନ୍ମୋଚନ କରିଛି। ଅଧିନାୟକ ଜୋ ରୁଟ୍ ଏହି ନୂଆ ଜର୍ସି ପରିଧାନ କରିଥିବାବେଳେ ପଛ ପାର୍ଶ୍ୱରେ ତାଙ୍କ ନାମ ଓ ନମ୍ବର ୬୬ ବୋଲି ଉଲ୍ଲେଖ ରହିଛି।



ପ୍ୟାରିସ: ଟୁର୍ ଡି ଫ୍ରାନ୍ସ ସାଇକେଲ ରେସ୍‌ର ମଙ୍ଗଳବାର ନିମେସଠାରେ ଅନୁଷ୍ଠିତ ୧୧୭ କିଲୋମିଟର ବିଶିଷ୍ଟ ୧୬ତମ ଷ୍ଟେଜ୍ ଅବସରରେ ପ୍ରତିଯୋଗୀମାନେ।

## ‘ଜୀବନର ସବୁଠୁ ଭଲ ଆଉ ଖରାପ ଦିନ ଥିଲା’

**ଅକ୍‌ଲାଣ୍ଡ, ୨୩।୭**

ଆଇସିସି ବିଶ୍ୱକପ୍ ଫାଇନାଲରେ ଇଂଲଣ୍ଡ ନିକଟରୁ ହୃଦୟ ବିଦାରକ ପରାଜୟ ପରେ ନ୍ୟୁଜିଲାଣ୍ଡ ଓପନର୍ ମାର୍ଟିନ ଗୁପ୍ଟିଲ ପ୍ରଥମଥର ଲାଗି ମୁହଁ ଖୋଲିଛନ୍ତି। ବିଶ୍ୱକପ୍ ଫାଇନାଲକୁ ସେ ତାଙ୍କ କ୍ରିକେଟ୍ ଜୀବନର ସବୁଠାରୁ ‘ଭଲ ଓ ଖରାପ ଦିନ’ ବୋଲି ଅଭିହିତ କରିଛନ୍ତି। ‘ଏହା ବିଶ୍ୱାସ କରିହେଉ ନାହିଁ ଯେ, ଲର୍ଡ୍ସରେ ଖେଳାଯାଇଥିବା ଏହି ଅବିଶ୍ୱସନୀୟ ଫାଇନାଲ ମ୍ୟାଚ୍‌କୁ ଏକ ସପ୍ତାହ ବିତିଗଲାଣି। ମୁଁ ଭାବୁଛି ଏହା ମୋ କ୍ରିକେଟ୍ ଜୀବନର ସବୁଠାରୁ ଭଲ ଓ ଖରାପ ଦିନ ଥିଲା! ଏତେ ପ୍ରକାର ଅଲଗା ଅଲଗା ଭାବନା, କିନ୍ତୁ ମୁଖ୍ୟତଃ ନ୍ୟୁଜିଲାଣ୍ଡ ପକ୍ଷରୁ ପ୍ରତିନିଧିତ୍ୱ କରିବା ଏବଂ ସାଥୀ ହୋଇ ଖେଳାଳିଙ୍କ ସହ ଖେଳିବା ଲାଗି ଗର୍ବିତ ମନେକରୁଛି। ସମର୍ଥନ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେବି। ପ୍ରତିଯୋଗିତା ବହୁତ ସୁନ୍ଦର ଥିଲା’ ବୋଲି ଗୁପ୍ଟିଲ ତାଙ୍କ ଇନ୍‌ଷ୍ଟାଗ୍ରାମ ପୃଷ୍ଠାରେ ଉଲ୍ଲେଖ କରିଛନ୍ତି। ଏଥିସହ ନ୍ୟୁଜିଲାଣ୍ଡର ଏହି ବିସ୍ଫୋରକ ଓପନର୍ ଏକ ଫଟୋ ପୋଷ୍ଟ କରିଛନ୍ତି। ଯେଉଁଥିରେ ସେ ନିଜେ ସୁପର୍ ଓଭରର ଅନ୍ତିମ ବଲ୍‌ରେ ରନ୍‌ଆଉଟ୍ ହେବା ପରେ ସାଥୀ ଖେଳାଳି ଓ ଇଂଲଣ୍ଡର କ୍ରିସ୍ ୱୋକ୍ସ ତାଙ୍କୁ ଆଶ୍ୱାସନା ଦେଉଥିବାର ଦେଖିବାକୁ ମିଳିଛି। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ଫାଇନାଲର ଉଭୟ ମ୍ୟାଚ୍ ଓ ସୁପର୍ ଓଭର ଟାଇ ରହିବା ପରେ ଅଧିକ ବାଉଣ୍ଡାରୀ ଭିତ୍ତିରେ ଇଂଲଣ୍ଡକୁ ଚାମ୍ପିୟନ ଘୋଷିତ କରାଯାଇଥିଲା। ସୁପର୍ ଓଭରର ଅନ୍ତିମ ବଲ୍‌ରେ ଗୁପ୍ଟିଲ ରନ୍‌ଆଉଟ୍ ହୋଇଯିବା ଫଳରେ ମ୍ୟାଚ୍ ଟାଇ ରହିଥିଲା। ସେହିଭଳି ଇଂଲଣ୍ଡ ଇନିଂସର ଅନ୍ତିମ ତଥା ୫୦ତମ ଓଭରରେ ୩ ବଲରୁ ୯ ରନ ଆବଶ୍ୟକ ହେଉଥିବାବେଳେ ବାଉଣ୍ଡାରୀ ଲାଇନ୍‌ରୁ ଗୁପ୍ଟିଲଙ୍କ ଥ୍ରୋ ବେନ୍ ଷ୍ଟୋକ୍ସଙ୍କ ବ୍ୟାଟ୍‌ରେ ବାଜି ଓଭର ଥ୍ରୋ’ରେ ୪ ରନ୍ ହୋଇଯାଇଥିଲା।



ମାର୍ଟିନ ଗୁପ୍ଟିଲଙ୍କୁ ଇଂଲଣ୍ଡ ଓ ସାଥୀ ଖେଳାଳି ଆଶ୍ୱାସନା ଦେଉଛନ୍ତି।

## ମେଡ୍ୱେଦର ଚାଇନା ବକ୍ସିଂ ଟିମ୍‌ର ସ୍ୱତନ୍ତ୍ର ପରାମର୍ଶଦାତା

**ସାଂଘାଇ, ୨୩।୭ (ଏଏଫ୍‌ପି):** ଚାଇନା ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଏହାର ପଦକ ସଂଖ୍ୟା ବୃଦ୍ଧି କରିବା ଲକ୍ଷ୍ୟରେ ରହିଛି। ଏହି ପରିପ୍ରେକ୍ଷୀରେ ଚାଇନିଜ ବକ୍ସିଂ ଫେଡେରେଶନ ଅବସରପ୍ରାପ୍ତ ସୁପରଷ୍ଟାର ଫ୍ଲଏଡ୍ ମେଡ୍ୱେଦରଙ୍କୁ ଚାଇନା ବକ୍ସିଂ ଟିମ୍‌ର ‘ସ୍ୱତନ୍ତ୍ର ପରାମର୍ଶଦାତା’ ଭାବେ ନିଯୁକ୍ତି ଦେଇଛି। ମେଡ୍ୱେଦର କିନ୍ତୁ ତାଙ୍କ ବକ୍ସିଂ ନିଯୁକ୍ତି ସମ୍ପର୍କରେ ସୋସିଆଲ ମିଡିଆ ଆକାଉଣ୍ଟରେ କରି କହିନାହାନ୍ତି। ମେଡ୍ୱେଦରଙ୍କ ଭୂମିକା କ’ଣ ରହିବ ସେ ସମ୍ପର୍କରେ ଚାଇନା ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ବକ୍ସିଂ ରିଙ୍ଗ୍‌ରେ ମେଡ୍ୱେଦରଙ୍କ ୫୦-୦ ରେକର୍ଡ ରହିଛି। ତନ୍ମଧ୍ୟରେ ୨୭ ନକ୍‌ଆଉଟ୍ ବିଜୟ ରହିଛି। ମାତ୍ର ପରବର୍ତ୍ତୀ କାଳରେ ୨୦୦୪ ଏଥେନ୍ସରେ ଜୋଉ ଶିମିଂ ଦେଶ ପାଇଁ ପ୍ରଥମ ଅଲିମ୍ପିକ ପଦକ ଆଣିଦେଇଥିଲେ। ତାହା ବ୍ରୋଞ୍ଜ ପଦକ ଥିଲା। ଜୋଉ ପରବର୍ତ୍ତୀ ଦୁଇଟି ଗେମ୍ସରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ପ୍ରଥମ ଥର ମହିଳା ବକ୍ସିଂକୁ ସାମିଲ କରାଯାଇଥିଲା।

## ଟି୨୦ରେ ସକ୍ରିୟ ରହିବେ ମାଲିଙ୍ଗା

**କଲମ୍ବୋ, ୨୩।୭ (ଏ.ଏଫ୍.ପି.)**

ଶ୍ରୀଲଙ୍କା ଅଭିଜ୍ଞ ଦ୍ରୁତ ବୋଲର ତଥା ଉଇକେଟଟେକର ଲସିଥ୍ ମାଲିଙ୍ଗା ଏବେ ଅବସର ନେବାକୁ ଯାଉଛନ୍ତି। ବାଂଲାଦେଶ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଘରୋଇ ଦିନିକିଆ ସିରିଜର ପ୍ରଥମ ମୁକାବିଲା ଖେଳିବା ପରେ ମାଲିଙ୍ଗା ଦିନିକିଆ ଫର୍ମାଟରୁ ସବୁଦିନ ପାଇଁ ବିଦାୟ ନେବେ। ଶୁକ୍ରବାର ସ୍ଥାନୀୟ ଆର. ପ୍ରେମଦାସା ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳିବା ପରେ ସେ ଆନୁଷ୍ଠାନିକ ଭାବେ ଅବସର ନେବେ। ତେବେ ମାଲିଙ୍ଗା ସବୁଠାରୁ ଛୋଟ ଫର୍ମାଟ ଟି୨୦ରେ ଖେଳ ଜାରି ରଖିବେ ବୋଲି ଆଶା କରାଯାଉଛି। ମାଲିଙ୍ଗାଙ୍କ ନେତୃତ୍ୱରେ ଶ୍ରୀଲଙ୍କା ୨୦୧୪ ଟି୨୦ ବିଶ୍ୱକପ୍‌ରେ ଟାଇଟଲ ହାସଲ କରିଥିଲା। ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍‌ର ଆଗାମୀ ସଂସ୍କରଣ ଖେଳାଯିବ। ମାଲିଙ୍ଗା ଏହି ବିଶ୍ୱକପ୍ ପର୍ଯ୍ୟନ୍ତ ଟି୨୦ ଫର୍ମାଟରେ ଖେଳ ଜାରି ରଖିବେ ବୋଲି ଆଶା କରାଯାଉଛି।

ଶ୍ରୀଲଙ୍କାର ପ୍ରମୁଖ ଉଇକେଟ ହାସଲକାରୀ ବୋଲର ତଥା ଡେଥ୍ ଓଭର ସ୍ପେଶାଲିଷ୍ଟ ଭାବେ ଜଣାଶୁଣା ଥିବା ମାଲିଙ୍ଗାଙ୍କ ଦିନିକିଆ ରେକର୍ଡ ବେଶ୍ ଚମତ୍କାର ରହିଛି। ୩୫ ବର୍ଷୀୟ ମାଲିଙ୍ଗା ୨୨୫ଟି ଦିନିକିଆ ମ୍ୟାଚ୍ ଖେଳି



୩୩୫ ଉଇକେଟ ହାସଲ କରିଛନ୍ତି। ସେ ଶ୍ରୀଲଙ୍କାର ତୃତୀୟ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ସାବ୍ୟସ୍ତ ହୋଇଛନ୍ତି। କିମ୍ବଦନ୍ତୀ ସ୍ପିନର ମୁଥୟା ମୁରଲିଧରନ ୫୨୩ଟି ଉଇକେଟ ଅକ୍ତିଆର କରି ଦିନିକିଆରେ ଶ୍ରୀଲଙ୍କାର ସଫଳତମ ବୋଲର ବିବେଚିତ ହୋଇଛନ୍ତି। ସେହିପରି ଚାମିଣ୍ଡା ଭାସ୍ ୩୯୯ଟି ଉଇକେଟ ନେଇ ଦ୍ୱିତୀୟ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ସାବ୍ୟସ୍ତ ହୋଇଛନ୍ତି। ଅନ୍ତର୍ଜାତୀୟ ତାଲିକାରେ ଭାରତୀୟ କିମ୍ବଦନ୍ତୀ ସ୍ପିନର ଅନିଲ କୁମ୍ବଲେ ୩୩୭ଟି ଉଇକେଟ ନେଇ ନବମ ସ୍ଥାନରେ ରହିଛନ୍ତି। ଆଉ ୩ଟି ଉଇକେଟ ହାସଲ କଲେ ମାଲିଙ୍ଗା କୁମ୍ବଲେଙ୍କୁ ପଛରେ ପକାଇ ନବମ ସ୍ଥାନ ଅଧିକାର କରିବେ। ମାଲିଙ୍ଗା ସ୍ଥାନୀୟ ଆର. ପ୍ରେମଦାସା ଷ୍ଟାଡିୟମରେ କ୍ୟାରିୟର ଅନ୍ତିମ ଦିନିକିଆ ମ୍ୟାଚ୍ ଖେଳିବେ। ଏହି ଭେନ୍ୟୁରେ ସେ ୫୦ ଉଇକେଟ ହାସଲ କରିବାର ସୁଯୋଗ ପାଇଛନ୍ତି। ସେ ବିଶ୍ୱକପ୍‌ରେ ୭ଟି ମ୍ୟାଚ୍ ଖେଳି ୧୩ ଉଇକେଟ ହାସଲ କରିଛନ୍ତି। ବିଶ୍ୱକପ୍ ଇତିହାସରେ ସେ ତୃତୀୟ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ସାବ୍ୟସ୍ତ ହୋଇଛନ୍ତି। ସେ ୨୯ଟି ବିଶ୍ୱକପ୍ ମ୍ୟାଚ୍ ଖେଳି ୫୬ଟି ଉଇକେଟ ଅକ୍ତିଆର କରି ତୃତୀୟ ସ୍ଥାନରେ ରହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଜୁଲାଇ ୨୪/୨୦୧୯ Sambalpur, Wednesday, July 24 / 2019

# ମା'ଙ୍କୁ ହତ୍ୟା କରି ପୁଅ ଗିରଫ

**ବରଗଡ଼ ଅଫିସ୍, ୨୩।୭**

ବରଗଡ଼ ସଦର ଥାନା ଅନ୍ତର୍ଗତ ଧାଙ୍ଗେର ଗ୍ରାମରେ ଗତ ରବିବାର ବିଳମ୍ବିତ ରାତ୍ରିରେ ନିଜ ମା' ଯାଜ୍ଞସେନୀ ମହାପାତ୍ର(୬୦)ଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ ସାନପୁଅ ସୌରୀ ମହାପାତ୍ର ଓରଫ୍ ସୁରୁଙ୍କୁ ପୋଲିସ ଗିରଫ କରିଛି। ତାଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ମୃତ ଯାଜ୍ଞସେନୀଙ୍କ ବଡ଼ପୁଅ ଗୌରୀଶଙ୍କରଙ୍କ ଏତଲାକ୍ରମେ ବରଗଡ଼ ସଦର ଥାନାରେ ଦଫା ୩୦୨କ୍ରମେ ଏକ ମାମଲା (ନଂ.୧୧୬/୧୯) ରୁଜୁ ହୋଇଛି ।

ପ୍ରକାଶ ଯେ, ରବିବାର ରାତ୍ରିରେ ସୁରୁ ଘରକୁ ଆସିଥିଲେ ଏବଂ ତାଙ୍କ ମା' ଯାଜ୍ଞସେନୀଙ୍କ ସହିତ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସୁରୁ ଯାଜ୍ଞସେନୀଙ୍କୁ ଶିଳପୁଆରେ ପିଟିଥିଲେ । ଫଳରେ ଯାଜ୍ଞସେନୀ ଗୁରୁତର ଆହତ ହୋଇ ପଡ଼ିଥିଲେ। ଏହାପରେ ପରିବାରର ଅନ୍ୟ ସଦସ୍ୟମାନେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୀମସାର୍ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ମାତ୍ର ବୁର୍ଲା ନେବା ବାଟରେ ଯାଜ୍ଞସେନୀଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇବା ପରେ ପୋଲିସ ମୃତଦେହ ଜବତ କରିବା ସହିତ ସୋମବାର ଜିଲା ମୁଖ୍ୟ ଡାକ୍ତରଖାନାରେ ବ୍ୟବଚ୍ଛେଦ କରିଥିଲା । ଏହି ଘଟଣାରେ ଅଭିଯୁକ୍ତ ସୁରୁ ସମ୍ପୃକ୍ତ ଥିବା ଜାଣିବା ପରେ ପୋଲିସ ତାଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚୁରା କରିଥିଲା। ସେ ହତ୍ୟାକାଣ୍ଡ ଭିଆଇଥିବା ସ୍ୱୀକାର କରିବା ପରେ ତାଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି ବୋଲି ଏସଡ଼ିପିଓ କ୍ଷୀରସାଗର ନାଏକ ସୂଚନା ଦେଇଛନ୍ତି ।


ସୌରୀ ମହାପାତ୍ର ଓରଫ୍ ସୁରୁ ।




# ଝାଡ଼ାବାନ୍ତିରେ ୨ କନ୍ୟାଶ୍ରମ ଛାତ୍ରୀ ଅସୁସ୍ଥ


ଝାଡବାନ୍ତିରେ ଚିକିତ୍ସାଧୀନ ଛାତ୍ରୀ ।

**ଜୁନାଗଡ,୨୩।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର କନ୍ୟାଶ୍ରମରେ ଝାଡ଼ାବାନ୍ତି ଦେଖାଦେଇଛି। ଏଥିରେ ୨ଜଣ ଦଶମ ଶ୍ରେଣୀ ଛାତ୍ରୀ ଆକ୍ରାନ୍ତ ହୋଇଥିଲେ। ସେମାନେ ହେଲେ ମମତା ମାଝି (୧୫) ଓ ଜୟମଣି ମାଝି (୧୫)। ଉଭୟଙ୍କୁ ଚିକିତ୍ସା ପାଇଁ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନେ ଚିକିତ୍ସା ହୋଇ ମଙ୍ଗଳବାର ସ୍କୁଲକୁ ଫେରିଛନ୍ତି। ଏପଟେ ମଙ୍ଗଳବାର ସ୍କୁଲର ଅନ୍ୟ ୬ ଜଣ ଛାତ୍ରୀ ଉମାଦେଈ ମାଝି (୧୪), ସୌଭାଗ୍ୟ ଭୋଇ (୧୪), ପ୍ରିୟଙ୍କା ମାଝି (୧୫), ଚଇତନୀ ମାଝି (୮), ଯଶୋବନ୍ତୀ ମାଝି (୬), ମନ୍ଦାକିନୀ ମାଝି (୧୫) ଆକ୍ରାନ୍ତ ହୋଇ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଛାଡି ଦିଆଯାଇଥିଲା। ଘଟଣା ସମ୍ପର୍କରେ ସ୍କୁଲ ପ୍ରଧାନ ଶିକ୍ଷକ ସୀତାରାମ ମିଶ୍ରଙ୍କୁ ପଚାରିବାରୁ ୨ଜଣ ଝିଅଙ୍କୁ ଝାଡ଼ାବାନ୍ତି ହେବାରୁ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗୋଟିଏ ଦିନ ଚିକିତ୍ସିତ ପରେ ସେମାନେ ସୁସ୍ଥ ହୋଇ ଫେରି ଆସିଛନ୍ତି ବୋଲି କହିଥିଲେ।

## ମାଓବାଦୀଙ୍କ ଦ୍ୱାରା ଦୁଇଦିନରେ ୨ ହତ୍ୟା ଘଟଣା

# ସ୍ଥିତି ଅନୁଧ୍ୟାନ କଲେ ଡିଆଇଜି

**ଲାଞ୍ଜିଗଡ,୨୩।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ପାହାଡ଼ପଦରରେ ଦ୍ୱିପ୍ରହରରେ ଜନଗହଳିପୂର୍ଣ୍ଣ ବଜାରରେ ଠିକାଦାର ରାଜେନ୍ଦ୍ର ସାହୁଙ୍କୁ ଗୁଳିକରି ହତ୍ୟାର କିଛି ଘଣ୍ଟା ବ୍ୟବଧାନରେ ବାବୁପଦର ଗାଁର ଭୀମ ଦୋରାଙ୍କୁ ମାଓବାଦୀମାନେ ହତ୍ୟା କରିଥିଲେ। ସନ୍ଧ୍ୟା ନ ହେଉଣୁ ଏବେ ଉକ୍ତ ଗାଁରେ ଭୟରେ ତାଟି କବାଟ ପଡିଯାଉଛି। ପାହାଡପଦର ଘଟଣାର ଦିନକ ପରେ ସେଠାକୁ କଳାହାଣ୍ଡି ଏସ୍‌ପି ବାତୁଲା ଗଙ୍ଗାଧର ପହଞ୍ଚିଥିବାବେଳେ ସୋମବାର ସନ୍ଧ୍ୟାରେ ଦକ୍ଷିଣାଞ୍ଚଳ ଡିଆଇଜି ହିମାଂଶୁ ଲାଲ ଓ ଏସ୍‌ପି ଗଙ୍ଗାଧର ବାବୁପଦର ଯାଇଥିଲେ। ଡିଆଇଜି ଉଭୟଙ୍କ ପରିବାରବର୍ଗଙ୍କୁ ଆଶ୍ୱାସନା ଦେବା ସହିତ ୮ ଲକ୍ଷ କେନ୍ଦ୍ରୀୟ ସହାୟତା ଓ ୫ ଲକ୍ଷ ଲେଖାଏଁ ରାଜ୍ୟ ସରକାରଙ୍କ ସହାୟତା ଦେବାକୁ ଘୋଷଣା କରିଥିଲେ । ସେହିପରି ମୃତ ରାଜେନ୍ଦ୍ର ସାହୁ ଓ ଭୀମ ଦୋରାଙ୍କ


ଦକ୍ଷିଣାଞ୍ଚଳ ଡିଆଇଜି ହିମାଂଶୁ ଲାଲ ଓ ଏସ୍‌ପି ଗଙ୍ଗାଧର ବାବୁପଦର ଗାଁରେ ପହଞ୍ଚି ତଦନ୍ତ କରୁଛନ୍ତି ।

### ମୃତକଙ୍କ ପରିବାରବର୍ଗଙ୍କୁ ସହାୟତା ଘୋଷଣା

ପରିବାରବର୍ଗଙ୍କୁ ରେଡକ୍ରସ ପକ୍ଷରୁ ୧୦ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଭୀମଙ୍କ ପରିବାରବର୍ଗଙ୍କୁ ଡିଆଇଜି ନିଜ ହାତରୁ ୪ହଜାର ଟଙ୍କା ଦେଇଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ବିଜେପୁର ଓ ବିଶ୍ୱନାଥପୁର ଥାନାରେ ୨ଟି ପୃଥକ ମାମଲା ରୁଜୁ ହୋଇଛି । ମଓେବାଦୀଙ୍କ ସଦ୍ୟତମ ନରସଂହାର ପରେ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି ।

# ପୋଷ୍ଟର ଜାରି କଲେ ମାଓବାଦୀ

**ଲାଞ୍ଜିଗଡ, ୨୩।୭ (ଡି.ଏନ.ଏ.)**


ମାଓବାଦୀମାନେ ଛାଡ଼ିଥିବା ପୋଷ୍ଟର ।

୨୪ ଘଣ୍ଟା ମଧରେ ଦୁଇଟି ହତ୍ୟାକାଣ୍ଡ ପରେ ମାଓବାଦୀମାନେ ମଙ୍ଗଳବାର କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ତଥା ମୁଷାନାଳର ଛକ ତଥା ଆଖପାଖ ସ୍ଥାନରେ ପୋଷ୍ଟର ଜାରି କରିଛନ୍ତି । ହାତଲେଖା ଏହି ପୋଷ୍ଟରଗୁଡିକରେ ମାଓବାଦୀଙ୍କୁ ସମର୍ଥନ ଯୋଗାଇ ଦେଉ ନ ଥିବା ଲୋକଙ୍କୁ ଏଥର ନିସ୍ତାର ମିଳିବ ନାହିଁ । ସେମାନଙ୍କୁ ଜନସମାଜରେ ମୃତ୍ୟୁଦଣ୍ଡ ଦିଆଯିବ ନଚେତ୍ ସର୍ବସମ୍ମୁଖରେ ବିଷ ପିଇ ଆତ୍ମହତ୍ୟା କରିବାକୁ ବାଧ କରାଯିବ ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି। ସୋମବାର ଭୀମ ଦୋରାଙ୍କ ମୃତଦେହ ନିକଟରେ ଏକ ହାତଲେଖା କାଗଜ ମିଳିଥିବାବେଳେ ମଙ୍ଗଳବାର ଅନେକ ହାତଲେଖା ପୋଷ୍ଟର ଜାରି କରି ଭୀମ ଦୋରାଙ୍କ ହତ୍ୟାକୁ ନେଇ ମାଓବାଦୀମାନେ ନିଜ ମତ ରଖିଛନ୍ତି। ଏହାସହ ପୋଲିସ ଇନ୍‌ଫର୍ମର କାମ କରୁଥିବା ଲୋକଙ୍କୁ ମାଓବାଦୀ ସଙ୍ଗଠନ ଚେତାବନୀ ଦେଇଛି। ପାହାଡପଦର ବଜାର ରାଜେନ୍ଦ୍ର ସାହୁଙ୍କ ହତ୍ୟାରେ ମାଓବାଦୀଙ୍କ ରାୟଗଡା ଏରିଆ କମିଟି ସମ୍ପୃକ୍ତ ଥିବାବେଳେ ଭୀମ ଦୋରାଙ୍କ ହତ୍ୟା ଘଟଣାରେ କଳାହାଣ୍ଡି ଏରିଆ କମିଟି ସମ୍ପୃକ୍ତ ଥିବା ପୋଷ୍ଟରରେ ଦର୍ଶାଯାଇଛି। ପୂର୍ବରୁ ମାଓବାଦୀଙ୍କ ବଂଶଧାରା ଘୁମୁସର ନାଗାବଳୀ ଡିଭିଜନ ଏସବୁ କାଣ୍ଡ ଘଟାଉଥିବାବେଳେ ଏଥର ରାୟଗଡା ଓ କଳାହାଣ୍ଡି ଏରିଆ କମିଟି ନାମରେ ଜାରି ପୋଷ୍ଟର ଦ୍ୱାରା ମାଓବାଦୀ ସଙ୍ଗଠନ ବିଭକ୍ତ ହୋଇଥିବା ଜଣାପଡିଛି। ଘଟଣା ସମ୍ପର୍କରେ ପୋଲିସର ଉଚ୍ଚସ୍ତରୀୟ ତଦନ୍ତ ଦଳ ତଦନ୍ତ ଆରମ୍ଭ କରିଛି । ଏହାସହ ବ୍ଲକର ବିଜେପୁର, ତ୍ରିଲୋଚନପୁର ଓ ସିକେରକୁପାଠାରେ ନିୟୋଜିତ ସିଆର୍‌ପିଏଫ୍ କ୍ୟାମ୍ପ୍ ପକ୍ଷରୁ ଏସବୁ ଘଟଣା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଡିଆଇଜି ହିମାଂଶୁ ଲାଲଙ୍କ ଗସ୍ତ ଓ ସମୀକ୍ଷା। ଖୁବ୍‌ଶୀଘ୍ର ମାଓବାଦୀଙ୍କ ବିରୋଧରେ ଏକ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବାର ଆଭାସ ମିଳିଛି ।

# ଜମି ଚିହ୍ନଟ ପାଇଁ ଲାଞ୍ଚ, ଆରଆଇ ଗିରଫ

**ସୋନପୁର/ଅମରପାଲି,୨୩।୭ (ନି.ପ୍ର./ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅଫିସର ରାଜସ୍ୱ ନିରୀକ୍ଷକ(ଆରଆଇ) ଅରୁଣ କୁମାର ପୁରୋହିତ ମଙ୍ଗଳବାର ଭିଜିଲାନ୍ସ ହାତରେ ଧରା ପଡିଛନ୍ତି। ବିବାଦୀୟ ଏକ ଜମି ଚିହ୍ନଟ କରିବା ସକାଶେ ଆରଆଇ ଲାଞ୍ଚ ଦାବି କରିଥିଲେ। ତହସିଲ ଅଫିସ ବାରଣ୍ଡାରେ ଆରଆଇ ଅଭିଯୋଗକାରୀଙ୍କଠାରୁ ଅଢେଇ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରି ପ୍ୟାଣ୍ଟର ଡାହାଣ ପାର୍ଶ୍ୱ ପକେଟ୍‌ରେ ରଖିଥିଲେ। ଏହି ସମୟରେ ଭିଜିଲାନ୍ସ ବିଭାଗ ଅଧିକାରୀଙ୍କୁ ଦେଖି ସେ ପ୍ୟାକେଟ୍‌ରୁ ଟଙ୍କା ଖୋଲି ବାହାରେ ଫୋପାଡି ଦେଇଥିଲେ। ଭିଜିଲାନ୍ସ ବିଭାଗ ରାସାୟନିକ ପ୍ରଲେପ ଥିବା ୫ଟି ୫୦୦ ଟଙ୍କିଆ ନୋଟ ଜବତ କରିଛି। ଅରୁଣଙ୍କୁ ବଲାଙ୍ଗୀର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବଲାଙ୍ଗୀର ଜେଲ ହାଜତକୁ ପଠାଇ ଦିଆଯାଇଛି। ଆରଆଇ ଅରୁଣ ଜଣେ ଅଭ୍ୟାସଗତ ଲାଞ୍ଚୁଆ । ସେ ପୂର୍ବରୁ ୨ ଥର ଲାଞ୍ଚ ନେଇ ଭିଜିଲାନ୍ସ ବିଭାଗ ଦ୍ୱାରା ଧରା ପଡି ଜେଲ ଯାଇଥିଲେ । ସୋନପୁର ତହସିଲର ଖାରୀ ଆଇଆଇ ଥିବା ବେଳେ ଅଢେଇ ହଜାର ଟଙ୍କା ଲାଞ୍ଚ ନେଇ ୨୨।୩।୨୦୧୫ରେ ଓ ତରଭା ତହସିଲର ବଡଭଇଁରୋ ଆରଆଇ ଥିବା ସମୟରେ ୫୦୦ଟଙ୍କା ଲାଞ୍ଚ ନେଇ ୨୫।୪।୧୮ରେ ଗିରଫ ହୋଇଥିଲେ।

ଭିଜିଲାନ୍ସ ବିଭାଗ ସୂତ୍ରରୁ ପ୍ରକାଶ ଯେ, ସୁବଳୟା ଥାନା ସଂଗ୍ରାମପୁର ଗ୍ରାମର ପାଣ୍ଡବ ପଧାନ ନିଜର ବିବାଦୀୟ ଜମି ଚିହ୍ନଟ ପାଇଁ ବୀରମହାରାଜପୁର ତହସିଲଦାରଙ୍କଠାରେ ଆବେଦନ କରିଥିଲେ। ଏହାର ଡିମାର୍କେଶନ କେଶ ନଂ ୧୪୧/୧୯। ସଂଗ୍ରାମପୁର ମୌଜାର ଏହି ଜମି ଚିହ୍ନଟ କରିବା ପାଇଁ ତହସିଲଦାର ଗତ ତା୧୫।୭।୧୯ରିଖରେ ଅଫିସରେ ଅବସ୍ଥାପିତ ଆରଆଇ ପୁରୋହିତଙ୍କୁ ନିର୍ଦ୍ଦେଶ ଦେଇଥିଲେ।


ଗିରଫ ଆରଆଇ ଅରୁଣ କୁମାର ପୁରୋହିତ ।

### ୪ ବର୍ଷରେ ୩ ଥର ଧରାହେଲେ

ତେବେ ଜମି ଚିହ୍ନଟ ପାଇଁ ଆରଆଇ ଲାଞ୍ଚ ମାଗିଥିଲେ। ଅଢେଇ ହଜାର ଟଙ୍କା ଦେଲେ ଜମି ଚିହ୍ନଟ କରିବେ ବୋଲି କହିଥିଲେ। ବାରମ୍ବାର ଅନୁରୋଧ ପରେ ବି ଆରଆଇ କିଛି ଶୁଣି ନଥିଲେ। ଶେଷରେ ପାଣ୍ଡବ ଲାଞ୍ଚ ଦେବାକୁ ବାଧ୍ୟ ହୋଇ ରାଜି ହୋଇଥିଲେ। ଏ ସମ୍ପର୍କରେ ସେ ଭିଜିଲାନ୍ସ ବିଭାଗ ନିକଟରେ ସୋମବାର ଲିଖିତ ଅଭିଯୋଗ କରିଥିଲେ। ସମ୍ବଲପୁର ଭିଜିଲାନ୍ସ ପକ୍ଷରୁ ଏକ ମାମଲା (ନଂ.୨୨/୧୯) ରୁଜୁ ହୋଇଥିଲା। ପୂର୍ବ ଯୋଜନା ଅନୁଯାୟୀ ମଙ୍ଗଳବାର ସକାଳେ ପାଣ୍ଡବ ଆରଆଇଙ୍କୁ ଲାଞ୍ଚ ଦେଇଥିଲେ । ଆରଆଇଙ୍କୁ ଗିରଫ ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ବୀରମହାରାଜପୁର ତହସିଲ ଅଫିସ ଓ ଅଭିଯୁକ୍ତ ଆରଆଇଙ୍କ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରସ୍ଥିତ ବାସଭବନ ଯାଞ୍ଚ କରାଯାଇଥିଲା। ଆରଆଇ ପୁରୋହିତଙ୍କ ଘର ବଲାଙ୍ଗୀର ଜିଲାର ଖପ୍ରାଖୋଲ ବ୍ଲକର ଗମ୍ଭାରୀ ଗ୍ରାମରେ । ସେ ଆଉ ୪ ମାସ ପରେ ଅବସର ଗ୍ରହଣ କରିଥାନ୍ତେ । ସମ୍ବଲପୁର ଭିଜିଲାନ୍ସ ଡିଏସ୍‌ପି ଦିଲୀପ କୁମାର କର, ଡିଏସପି ପରମେଶ୍ୱର କିଷାନ, ସୋନପୁର ଇନ୍ସପେକ୍ଟର ଅଭୟ କୁମାର ପଧାନ, ବଲାଙ୍ଗୀର ଇନ୍ସପେକ୍ଟର ସଦାନନ୍ଦ ପାଣି ଓ ସମ୍ବଲପୁର ଏଏସଆଇ ଶରତ କୁମାର ବେହେରା ଏହି ଚଢାଉରେ ସାମିଲ ଥିଲେ ।

# ଦୁଇ ବଳାତ୍କାର ଘଟଣାର ପୀଡ଼ିତା ନାବାଳିକା

**ସୁନ୍ଦରଗଡ଼/କୁଆଁରମୁଣ୍ଡା,୨୩।୭(ଡି.ଏନ୍.ଏ.)**

ଅନୁଗୋଳ ଓ ଭବାନୀପାଟଣା ପରେ ଏବେ ସୁନ୍ଦରଗଡ଼ ଜିଲାରେ ନାବାଳିକା ବଳାତ୍କାର ଘଟଣା ପଦାକୁ ଆସିଛି। ଜିଲାରେ ଗତ ଦୁଇ ଦିନ ମଧରେ ୩ଜଣ ନାବାଳିକା ବଳାତ୍କାର ଓ ଗଣବଳାତ୍କାରର ଶିକାର ହୋଇଛନ୍ତି। ପୋଲିସ ୨ଜଣଙ୍କୁ ଗିରଫ କରିଥିବା ବେଳେ ୨ଜଣଙ୍କୁ ଅଟକ ରଖିଛି।

କୁଆଁରମୁଣ୍ଡା ଫାଣ୍ଡି ଅଞ୍ଚଳରେ ଜଣେ ନାବାଳିକା ଗତ ୮ତାରିଖରେ ଭୋଜି ଖାଇ ଘରକୁ ଫେରୁଥିଲେ। ସେତିକିବେଳେ ୧୦ଜଣ ଯୁବକ ତାଙ୍କୁ ବାଟରୁ ଟେକି ନେଇ ଗଣବଳାତ୍କାର କରିଥିଲେ। ନାବାଳିକା ଜଣକ ଭୟରେ ଘଟଣା ସଂକ୍ରାନ୍ତରେ କାହାରିକୁ ଜଣାଇ ନ ଥିଲେ। ହେଲେ ୨୦ ତାରିଖରେ ବଳାତ୍କାର ଘଟଣାର ଭିଡିଓ ଭାଇରାଲ ହେବା ପରେ ଘଟଣାରେ ସମ୍ପୃକ୍ତ ଯୁବକମାନଙ୍କ ପରିବାର ଲୋକେ ନାବାଳିକାଙ୍କ ବାପାଙ୍କୁ ଡାକି ଘଟଣାର ସମାଧାନ ପାଇଁ ଉଦ୍ୟମ କରିଥିଲେ। ହେଲେ ନାବାଳିକାଙ୍କ ବାପା ୨୨ ତାରିଖ ରାତି ପ୍ରାୟ ସାଢେ ୯ଟାରେ ବୀରମିତ୍ରପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ବଳାତ୍କାର ମାମଲା(ନଂ.୯୨/୧୯) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ନାବାଳିକାଙ୍କ ଡାକ୍ତରୀ ମାଇନା କରାଇଛି। ଏହି ଘଟଣାରେ ୨ଜଣଙ୍କୁ ମଙ୍ଗଳବାର ଅଟକ ରଖିଥିବା ବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ନେଇ ଉଦ୍ୟମ ଜାରି ରହିଥିବା ବୀରମିତ୍ରପୁର ଥାନା ଆଇଆଇସି ଆନନ୍ଦ ଚନ୍ଦ୍ର ମାଝି ପ୍ରକାଶ କରିଛନ୍ତି। ସେହିପରି ଗତ ଶନିବାର ରାଜଗାଙ୍ଗପୁର ଥାନା ଅଧୀନ ଟେକାପଡ଼ା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକା ସିଲେଇ ଶିଖିବାକୁ ଯାଇଥିଲେ। ଟ୍ରେନିଂ ସାରି ସେ ଏକାକୀ ଘରକୁ ଫେରୁଥିଲେ। ସେତିକିବେଳେ ରମେଶ ଏକ୍କା(୨୨) ଓ ମୁକେଶ ଏକ୍କା(୧୯) ଏକ ବାଇକ୍‌ରେ ଆସି ନାବାଳିକାଙ୍କୁ ବୁଲିଯିବାକୁ କହି ବାଇକ୍‌ରେ ବସାଇ ନେଇଥିଲେ। ସେମାନେ ବୁଲାବୁଲି ସାରି ସନ୍ଧ୍ୟାରେ ଘରକୁ ଫେରିବା ରାସ୍ତାରେ ପାହଡଟୋଲି ଜଙ୍ଗଲରେ ରମେଶ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ରବିବାର ସକାଳେ ନାବାଳିକା ଜଣକ ଘରକୁ ଫେରି ଘଟଣା ସଂକ୍ରାନ୍ତରେ ପରିବାର ଲୋକଙ୍କୁ ଜଣାଇଥିଲେ। ଏନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା(ନଂ.୨୦୯/୧୯)ରୁଜୁ କରି ଘଟଣାର ତଦନ୍ତ କରିଥିଲା। ପୋଲିସ ଘଟଣାର ମୁଖ୍ୟ ଅଭିଯୁକ୍ତ ରମେଶ ଏବଂ ତାଙ୍କ ସହଯୋଗୀ ମୁକେଶଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅନୁରୂପ ଭାବେ ସୁନ୍ଦରଗଡ଼ ଜିଲା ହେମଗିର ଥାନା ଗୋପାଳପୁର ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲ ମଧ୍ୟରୁ ସୋମବାର ଅପରାହ୍ନରେ ଜଣେ ୧୬ ବର୍ଷୀୟା ନାବାଳିକାଙ୍କ ଗଳିତ ମୃତଦେହ ପୋଲିସ ଉଦ୍ଧାର କରିଥିଲା। ନାବାଳିକାଙ୍କୁ ବଳାତ୍କାର ପରେ ତଣ୍ଟି ଚିପି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି।

### ସୁନ୍ଦରଗଡ଼ରେ ଲଜ୍ଜା

- ଗଣବଳାତ୍କାର ଭିଡିଓ ଭାଇରାଲ
- ୨ ଗିରଫ, ୨ଅଟକ

# ବାପାଙ୍କ ମୃତ୍ୟୁ ଖବର ଦେବାକୁ ଆସି ପୁଅର ମୃତ୍ୟୁ

**ଦଶପଲ୍ଲା,୨୩।୭(ଡି.ଏନ.ଏ.)**

ତିନି ଦିନ ତଳେ ବାପାଙ୍କ ଦେହାନ୍ତ ହୋଇଛି। ସମ୍ପର୍କୀୟଙ୍କୁ ଏହି ଦୁଃଖଦ ଖବର ଜଣାଇବାକୁ ମଙ୍ଗଳବାର ଘରୁ ବାହାରି ଯାଇଥିଲେ ପୁଅ। ହେଲେ ସମ୍ପର୍କୀୟଙ୍କ ଘରେ ପହଞ୍ଚିବା ପୂର୍ବରୁ ରାସ୍ତା ଦୁର୍ଘଟଣାରେ ପ୍ରାଣ ହରାଇଲେ ସେ। ଏଭଳି ଅଭାବନୀୟ ଘଟଣା ଘଟିଛି ନୟାଗଡ଼ ଜିଲା ଶରଧାପୁର ଇଟାମାଟି ଗ୍ରାମରେ। ମୃତକ ହେଲେ ଲକ୍ଷ୍ମୀଧର ବେହେରା (୩୪)। ବାପାଙ୍କ ମୃତ୍ୟୁ ଖବର ଦେବାକୁ ଆସି ଦୁର୍ଘଟଣାରେ ପୁଅର ମୃତ୍ୟୁ ଘଟଣାରେ ପରିବାର ସଦସ୍ୟଙ୍କ ସମେତ ଗ୍ରାମବାସୀ ମର୍ମାହତ। ଏନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ପ୍ରକାଶ ଯେ, ଲକ୍ଷ୍ମୀଧରଙ୍କ ବାପା ହରିହର ବେହେରାଙ୍କ ତିନି ଦିନ ତଳେ ମୃତ୍ୟୁ ଘଟିଛି। ଏହି ଖବର ସମ୍ପର୍କୀୟ ଲୋକଙ୍କୁ ଦେବା ନିମନ୍ତେ ହରିହରଙ୍କ ମଧ୍ୟମ ପୁତ୍ର ଲକ୍ଷ୍ମୀଧର ଇଟାମାଟିରୁ ଏକ ବାଇକ୍ ଯୋଗେ ଦଶପଲ୍ଲା ଅଭିମୁଖେ ଆସୁଥିଲେ। ପୂର୍ବାହ୍ନ ୬ଟାରେ ଖୋର୍ଦ୍ଧା–ବଲାଙ୍ଗୀର ରାସ୍ତାର ଦଶପଲ୍ଲା ନିକଟବର୍ତ୍ତୀ ଚକ୍ରଧରପୁର ଗ୍ରାମଠାରେ ଏକ ତେଲ ଟାଙ୍କି ନିକଟରେ ଟ୍ରକ୍ ସହ ତାଙ୍କ ବାଇକର ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦଶପଲ୍ଲା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ସ୍ଥାନୀୟ ଡାକ୍ତରଖାନାକୁ ପଠାଇଥିଲା। ପୋଲିସ ଟ୍ରକ୍ ଓ ବାଇକକୁ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ପୋଲିସ ଏ ସମ୍ପର୍କରେ ଦଶପଲ୍ଲା ଥାନାରେ ଏକ ମକଦ୍ଦମା ନଂ.୮୭/୧୯ ରୁଜୁ କରିଥିବା ତଦନ୍ତକାରୀ ଅଫିସର ରଘୁନାଥ ଷଡ଼ଙ୍ଗୀଙ୍କଠାରୁ ପ୍ରକାଶ।

ଅନୁଗୋଳ ନାବାଳିକା ବଳାତ୍କାର ଘଟଣା

# ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ

**ଅନୁଗୋଳ ଅଫିସ, ୨୩।୭**

ଅନୁଗୋଳ ବସ୍‌ଷ୍ଟାଣ୍ଡ ନିକଟ ଆହାରକେନ୍ଦ୍ର ପଛପଟେ ଶନିବାର ରାତିରେ ଘଟିଥିବା ନାବାଳିକା ବଳାତ୍କାର ଘଟଣାର ଅଭିଯୁକ୍ତ ଅମଲାପଡ଼ାର ଶିବୁ ପଟ୍ଟନାୟକ(୫୫)ଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିଛି। ନାବାଳିକାଙ୍କ ମାଇଁ କରିଥିବା ଅଭିଯୋଗ ଆଧାରରେ ନଂ. ୫୫୨/୧୯ରେ ମାମଲା ରୁଜୁ ସହ ଅଭିଯୁକ୍ତ ଶିବୁଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ମିତ୍ରଭାନୁ ମହାପାତ୍ର ସୂଚନା ଦେଇଛନ୍ତି। ୧୫ ଦିନ ମଧ୍ୟରେ ଏହି ମାମଲାର ଚାର୍ଜସିଟ୍ କୋର୍ଟରେ ଦାଖଲ ସହ ଯଥାଶୀଘ୍ର ଟ୍ରାଏଲ ପାଇଁ କୋର୍ଟଙ୍କୁ ଅନୁରୋଧ କରାଯିବ ବୋଲି ଏସ୍‌ପି ମହାପାତ୍ର ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ଥିଲେ ମଧ ବସ୍‌ଷ୍ଟାଣ୍ଡରେ ଲାଗିଥିବା କେତୋଟି କ୍ୟାମେରାରେ କଏଦ ହୋଇଥିବା କିଛି ଦୃଶ୍ୟ ଖୋଜାଯାଉଥିବା ପୋଲିସ ପକ୍ଷରୁ କୁହାଯାଇଛି।

# ଚାଷୀଙ୍କ କାମରେ ଆସୁନି ମେଗା ଲିଫ୍ଟ ପଏଣ୍ଟ

**ସୋନପୁର,୨୩।୭(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ମରାଡୁଗୋଛା ପଞ୍ଚାୟତର ଗୁଞ୍ଜିମୁଣ୍ଡାରେ ନିର୍ମିତ ମେଗା ଲିଫ୍ଟ ପଏଣ୍ଟ ଚାଷୀଙ୍କ କାମରେ ଆସୁନି। ଏଥିଯୋଗୁଁ ମରାଡୁଗୋଛା, ଗୁଞ୍ଜିମୁଣ୍ଡା ଓ ବନକେଡା ପଞ୍ଚାୟତର ଚାଷୀଙ୍କ ମଧରେ ଅସନ୍ତୋଷ ସୃଷ୍ଟି ହୋଇଛି। ତେଲନଦୀ ବେସିନରେ ୧୪କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏଲଏଣ୍ଡଟି କମ୍ପାନୀ ଏହି ପ୍ରକଳ୍ପ ନିର୍ମାଣ କରିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୭ରେ ଏହି ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। କିନ୍ତୁ ପ୍ରକଳ୍ପ ନିର୍ମାଣରେ ଅନିୟମିତତା ହୋଇଥିବା ସ୍ଥାନୀୟ ଚାଷୀ ଅଭିଯୋଗ କରିଛନ୍ତି। ବୈଷୟିକ ତ୍ରୁଟି ଯୋଗୁଁ ମେଗା ଉଠା ଜଳସେଚନ ପ୍ରକଳ୍ପର ଇନ୍‌ଟେକ୍ ୱେଲ୍‌କୁ ଏବେ ପାଣି ଆସୁନି। ଫଳରେ ଅନାବୃଷ୍ଟି ସମୟରେ ଜମିକୁ ଜଳସେଚନ କରାଯାଇପାରୁନି। ଯେଉଁ ଲକ୍ଷ୍ୟ ନେଇ ଏହି ପ୍ରକଳ୍ପ ନିର୍ମାଣ ହୋଇଥିଲା ତାହା ସାଧିତ ହୋଇପାରିନି। ରବି ଋତୁ ସମୟରେ ଜମିକୁ ଜଳଯୋଗାଣ ଦୂରର କଥା ଖରିଫରେ ମଧ ଜମିକୁ ଜଳ ମାଡୁନି। ନଦୀରେ ଅଧିକ ପାଣି ଥିବା ସମୟରେ ତ୍ରୁଟିପୂର୍ଣ୍ଣ ଲେବେଲ କାରଣରୁ ଜମିକୁ ପାଣି ମାଡୁ ନଥିବା ଅଭିଯୋଗ ହେଉଛି । ଏଲଏଣ୍ଡଟି କମ୍ପାନୀ ପ୍ରକଳ୍ପ ଉଦ୍‌ଘାଟନର ୫ ବର୍ଷ ପ୍ରକଳ୍ପର ମରାମତି ଓ ବିଦ୍ୟୁତ୍ ବିଲ ପ୍ରଦାନ କରିବା କଥା। ମାତ୍ର ପ୍ରକଳ୍ପର ମୋଟର ଚାଲୁ କରା ନଯାଇ କମ୍ପାନୀକୁ ଫାଇଦା ଦିଆଯାଉଛି । ସ୍ୱଳ୍ପ ବୃଷ୍ଟିପାତ ସମୟରେ ପ୍ରକଳ୍ପ ଦ୍ୱାରା ଚାଷ କାୟର୍‌ୟ ହୋଇପାରିବ ବୋଲି ଚାଷୀ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଫସର ଫାଟିଛି । ପାଣି ଅଭାବରୁ ଧାନ ତଳି ନଷ୍ଟ ହେଲାଣି। ଅନ୍ୟପକ୍ଷେ ପ୍ରକଳ୍ପ ଯୋଗୁଁ ଜଳସେଚିତ ହେଉଥିବା ଦର୍ଶାଇ ୩ଟି ଗ୍ରାମର ଚାଷ ଜମିକୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉନି। ପ୍ରକଳ୍ପର ତ୍ରୁଟି ସୁଧାରିବାକୁ ଚାଷୀ ଅନୁରୋଧ କରି ଆସୁଥିଲେ ମଧ କର୍ତ୍ତୃପକ୍ଷ ଶୁଣୁ ନ ଥିବା ଅଭିଯୋଗ ହୋଇଛି। ଭାଜପା ନେତା ବଳଦେବ ପ୍ରସାଦ ବେଦ୍‌ବାକଙ୍କ ନେତୃତ୍ୱରେ ଅଞ୍ଚଳର ଶତାଧିକ ଚାଷୀ ମଙ୍ଗଳବାର ବ୍ଲକ ଛକରୁ ଏକ ଶୋଭାଯାତ୍ରାରେ ଆସି ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ନିଜର ସମସ୍ୟା ଜଣାଇଛନ୍ତି । ନଦୀରେ ଜଳ ଥାଇ ବର୍ଷା ଭାବ ଯୋଗୁଁ ଚାଷୀଙ୍କ ପହ୍ଲା ମରି ଯିବାକୁ ବସିଛି । ଏଭଳି ସମୟରେ ପଏଣ୍ଟକୁ ଚାଲୁ କରାଯିବାର ଆବଶ୍ୟକତା ରହିଛି । କିନ୍ତୁ ମେଗା ଉଠା ଜଳସେଚନ ବିଭାଗର ଅଧିକାରୀଙ୍କ ଦେଖା ନାହିଁ। ଏହି ପ୍ରକଳ୍ପ ନିର୍ମାଣରେ ଅନିୟମିତତା ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ। ସରକାରଙ୍କ ଅର୍ଥ ବରବାଦ୍ କରିଥିବା ଦୋଷୀ ଅଧିକାରୀଙ୍କ ବିରୋଧରେ ଦୃଢ କାଯର୍‌ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି। ସୁରଥ ଭୁଏ, ଶ୍ରଦ୍ଧାଞ୍ଜଳି ମିଶ୍ର, ଶଶିଭୂଷଣ ବିଶି, ମୁନାଲି ସାହୁ, ଈଶ୍ୱର ମହଲା, ପ୍ରେମଲାଲ ନାଗ, ରାମଚନ୍ଦ୍ର ନନ୍ଦ, ବିଶ୍ୱରଞ୍ଜନ ଗୁରୁ, ବଶିଷ୍ଠ ଭୁଏ, ପଦ୍ମଲୋଚନ ଦଳବେହେରା, କିଶୋରୀ ଦଳବେହେରା, ରାମଗୋପାଳ ସାହୁ ଓ ରୁଦ୍ରାକ୍ଷ ସାହୁ ପ୍ରମୁଖ ଚାଷୀ ଜିଲାପାଳଙ୍କୁ ଭେଟି ନିଜର ଦୁଃଖ ଜଣାଇଥିଲେ। ଚାଷୀଙ୍କ ଜମିକୁ କିଭଳି ଜଳସେଚନ ହୋଇପାରିବ ସେ ଦିଗରେ ଦୃଷ୍ଟି ଦେବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି ।


ମରାଡୁଗୋଛା ପଞ୍ଚାୟତର ଚାଷୀ ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି ।

### ୧୪ କୋଟି ବ୍ୟୟରେ ନିର୍ମିତ

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଯାହାର କୌଣସି ମୂଲ୍ୟ ନାହିଁ, ତାକୁ ହିଁ ପାଇବା ପାଇଁ ସମୟେ ସମୟେ ଯେଉଁ ଶକ୍ତି ବ୍ୟୟ ହୁଏ ତାହା ମହାଦୁଃଖଦାୟକ।
- ଆଇନଷ୍ଟାଇନ୍



## ସଂକ୍ଷେପରେ



### ଭତାରୁ ବଁଚିତ୍ ବେଲମତୀ

**ଲୋଇସିଂହା,୨୩।୭(ଡି.ଏନ୍.ଏ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ପଁଚେତ୍ ସାନଟିକା ଗାଁର ସ୍ୱର୍ଗତ ସହଦେବ ନାଏକଙ୍କର ବିଧବା ମାଏକିନା ବେଲମତୀ ନାଏକ(୮୬)। ଆପନେ ଥିଲାବେଲେ ଦୁଇଥର ଭତାର ଲାଗି ଅନେକ ଥର ପଁଚେତ୍ରେ ଆବେଦନ କରି ନିରାଶ ହେଇଥିଲେ। ଆଏଜ୍କେ ୫ ବଛର ହେଲା ସହଦେବ ଆରପାରକେ ଚାଲିଯାଇଛନ୍। ବଛରେ ତଲେ ବେଲମତୀକଁର ବିଧବା ଭତା ଲାଗି ପୁଓ ତାଳଧ୍ୱଜ ପଁଚେତ୍ରେ କାଗଜପତର ଦାଖଲ କରିଛନ୍। ହେଲେ ଦୁଖର କଥା ବେଲମତୀ ଜୀବନ୍ର ଶେଷ ମୁଡ୍ସାକେ ପୁହୁଁଚି ସାରିଥିଲେ ବି ଭତାରୁ ବଁଚିତ ହେଇ ରହିଛନ୍। ଇଆଡ୍େ ଆଧାର ସଂଯୋଗ ଲାଗି ଟିପ ଚିନ୍ହାଁ ନିହାତି ଦରକାର। ହେଲେ ବେଲମତୀ ବଏସ୍ ଅଧିକା ଲାଗି ପଁଚେତ୍କେ ଯାଇ ନାଇଁପାରବାର। ଯେନ୍ଥିରଲାଗି ରାଶନ କାର୍ଡରେ ମିଲୁଥିବାର ୫ କେ.ଜି. ଚାଉଲ ପାଏବାରୁ ସେ ବଁଚିତ୍ ହେଇ ରହିଛନ୍। ଇ ବାବ୍ଦେ ଥାନୀୟ ପଁଚେତ୍ ପରତିନିଧି ଦୁଃଖୀନାଶନ ନାଏକକୁଁ ପଚରାଲାରୁ ତାକର ଭୋଟ ପରିଚଏ ପତର ନାଇଁ ଦାଖଲ ନାଇଁହେଇ। ଯେନ୍ଥିରଲାଗି ତାକର ଭତା ନାଇଁ ହେଇପାରବାର ବଲି ସେ କହିଥିଲେ। ଇ ଦିଗେ ଥାନୀୟ ପରଶାସନ ଦୁରୁଷ୍ଟି ଦେଇ ପଦକ୍ଷେପ ନେବାକେ ସାଧାରନରେ ଦାବି ହେଉଛେ।

### ପିକ୍ଅପ୍ ଭ୍ୟାନ୍ ସହ ୯୦ ଖଣ୍ଡ ଶାଳ ଚଉକାଠ ଜବତ

ଦେଓଗାଁ,୨୩।୭ (ଡି.ଏନ.ଏ): ଦେଓଗାଁ ଜଙ୍ଗଲ ବିଭାଗ ମଙ୍ଗଳବାର ରାମପୁରରୁ ବଲାଙ୍ଗୀର ପଟକୁ ଚୋରା ଚାଲାଣ ହେଉଥିବା ୯୦ ଖଣ୍ଡ ଶାଳ ଚଉକାଠ ସହ ଏକ ମହିନ୍ଦ୍ରା ପିକ୍ଅପ୍ ଭ୍ୟାନ (ନଂ.ଓଡି୦୮ ଇ୬୮୨୭) କୁ ଜବତ କରିଛି। ବଲାଙ୍ଗୀର ଡିଏଫଓ ସମୀର ଶତପଥୀଙ୍କ ନିର୍ଦ୍ଦେଶ କ୍ରମେ ମୋବାଇଲ ସ୍କ୍ୱାଡ୍ ଓ ଦେଓଗାଁ ଫରେଷ୍ଟର ବାବୁଲା ଦାଶ, ବନକର୍ମଚାରୀ ଚିନ୍ମୟ ପ୍ରଧାନ, ହରିହର ସ୍ୱାଇଁ ପ୍ରମୁଖ ସକାଳ ପ୍ରାୟ ୬ଟାରେ ଘୁଟିପାଲିଛକ ୨୬ ନଂ ଜାତୀୟ ରାଜପଥ ଉପରେ ବୋଲେରୋକୁ ଅଟକାଇ ଥିଲେ। ହେଲେ ଗାଡି ଚାଳକ ଫେରାର ମାରିଥିଲେ। ଗାଡି ସହ ଚଉକାଠକୁ ଜବତ କରି ବନ ବିଭାଗ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

୨୦୧୮ ଫସଲ ବୀମା ରାଶି ମିଳିନାହିଁ

# ଜିଲାପାଳଙ୍କ କାର୍ଯ୍ୟାଳୟରେ ଚାଷୀଙ୍କ ବିକ୍ଷୋଭ

**ବଲାଙ୍ଗୀର ଅଫିସ,୨୩।୭**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ୍ର ୧୨ଟି ପଞ୍ଚାୟତର ଚାଷୀମାନେ ୨୦୧୮ ମସିହାର ଫସଲ ବୀମା ରାଶି ପାଇନାହାନ୍ତି। ବାରମ୍ବାର ଦାବି ସତ୍ତ୍ୱେ ଚାଷୀଙ୍କୁ ବୀମା ରାଶି ପ୍ରଦାନ କରା ନ ଯିବାରୁ ମଙ୍ଗଳବାର ଜିଲା କୃଷକ ମହାସଂଘ ସଭାପତି ଡା ସୁଧୀର କୁମାର ପରିଚ୍ଛାଙ୍କ ନେତୃତ୍ୱରେ ମୁରିବାହାଲ ବ୍ଲକ୍ର ୧୨ଟି ପଞ୍ଚାୟତର ବହୁ ଚାଷୀ ବଲାଙ୍ଗୀର ଆସି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୨୦୧୬-୧୭, ୨୦୧୭-୧୮ ଓ ୨୦୧୮-୧୯ ବର୍ଷରେ ମୁରିବାହାଲ ବ୍ଲକ୍ର ଚାଷୀମାନେ ଫସଲ ବୀମା ଯୋଜନାରେ ଉଚିତ୍ ପ୍ରିମିୟମ ଦେଇ ବୀମାଭୁକ୍ତ ହୋଇଥିଲେ ମଧ୍ୟ ମରୁଡି ଘୋଷଣା ସତ୍ତ୍ୱେ ଚାଷୀଙ୍କୁ ଟଙ୍କାଟିଏ ବୀମା କ୍ଷତିପୂରଣ ମିଳି ନ ଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଜିଲାର ଚାଷୀଙ୍କଠାରୁ ଫସଲ ବୀମା ପ୍ରିମିୟମ ବାବଦକୁ ବୀମା କମ୍ପାନୀ କୋଟି କୋଟି ଟଙ୍କା ଆଦାୟ କରିଥିଲେ ମଧ୍ୟ ଚାଷୀଙ୍କୁ ବୀମା କ୍ଷତିପୂରଣ ଯୋଗାଇ ନାହିଁ। ମୁରିବାହାଲ ବ୍ଲକ୍ ଅନ୍ତର୍ଗତ ୨୨ଟି ପଞ୍ଚାୟତ ମଧ୍ୟରୁ ୧୨ଟି ପଞ୍ଚାୟତର ଚାଷୀମାନେ ଫସଲ ବୀମାରୁ ବଞ୍ଚିତ ହୋଇଛନ୍ତି। ଚଲକି, ଇଚ୍ଛାପଡା, ଗୁଡିଘାଟ, ମୁରିବାହାଲ, ଡଙ୍ଗରପଡା, ଗୋଇମୁଣ୍ଡା, ବାଙ୍କେଲ, ହଲଦୀ, ମାଲିସିରା, ତେନ୍ତୁଲିଖୁଣ୍ଟି, ଟୁପାଉଡାର ଏବଂ ଗଁରେଇ ଗ୍ରାମପଞ୍ଚାୟତର ଚାଷୀମାନେ ଫସଲ ବୀମାରାଶି ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। କେବଳ ଏତିକି ନୁହେଁ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଘୋଷଣା କରିଥିବା କାଳିଆ ଯୋଜନା ସହାୟତାରୁ ମଧ୍ୟ ଅନେକ ଚାଷୀ ବଞ୍ଚିତ ହୋଇଥିବା ଅଭିଯୋଗ କରିଥିଲେ। ରାଜ୍ୟ ସରକାରଙ୍କ ତରଫରୁ ୨୦୧୮ ମସିହା ମରୁଡି ଇନ୍ପୁଟ୍ ସବସିଡି ଟଙ୍କା ମଧ୍ୟ ଚାଷୀମାନେ ପାଇ ନ ଥିବା ଅଭିଯୋଗ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ନାଁରେ ଚାଷୀଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ଚାଷୀନେତା ପରିଚ୍ଛା କହିଥିଲେ। ଜିଲାର ଚାଷୀମାନଙ୍କଠାରୁ ପ୍ରିମିୟମ ବାବଦରେ କୋଟି ଟଙ୍କା ଆଦାୟ କରି କମ୍ପାନୀମାନେ ଚାଷୀଙ୍କୁ ଠକେଇ କରୁଥିଲେ ବି ସରକାର ଏଥିରେ ସାମିଲ ଥିବାରୁ କିଛି ସୁଫଳ ମିଳୁନାହିଁ ବୋଲି ଡା ପରିଚ୍ଛା କହିଥିଲେ। ଗତ ୩ ବର୍ଷ ହେଲା ବୀମା କମ୍ପାନୀ ମୁରିବାହାଲ ବ୍ଲକ୍ ସମେତ ଜିଲାର ସହସ୍ରାଧିକ ଚାଷୀଙ୍କୁ ବୀମାରାଶି ଦେବାରୁ ବଞ୍ଚିତ କରିଥିଲେ ବି ବୀମା କମ୍ପାନୀ ବିରୋଧରେ କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ପରିଚ୍ଛା କହିଥିଲେ। କ୍ରମାଗତ ମରୁଡିର ଶିକାର ହେବା ପରେ ବୀମା କ୍ଷତିପୂରଣ ପାଇବା ଆଶା ରଖିଥିବା ଚାଷୀ ବୀମା କମ୍ପାନୀମାନଙ୍କ ଦ୍ୱାରା ଶୋଷଣର ଶିକାର ହେଉଛି ବୋଲି ଚାଷୀ କୈଳାସ ପ୍ରଧାନୀ କହିଥିଲେ। ମୁରିବାହାଲ ବ୍ଲକ୍ର ୨୨ରୁ ୧୨ଟି ପଞ୍ଚାୟତର ଚାଷୀ ବୀମା କ୍ଷତିପୂରଣ ପାଇବାରୁ ବଞ୍ଚିତ ହେବା ଦୁର୍ଭାଗ୍ୟଜନକ ବୋଲି ସେ କହିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ପାଇଁ ଅଫିସ ଭିତରକୁ ଯାଇଥିଲେ। ତେବେ ଜିଲାପାଳ ଅନ୍ୟତ୍ର ଯାଇଥିବା ଖବର ପାଇଥିଲେ। ଏହାପରେ ଚାଷୀମାନେ ଅତିରିକ୍ତ ଜିଲାପାଳଙ୍କ ଅଫିସକୁ ଯାଇଥିଲେ। ଅତିରିକ୍ତ ଜିଲାପାଳ ମଧ୍ୟ ଅନ୍ୟତ୍ର ଯାଇଥିବା ଜାଣିବା ପରେ ଚାଷୀମାନେ ବିରକ୍ତି ପ୍ରକାଶ କରି ଅତିରିକ୍ତ ଜିଲାପାଳଙ୍କ ଅଫିସ ପ୍ରକୋଷ୍ଠ ସମ୍ମୁଖରେ ଧାରଣାରେ ବସି ନାରାବାଜି କରିଥିଲେ। ଚଳିତବର୍ଷ ବର୍ଷାଭାବରୁ ଜିଲାରେ ମରୁଡି ସ୍ଥିତି ଉପୁଜିଲାଣି। ବୀମା କମ୍ପାନୀମାନେ ଚାଷୀଙ୍କୁ ଗତବର୍ଷର ବୀମା କ୍ଷତିପୂରଣ ଦେଇନାହାନ୍ତି। ଏଭଳି ସମୟରେ ପ୍ରାୟ ୮୦ କିଲୋମିଟର ଦୂରରୁ ଆସିଥିବା ଚାଷୀମାନେ କୌଣସି ଅଧିକାରୀଙ୍କୁ ଦୁଃଖ ମଧ୍ୟ ଜଣାଇ ପାରୁନାହାନ୍ତି। ଏହା ବାସ୍ତବିକ ଦୁର୍ଭାଗ୍ୟଜନକ ବୋଲି ଚାଷୀନେତା ପରିଚ୍ଛା କହିଥିଲେ। ଆଗାମୀ ୩ ଦିନ ଭିତରେ ଚାଷୀଙ୍କ ବୀମା ଟଙ୍କା ପ୍ରଦାନ ନ କଲେ ଜିଲାର ଚାଷୀମାନେ ରାଜରାସ୍ତା ଅବରୋଧ କରିବେ ବୋଲି ଚେତାବନୀ ଶୁଣାଇଥିଲେ। ପରେ ଜିଲା ଜରୁରୀକାଳୀନ ଅଧିକାରୀ ଶଙ୍କର୍ଷଣ ପ୍ରଧାନ ଧାରଣାସ୍ଥଳକୁ ଆସି ଦାବିପତ୍ର ଗ୍ରହଣ କରିଥିଲେ।



ବଲାଙ୍ଗୀର ଅତିରିକ୍ତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଚାଷୀମାନେ ଧାରଣାରେ ବସିଛନ୍ତି।

- ୩ ବର୍ଷ ହେଲା ବୀମା କ୍ଷତିପୂରଣ ପାଇନାହାନ୍ତି ଚାଷୀ
- ୧୨ ପଞ୍ଚାୟତର ଚାଷୀ ବୀମା ରାଶି ପାଇବାରୁ ବଞ୍ଚିତ
- ଦାବିପୂରଣ ନ ହେଲେ ରାଜରାସ୍ତା ଅବରୋଧ ଚେତାବନୀ



ଶ୍ରୀୟା ରତ୍ନୁପର୍ଣ୍ଣା ସାହୁ

### ଓଜେଏସ୍‌ରେ ବଲାଙ୍ଗୀର ଝିଅ ଶ୍ରୀୟାଙ୍କ କୃତିତ୍ୱ

**ବଲାଙ୍ଗୀର ଅଫିସ,୨୩।୭**

ଓଡିଶା ଜୁଡିସିଆଲ ସର୍ଭିସ ୨୦୧୮ ପରୀକ୍ଷା ଫଳ ପ୍ରକାଶ ପାଇଛି। ବଲାଙ୍ଗୀରର କୃତି ଝିଅ ଶ୍ରୀୟା ରତ୍ନୁପର୍ଣ୍ଣା ସାହୁ ଓଡିଶା ଜୁଡିସିଆଲ ସର୍ଭିସ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଓଡିଶା ଲୋକସେବା ଆୟୋଗ (ଓପିଏସ୍‌ସି) ସୋମବାର ୪୧ ଜଣ ସିଭିଲ ଜଜ୍‌ଙ୍କୁ ନିଯୁକ୍ତ କରିଛି। ଶ୍ରୀୟା ଓଜେଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଓ ସିଭିଲ ଜଜ୍ ଭାବେ ନିଯୁକ୍ତ ହେବା ପରେ ବଲାଙ୍ଗୀରରେ ଖୁସି ପ୍ରକାଶ ପାଇଛି। ବଲାଙ୍ଗୀର ସହର ଟିକ୍ରାପଡା ନିବାସୀ ପୂର୍ବତନ ଅବକାରୀ ଅଧୀକ୍ଷକ ସ୍ୱର୍ଗତ ଗଙ୍ଗାଧର ସାହୁଙ୍କ ସାନଝିଅ ଶ୍ରୀୟା କଟକ ମଧୁସୂଦନ ଆଇନ୍ ମହାବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ୍ ଆଇନ ପାଠ ପଢ଼ିଛନ୍ତି। ଆଇନ ପାଠରେ ଗଭୀର ରୁଚି ରଖିଆସିଥିବା ଶ୍ରୀୟାଙ୍କ ଏହି ସଫଳତାରେ ତାଙ୍କ ମାଁ ମାନସୀ ସାହୁ, ବଡଭଉଣୀ ଓ ସାନଭାଇ ଖୁସି ଜାହିର କରିଛନ୍ତି। ବିଭିନ୍ନ ମହଲରୁ ଶ୍ରୀୟାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

## ବର୍ଷା ନାହିଁ, ଚିନ୍ତାରେ ଚାଷୀ

**ଖପ୍ରାଖୋଲ,୨୩।୭ (ଡି.ଏନ.ଏ.)**

ଖପ୍ରାଖୋଲ ଅଞ୍ଚଳରେ ଚଳିତ ବର୍ଷ ଆବଶ୍ୟକଠାରୁ କମ୍ ବର୍ଷା ହୋଇଛି। ଏଣୁ ଆସନ୍ନ ମରୁଡି ଦେଖା ଦେଇଛି। ଏହାଯୋଗୁ ଚିନ୍ତାରେ ଚାଷୀ। ଖପ୍ରାଖୋଲ ବ୍ଲକ ଅଞ୍ଚଳ ହେଉଛି ଏକ ଅଣଜଳସେଚିତ ଅଞ୍ଚଳ। ପ୍ରାୟ ଚାଷୀ ବର୍ଷା ଜଳ ଉପରେ ଭରଷା କରିଥାନ୍ତି। ହେଲେ ଚଳିତ ବର୍ଷ ଜୁନ ମାସରେ ଅଳ୍ପ ବର୍ଷା ହୋଇଥିଲେ ବି ଜୁଲାଇ ମାସରେ ଆବଶ୍ୟକଠାରୁ ଢେର କମ୍ ବର୍ଷ ହୋଇଥିବାରୁ ଚନ୍ତାରେ ଚାଷୀ। ପ୍ରଥମରୁ ଧାର କରଜ କରି ଚାଷ ପାଇଁ ପ୍ରସ୍ତୁତ କରିଥିବାବେଳେ ଅନେକ ଜମିରେ ଧାନ ବୁଣା, ତଳି ପକା କାମ ଶେଷ ହୋଇଥିଲା। ସେହିପରି ଆଟ ଜମିରେ ମୁଗ, ବିରି ସହିତ କ୍ଷୁଦ୍ର ଶସ୍ୟ ବୁଣା ଆରମ୍ଭ ହୋଇଥିଲେ ବି ଅନେକ ଜମି ଚାଷ ପାଇଁ ବାକି ରହିଛି। ବ୍ଲକ ଅଞ୍ଚଳର ଦ୍ୱିତୀୟ ମୁଖ୍ୟ ଫସଲ ହେଉଛି କପା। ଚାଷୀ କପା ଚାଷ ଆରମ୍ଭ କରିଥିବାବେଳେ ବର୍ଷା ଅଭାବରୁ ଅନେକ କପା ଫସଲ ନଷ୍ଟ ହୋଇଥିବା ସହ ହୁଡା ଧରିବା ବେଳେ ମଧ୍ୟ ଅସୁବିଧା ହେଉଥିବା ଦେଖିବାକୁ ମିଳିଛି। ଚଳିତ ଜୁଲାଇ ମାସରେ ଅନ୍ୟ ବର୍ଷ ତୁଳନାରେ ଢେର କମ୍ ବର୍ଷା ହୋଇଛି। ଠିକ ସମୟରେ ଆବଶ୍ୟକ ପରିମାଣର ବର୍ଷା ହୋଇ ନ ଥିବା ଯୋଗୁ ଆସନ୍ନ ମରୁଡି ସ୍ଥିତି ଦେଖାଦେଇଥିବାବେଳେ ସପ୍ତାହେ ମଧ୍ୟରେ ବର୍ଷା ନ ହେଲେ ସ୍ଥିତି ଉତ୍କଟ ହୋଇପାରେ। ଧାର କରଜ କରି ଚାଷ କାର୍ଯ୍ୟ ଆରମ୍ଭ କରିଥିବା ଚାଷୀ ମୁଣ୍ଡରେ ଚଡକ ପଡିଛି। ବୁଣା ଧାନ ମରିବା ଆରମ୍ଭ କରିଥିବାବେଳେ ଜମି ଫାଟି ଆଁ କଲାଣି। ପ୍ରବଳ ଗରମ ଆହୁରି ସ୍ଥିତିକୁ ସଙ୍ଗିନ କରୁଛି। ଏ ନେଇ କୃଷି ବିଭାଗର ସହକାରୀ କୃଷି ଅଧିକାରୀ ସୁଜିତ କୁମାର ଭୋଇଙ୍କୁ ପଚାରିବାରୁ ଚଳିତ ବର୍ଷ ବ୍ଲକରେ ମୋଟ ୨୯ ହଜାର ହେକ୍ଟର ଜମିରେ ଚାଷ କାର୍ଯ୍ୟ ପାଇଁ ଆଶା କରାଯାଇଛି। ୧୩ ହଜାର ୬ ଶହ ହେକ୍ଟର ଜମିରେ ଧାନ, ୭ ହଜାର ୯ ଶହ ହେକ୍ଟର ଜମିରେ କପା ଏବଂ ୭ ହଜାର ୫ ଶହ ହେକ୍ଟର ଜମିରେ ମୁଗ, ବିରି, ଚିନାବାଦାମ, ମକା ସହିତ ଅନ୍ୟାନ୍ୟ ଫସଲ ହେବ ବୋଲି ଆଶା କରାଯାଇଛି। ହେଲେ କମ୍ ବର୍ଷା ଯୋଗୁ ଚାଷ ପ୍ରଭାବିତ ହୋଇଛି। ସପ୍ତାହେ ମଧ୍ୟରେ ବର୍ଷା ହେଲେ ବିଶେଷ କିଛି ଫରକ ପଡିବ ନାହିଁ। କାରଣ ଜମିରେ ଜଳୀୟ ଅଂଶ ରହିଛି ବୋଲି ପ୍ରକାଶ କରିଛନ୍ତି।

## କୁକୁଡାଫାର୍ମରୁ କାଠ ପଟା, ଦୁଆର ବନ୍ଧ ଜବତ

**ପାଟଣାଗଡ,୨୩।୭ (ଡି.ଏନ.ଏ.)**

ପାଟଣାଗଡ ଥାନା ଅନ୍ତର୍ଗତ ଭଇଁଷା ନିକଟସ୍ଥ ଏକ କୁକୁଡାଫାର୍ମରୁ ୧୫ ଖଣ୍ଡ ଶାଗୁଆନ ପଟା ଓ ୭୦ଖଣ୍ଡ ଦୁଆରବନ୍ଧକୁ ବନ ବିଭାଗ ଜବତ କରିଛି। ଜବତ କାଠ ଗୁଡିକୁ ବିଳମ୍ବିତ ରାତିରେ ପାଟଣାଗଡ ରେଞ୍ଜ ଅଫିସକୁ ଅଣାଯାଇଥିଲା। ଏ ସମ୍ପର୍କରେ ଫରେଷ୍ଟର ରିତ ସିଂ ବାବୁଙ୍କୁ ପଚରାଯିବାରୁ କାଠପଟା ଏବଂ ଦ୍ୱାରବନ୍ଧ ପିସ୍‌ଗୁଡିକ କୁକୁଡା ଫାର୍ମ ପାଖରେ ଥିବା ଖୋଲା ପଡିଆରେ ପଡି ରହିଥିଲା। ଜବତ କାଠଗୁଡିକର ପ୍ରକୃତ ମାଲିକ କିଏ ଜଣାପଡିନାହିଁ ବୋଲି କହିଛନ୍ତି। ଅନ୍ୟପକ୍ଷରେ ରେଞ୍ଜର ବାସୁଦେବ ନାଥଙ୍କୁ ଯୋଗାଯୋଗ କରିବାରୁ ଜବତ କାଠପଟା ଏବଂ ଦ୍ୱାରବନ୍ଧ ପିସ୍‌ଗୁଡିକ କୁକୁଡାଫାର୍ମ ଭିତରେ ହିଁ ଥିଲା। ଏଥିରେ କୁକୁଡାଫାର୍ମର ମାଲିକଙ୍କ ସଂପୃକ୍ତି ଥାଇପାରେ। ଏକ ମାମଲା ମଧ୍ୟ ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି ପ୍ରକାଶ କରିଛନ୍ତି। ଏଣୁ ରେଞ୍ଜର ଏବଂ ଫରେଷ୍ଟରଙ୍କ ବୟାନରେ ତାଳମେଳ ରହୁ ନ ଥିବାରୁ ସନ୍ଦେହ ସୃଷ୍ଟି ହୋଇଛି।

## କାନିଜୁରି ବନସୁରକ୍ଷା ସମିତିକୁ ବିଜୁ ପଟ୍ଟନାୟକ ସମ୍ମାନ

**ଟିଟିଲାଗଡ଼,୨୩।୭(ଡି.ଏନ.ଏ)**

ଟିଟିଲାଗଡ ବ୍ଲକ ଅନ୍ତର୍ଗତ କାନିଜୁରି ପିଟାପଡା ବନ ସୁରକ୍ଷା ସମିତି ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ୨୦୧୯ ବର୍ଷ ପାଇଁ ଟିଟିଲାଗଡ ଉପଖଣ୍ଡସ୍ତରୀୟ ବିଜୁ ପଟ୍ଟନାୟକ ପୁରସ୍କାର ଲାଭ କରିଛି। କାନିଜୁରି ନେହେରୁ ଯୁବ କେନ୍ଦ୍ରରେ ଆୟୋଜିତ ସମାରୋହରେ ବନ ବିଭାଗ ପକ୍ଷରୁ ବଲାଙ୍ଗୀର ଜିଲା ବନଖଣ୍ଡ ଅଧିକାରୀ ସମୀର ଶତପଥୀ, ଟିଟିଲାଗଡ ଡିଏଭି ସ୍ୱୟଂ ଶାସିତ କଲେଜ ଅଧ୍ୟାପକ ଡ. ଦୋଳଗୋବିନ୍ଦ ବିଶି, ଟିଟିଲାଗଡ ରେଞ୍ଜ ଅଧିକାରୀ ଜିତେନ୍ଦ୍ରୀୟ ନନ୍ଦ ପ୍ରମୁଖ ଯୋଗଦେଇ ସମିମତିକୁ ସମ୍ମାନପତ୍ର ସହ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

୧୯୯୧ରୁ ବନ ସୁରକ୍ଷା ପାଇଁ କାର୍ଯ୍ୟରତ ଏହି ସମିତିକୁ ପୂର୍ବରୁ ବନ ବିଭାଗ ପକ୍ଷରୁ ୧୯୯୫-୯୬ ମସିହା ପାଇଁ ଜିଲାସ୍ତରରେ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସମିତିକୁ ରାଜ୍ୟ ସରକାରଙ୍କ 'ଆମ ଜଙ୍ଗଲ' ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ବର୍ଣ୍ଣେଇ ରିଜର୍ଭ ଜଙ୍ଗଲର ଫୁଲମତି ସିରିଜ କମ୍ପାଟମେଣ୍ଟ ନଂ ୨୭ର ୧୨୦ ହେକ୍ଟର ଅଞ୍ଚଳକୁ ସୁରକ୍ଷା ନେଇ ଏହି ବନ ସମିତି ସକ୍ରିୟତାର ସହ କାର୍ଯ୍ୟ ଜାରି ରଖିଛି। ଜଙ୍ଗଲରୁ ବାର୍ଷିକ କେବଳ ଚାହାଁର ସଂଗ୍ରହ ସହ ବିକ୍ରି କରି ସମିତିର ସଦସ୍ୟ ୧ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସମିତିର ସଦସ୍ୟ ଜଙ୍ଗଲ ସୁରକ୍ଷା ତଥା ପରିବେଶ ରକ୍ଷା ନେଇ ଦୀର୍ଘ ୨୮ ବର୍ଷ ଧରି ଉଲ୍ଲେଖନୀୟ କାର୍ଯ୍ୟ ଜାର ରଖିଥିବା ନେଇ ଅତିଥିମାନେ ପ୍ରଶଂସା କରିଛନ୍ତି। ସମିତିର ସଭାପତି ରମାକାନ୍ତ ଗହିରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିଟିଲାଗଡ ଫରେଷ୍ଟର ଭୁବନେଶ୍ୱର କୁମ୍ଭାର, ସମିତିର ପୂର୍ବତନ ସଭାପତି ତଥା ପୂର୍ବତନ ସରପଞ୍ଚ ଜୟରାମ ଚନ୍ଦନ, ବରିଷ୍ଠ ସଦସ୍ୟ ଶିକ୍ଷାବିତ ଭୁବନ ମାଝି, ଭାଲେଗାଁ ସରପଞ୍ଚ କ୍ରିଷ୍ଣା ବାଗ, ସମିତି ସଭ୍ୟ ଇନ୍ଦ୍ରମଣୀ ବାଗ, ଆମ ଜଙ୍ଗଲ ଯୋଜନା ଟିମ୍ ଲିଡର ଅଜୟ ମହାନ୍ତି, ବନରକ୍ଷୀ ତପସ୍ୱିନୀ ରଣା, କୌସ୍ତୁଭ ସାହୁ, କୃପା ଚନ୍ଦନ, ସୁନାଧର ବିଶି ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ।



କାନିଜୁରି ପିଟାପଡା ବନ ସୁରକ୍ଷା ସମିତିକୁ ସମ୍ମାନିତ କରାଯାଉଛି।

ଗୁହାଳ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପାଇବାରେ ବିଳମ୍ବର ପ୍ରତିବାଦ

## ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

**ଖପ୍ରାଖୋଲ/ବେଲପଡା, ୨୩।୭ (ଡି.ଏନ.ଏ.)**

ବେଲପଡା ବ୍ଲକ ଗମ୍ବାରୀ ପଞ୍ଚାୟତରେ ଛେଳି ଗୁହାଳ ଓ ଗାଈ ଗୁହାଳ କାର୍ଯ୍ୟାଦେଶ ପାଇବାରେ ବିଳମ୍ବ ହେଉଛି। ଏହାର ପ୍ରତିବାଦ କରି ତୁରନ୍ତ କାର୍ଯ୍ୟାଦେଶ ଦେବା ଦାବୀରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ହିତାଧିକାରୀ ଧାରଣା ଦେଇଥିଲେ। ତେବେ ନିର୍ଭର ପ୍ରତିଶ୍ରୁତି ପାଇବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ୨୦୧୭ରେ ପଞ୍ଚାୟତରେ ଗ୍ରାମସଭା ମାଧ୍ୟମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମିଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଗାଈ ଗୁହାଳ ଏବଂ ଛେଳି ଗୁହାଳ ପାଇଁ ହିତାଧିକାରୀ ତାଲିକା ପଞ୍ଚାୟତ ତରଫରୁ ବ୍ଲକକୁ ପଠା ଯାଇଥିଲା। ହେଲେ ଆଜି ଯାଏଁ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇ ନାହିଁ। ଏଣୁ ଅସନ୍ତୋଷ ଦେଖା ଦେଇଛି। ପୂର୍ବରୁ ଏ ନେଇ ଅଭିଯୋଗ କରିଥିଲେ ବି କେବଳ ଆଶ୍ୱାସନା ମିଳିଛି। କାର୍ଯ୍ୟାଦେଶ ମିଳୁନି। ଏଣୁ ହିତାଧିକାରୀ ଆମରଣ ଅନଶନ କରିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୋଳଗୋବିନ୍ଦ ସିଂ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ୨୦୧୭ରେ ଛେଳି ଗୁହାଳ, ଗାଈ ଗୁହାଳ ପାଇଁ ୧୩୨ ଜଣ ଆବେଦନ କରିଥିଲେ। ଆବେଦନକାରୀଙ୍କ ମଧ୍ୟରୁ ୬୩ ଜଣ ଯୋଗ୍ୟ ବିବେଚିତ ହୋଇଛନ୍ତି। ୩୭ ଜଣକୁ ଗାଈ ଗୁହାଳ ଏବଂ ୨୬ ଜଣକୁ ଛେଳି ଗୁହାଳ ପାଇଁ ବ୍ଲକ ସ୍ତରରେ ମଞ୍ଜୁର ହୋଇସାରିଛି ବୋଲି ସୂଚନା ଦେଇଥିଲେ। ସମସ୍ତ କାଗଜ ପତ୍ର ଦେଇଥିବା ୧୦ ଜଣ ହିତାଧିକାରୀଙ୍କୁ ଅନଶନସ୍ଥଳରେ ହିଁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଅନ୍ୟ ଯୋଗ୍ୟ ଚିହ୍ନଟ ହିତାଧିକାରୀଙ୍କୁ ଆବଶ୍ୟକ କାଗଜପତ୍ର ଦେଲେ କାର୍ଯ୍ୟାଦେଶ ଦିଆଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ଏହାସହ ଆନ୍ଦୋଳନକାରୀଙ୍କୁ ଫଳରସ ଦେଇ ଉଠାଇଥିଲେ। ଏହା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



.ଗୁହାଳ କାର୍ଯ୍ୟାଦେଶ ପାଇବାରେ ବିଳମ୍ବର ପ୍ରତିବାଦ କରି ହିତାଧିକାରୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

ବିଜୁ ପକାଘର ଯୋଜନା ବାଟ୍‌ବନା

## ୧୦ ବଛର ହେଲା ଗୁହାଲ ପାଲଟିଛେ ଘର

**ଦେଓଗାଁ,୨୩।୭ (ଡି.ଏନ୍.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲୁତାପଡ଼ା ପଁଚେତ୍ରେ ରାଏଜ୍ ସରକାରକଁର ବିଜୁ ପକାଘର ଯୋଜନା ବାଟବନା ହେଇଥିବାର ଦେଖିବାକେ ମିଲିଛେ। ଇ ପଁଚେତ୍ର ମୁଣ୍ଡପଲା ଗାଁ ନୂଆଁ କଲୋନୀ ଅଏଁଲାପରାର ଝନେ ଲୋକ୍ ତାକର ପିଲାଛୁଆ ଧରି ଗାଈ, ଛେଳି ରଖୁଥିବାର ଗୁହାଲରେ ବଡ଼ା ଗୁଲଗୁଲା ହେଇ ରହୁଥିବାର ଦେଖିବାକେ ମିଲିଛେ।

ସୂଚନା ଅନ୍‌ସାରେ ଦେଓଗାଁ ବ୍ଲକ କୁଲୁତାପଡ଼ା ପଁଚେତ୍ ଅଏଁଲାପରାର ଗୌତମ କରନ କୁଟୁମବସିଆ ଆଏଜ୍‌କେ ୧୦ ବଛର ହେଲା ଗାଈ, ଛେଳିକର ସଂଗେ ଗୁହାଲେ ରହୁଛନ୍। ସେ ନିହାତି ଗରିବ ହେଇଥିଲାବେଲେ ପରହର ଗୁତି କରବାର ସଂଗେ ଗାଈ, ଛେଲ୍ ପଟ୍‌ଦୁ ରଖି ନିଜର କୁଟୁମ ପୁଷୁଛନ୍। ୨ ବଛର ତଲେ ହଠାତ୍ କେହେନ୍‌ସି କାରନ୍‌ରୁ ତାକର ମାଏକିନା ଆରପାରକେ ଚାଲିଗଲେ। ସେଦିନଠାନୁ ପରିବାରର ସବୁବୋଝ୍ ଗୌତମ ଉପରେ ରହିଛେ। ତାକର ଦୁଇ ଝିଁ ପିଙ୍କି ଆର ରିଙ୍କି ପାଠ୍‌ପଢ଼ା ଛାଡ଼ି ଗାଈ, ଛେଲ୍ ଚରାବାର ସଂଗେ ଘରର କାମ୍‌ବୁତା କରୁଛନ୍। ସେନ୍‌ତା ଗୁଟେ ବଲି ପୁଓ ସୁବ୍ରତ ଉନିଆ ରାଏଜ୍‌କେ ଦାଦନ ଖଟିଯାଇଛନ୍। ଏନ୍‌ତାଥି ଗୌତମ ସରକାରୀ ଯୋଜନାରେ ଘର ଖଁଡ଼େ ପାଏବାର ଲାଗି ୪ରୁ ୫ ବଛର ହେଲା ଥାନୀୟ ନେତା, ଅଧିକାରୀମାନକୁ ଭେଟି ନିରାଶ ହେଇଛନ୍। ଏନ୍‌ତା କି ପଁଚେତ୍‌ରେ କାଗଜପତର କରିଦେବାର ଲାଗି ଝନେ କରମ୍‌ଚାରୀ ଟଁକା ମାଗୁଥିବାର ସେ ଅଭିଯୋଗ କରିଛନ୍। ଇ ପରିବାର ବାବ୍‌ଦେ ୨୦୧୮ ନଭେମ୍ବର ୫ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ଛେଲ୍ ଗୁହାଲ ପାଲଟିଛେ ଆଶ୍ରେ ଥଲ' ଶୀରଷକ୍‌ରେ ଖବର ବାହାରିଥିଲା। ଖବର ବାହାରଲାରୁ ସେବେଲର ଦେଓଗାଁ ବିଡିଓ ଶଙ୍କର ପ୍ରସାଦ ସାହୁ ଘଟନାର ତଦଁତ୍ କରି ଗୌତମକଁର ପରିବାର ଆବାସ ଘର ପାଏବାର ଲାଗି ହକ୍‌ଦାର ଆଏବଲି କହିଥିଲେ। ହେଲେ ସେ ସମିଆରେ ସାଧାରନ ନିରବାଚନର ସଜବାଜ ଆରମ୍ ହେଇଯାଇଥିଲା, ଇଆଡ଼େ ବିଡିଓକଁର ଉନିଆ ଜାଗାକେ ବଦଲି ହେଇଯିବାର ଲାଗି ଗୌତମ ଯୋଜନାର ଲାଭ୍ ପାଏବାରୁ ବଁଚିତ୍ ହେଲେ। ଇ ଘଟନା ବାବ୍‌ଦେ ଏହେଦ୍‌କାର ବିଡିଓ ବେର୍ଣ୍ଣାଦେତ୍ ଲାକ୍ରାକୁଁ ପଚରାଲାରୁ ଇ ବାବ୍‌ଦେ ପୂରବର ବିଡିଓ ମତେ କହିଛନ୍। ଘଟନାର ତଦଁତ୍ କରି ପଦକ୍ଷେପ ନିଆଯିବା ବଲି ସେ କହିଛନ୍। ସେନ୍‌ତା ଦେଓଗାଁ ବ୍ଲକ ଉପାଧକ୍ଷ ରାଜୁ ବାଗକୁଁ ପଚରାଲାରୁ ଗୌତମକଁର ପରିବାର ବାବ୍‌ଦେ ବିଧାୟକ ନରସିଂହ ମିଶ୍ରକୁଁ ଜନାଲା ଉତାରୁ ଇ ପରିବାରକେ ଆବାସ ଯୋଜନାରେ ସାମିଲ କରବାକେ ସୁପାରିଶ ହେଇଛେ ବଲି ସେ କହିଥିଲେ। ଘଟନା ବାବ୍‌ଦେ କୁଲୁତାପଡ଼ା ପଁଚେତ୍ କାର୍ଯ୍ୟନିର୍ବାହୀ ଅଧିକାରୀ ଲିଙ୍ଗରାଜ ସୁନାକୁଁ ପଚରାଲାରୁ ଗୌତମକଁର ନାଁ ତାଲିକାରେ ରହିଛେ, ସେ ବହୁତ୍ ଜଲଦି ଯୋଜନାର ଲାଭ ପାଏବେ ବଲି ସେ କହିଥିଲେ।



ଗାଈଗରୁ, ଛେଲମେଢ଼ି ସଂଗେ ରହୁଥିବାର ଗୌତମକଁର ପରିବାର।

ଧରିତ୍ରୀ DHARITRI
ସମ୍ବଲପୁର, ବୁଧବାର, ୨୪ ଜୁଲାଇ, ୨୦୧୯


## ସଂକ୍ଷେପରେ

### ବେକରେ ଫାଶ ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ଖଡିଆଳ, ୨୩।୭(ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ବ୍ଲକ ଜୁନାନୀ ଗ୍ରାମ ପୋଡପଡାରେ ଜଣେ ଯୁବକ ନିଜ ଚାଷ ଜମିରେ ଥିବା ଏକ ଶାଗୁଆନ ଗଛରେ ବେକରେ ଫାଶ ଲଗାଇ ଆତ୍ମହତ୍ୟା କରିଛନ୍ତି । ଯୁବକ ଜଣକ ହେଲେ ରୁପଧର ପୋଡ଼ (୨୬) । ସେ ଗତ ରାତିରେ ଜମିକୁ ଶୌଚ କରିବା ପାଇଁ ଯାଇଥିଲେ। ହେଲେ ସେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ରାତିରେ ରୁପଧରଙ୍କୁ ଖୋଜାଖୋଜି କରିବା ପରେ ତାଙ୍କୁ ନିଜ ଜମିର ଗୋଟିଏ ଶାଗୁଆନ ଗଛରେ ଝୁଲନ୍ତା ଅବସ୍ଥାରେ ଫାଶି ଲଗାଇ ମୃତ୍ୟୁ କରିଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକେ ଖଡିଆଳ ପୋଲିସକୁ ଖବର ଦେଇଥିଲେ। ଖଡିଆଳ ପୋଲିସ ଏସଆଇ ମହମ୍ମଦ ଅଲ୍ଲି ଘଟଣା ସ୍ଥଳରୁ ମୃତଦେହ ଜବତ କରିଥିଲା। ପରେ ଶବ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

■ ଆନ୍ଦୋଳନ ପରେ ବି ସମସ୍ୟା ସମାଧାନ ହେଉନାହିଁ

# କାମରେ ଆସୁନି ଓଭର ହେଡ୍ ପାଣିଟାଙ୍କି

**ସିନାପାଲି, ୨୩।୭(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ହାତୀବନ୍ଧାରେ ପାନୀୟଜଳ ସମସ୍ୟା ସମାଧାନ ଦାବିରେ ପଞ୍ଚାୟତ ଅଫିସ ଘେରାଉ କରାଯାଇଥିଲା। ଇତିମଧ୍ୟରେ ଏକ ମାସ ବିତି ଯାଇଥିଲେ ମଧ୍ୟ ସମସ୍ୟା ସମାଧାନ ହୋଇପାରି ନ ଥିବା ଅଭିଯୋଗ ହୋଇଛି। ଗତ ଜୁନ ୧୫ ତାରିଖରେ ଗ୍ରାମବାସୀ ପଞ୍ଚାୟତ ଘେରାଉ କରି ପ୍ରତିବାଦ କରିଥିବାବେଳେ ୧୫ ଦିନ ମଧ୍ୟରେ ସମସ୍ୟା ସମାଧାନ ପାଇଁ ବିଭାଗ ପ୍ରତିଶ୍ରୁତି ଦେଇଥିଲା। ହେଲେ ପ୍ରତିଶ୍ରୁତିର ଅବଧି ଶେଷ ହୋଇଥିଲେ ମଧ୍ୟ ଲୋକଙ୍କୁ ନ୍ୟାୟ ମିଳି ପାରିନାହିଁ। ଆଜି ପର୍ଯ୍ୟନ୍ତ ଓଭର ହେଡ ଟାଙ୍କି କାର୍ଯ୍ୟକ୍ଷମ ହୋଇପାରିନାହିଁ। ସୂଚନାଯୋଗ୍ୟ ଯେ, ଉଦନ୍ତୀ ନଦୀରେ ନିର୍ମିତ ଜଳଯୋଗାଣ କେନ୍ଦ୍ରରୁ ଉକ୍ତ ଗ୍ରାମକୁ ଜଳ ଯୋଗଣ ହୋଇଥାଏ। କିନ୍ତୁ ଏହି ଗ୍ରାମର ବସ୍ତିପଡା ଓ ପଟେଲପଡା ବ୍ୟତୀତ ଗ୍ରାମର ମହୁଲପଡା, ବସଷ୍ଟାଣ୍ଡ ପଡା, କଲେଜପଡା ଓ ବନ୍ଧପଡା ଏହି ସୁବିଧାରୁ ବଞ୍ଚିତ ହୋଇଥାନ୍ତି। ଅନ୍ୟାନ୍ୟ ଋତୁରେ ନଳକୂଅର ପାଣି ଆଣି ବଡ କଷ୍ଟରେ କାମ ଚଳାଇଥାନ୍ତି। କିନ୍ତୁ ଗ୍ରୀଷ୍ମ ଋତୁରେ କୂଅ ଓ ନଳକୂଅ ପାଣି ଶୁଖି ଯାଉଥିବାରୁ ଲୋକମାନଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ଏହି ସବୁ ସ୍ଥାନକୁ ଜଳ ଯୋଗାଣ ପାଇଁ ଏକ ଓଭର ହେଡ ଟାଙ୍କି ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ପାଇପ ଲାଇନ କାମ ଶେଷ ହୋଇ ନ ଥିବା ଯୋଗୁ ଜଳ ଯୋଗାଣ ହୋଇପାରି ନ ଥିଲା । ଏଥିପାଇଁ ତୁରନ୍ତ ପାଇପ ଲାଇନ କାମ ଶେଷ କରି ପାଣି ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରି ପଞ୍ଚାୟତ ଅଫିସ ଘେରାଉ କରିଥିଲେ। ପ୍ରଶାସନ ହସ୍ତକ୍ଷେପ ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। ୧୫ ଦିନ ମଧ୍ୟରେ କାମ ଶେଷ କରି ପାଣି ଯୋଗାଇଦେବା ପାଇଁ ବିଭାଗ ପ୍ରତିଶ୍ରୁତି ଦେଇଥିଲା। ବର୍ତ୍ତମାନ ବି ସମସ୍ୟା ସମାଧାନ ହୋଇପାରିନାହିଁ। ଏ ସଂକ୍ରାନ୍ତରେ ନୂଆପଡା ଜିଲା ଆରଡବ୍ଲ୍ୟୁଏସଏସ କାର୍ଯ୍ୟ ନିର୍ବାହୀ ଅଧୀକାରୀଙ୍କୁ ପଚାରିବାରୁ ପାଇପ ଲାଇନ କାମ ପ୍ରାୟ ଶେଷ ହୋଇଯାଇଛି। ରଥ ଯାତ୍ରା ପାଇଁ ଗ୍ରାମର ଲୋକମାନଙ୍କ ଅନୁରୋଧ ଯୋଗୁ କିଛି ଦିନ ବନ୍ଦ ରହିଥିଲା। ଗୋଟିଏ ସପ୍ତାହ ମଧ୍ୟରେ କାମ ଶେଷ ହୋଇଯିବ ବୋଲି କହିଥିଲେ।



ଓଭର ହେଡ ପାଣି ଟାଙ୍କି।

■ ନକଲି ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ ଆରମ୍ଭ

# ୪ କ୍ଲଷ୍ଟରର ଶିକ୍ଷକଙ୍କ କାଗଜାତ ଦାଖଲ

**ସିନାପାଲି, ୨୩।୭(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ନକଲି ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହା ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନରେ ଭରୁଆମୁଣ୍ଡା, ଭଚ୍ଛାପାଣି, ନୀଲଜି ଓ କଇଁଟପଦର କ୍ଲଷ୍ଟରର ସତୁରୀ ଜଣ ଶିକ୍ଷକ ସମସ୍ତ ଶିକ୍ଷାଗତ ପ୍ରମାଣପତ୍ର ସହିତ ଅନ୍ୟାନ୍ୟ ଆବଶ୍ୟକ କାଗଜାତ ଜମା କରିଛନ୍ତି। ମୋଟ ୧୭ଟି କ୍ଲଷ୍ଟରର ୩୩୦ରୁ ଉର୍ଦ୍ଧ୍ୱ ଶିକ୍ଷକଶିକ୍ଷୟିତ୍ରୀଙ୍କ କାଗଜାତ ଯାଞ୍ଚ ହେବ। ଏହା ପରେ ସେମାନେ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବା ବୋର୍ଡ ଓ ବିଶ୍ୱବିଦ୍ୟାଳୟ ସହିତ ଯୋଗାଯୋଗ କରି ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରର ସତ୍ୟତା ପରୀକ୍ଷା କରାଯିବ ବୋଲି ସିନାପାଲି ଗୋଷ୍ଠି ଶିକ୍ଷା ଧିକାରୀଙ୍କ ସୂତ୍ରରୁ ଜଣାପଡିଛି। ସୂଚନାଯୋଗ୍ୟ ଯେ, ସିନାପାଲି ଅଞ୍ଚଳରେ ମଧ୍ୟ ନକଲି ଶିକ୍ଷକ ନିଯୁକ୍ତି ପାଇଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ରାଜ୍ୟ ବାହାରୁ ବିଭିନ୍ନ ବିଶ୍ୱ ବିଦ୍ୟାଳୟରୁ ମୋଟା ଅଙ୍କର ଅର୍ଥ ଦେଇ ସାର୍ଟିଫିକେଟ କିଣି ଏଠାରେ ଶିକ୍ଷକତା କରୁଥିବା ଛର୍ଚ୍ଚା ଜୋର ଧରିଛି। ହେଲେ ଏହି ଯାଞ୍ଚ ପ୍ରକ୍ରିୟା ଦ୍ୱାରା କେତେ ଦୂର ନକଲି ଶିକ୍ଷକ ଧରାଯାଇ ପାରିବ ତାହା ସମୟ କହିବ ।



### ମରଣଯନ୍ତା ପାଲଟିଛି ପଏଁର-ଅନୁପଗଡ଼ ରାସ୍ତା

**କୋମନା, ୨୩।୭(ଡି.ଏନ.ଏ.):** ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ପଏଁର ଗ୍ରାମପଞ୍ଚାୟତ ଅନୁପଗଡ ରାସ୍ତା ମରଣଯନ୍ତା ପାଲଟିଛି । ପଏଁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରୁ ଅନୁପଗଡ ଗାଁକୁ ମାତ୍ର ୨ କି.ମି ଜଙ୍ଗଲି ରାସ୍ତା ପଡିଥାଏ। ଅନୁପଗଡ ଗାଁରେ ବାସ କରୁଥିବା ଲୋକେ ସେହି ଜଙ୍ଗଲି ରାସ୍ତା ଦେଇ ଯିବାଆସିବା କରିଥାଏ। ବର୍ତ୍ତମାନ ସେହି ରାସ୍ତା ସମ୍ପୂର୍ଣ୍ଣ ଖାଲଖମା ହୋଇ ମରଣଯନ୍ତା ପାଲଟିଯାଇଛି। ରାସ୍ତା ମଝିରେ ବଡବଡ ପଥର, ଗୋଡି, ମାଟି ପଡିବା ଯୋଗୁ ଲୋକଙ୍କ ଯାତାୟାତରେ ବାଧାପ୍ରାପ୍ତ ହେଉଛି। ଫଳରେ ସେହି ରାସ୍ତାର ଉନ୍ନତି କରଣ ପାଇଁ ଗ୍ରାମବାସୀ ବାରମ୍ବାର ବ୍ଲକ ପ୍ରାଶାସନକୁ ଗୁହାରି କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ଉକ୍ତ ରାସ୍ତାର ଉନ୍ନତିକରଣ ପାଇଁ ସାଧାରଣରେ ଦାବି ହେଉଛି ।

## ବଜରଙ୍ଗ ଦଳ କାର୍ଯ୍ୟକର୍ତ୍ତା ଚାରା ରୋପଣ କଲେ

**ନୂଆପଡା ଅଫିସ, ୨୩।୭**

ନୂଆପଡା ଜିଲା ବଜରଙ୍ଗ ଦଳ ତରଫରୁ କାର୍ଯ୍ୟକର୍ତ୍ତାମାନେ ବ୍ଲକ କଲୋନୀସ୍ଥିତ ହନୁମାନ ମନ୍ଦିର ପରିସର ଏବଂ ନ୍ୟାଶନାଲ ହାଇସ୍କୁଲ ପରିସରରେ ବିଭିନ୍ନ ମୂଲ୍ୟବାନ ଚାରା ରୋପଣ କରି ବୃକ୍ଷରୋପଣର ବାର୍ତ୍ତା ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ବଜରଙ୍ଗ ଦଳ ଜିଲା ସଂଯୋଜକ ଉଜ୍ୱଳ କୁମାର ତିୱାରୀ ସଭାପତିତ୍ୱ କରିଥିବାବେଳେ ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ମୁଖ୍ୟଅତିଥି, ପ୍ରାନ୍ତ ଉପସଭାପତି ରାମେଶ୍ୱର ମୁଣ୍ଡ, ଜିଲା ସମ୍ପାଦକ ଲୋକନାଥ ରଥ, ବିଭାଗ ସଙ୍ଗଠନ ମନ୍ତ୍ରୀ ସତ୍ୟନାରାୟଣ ଥନାପତି, ନଗର ସମ୍ପାଦକ ନରେନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୃଷ୍ଟି ଚନ୍ଦ୍ର ମାଝି, କଦମ ସମ୍ପାଦିକା ଯାଜ୍ଞସେନୀ ମହାପାତ୍ର, ପ୍ରତିଭା ହୋତା, ଅଶୋକ ରଣା, ମଦନ ସୁନ୍ଦର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମେ ହନୁମାନ ମନ୍ଦିର ନିକଟରେ ଗଛ ଲଗାଇଥିବାବେଳେ ପରେ ନ୍ୟାଶନାଲ ହାଇସ୍କୁଲ କ୍ୟାମ୍ପସରେ ମୂଲ୍ୟବାନ ଗଛ ଯଥା ନିମ୍ବ, ଅଶ୍ୱତଥ, ବରଗଛ, କଦମ୍ବ, ପଣସ ଆଦି ଲଗାଯାଇଥିଲା। ଏହିଭଳି ଜିଲାବ୍ୟାପି ଏକ ଅଭିଯାନ ଚଳାଇ ଉପାଦେୟ ବୃକ୍ଷରୋପଣ କରାଯିବା ସଂକଳ୍ପ କରାଯାଇଥିବା ଜିଲା ସଂଯୋଜକ ତିୱାରୀ କହିଛନ୍ତି।



ଅତିଥିମାନେ ଚାରାରୋପଣ କରୁଛନ୍ତି ।

■ ଏସ୍‌ଡିଭିଓଙ୍କ ବିରୋଧରେ ଦୁର୍ନୀତି, ନିର୍ଯାତନା ଅଭିଯୋଗ

## ଆଜି ଶୁଣାଣି ପାଇଁ ସିଡିଭିଓଙ୍କ ନିର୍ଦ୍ଦେଶ

**ଭବାନୀପାଟଣା, ୨୩।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ଏସିଭିଓଙ୍କ ବିରୋଧରେ ବିଭିଓ, ଏଭିଏଓମାନଙ୍କ ପକ୍ଷରୁ ଦୁର୍ନୀତି ଓ ମାନସିକ ନିର୍ଯାତନା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଆସନ୍ତା ୨୪ ତାରିଖରେ ଅଭିଯୋଗ ଶୁଣାଣି ପାଇଁ ସିଡିଭିଓ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଅନୁସାରେ ଧର୍ମଗଡ ଏସଡିଭିଓ ଡା. ପ୍ରଶାନ୍ତ ମିଶ୍ର ବହୁ ସମୟରେ ହେଡକ୍ୱାର୍ଟରରେ ଅନୁପସ୍ଥିତ ରହୁଥିବା ଅଭିଯୋଗ ହୋଇଛି। ନିୟମିତ ଅଫିସ ଆସୁ ନ ଥିବା ଓଡିଆ କର୍ମଚାରୀମାନଙ୍କୁ ସର୍ଭିସ ବ୍ଲକ ଆବେଦନ ପଠାଇବା, ଛୁଟି ମଞ୍ଜୁର ପାଇଁ ଲାଞ୍ଚ ମାଗିବା, ଶୋଷଣ ଓ ହଇରାଣ କରିବା ସମ୍ପର୍କରେ ବିଭିଓ, ଭିଏଏସ ଓ ଏଭିଏସମାନଙ୍କ ପକ୍ଷରୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଲିଖିତ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ସିଡିଭିଓଙ୍କ ଚିଠି ନଂ.୧୯୮୦ ୨୦।୭।୨୦୧୯ରେ ସେକସନ ଅଫିସର ପି.କେ. ସାହୁ ଜୁନିୟର ଆସିଷ୍ଟାଣ୍ଟ ପି.କେ. ନାୟକ ଏବଂ ଏସଡିଭିଓ ଡା. ପ୍ରଶାନ୍ତ ମିଶ୍ରଙ୍କ ବିରୋଧରେ ଆସନ୍ତା ୨୪ ତାରିଖରେ ତଦନ୍ତ ପାଇଁ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅଭିଯୋଗ ସମ୍ପର୍କରେ ଏସଡିଭିଓ ଡା. ମିଶ୍ରଙ୍କୁ ପଚାରିବାରୁ ପ୍ରାଣୀ ଚିକିତ୍ସା ବିଭାଗରେ କୌଶଳ ବୃଦ୍ଧି ତାଲିମ ଶିବିର ପାଇଁ ଖାଦ୍ୟପେୟ ବାବଦକୁ ଜଣ ପିଛା ୧୬୦ ଟଙ୍କା ଥିବା ବେଳେ ମାତ୍ର ୨୦ ରୁ ୩୦ ଟଙ୍କା ମଧରେ ଖାଦ୍ୟ ବ୍ୟବସ୍ଥା କରି ମିଥ୍ୟା ବିଲ କରାଯାଉଥିବା ସମ୍ପର୍କରେ ତାଗିଦ କରିଥିଲେ । ଏଥିରେ ଅସୁୟା ମନୋଭାବ ପୋଷଣ କରି ତାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣୁଛନ୍ତି ବୋଲି ସେ କହିଥିଲେ ।




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଖବରଦାତାମାନଙ୍କ ଗଣଧାରଣା।

■ ଖବରଦାତାଙ୍କ ଉପରେ ହେଉଥିବା ଆକ୍ରମଣ, ଦୁର୍ବ୍ୟବହାର ପ୍ରତିବାଦ

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

**ଭବାନୀପାଟଣା, ୨୩।୭(ଡି.ଏନ.ଏ.)**

ଖବରଦାତାଙ୍କ ଉପରେ ହେଉଥିବା ଆକ୍ରମଣ, ଦୁର୍ବ୍ୟବହାର ପ୍ରତିବାଦରେ ମଙ୍ଗଳବାର କଳାହାଣ୍ଡି ଜିଲାରେ କାର୍ଯ୍ୟରତ ସମସ୍ତ ଖବରଦାତାମାନଙ୍କୁ ନେଇ ଗଠିତ କଳାହାଣ୍ଡି ଜିଲା କାର୍ଯ୍ୟରତ ସାମ୍ବାଦିକ ସମୂହ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ଏହି ଅବସରରେ ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟରେ କାର୍ଯ୍ୟରତ ଖବରଦାତାମାନଙ୍କ ଉପରେ ହେଉଥିବା ଦୁର୍ବ୍ୟବହାର ଓ ଆକ୍ରମଣକୁ ତୀବ୍ର ନିନ୍ଦା କରାଯାଇଛି । ଏଥିସହିତ ସେମାନଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେବା ସହ ଆଗାମୀ ଦିନରେ ସେଭଳି ଘଟଣାର ପୁନରାବୃତ୍ତି ଯେପରି ନ ହେବ ସେଥିପାଇଁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ଏହା ନ ହେଲେ ଆଗାମୀ ଦିନରେ ଖବରଦାତାମାନେ ବାଧହୋଇ ନିଜର ସୁରକ୍ଷା ପାଇଁ ଆନ୍ଦୋଳାତ୍ମକପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଏକ ସ୍ମାରକପତ୍ର ଜିଲାପାଳଙ୍କ ଜରିଆରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଜିଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ସ୍ଥାନୀୟ ଗାନ୍ଧୀଛକରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବରିଷ୍ଠ ଖବରଦାତା ଉମାଶଙ୍କର କରଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ହୋଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରେ ଘଟିଥିବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ, କାର୍ଯ୍ୟରତ ଖବରଦାତାଙ୍କୁ ସୁରକ୍ଷା ଆଇନ୍ ପ୍ରଣୟନ ଆଦି ଦାବି କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଓ ପ୍ରତିବାଦ ସଭାରେ ବରିଷ୍ଠ ଖବରଦାତା ଉମାଶଙ୍କର କର ଅଧ୍ୟକ୍ଷତା କରିଥିବା ବେଳେ ବରିଷ୍ଠ ଖବରଦାତା ସତ୍ୟନାରାୟଣ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏଥିରେ କଳାହାଣ୍ଡି ଜିଲା ଭବାନୀପାଟଣା ସମେତ ଧର୍ମଗଡ, ଜୁନାଗଡ, ଗୋଲାମୁଣ୍ଡା, କୋକସରା, କଳମପୁର, ଜୟପାଟଣା, ଥୁ.ରାମପୁର, ଲାଞ୍ଜିଗଡ, କେସିଙ୍ଗା, କର୍ଲାମୁଣ୍ଡା, ମ.ରାମପୁର ଏବଂ ନର୍ଲା ବ୍ଲକରେ କାର୍ଯ୍ୟରତ ଖବରଦାତାମାନେ ଯୋଗଦେଇଥିଲେ ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା: ସ୍ୱାମୀ, ଶ୍ୱଶୁରଙ୍କୁ କୋର୍ଟ ଚାଲାଣ

**ଖଡିଆଳ, ୨୩।୭(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବ୍ଲକ ଚିନ୍ଦାଗୁଡା ଗ୍ରାମରେ ପୂର୍ଣ୍ଣମୀ ରଣାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ସ୍ୱାମୀ ଓ ଶ୍ୱଶୁରଙ୍କୁ ଖଡିଆଳ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫମାନେ ସ୍ୱାମୀ ଆଶିଷ ରଣା ଓ ଶ୍ୱଶୁର କୁରେଶ୍ୱର ରଣା । ଖଡିଆଳ ଥାନା ଅନ୍ତର୍ଗତ ଚିନ୍ଦାଗୁଡା ଗ୍ରାମରେ ଗତ ୨୧ ତାରିଖ ରାତିରେ ପୂର୍ଣ୍ଣମୀ ରଣାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ପୂର୍ଣ୍ଣମୀଙ୍କ ବାପା ପୀତବାସ ରଣା ଖଡିଆଳ ଥାନାରେ ଯୌତୁକଜନିତ ହତ୍ୟା କରାଯାଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଖଡିଆଳ ପୋଲିସ ଆଇପିସି ୪୯୮ (କ), ୩୦. ୩୦୪ (ଖ), ୩୪ ଧାରାରେ ଯୌତୁକଜନିତ ହତ୍ୟା ମାମଲା (ନଂ.୧୭୬/୧୯) ରୁଜୁ ହୋଇଥିଲା । ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଖଡିଆଳ ଥାନା ଆଇଆଇସି କୈଳାଶ ଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି ।

## ଶିକ୍ଷାର ବିକାଶ ହେଲେ ଗାଁର ଉନ୍ନତି ହେବ

**ନୂଆପଡା ଅଫିସ, ୨୩।୭**

ଗାଁରେ ଦେଶର ଜୀବନ ରହିଛି । ଗାଁର ବିକାଶ ହେଲେ ଦେଶର ବିକାଶ ସମ୍ଭବ। ଏଥିପାଇଁ ଶିକ୍ଷାର ଆବଶ୍ୟକତା ରହିଛି। ଏକ ଶିଶୁ ଶିକ୍ଷିତ ହେଲେ ହିଁ ଉତ୍ତମ ନାଗରିକ ଗଠନ ହୋଇପାରିବେ। ଏଥିପାଇଁ ଆବଶ୍ୟକତ ଭିତିଭୂମିର ଦରକାର ରହିଛି । ଶିକ୍ଷାର ବିକାଶ ହେଲେ ଗାଁର ହିଁ ଉନ୍ନତି ସାଧିତ ହେବ। ଏଥିପାଇଁ ସମସ୍ତେ ମନପ୍ରାଣ ଦେଇ ଆଗକୁ ଆସିବା ଦରକାର ବୋଲି ମଙ୍ଗଳବାର ସ୍ଥାନୀୟ ସାହିପଲା କ୍ଲଷ୍ଟର ଅନ୍ତର୍ଗତ ଅଏଁଲାଯୁବା ପ୍ରାଥମିକ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଅତିଥିମାନେ ଏହା କହିଥିଲେ। ସିଆରସିସି ଶରତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ ଡ.ରେଶମଲାଲ ନାଏକ ମୁଖ୍ୟଅତିଥି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହେମ କୁମାର ମାଝି, ପ୍ରଧାନଶିକ୍ଷକ କିଶୋର କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବ୍ଲକ ଶିକ୍ଷାଧିକାରୀ ନାଏକ ଶ୍ରେଣୀ କୋଠରି ଉଦ୍‌ଘାଟନ କରି ସଭାରେ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ଗାଁର ସମସ୍ତ ଅଭିଭାବକ, ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର ମଧ୍ୟ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବେଦରାମ ମାଝି ପୂର୍ବତନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ଏମସି ସଭ୍ୟ ସନତରାମ ମାଝି, ସହକାରୀ ଶିକ୍ଷକ ଅନ୍ତର୍ଯ୍ୟାମୀ ଥପା, ଗୌର ଚନ୍ଦ୍ର ମାଝି ପ୍ରମୁଖ ଯୋଗଦେଇଥିଲେ।

■ ଚାଷୀ, ମହିଳାଙ୍କୁ ତାଲିମ ପ୍ରଦାନ

# ଜଳବାୟୁ ଅନୁସାରେ ଆମକୁ ଚାଷ କରିବାକୁ ପଡ଼ିବ

**ନୂଆପଡା ଅଫିସ, ୨୩।୭**

ସ୍ଥାନୀୟ ମୃତ୍ତିକା ସଂରକ୍ଷଣ ବିଭାଗ ସଭା ଗୃହରେ କ୍ଷୁଦ୍ର ଜଳସେଚନ, ଉଦ୍ୟାନ ବିଭାଗ ଏବଂ କୃଷି ବିଭାଗର ମିଳିତ ଆନୁକୂଲ୍ୟରେ ଜଳବାୟୁ ପରିବର୍ତ୍ତନ ଅନୁସାରେ ଚାଷୀମାନେ କିପରି ନିଜକୁ ଖାପ ଖୁଆଇ ଚାଷ କରି ନିଜର ଜୀବିକା ନିର୍ବାହ କରି ପାରିବେ ସେ ଉପରେ ତାଲିମ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଉଦ୍ୟାନ ବିଭାଗ ଜିଲା ଉପନିର୍ଦ୍ଦେଶକ ସୁଦେଶ କୁମାର ଚୌଧୁରୀ ସଭାପତିତ୍ୱ କରିଥିଲେ। ଜିଲାପାଳ ମଧୁସ୍ମିତା ସାହୁ ମୁଖ୍ୟଅତିଥି, ଜିଲା କୃଷି ଅଧିକାରୀ ଅଜୟ କୁମାର ସେନାପତି, ଜିବିକା ମିଶନର ଡିପିଏମ ଟିମନ ବାରା, ସିଡିପିଓ ନର୍ମଦା ବେହେରା, ନାବାର୍ଡର ଏଜିଏମ ସରୋଜ ମେହେର, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଲଖନଲାଲ ମୀନା, ସିଡିଭିଓ ତ୍ରିଲୋଚନ ଧଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବର୍ତ୍ତମାନ ପରିପେକ୍ଷୀରେ ନୂଆପଡା ଭଳି ଜିଲାରେ ପ୍ରତିବର୍ଷ ଜଳବାୟୁ ପରିବର୍ତ୍ତନ ହେବାରେ ଲାଗିଛି। ଏହାକୁ ଆମେ ଖାପଖୁଆଇ ଚଳିବାକୁ ପଡିବ। ସେହି ଅନୁସାରେ ଆମର ଚାଷ ପ୍ରଣାଳୀ, ଜୀବନ ଜିବିକାରେ ପରିବର୍ତ୍ତନ ଆଣିବାକୁ ପଡିବ ବୋଲି ବକ୍ତାମାନେ ମାର୍ଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଚାଷୀ, ମହିଳା ସ୍ୱୟଂ ସହାୟକ ଦଳର ମହିଳାମାନେ ଯୋଗଦେଇଥିଲେ। ଏହି ଅବସରରେ ଜିଲାପାଳ ସାହୁ ମା’ ଚମ୍ପା ମହିଳା ସ୍ୱୟଂ ସହାୟକ ଦଳ ସଭାପତି ଭାନୁମତି ସାହୁ, ରାଜ ଲକ୍ଷ୍ମୀ ଏସଏଚଜିର ପୁଷ୍ପାଞ୍ଜଳୀ ସାହୁ, ଅନାଦୀ ଦଳର ନୃପତି ଦଣ୍ଡସେନା, ସାଇ ଗଣେଶର ବିମଳା ରାଉତ, ଅନ୍ନପୂର୍ଣ୍ଣାର ବିରଜା ସାହୁଙ୍କୁ ସମ୍ମାନିତ କରିଥିଲେ । ଚାଷୀ ନରସିଂ ସାହୁ, ପୱନ କୁମାର ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ କୃଷି ଓଭରସିୟର ନରେନ୍ଦ୍ର ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।




ତାଲିମ କାର୍ଯ୍ୟକ୍ରମରେ ଜିଲାପାଳ ମଧୁସ୍ମିତା ସାହୁ ଚାଷୀ, ସ୍ୱୟଂ ସହାୟକ ଦଳର ମହିଳାମାନଙ୍କୁ ବୁଝାଉଛନ୍ତି ।

■ ଜିଲାସ୍ତରୀୟ ଶ୍ରୀ ଅରବିନ୍ଦ ପାଠଚକ୍ର କର୍ମୀ ସମ୍ମିଳନୀ

# ଯୋଗସାଧନା ବଳରେ ନିୟତିକୁ ବଦଳାଯାଇ ପାରିବ

**ନୂଆପଡା ଅଫିସ, ୨୩।୭**

ନୂଆପଡା ଜିଲା କୋମନାସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଜିଲାସ୍ତରୀୟ ଶ୍ରୀ ଅରବିନ୍ଦ ପାଠଚକ୍ର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂଆପଡା ଜିଲାର ନୂଆପଡା, କୁଲିଆବନ୍ଧା, କୋମନା, ଭେଲା, ଖଡିଆଳ ଆଦି ୫ଟି ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଭାଇ ଓ ଅପାମାନେ ଯୋଗଦେଇଥିଲେ। ପ୍ରଥମେ ଶ୍ରୀମା ଶ୍ରୀ ଅରବିନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ପୂଜାର୍ଚ୍ଚନା କରାଯାଇଥିଲା। ପରେ ମା’ଙ୍କ ଦୁର୍ଗାସ୍ତୋତ୍ର ପଠନ ସହ ମା ବହି ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡିଶା ନ୍ୟୁ ଲାଇଫ୍ ଏଜୁକେଶନ ଟ୍ରଷ୍ଟର ସଭାପତି ଗଦାଧର ମିଶ୍ର ମୁଖ୍ୟଅତିଥି, ସମ୍ପାଦକ ପ୍ରସାଦ ତ୍ରିପାଠୀ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ଏଥିରେ କୋମନା ଅରବିନ୍ଦ ଶିକ୍ଷାକେନ୍ଦ୍ରର ସମ୍ପାଦକ ନୀଳାମ୍ବର ପାଢୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲା ସଂଯୋଜକ ଅଜୟ କୁମାର ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିବା ସହ ଆଗାମୀ ବର୍ଷର କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଏଥି ସହ ଆସନ୍ତା ୨୭, ୨୮ ତାରିଖରେ ହେବାକୁ ଥିବା ସ୍ୱାସ୍ଥ୍ୟ ଶିବିରରେ ଯୋଗଦେବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଅନୁଷ୍ଠିତ ସଭାରେ ‘ନିଶ୍ଚେତନାର ରୂପା’ର’ ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ବର୍ତ୍ତମାନ ଯୁଗରେ ଯୁବ ସମାଜ ବିପଥଗାମୀ ହୋଇପଡୁଛନ୍ତି। ଭାଗ୍ୟ ବାଦୀ ହୋଇ ନିଜ ଉପରୁ ଆତ୍ମବିଶ୍ୱାସ ହରାଇ ବସୁଛନ୍ତି। ସଂକଳ୍ପ ଦ୍ୱାରା କର୍ମକୁ ବଦଳାଇ ପାରିବା। ହେଲେ ଯୋଗସାଧନା, ସାଶ୍ୱତ, କୃପା, ଯୋଗ ଓ ବର୍ତ୍ତମାନର ସଦୁପଯୋଗ କରି ନିୟତିକୁ ବଦଳାଇ ଦିଆଯାଇ ପାରିବ। ମନପ୍ରାଣ ଓ ଶରୀର ପ୍ରଭୁଙ୍କ ଦ୍ୱାରା ପରିଚାଳିତ ହୋଇଥାଏ। ପୂର୍ଣ୍ଣାଙ୍ଗ ଶିକ୍ଷାଦ୍ୱାରା ମନପ୍ରାଣ ଓ ଶରୀରର ପ୍ରଭୁ ହୋଇପାରିବା। ତେଣୁ କରି ଆମେ ଆମରି ଭାଗ୍ୟ ପରିବର୍ତ୍ତନ କରିପାରିବା। ଭଗବତ କୃପା ଦ୍ୱାରା ମଧ୍ୟ ନିୟତିକୁ ପରିବର୍ତ୍ତନ କରିପାରିବା ବୋଲି ବକ୍ତାମାନେ ମତ ଦେଇଥିଲେ। ଶ୍ରୀମାନଙ୍କ କାର୍ଯ୍ୟଧାରା ଉପରେ ବିଷଦ ଭାବେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ଦାନୀ ଭାଇ, ମନୁ ଭାଇ, ବ୍ରଜ ଭାଇ ପ୍ରମୁଖ ପରିଚାଳନା କରିଥିବା ବେଳେ ମାତୃ କର୍ମୀ ସୁରେଶ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କୋମନା ତଥା ଆଖପାଖ ଅଞ୍ଚଳର ବହୁ ଲୋକ ଯୋଗଦେଇଥିଲେ।




ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ପାଠଚକ୍ରରେ ଯୋଗଦେଇଥିବା ଅତିଥିବୃନ୍ଦ ।



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ

### ଜିଲାପାଳଙ୍କ ଗଜବାହାଲ ଗସ୍ତ

**ରିଷିଡା,୨୩।୭(ଡି.ଏନ.ଏ.):** କଳାହାଣ୍ଡି ଜିଲାପାଳ ଗାଭାଲି ପରାଜ ହର୍ଷଦ ଗଜବାହାଲ ପଞ୍ଚାୟତ ସୋମବାର ଗସ୍ତ କରିଥିଲେ। ସେ ସ୍ୱଚ୍ଛ ଭାରତ ଯୋଜନାର ପାଇଖାନା ନିର୍ମାଣ ଉପରେ ସମୀକ୍ଷା କରିଥିଲେ। ସେ ଗଜବାହାଲ ଓ ବଡଡୁଙ୍ଗୁରୀଗୁଡାର କେତେକ ତିଆରି ହେଉଥିବା ପାଇଖାନା ବୁଲି ଦେଖିଥିଲେ। ଜିଲାପାଳଙ୍କ ସହ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ, ଉପଜିଲାପାଳ ଏବଂ କର୍ଲାମୁଣ୍ଡା ବ୍ଲକ ବିଡିଓ ପ୍ରମୁଖ ଉପସ୍ଥିତ ଥିଲେ।

### ତେଲ ନଦୀରେ ପୋଲ ନିର୍ମାଣ ଦାବି

**ରିଷିଡା,୨୩।୭(ଡି.ଏନ.ଏ.):** କଳାହାଣ୍ଡି ଜିଲା ରିଷିଡା-ତେରେସିଂହା-ଆମପାଲି ରାସ୍ତା ଉପରେ ତେଲନଦୀରେ ପୋଲ ନିର୍ମାଣ ପାଇଁ ଦାବି ହେଉଛି । ଏହି ପୋଲ ନିର୍ମାଣ ହେଲେ କର୍ଲାମୁଣ୍ଡା ବ୍ଲକ, ଗୁଡଭେଲା, ମ. ରାମପୁର ବ୍ଲକ, ତଥା ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଜନସାଧାରଣ ଉପକୃତ ହୋଇପାରିବେ। ପ୍ରକାଶ ଯେ, ତେଲନଦୀ ଉପରେ ଧାନଘରାରେ ପୋଲ ଥିବା ବେଳେ ବେଲଖଣ୍ଡି ନିକଟରେ ତେଲ ନଦୀ ଉପରେ ପୋଲ ନିର୍ମାଣାଧୀନ ରହିଛି।



### କେସିଙ୍ଗା ବନାଞ୍ଚଳ ଅଧିକାରୀଙ୍କ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

**କେସିଙ୍ଗା,୨୩।୭(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ସହରସ୍ଥିତ ବନାଞ୍ଚଳଙ୍କ ନୂତନ କାର୍ଯ୍ୟାଳୟ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଭବାନୀପାଟଣା ଅଭିରାମ ନାଏକଙ୍କ ଦ୍ୱାରା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ କଳାହାଣ୍ଡି ଡିଏଫଓ ନିତିଶ କୁମାର, ସହକାରୀ ବନସଂରକ୍ଷକ ଭବାନୀପାଟଣା ବଂଶିଧର ସ୍ୱାଇଁଙ୍କ ସମେତ କେସିଙ୍ଗା ବନାଞ୍ଚଳ ଅଧିକାରୀ ଦୀନବନ୍ଧୁ ମେହେର, ଫରେଷ୍ଟର ଡି. ମିଶ୍ର, ଫରେଷ୍ଟ ଗାର୍ଡ ପିଆର ଷଡଙ୍ଗୀ ପ୍ରମୁଖ ବନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। କଳାହାଣ୍ଡି ଜିଲା ବନ ବିଭାଗର ୫ଟି ଡିଭିଜନର ୫ଜଣ ବନାଞ୍ଚଳ ଅଧିକାରୀ ମଧ ଯୋଗଦେଇଥିଲେ। ଏହି ନୂତନ କାର୍ଯ୍ୟାଳୟ ୧୫ ଲକ୍ଷ ବ୍ୟୟ ଅଟକଳରେ ନିର୍ମାଣ କରାଯାଇଛି ।

■ ପରିତ୍ୟକ୍ତ ଅବସ୍ଥାରେ ଏଏନ୍‌ଏମ୍ କେନ୍ଦ୍ର

# ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ପଲାସ ପଞ୍ଚାୟତବାସୀ

**ଜୁନାଗଡ,୨୩।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ପଲାସ ପଞ୍ଚାୟତ ମଥୁରା ଗ୍ରାମରେ ଥିବା ଏଏନ୍‌ଏମ୍ କେନ୍ଦ୍ର ରକ୍ଷଣାବେକ୍ଷଣ ଅଭାବରୁ ଗତ ୧୦ ବର୍ଷ ହେବ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଫଳରେ ସ୍ଥାନୀୟ ଲୋକେ ପ୍ରାଥମିକ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହୋଇଛନ୍ତି। ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ସରକାର ପଲାସ ପଞ୍ଚାୟତବାସୀଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ପ୍ରାୟ ୪୦ ବର୍ଷ ତଳେ ମଥୁରା ଗ୍ରାମରେ ଏକ ଏଏନ୍‌ଏମ କେନ୍ଦ୍ର ସ୍ଥାପନ କରାଯାଇଥିଲା। ଏହି ଏଏନ୍‌ଏମ କେନ୍ଦ୍ର ଉପରେ ପଲାସ ପଞ୍ଚାୟତର ପଲାସ ସମେତ ମଥୁରା ଓ ଗୌଡସର୍ଗିଗୁଡା ଗ୍ରାମର ୭ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ନିର୍ଭର କରୁଥିଲେ। ଏହି କେନ୍ଦ୍ରରେ ଏଏନ୍‌ଏମ ଜଣକ ରହି ସ୍ଥାନୀୟ ଲୋକଙ୍କୁ ପ୍ରାଥମିକ ଚିକିତ୍ସା କରୁଥିଲେ। ଆବଶ୍ୟକ ରକ୍ଷଣା ବେକ୍ଷଣ ଅଭାବରୁ ଏଏନ୍‌ଏମ କେନ୍ଦ୍ର କୋଠା ଶୋଚନୀୟ ହୋଇପଡିଲା। ଫଳରେ ଏଏନ୍‌ଏମ ସେଠାରେ ନ ରହି ଅନ୍ୟ ସ୍ଥାନରେ ଯାଇ ରହିଥିଲେ। ଗତ ୮ରୁ ୧୦ ବର୍ଷ ହେବ ଏହି କେନ୍ଦ୍ରରେ ଏଏନ୍‌ଏମ ରହୁ ନ ଥିବା ଗ୍ରାମବାସୀଙ୍କଠୁ ଜଣାପଡିଛି। ବର୍ତ୍ତମାନ ଏଠାରେ କାର୍ଯ୍ୟରତ ଥିବା ଏଏନ୍‌ଏମ ସପ୍ତାହର ମଙ୍ଗଳବାର ଓ ଶୁକ୍ରବାର ଭଏଚ୍‌ଏଣ୍ଡି ପାଇଁ ଓ ବୁଧବାର ଇମୋନାଇଜେଶନ ପାଇଁ ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ଜଣାପଡିଛି। ବାକି ଦିନରେ ଏଏନ୍‌ଏମଙ୍କ ଦେଖା ମିଳୁନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରନ୍ତି। ବର୍ତ୍ତମାନ ପଞ୍ଚାୟତବାସୀ ସ୍ୱାସ୍ଥ୍ୟସେବା ପାଇଁ ସିଧାସଳଖ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିବାକୁ ପଡୁଛି। ଗତ ୧୦ ବର୍ଷ ହେବ ଏଏନ୍‌ଏମ କେନ୍ଦ୍ର ବନ୍ଦ ରହିଥିବାରୁ ଏବେ କେନ୍ଦ୍ରର ଚାରିଆଡେ ଗଛଗୁଡିକ ଉଠିଯାଇ ବଣବୁଦା ଭଳି ଦେଖିବାକୁ ମିଳୁଛି। ଘଟଣା ସମ୍ପର୍କରେ ସ୍ଥାନୀୟ ଗ୍ରାମବାସୀ ବିଭିନ୍ନ ସମୟରେ ସ୍ୱାସ୍ଥ୍ୟ ବିଭାଗକୁ ଜଣାଇଥିଲେ ମଧ କିଛି ସୁଫଳ ମିଳୁନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଶୀଘ୍ର ଏହାର ସମାଧାନ କରା ନ ଗଲେ ରାଜରାସ୍ତା ଅବରୋଧ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ଜୁନାଗଡ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡାଙ୍କୁ ପଚାରିବାରୁ ଏଏନ୍‌ଏମ କେନ୍ଦ୍ରର କୋଠାକୁ ମରାମତି କରିବା ପାଇଁ ଚେଷ୍ଟା କରିଥିଲୁ। କିନ୍ତୁ କୋଠାର ଅବସ୍ଥା ଅତି ଶୋଚନୀୟ ହୋଇଥିବାରୁ ମରାମତି ସମ୍ଭବ ହୋଇ ନ ଥିଲା। ସେଠାରେ ସ୍ଥାନ ଚିହ୍ନଟ କରି ଏକ ଉପସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ କରିବା ପାଇଁ ଉଚ୍ଚ ଅଧିକାରୀଙ୍କୁ ଜଣାଇଛି ବୋଲି କହିଥିଲେ।



ପରିତ୍ୟକ୍ତ ଅବସ୍ଥାରେ ଥିବା ମଥୁରା ଏଏନ୍‌ଏମ କେନ୍ଦ୍ର ।

**ରକ୍ଷଣାବେକ୍ଷଣ ଅଭାବ**

- ସ୍ୱାସ୍ଥ୍ୟ ବିଭାଗର ଦୃଷ୍ଟି ପଡୁନି
- ୧୦ବର୍ଷ ହେଲା କେନ୍ଦ୍ର ବନ୍ଦ ପଡ଼ିଛି
- ପଲାସ ପଞ୍ଚାୟତ ମଥୁରା ଏଏନ୍‌ଏମ୍ କେନ୍ଦ୍ର



ଶ୍ରୀଅରବିନ୍ଦ ପାଠଚକ୍ରର ଜିଲାସ୍ତରୀୟ କର୍ମୀ ସମ୍ମିଳନୀରେ ଯୋଗଦେଇଥିବା ଅତିଥିଗଣ ଓ ଭାଇବୃନ୍ଦ ।

## ଶ୍ରୀଅରବିନ୍ଦ ପାଠଚକ୍ରର ଜିଲାସ୍ତରୀୟ କର୍ମୀ ସମ୍ମିଳନୀ

**କେସିଙ୍ଗା,୨୩।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସରରେ ଶ୍ରୀଅରବିନ୍ଦ ପାଠଚକ୍ରର ଜିଲାସ୍ତରୀୟ କର୍ମୀ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ପାଠଚକ୍ର ସମ୍ମିଳନୀରେ ନିୟୁ ଲାଇଫ ଏଜୁକେସନ୍ ଟ୍ରଷ୍ଟ ମାତୃଭ କଟକ ରାଜ୍ୟ ସମ୍ପାଦକ ପ୍ରସାଦ ତ୍ରିପାଠୀ, କପିଳ ପ୍ରସାଦ ଦାଶ, ଜୋନ ସଙ୍ଗଠକ ନିଳମାଧବ ମିଶ୍ର, ନବଜୀବନ ଶିକ୍ଷା ସଂସଦ ସଂଯୋଜକ ବ୍ରଜମୋହନ ପ୍ରମୁଖ ଯୋଗଦେଇଥିଲେ। ଏହି ସମ୍ମିଳନୀରେ ନିଶ୍ଚେତତା ଓ କର୍ମବାଦର ରହସ୍ୟ ଉପରେ ଅତିଥିଗଣ ଆଲୋକପାତ କରିଥିଲେ। ସମଗ୍ର କଳାହାଣ୍ଡି ଜିଲାରେ ଥିବା ୧୧୫ଟି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ୩୫୦ ଜଣ ଭାଇ, ଅପାମାନେ ଯୋଗଦାନ କରିଥିଲେ । ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର କମିଟି କଟକ ପକ୍ଷରୁ ଜୁଲାଇ ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଓଡିଶାର ୩୦ଟି ଜିଲାରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥାଏ । ପ୍ରତ୍ୟେକ ବର୍ଷ ଜୁଲାଇ ୨୩ ତାରିଖରେ କଳାହାଣ୍ଡି ଜିଲା ଏହି ସମ୍ମିଳନୀକୁ ମହାସମାରୋହରେ ପାଳନ କରାଯାଇଥାଏ। ଏହି କର୍ମୀ ସମ୍ମିଳନୀକୁ ଜିଲା ସଙ୍ଗଠକ ଗଣେଶ ପ୍ରସାଦ ଦ୍ୱାରା ପରିଚାଳିତ ହୋଇଥିଲା। ମାତୃଭବନ କଟକର ସମ୍ପାଦକ ଗଦାଧର ମିଶ୍ର ଯୋଗଦେଇଥିଲେ। ଜିଲାରେ ଥିବା ଅନୁନ୍ନତ ଅଞ୍ଚଳରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର କିପରି ବିକାଶ ହେବ ତାଉପରେ ବିଷଦ ଭାବରେ ଆଲୋଚନା କରାଯାଇଥିଲା। ଶ୍ରୀଅରବିନ୍ଦ ପାଠଚକ୍ର ଟ୍ରଷ୍ଟ ବାଲସିର ଟ୍ରଷ୍ଟି ତୁମେଶ୍ୱର ସାହୁ, ଭାଇ, ଅପା ବୃନ୍ଦ ଯୋଗଦେଇଥିଲେ ।

## ପରିବେଶ ସୁରକ୍ଷା ନେଇ ସଚେତନତା ସଭା

**ଲାଞ୍ଜିଗଡ,୨୩।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରରେ ପରିବେଶ ସୁରକ୍ଷା ଓ ସଚେତନତା ଶୋଭାଯାତ୍ରା ସହିତ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱନାଥପୁରସ୍ଥିତ ଗୋପବନ୍ଧୁ ହାଇସ୍କୁଲ, ବ୍ଲକ କଲୋନୀ ପ୍ରାଇମେରୀ ସ୍କୁଲ ଓ ବିଶ୍ୱନାଥପୁର ଏମ୍‌ଇ ସ୍କୁଲ ମିଳିତ ଉଦ୍ୟମରେ ପରିବେଶ ସୁରକ୍ଷା ନେଇ ସଚେତନତା ସଭା ହୋଇଥିଲା। ଲାଞ୍ଜିଗଡ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ କାଶୀନାଥ ରାଉତରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭା ଓ ଶୋଭାଯାତ୍ରାରେ ୩ ସ୍କୁଲ ଛାତ୍ରୀଛାତ୍ର ଓ ଶିକ୍ଷକଶିକ୍ଷୟିତ୍ରୀ ସାମିଲ ହୋଇ ସହର ପରିକ୍ରମା କରିଥିଲେ। ଗୋପବନ୍ଧୁ ହାଇସ୍କୁଲରେ ଅନୁଷ୍ଠିତ ସଭାରେ ସ୍କୁଲ ପ୍ରଧାନଶିକ୍ଷକ ଭକ୍ତରଞ୍ଜନ ଅଧ୍ୟକ୍ଷତା କରିଥିଲେ । ଅତିରିକ୍ତ ଶିକ୍ଷାଧିକାରୀ ରାଉତରାୟ ମୁଖ୍ୟଅତିଥି, ସମ୍ମାନିତ ଅତିଥି ସିଆର୍‌ସିସି ବିଜୟ କୁମାର ରାୟ, ପ୍ରଧାନଶିକ୍ଷକ ବାସୁଦେବ ସାହୁ ଓ କ୍ଷୀରସିନ୍ଧୁ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଗଣେଶ୍ୱର ଠେଲା, ବିଜୟ ଦଣ୍ଡସେନା, ଦୁଃଖିଶ୍ୟାମ ବାରିକ୍, ଶୁଭ ଥାପା, ପ୍ରଜ୍ଞା ପ୍ରଭାସିନୀ ସରସ୍ୱତୀ ବଗ୍ରିଆ, ରତ୍ନମଣି ହରପାଲ, ଶୁଭସ୍ମିତା ପରିଡା, ମନ୍ଦାକିନୀ ଦାସ ଓ ଅନିମା ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠିତ ପ୍ରତିଯୋଗିତାରେ ଛାତ୍ରୀ ଚଞ୍ଚଳା ରଣା, ଛାତ୍ର ନେତ୍ରାନନ୍ଦ ଘଡେଇ ଓ ଗୀତାଞ୍ଜଳି ସାହୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶିକ୍ଷୟିତ୍ରୀ ଅଙ୍କିତା ଠାକୁର ଧନ୍ୟବାଦ ଦେଇଥିଲେ ।



ପରିବେଶ ସୁରକ୍ଷା ଓ ସଚେତନତାରେ ଜଣେ କୃତୀଙ୍କୁ ପୁରସ୍କୃତ କରାଯାଉଛି।

## ଲଳିତ କଳା ଏକାଡେମି ତରଫରୁ ଆଦିବାସୀ ଛାତ୍ର ସମ୍ମାନିତ

**ଭବାନୀପାଟଣା,୨୩।୭(ଡି.ଏନ.ଏ.)**

ଆଦିବାସୀ ସଂସ୍କୃତି ଓ ପରମ୍ପରାର ପର୍ବକୁ ନେଇ ଚିତ୍ରକଳା ପ୍ରଦର୍ଶନୀ ପାଇଁ ଛାତ୍ରୀଛାତ୍ରଙ୍କଠାରୁ ରାଜ୍ୟ ଲଳିତ କଳା ଏକାଡେମୀ ଚିତ୍ର କଳା ଆହ୍ୱାନ କରିଥିଲା। ଏଥିରେ କଳାହାଣ୍ଡି ଜିଲା ଥୁଆମୁଳ ରାମପୁରସ୍ଥିତ ଗ୍ରାମ ବିକାଶ ଶିକ୍ଷା ନିକେତନର ଅଷ୍ଟମ ଶ୍ରେଣୀର ଛାତ୍ର ଅଜୟ ମାଝି ଆଦିବାସୀ ସଂସ୍କୃତିର ଏକ ଚିତ୍ର ଆଙ୍କି ଲଳିତ କଳା ଏକାଡେମୀକୁ ପଠାଇଥିଲେ। ଏହି ଚିତ୍ରାଙ୍କନ ଚୟନକର୍ତାଙ୍କ ଦ୍ୱାରା ସ୍ୱୀକୃତୀ ଲାଭ କରିଥିଲା। ଆଦିବାସୀ ଚିତ୍ରକଳା ପ୍ରଦର୍ଶନୀ ଅବସରରେ ଗତ ୧୯ ତାରିଖରେ ଭୁବନେଶ୍ୱରସ୍ଥିତ ରାଜ୍ୟ ସଂସ୍କୃତି ଭବନ ପରିସରରେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ର ଅଜୟ ମାଝିଙ୍କୁ ଏକ ଟ୍ରଫି ସହ ମାନପତ୍ର ଓ ୨ ହଜାର ଟଙ୍କା ପୁରସ୍କାର ସ୍ୱରୂପ ପ୍ରଦାନ କରିଥିଲେ। ଏଥିରେ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ସଚିବ ଉପସ୍ଥିତ ଥିଲେ। ଗ୍ରାମ ବିକାଶ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଶିକ୍ଷାର ବିକାଶ ପାଇଁ ଏହି ଗ୍ରାମ ବିକାଶ ଶିକ୍ଷାନିକେତନ କାର୍ଯ୍ୟ କରି ଆସୁଛି।



କର୍ଲାମୁଣ୍ଡା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସାଧିକାରୀ ହିମାଂଶୁ ଶେଖର ସାହୁ ଓ ଅନ୍ୟାନ୍ୟ ଅଧିକାରୀମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

## ବତିକୁପା ଗାଁର ଗର୍ଭବତୀଙ୍କୁ ମିଳିବ ସ୍ୱାସ୍ଥ୍ୟସେବା

**କର୍ଲାମୁଣ୍ଡା,୨୩।୭(ଡି.ଏନ.ଏ.)**

**ଧରିତ୍ରୀ ପ୍ରଭାବ**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅତି ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ବତିକୁପା ଗାଁ। ଏହି ଗାଁରେ ଅନେକ ସମସ୍ୟା ସହିତ ଗର୍ଭବତୀଙ୍କ ପାଇଁ ଗ୍ରାମ୍ୟ ସ୍ୱାସ୍ଥ୍ୟ ପୁଷ୍ଟିକର ଦିବସ (ଭି.ଏଚ.ଏନ.ଡି) ନିୟମିତ ଭାବେ ହୋଇପାରୁ ନ ଥିବା ନେଇ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ସମସ୍ୟା ଘେରରେ ବତିକୁପା ଗାଁ, ବର୍ଷକୁ ୬ ମାସ ଗର୍ଭବତୀଙ୍କୁ ମିଳେ ସ୍ୱାସ୍ଥ୍ୟସେବା' ଶିର୍ଷକ ଖବର ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶ ପରେ କଳାହାଣ୍ଡି ସିଡିଏମଓଙ୍କ ହସ୍ତକ୍ଷେପ ପରେ ମଙ୍ଗଳବାର କର୍ଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ହିମାଂଶୁ ଶେଖର ସାହୁ, ବିପିଓ ଅଜୀତ ସିଂ କୁମାର, ଜନସ୍ୱାସ୍ଥ୍ୟ ଅଧିକାରୀ କିଶୋରଚନ୍ଦ୍ର ଦାସ ବତିକୁପା ଗାଁକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପ୍ରତ୍ୟୋକ ମାସର ଶେଷ ଶୁକ୍ରବାର ବତୀକୁପା ଅଙ୍ଗନୱାଡି କେନ୍ଦ୍ରଠାରେ ଭି.ଏଚ.ଏନ.ଡି କରାଯିବ ବୋଲି ସୂଚନା ଦେଇଥିଲେ। ଏଥିରେ ଗ୍ରାମ ବିକାଶ କମିଟି ସଭାପତି ନିଧି ମନହିରା, ମହେନ୍ଦ୍ର ବାଗ, ରତନ ମନହିରା, ଅଙ୍ଗନୱାଡି କର୍ମୀ ମୋହିନୀ ମାଝି, ରତନା ମନହିରା, ସିନ୍ଧୁରାଜ ମନହିରା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ରେଡ଼କ୍ରସ୍ ୟୁନିଟ୍ ଜିଲାସ୍ତରୀୟ କାର୍ଯ୍ୟକାରୀ କମିଟି ବୈଠକ

**ଭବାନୀପାଟଣା,୨୨।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ଥିବା ୟୁଥ୍ ରେଡକ୍ରସ୍ ୟୁନିଟ୍‌ର ଜିଲାସ୍ତରୀୟ କାର୍ଯ୍ୟକାରୀ କମିଟି ବୈଠକ ସ୍ଥାନୀୟ ସରକାରୀ ଜୁନିୟର୍ ଓ ସ୍ୱୟଂଶାସୀତ ମହାବିଦ୍ୟାଳୟ ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର୍ ପୂର୍ଣ୍ଣଚନ୍ଦ୍ର ଦଳେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲାର ବିଭିନ୍ନ ସ୍ଥାନରୁ ୪୫ଟି ୟୁଥ୍ ରେଡକ୍ରସ୍ ୟୁନିଟ୍ କର୍ମକର୍ତ୍ତାମାନେ ଯୋଗଦେଇ ୟୁଥ୍ ରେଡକ୍ରସ୍ ସମ୍ପର୍କୀୟ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ୱାଇଆରସି ୟୁନିଟ୍ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟାପିକା ଡ. ପଲ୍ଲିଶ୍ରୀ ପଟ୍ଟନାୟକଙ୍କ ଅତିଥି ପରିଚୟ ପ୍ରଦାନ ପରେ ଅଧ୍ୟକ୍ଷ ପ୍ରଫେସର ଦଳେଇ ଉପସ୍ଥିତ ଅତିଥି ତଥା ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା କାଉନସିଲର୍‌ମାନଙ୍କୁ ସ୍ୱାଗତ ଜଣାଇଥିଲେ। ଗତ ୨୦୧୮-୧୯ ବର୍ଷର ୱାଇଆରସି ୟୁନିଟ୍‌ମାନଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଓ ସେମାନଙ୍କ ସଫଳତା ସମ୍ପର୍କରେ ପ୍ରଫେସର ଶାନ୍ତନୁ କୁମାର ପରିଡା ଭିଡିଓ ଶୋ ମାଧମରେ ବହୁ ତଥ୍ୟ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଆଗାମୀ ଦିନରେ ବିଭିନ୍ନ କଲେଜରେ ହେବାକୁ ଥିବା ରକ୍ତଦାନ ଶିବିର, ଚାରା ରୋପଣ, ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ, ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଏବଂ ୱାଇଆରସି ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷଣ ଦେବା ସମ୍ପର୍କରେ ବିଷଦ ଆଲୋଚନା ହୋଇଥିଲା। ରାଜ୍ୟ ଏବଂ ରାଜ୍ୟ ବାହାରେ ବିଭିନ୍ନ ସମୟରେ ଅନୁଷ୍ଠିତ ହେଉଥିବା ୱାଇଆରସି ଶିବିରରେ କଳାହାଣ୍ଡି ୱାଇଆରସି ୟୁନିଟ୍ କିଭଳି କାର୍ଯ୍ୟଦକ୍ଷତାର ପ୍ରମାଣ ପ୍ରଦର୍ଶନ କରି ଲୋକପ୍ରିୟତା ସାଉଣ୍ଟି ପାରିଛି ସେ ସମ୍ପର୍କରେ ପ୍ରଫେସର ଶାନ୍ତନୁ କୁମାର ପରିଡା ଓ ଅନ୍ୟମାନେ ଉଦାହରଣ ରଖିଥିଲେ। ଆଗାମୀ ଦିନରେ ଏଭଳି ଏକ କାର୍ଯ୍ୟକ୍ରମ ଜୁନାଗଡ ପ୍ରିୟଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହେବ ବୋଲି ମହାବିଦ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଥିଲା। ଏହା ସେଠାରେ ହେବ ବୋଲି ପ୍ରସ୍ତାବ ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ରେଡକ୍ରସ୍ ସଂସ୍ଥା ସମ୍ପାଦକ ତଥା ଜିଲା ଜରୁରୀକାଳୀନ ଅଧିକାରୀ ସୁରେନ୍ଦ୍ର କୁମାର ତ୍ରିପାଠୀ, ମହାବିଦ୍ୟାଳୟ ବରିଷ୍ଠ ଅଧ୍ୟାପକ ତଥା ଏନ୍‌ସିସି ଅଫିସ କ୍ୟା. ଜୟଦେବ ସାହୁ, ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପୂର୍ବରୁ କଲେଜ ପରିସରରେ ୱାଇଆରସି ୟୁନିଟ୍ ପକ୍ଷରୁ ଚାରା ରୋପଣ କରାଯାଇଥିଲା। ସରକାରୀ କଲେଜ ଅଧ୍ୟାପକ ଡ. ସୁବ୍ରତ କୁମାର ପାଣିଗ୍ରାହୀ ଧନ୍ୟବବାଦ ଦେଇଥିଲେ।




ରେଡକ୍ରସ୍ ୟୁନିଟ୍‌ର ଜିଲାସ୍ତରୀୟ କାର୍ଯ୍ୟକାରୀ କମିଟିର ଅନୁଷ୍ଠିତ ବୈଠକ ।

■ ବର୍ଷା ନ ହେବାରୁ ଚିନ୍ତାରେ ଚାଷୀ

# ଚାଷ କାମ ଆଗେଇପାରୁନାହିଁ

**କେସିଙ୍ଗା,୨୩।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ ୨୬ଟି ଗ୍ରାମପଞ୍ଚାୟତରେ ୩୦ ହଜାର ହେକ୍ଟର ଜମି ରହିଛି। ଏଥି ମଧ୍ୟରୁ ୯ ହଜାର ୭୯୦ ହେକ୍ଟର ଜମିରେ ଧାନ ଚାଷ କରାଯାଇଛି । ବର୍ଷା ଅଭାବ ଯୋଗୁ ଧାନ ଖରତି ଓ ବିହୁଡା ଓ ବେଉଷଣ ବର୍ତ୍ତମାନ ସୁଦ୍ଧା ଆଦୌ ହୋଇ ନ ଥିବାରୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି। କେସିଙ୍ଗା ବ୍ଲକର ଦେଓଗାଁ, ଅଧମୁଣ୍ଡା, ଫଟୁକାମାଲ, ଚାଞ୍ଚେର, ଉକ୍ରେଲା, କୁଣ୍ଡାବନ୍ଧ, କିକିଆ ଗ୍ରାମପଞ୍ଚାୟତରେ କୃଷ୍ଣକାୟ ମୃର୍ତ୍ତି (କଳାମାଟି) ଅଞ୍ଚଳ ହୋଇଥିବାରୁ କପା, ମକା ଭଲ ହୋଇଥାଏ। କିନ୍ତୁ ଧାନ ଚାଷ ଭଲ ହୋଇ ନ ଥାଏ। ସେହିପରି ବ୍ଲକର ବାଲସି, କାଣ୍ଡେଲ, ପରଲସିଙ୍ଗା, ସିରୋଳ, ଡୁଣ୍ଡଳା, ବେଲଖଣ୍ଡି, କୁର୍ଲାଖମନ, କଣ୍ଟପଡା, ନୁନମାଠ, କନ୍ତେଶିର ଆଦି ଗ୍ରାମପଞ୍ଚାୟତରେ ବାଲିଆ ଦୋରସା ମାଟି ହୋଇଥିବାରୁ ବିନା ବର୍ଷାରେ ଜମିକୁ ଚଢ଼ିବା ବହୁ କଷ୍ଟକର ହୋଇଥାଏ । କେସିଙ୍ଗା ବ୍ଲକରେ ଗତ ୨୦୧୪ରୁ ଆଜକୁ ୬ ବର୍ଷ ହେଲାଣି ଲଗାତର ସ୍ୱଳ୍ପ ବୃଷ୍ଟି ଯୋଗୁ ମରୁଡି ଦେଖାଯାଉଛି। ଗତ ଜୁନ ୨୦୧୯ରେ କେସିଙ୍ଗା ବ୍ଲକରେ ସ୍ୱଳ୍ପ ବୃଷ୍ଟି ହୋଇଛି । ଫଳରେ ଚାଷୀ ଚାଷ କାମ ଆଗେଇ ପାରୁନାହିଁ । ଜୁନରେ ୧୭୭.୨ ମି.ମି. ବର୍ଷା ହୋଇଥିବା ବେଳେ ଜୁଲାଇ ୧୯ ତାରିଖ ସୁଦ୍ଧା କେସିଙ୍ଗା ବ୍ଲକରେ ୫୩.୪ ମି.ମି. ବର୍ଷା ହୋଇଥିବା ଜଣାପଡିଛି। ଗତ ୨୦୧୮ ଜୁନରେ ୭୮.୬ମି.ମି. ଓ ଜୁଲାଇରେ ୫୫.୬ମି.ମି. ବର୍ଷା ହୋଇଥିଲା। କେସିଙ୍ଗା ବ୍ଲକରେ ଥିବା ବହୁ ଗ୍ରାମରେ ବର୍ତ୍ତମାନ ସୁଦ୍ଧା ବିଲରେ ହଳ କରି ପାରିନାହାନ୍ତି। ଜୁଲାଇ ସରିବାକୁ ବସିଲାଣି ୫୩.୪ ମି.ମି. ବର୍ଷା ହୋଇଥିବାରୁ ଚାଷୀ ମୁଣ୍ଡରେ ବଜ୍ରପାତ ପଡିଲାଣି । ଧାନ ଚାଷ ନ ହେଲେ ଚାଷୀମାନେ କିପରି ପରିବାର ଚଳାଇବେ। ଚାଷୀମାନେ ଚିନ୍ତା ଗ୍ରସ୍ତ ହୋଇ ଦାଦନ ଖଟିବାକୁ ସୁଅ ଛୁଟୁଛନ୍ତି। ଏ ସଂକ୍ରାନ୍ତରେ କେସିଙ୍ଗା କୃଷି ବିଭାଗ ସହକାରୀ କୃଷି ଓଭରସିୟର ତନୁଚରଣ ନାଏକଙ୍କୁ ପଚାରିବାରୁ ଜୁଲାଇ ମାସ ୩୦ ତାରିଖ ସୁଦ୍ଧା ବର୍ଷା ନ ହେଲେ ଗଜା ମରୁଡି ହେବାର ବହୁ ସମ୍ଭାବନା ଅଛି ବୋଲି ପ୍ରକାଶ କରିଥିଲେ ।



ପାଣି ଅଭାବରୁ ଚାଷ ଜମି ଶୁଖିଲା ପଡ଼ିଛି।

- କେସିଙ୍ଗାରେ ପଡ଼ିଆ ପଡ଼ିଛି ଚାଷ ଜମି
- ଜୁନ, ଜୁଲାଇରେ ଆବଶ୍ୟକ ମୁତାବକ ବର୍ଷା ନାହିଁ

**ସେମାନେ ଯାହା କୁହନ୍ତି...**



ବର୍ଷା ନାହିଁ, ପଲା ହଳଦିଆ ହୋଇ ମରି ଗଲାଣି । ପଡିଆ ହୋଇ ଜମି ରହିଛି। ମୋର ୪ ଟି ପୁଅ ଝିଅ। ମୁଁ ଓ ସ୍ତ୍ରୀ, ୨ଟି ନାତୀ କିପରି ଚଳିବୁ ।

**ପୀତର ନାଏକ, ତହଁଶିର, କେସିଙ୍ଗା**



ମୋ ଜମି ପଡିଆ ପଡିରହିଛି । କେବେ ବର୍ଷା ହେବ ଯେ ମୁଁ ଚାଷ କରି ମୋ ପରିବାର ଚଳାଇବି। ସରକାର ଆମକୁ ସାହାଯ୍ୟ ନ କଲେ ବହୁ କଷ୍ଟରେ ଜୀବନ ବିତାଇବାକୁ ପଡିବ ।

**ଭୀମସେନ ସାହୁ, ତହଁସିର, କେସିଙ୍ଗା**



ମୁଁ ୨ ଏକର ଜମି ପାଇଁ ପଲା ପକାଇଛି । ବର୍ଷା ଅଭାବରୁ ପଲାବୁଡା ହୋଇ ଗଲାଣି। ମୁଁ ଜଣେ ଛୋଟିଆ ଚାଷୀ କିପରି ପରିବାର ଚଳାଇବି। ସରକାର ସାହାଯ୍ୟ ନ କଲେ ଚଳିବା ବହୁ କଷ୍ଟ ହେବ।

**ଯବଦା ସାହୁ, କନ୍ତେଶିର, କେସିଙ୍ଗା**



କୌଣସି ଲୋକ ଦୀର୍ଘକାଳ ଧରି କ୍ଷମତାର
ଅପବ୍ୟବହାର କରିପାରେ ନାହିଁ କି ପାରିବ ନାହିଁ।
- ସେନେକା



## ସଂକ୍ଷେପରେ



### ବାଲୁକା ଶିଳ୍ପୀଙ୍କ କଳାକୃତି

**ରିଷିଡା,୨୩।୭(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଡଙ୍ଗରମୁଣ୍ଡାର ବାଲୁକା ଶିଳ୍ପୀ ଓମ୍ ପ୍ରକାଶ ସାହୁ ସମ୍ପ୍ରତି ବାଲିରେ ବୁଦ୍ଧ ମୂର୍ତ୍ତି ନିର୍ମାଣ କରିଛନ୍ତି । ତାଙ୍କର ବାଲୁକା କଳା ଦେଖିବାକୁ ଦର୍ଶକମାନେ ଆଗ୍ରହ ପ୍ରକାଶ କରିଛନ୍ତି । ତାଙ୍କର ଏହି ବୁଦ୍ଧଙ୍କ ମୂର୍ତ୍ତିରେ ଛୋଟ ପିଲାଟି କୋଳରେ ବସିଛି । ଯାହାକି ସୋସିଆଲ ମିଡିଆରେ ଭାଇରାଲ ହୋଇଛି ।

ଜମି ଚିହ୍ନଟ ବେଳେ ରାଜସ୍ୱ କର୍ମଚାରୀ ବିରୋଧର ସମ୍ମୁଖୀନ

# ୨୫ ବର୍ଷ ହେଲା ପଟ୍ଟା ମିଳିଛି, ଜାଗା ଚିହ୍ନଟ ହୋଇପାରୁନି

**ଲୋଇସିଂହା,୨୩।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଅନ୍ତର୍ଗତ ବଡଟିକା ଗ୍ରାମର ପ୍ରାୟ ୨୭ଜଣ ଅନୁସୂଚୀତ ଜାତି ଓ ଜନଜାତିର ଭୂମିହୀନ ପରିବାରକୁ ତହସିଲ ପକ୍ଷରୁ ୨୫ ବର୍ଷ ତଳୁ ପଟ୍ଟା ଯୋଗାଇ ଦିଆଯାଇଛି । ହେଲେ ଜାଗା ଚିହ୍ନଟ ହୋଇପାରିନାହିଁ। ଫଳରେ ଏହି ଭୂମିହୀନ ପରିବାର ଆବାସ ଯୋଜାନରୁ ବଞ୍ଚିତ ରହିଛନ୍ତି। ଗତ ୨୦ ତାରିଖ ସ୍ଥାନୀୟ ଆରଆଇ ଏବଂ ଅମିନ ଡିମାର୍କେସନ କରି ଜମି ଚିହ୍ନଟ ପାଇଁ ବଡଟିକା ଯାଇଥିଲେ। ହେଲେ ଗ୍ରାମର ଜୟସିଂ ପଧାନ, ସାଗର ପଧାନ, ଭାସ୍କର ପଧାନ ଏବଂ ସରୋଜ ପଧାନ ପ୍ରମୁଖ ବିରୋଧ କରିବା ଯୋଗୁ ଜାଗା ଚିହ୍ନଟରେ ବାଧା ସୃଷ୍ଟି ହୋଇଥିଲା ।

ସୋମବାର ଲୋଇସିଂହା ବ୍ଲକରେ ଅନୁଷ୍ଠିତ ଜନ ଶୁଣାଣି ଶିବିରକୁ ପଟ୍ଟାଧାରୀ ଆସି ଆବଶ୍ୟକ ପଦକ୍ଷେ ନେବାକୁ ଜିଲାପାଳ ଅରିନ୍ଦମ ଡାକୁଆ ଏବଂ ଏସ୍‌ପି କେ.ସିବା ଶୁବ୍ରମଣ୍ୟମଙ୍କଠାରେ ଲିଖିତ ଭାବେ ଫେରାଦ ହୋଇଥିଲେ। ଅଭିଯୋଗ ମତେ, ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ବଡଟିକା ଗ୍ରାମର ଅଲେଖ ପୁଟେଲ, ଚତୁର୍ଭୁଜ କୁଦେଇ, ନିର୍ମଳ ବରିହା, ମଦନ ନାଏକ, କୁଶ ପଧାନ, ହେମନ୍ତ କୁମ୍ଭାର, ଦ୍ୱାରୁ ଜାଲ, ଭୀମସେନ ନାଏକଙ୍କ ସମେତ ୨୭ ଜଣ ବ୍ୟକ୍ତିଙ୍କୁ ୨୨।୧୦।୧୯୯୨ ମସିହାରୁ ତହସିଲ ପକ୍ଷରୁ ପଟ୍ଟା ଦିଆଯାଇଛି । ଖତିୟାନ ୨୭୩/୩୩ରେ ସଂପୃକ୍ତ ବ୍ୟକ୍ତିଙ୍କୁ ଘର ଉପଯୋଗୀ ୪ ଡେସିମିଲ ଜମି ପ୍ରଦାନ କରାଯାଇଛି । ହେଲେ ଅଦ୍ୟାବଧି ଜମି ଚିହ୍ନଟ କରାଯାଇ ନାହିଁ । ଏହାକୁ ନେଇ ସଂପୃକ୍ତ ପଟ୍ଟାଧାରୀ ତାଲିକାରେ ନାମ ଥାଇ ସୁଦ୍ଧା ସରକାରୀ ଆବାସ ଯୋଜାନରୁ ଉପେକ୍ଷିତ ହୋଇ ଆସୁଛନ୍ତି। ପଟ୍ଟାଧାରୀଙ୍କ ଅନେକ ଦାବି ପରେ ଚଳିତ ମାସ ୨୦ ତାରିଖ ଆରଆଇ ଏବଂ ଅମିନ ଜମି ଚିହ୍ନଟ ପାଇଁ ଯାଇଥିଲେ । ଜମି ମାପଚୁପ ବେଳେ ସଂପୃକ୍ତ ଜମି ସୀମାରେ ଥିବା କେତେକ ରୟତି ଜମି ମାଲିକମାନେ ପ୍ରବଳ ବିରୋଧ କରିଥିଲେ । ଫଳରେ ଜମି ଚିହ୍ନଟ ହୋଇ ପାରି ନ ଥିଲା । ଏହାକୁ ନେଇ ପଟ୍ଟାଧାରୀଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଉଭୟ ପକ୍ଷ ମଧ୍ୟରେ ଛକାପଞ୍ଝା ଲାଗି ରହିଛି । ଏହାକୁ ନେଇ ଗ୍ରାମରେ ଅଭାବନୀୟ ପରିସ୍ଥିତି ଆଶଙ୍କା କରାଯାଉଛି । ପୋଲିସ ସୁରକ୍ଷାବଳୟରେ ଜାଗା ଚିହ୍ନ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ସରକାର ଦେଇଥିବା ପଟ୍ଟାକୁ ଫେରାଇବାକୁ ବାଧ୍ୟ ହେବେ ବୋଲି କ୍ଷମା ଦଳପତି କହିଛନ୍ତି।



ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରକୁ ଫେରାଦ ହେବାକୁ ଆସିଥିବା ବଡଟିକା ଗ୍ରାମର ପଟ୍ଟାଧାରୀ।

### ୩ କୁଇଣ୍ଟାଲ ୭୫ କେଜି ଆଲୁମିନିୟମ ଖଣ୍ଡ ଜବତ, ୨ ଗିରଫ

**ଦେଓଗାଁ,୨୩।୭(ଡି.ଏନ.ଏ)**

ଦେଓଗାଁ ଥାନା ଅନ୍ତର୍ଗତ ରାଏପାଲିରୁ ସାଗରପାଲି ମଧ୍ୟରେ ୫କି.ମି. ପର୍ଯ୍ୟନ୍ତ ବିଦ୍ୟୁତ୍ ତାର ଚୋରିର ପର୍ଦ୍ଦାଫାଶ କରିଛି ଦେଓଗାଁ ପୋଲିସ। ମଙ୍ଗଳବାର ବଲାଙ୍ଗୀର ସୁଦପଡା (ଚଟିଆପଡା)ରେ ୨ଟି ଘର ଉପରେ ପୋଲିସ ଚଢ଼ାଉ କରିଥିଲା। ଦେବା ରାଓଙ୍କ ଘରୁ ୬୭ ଖଣ୍ଡ ତରଳା ଯାଇଥିବା ଆଲୁମିନିୟମ (ଇଟା ସାଇଜ) ଓ ଏଲ.କ୍ରୀଷ୍ଣାଙ୍କ ଘରୁ ୨୪ଟି ଆଲୁମିନିୟମ ଖଣ୍ଡ ଜବତ କରାଯାଇଥିଲା। ଏ ଦୁହିଁଙ୍କୁ ପୋଲିସ ଗିରଫ କରିଛି। ମୋଟ ୯୧ ଖଣ୍ଡ ଆଲୁମିନିୟମର ଓଜନ ୩ କୁଇଣ୍ଟାଲ ୭୫ କେଜି। ଏହାର ଆନୁମାନିକ ବଜାର ମୂଲ୍ୟ ୧ଲକ୍ଷ ୮୦ ହଜାର ଟଙ୍କା ହେବ। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା ରୁଜୁ କରା ଯାଇଛି। ଚଳିତ ମାସ ୨୨ ତାରିଖରେ ରାଏପାଲିରୁ ସାଗରପାଲି ମଧ୍ୟରେ ୫କି.ମି. ପର୍ଯ୍ୟନ୍ତ ହାରାହାରି ୧୦ଲକ୍ଷ ଟଙ୍କାର ଆଲୁମିନିୟମ ତାର ଚୋରି ହୋଇଯାଇଥିବା ତୁଷୁରା ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ସଞ୍ଜୀବ ପାଢ଼ୀ ଦେଓଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ଜବତ ସାରର ନମୁନା ସଂଗ୍ରହ, ପୁଣି ସିଲ୍ ହେଲା ଗୋଦାମ

**ସଇଁତଲା,୨୩।୭ (ଡି.ଏନ.ଏ.)**

ସଇଁତଲା କୃଷି ବିଭାଗ ତରଫରୁ ସୋମବାର ସନ୍ଧ୍ୟାରେ ବେଆଇନ ଭାବେ ୫୬୦ ବସ୍ତା ନବରତ୍ନ ଡିଏପି ସାର ଗଚ୍ଛିତ ଥିବା ଏକ ଗୋଦାମ ଗୃହକୁ ସିଲ୍ କରାଯାଇଥିଲା । ଚଢ଼ାଉ ସମୟରେ ଉକ୍ତ ସାର ଗୋଦାମ ମାଲିକ ଆଶିଷ ଅଗ୍ରୱାଲ କହିଥିଲେ ଯେ, ଏହା ତାଙ୍କର ନୁହେଁ। ତାଙ୍କର ଜଣେ ବନ୍ଧୁଙ୍କର। ଟ୍ରକ୍ ଦୁର୍ଘଟଣା ହେବାରୁ ତାଙ୍କ ଗୋଦାମରେ ରଖାଯାଇଛି। ଏଣୁ ଏଥିରେ କେତେ ସତ୍ୟତା ଅଛି ତାହା ଜାଣିବାକୁ ମଙ୍ଗଳବାର କୃଷି ବିଭାଗର ଅଧିକାରୀଙ୍କ ସହ ଜିଲା କୃଷି ବିଭାଗର ସାଇଣ୍ଟିଫିକ ଟିମ୍ ଉକ୍ତ ଗୋଦାମକୁ ଯାଇ ସାରର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି। ଅନ୍ୟ ପକ୍ଷରେ ଗୋଦାମ ମାଲିକ କୃଷି ବିଭାଗକୁ ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ପୁଣିଥରେ ଗୋଦାମକୁ କୃଷି ବିଭାଗ ତରଫରୁ ସିଲ୍ କରି ଦିଆଯାଇଛି । ଯଦି ଗୋଦାମ ମାଲିକ ଅଗ୍ରୱାଲ ସାରର ସମସ୍ତ କାଗଜପତ୍ର ସହିତ କେଉଁ ଟ୍ରକ୍ କେବେ ଓ କେଉଁଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ତାହାର ସମସ୍ତ ବିବରଣୀ ଦାଖଲ କରି ନ ପାରିବେ ତେବେ ଉକ୍ତ ସାରକୁ ପ୍ୟାକ୍ସ ମାଧ୍ୟମରେ ଚାଷୀଙ୍କୁ ବିକ୍ରି କରାଯିବ। ବିକ୍ରି ବାବଦ ଟଙ୍କା ଜିଲାପାଳଙ୍କ ନିକଟରେ ଦାଖଲ କରାଯିବ ବୋଲି ସଇଁତଲା କୃଷି ଅଧିକାରୀ ନିଶାନ୍ତ ଦାସ କହିଛନ୍ତି।

### ସଡ଼କ ଦୁର୍ଘଟଣାରେ ଅଧ୍ୟାପିକା ମୃତ

**ବରଗଡ଼ ଅଫିସ୍/ଘେଁସ୍‌ା,୨୩।୭**

ବରଗଡ଼ ଜିଲା ମେଲଛାମୁଣ୍ଡା ଥାନା ପେଟୁପାଲି ନିକଟରେ ମଙ୍ଗଳବାର ପୂର୍ବାହ୍ନରେ ସଡ଼କ ଦୁର୍ଘଟଣାରେ ବରଗଡ଼ ପଞ୍ଚାୟତ କଲେଜ ଅଧ୍ୟାପିକା କିରଣବାଳା ଦାଶ(୨୫)ଙ୍କ ମୃତ୍ୟୁ ହୋଇଛି । ଅଧ୍ୟାପିକା ଦାଶ ଓ ଅନ୍ୟ ଦୁଇ ଜଣ ଏକ ବାଇକ୍ ଯୋଗେ ବାଟଡେର୍ମାସ୍ଥିତ ମାଉଲୀ ମନ୍ଦିରକୁ ଯାଉଥିଲେ। ବାଇକ୍ ଆଗକୁ ୨ଟି ବଳଦ ଚାଲି ଆସିବାରୁ ସମସ୍ତେ ପଡ଼ି ଯାଇଥିଲେ। ଜିଲା ମୁଖ୍ୟ ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ବେଲପଡା-ତୁରେକେଲା ବ୍ଲକର ବିଜ୍ଞାନ ଶିକ୍ଷକ ସମ୍ମିଳନୀ

# ବିଜ୍ଞାନ ପ୍ରତି ଛାତ୍ରୀଛାତ୍ରଙ୍କ ଆଗ୍ରହ ସୃଷ୍ଟି କରାଯାଉ



ସମ୍ମିଳନୀରେ ଉପସ୍ଥିତ ବିଜ୍ଞାନ ଶିକ୍ଷକ।

**ବେଲପଡା,୨୩।୭(ଡି.ଏନ.ଏ.)**

ବେଲପଡା ଡିଆର ମେହେର ହାଇସ୍କୁଲଠାରେ ମଙ୍ଗଳବାର ବିଜ୍ଞାନ ଶିକ୍ଷକଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେଲପଡା ବ୍ଲକର ୨୪ଟି ଓ ତୁରେକେଲା ବ୍ଲକର ୨୩ ହାଇସ୍କୁଲର ୭୦ଜଣ ବିଜ୍ଞାନ ଶିକ୍ଷକ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ମନରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ଶିକ୍ଷକମାନଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ଏଥିରେ ମତ ପ୍ରକାଶ ପାଇଛି। ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା, ଜିଲା ବିଜ୍ଞାନ ତତ୍ୱାବଧାରକ ନୀଳମଣି ପଟେଲ, ସନାତନ ଠାକୁର, ବେଲପଡା ବ୍ଲକ ଶିକ୍ଷାଧିକାରୀ ବୈକୁଣ୍ଠନାଥ ଶବର, ତୁରେକେଲା ବ୍ଲକ ଏବିଇଓ ଫକିର ବିଶି, ବିଭୁଦତ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ସୁଲେକେଲା ଧରମସିଂ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ପଦ୍ମପୁଖ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ ପୂର୍ବକ ସଭା ପରିଚାଳନା କରିଥିଲେ । ବେଲପଡା ବ୍ଲକ ବିଜ୍ଞାନ ସଂଯୋଜକ କିଶୋର କୁମାର ବେହେରା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଝରନୀ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଆଶିଷ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶ୍ୟାମ କଅଁର, ବାସୁଦେବ ପାଢୀ, ରଶ୍ମି ମେହେର, ବିଶ୍ୱମ୍ଭର ବୁଡେକ, ପ୍ରଭାକର ସାହୁ, କୁଶଧ୍ୱଜ ମେହେର ଯୋଗ ଦେଇଥିଲେ ।

# ଶଜନା ଗଛରୁ ଶାଗ ତୋଳିବା କାଳ ହେଲା

**ବେଲପଡା,୨୩।୭(ଡି.ଏନ.ଏ.)**

ବେଲପଡା ଥାନା କାନୁଟ ଗ୍ରାମରେ ମଙ୍ଗଳବାର ଶଜନା ଗଛରୁ ଶାଗ ତୋଳିବା ଜଣେ ବ୍ୟକ୍ତିଙ୍କ ପାଇଁ କାଳ ହୋଇଛି। ସକାଳ ୮ଟାରେ ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସାଧୁ ନାଏକ (୫୦)ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ନିଜ ଘର ବାଡିପଡେ ସଜନା ଗଛରୁ ଶାଗ ତୋଳୁଥିବାବେଳେ ଏହି ଅଘଟଣ ଘଟିଛି। ଗଛ ଉପରେ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସେ ତଳେ ସଜ୍ଞାହୀନ ହୋଇ ପଡିଥିଲେ । ପରିବାର ଲୋକେ ବେଲପଡା ଡାକ୍ତରଖାନାକୁ ଆଣିଥିଲେ । ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ସାଧୁ ଜଣେ ଦିନ ମଜୁରିଆ। ତାଙ୍କ ବୃଦ୍ଧା ମାଁ , ବିଧବା ସ୍ତ୍ରୀ ଓ ପୁଅ ଭାଙ୍ଗି ପଡିଛନ୍ତି।

ମହାଲିଙ୍ଗକଟାର ବାରମ୍ବାର ନିଲାମ ବାତିଲକୁ ପ୍ରତିବାଦ

# ବ୍ଲକ ପ୍ରଶାସନର ଦ୍ୱାରସ୍ଥ ସତିଘାଟ ଗ୍ରାମବାସୀ

**ଦେଓଗାଁ,୨୩।୭ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଡୁମେରପିଟା ପଞ୍ଚାୟତ ସତିଘାଟର ମହାଲିଙ୍ଗକଟା ବନ୍ଧର ନିଲାମକୁ ବାରମ୍ବାର ବାତିଲ କରାଯିବାକୁ ନେଇ ଗାଁରେ ଅସନ୍ତୋଷ ଦେଖା ଦେଇଛି । ଏହାର ପ୍ରତିବାଦରେ ମଙ୍ଗଳବାର ଗାଁର ଶତାଧିକ ଗ୍ରାମବାସୀ ଦେଓଗାଁ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇ ଗାଁବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ନିଲାମ ଡକାଯିବାକୁ ଦାବି କରିଛନ୍ତି । ଏହି ବନ୍ଧ ନିଲାମ ପାଇଁ ବ୍ଲକ ତରଫରୁ ପଞ୍ଚାୟତରେ ଗତ ଜୁନ ମାସ ୨୧ ତାରିଖରେ ନିଲାମ ତାରିଖ ଧାର୍ଯ୍ୟ ହୋଇଥିଲା । ହେଲେ ଝାମେଲା ସୃଷ୍ଟି ହେବାରୁ ନିଲାମକୁ ବାତିଲ କରି ବ୍ଲକ କାର୍ଯ୍ୟାଳୟରେ ଜୁଲାଇ ୮ ତାରିଖରେ ନିଲାମ କରିବା ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା । ହେଲେ ତାହାକୁ ମଧ୍ୟ ବାତିଲ କରି ୧୧ ଦିନ ଘୁଞ୍ଚାଇ ଦିଆଗଲା। ପୁନଶ୍ଚ ମଙ୍ଗଳବାର ନିଲାମ କରାଯିବ ବୋଲି ବ୍ଲକ ପ୍ରଶାସନ ତରଫରୁ ନୋଟିସ କରାଯାଇଥିଲା । ଏଣୁ ଗାଁ ଲୋକେ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ହେଲେ ଏବେ ନିଲାମ ହୋଇପାରିବ ନାହିଁ ବୋଲି ପଞ୍ଚାୟତ ଅଧିକାରୀ ମନା କରି ଦେଇଥିଲେ। ଏଣୁ ସେଠାରେ ଉପସ୍ଥିତ ଥିବା ଗାଁର ସଂଯୁକ୍ତା ଗଡତ୍ୟା, ଅବଧୂତ ବରିହା, ଅଶୋକ ଗଡତ୍ୟା, ବିଲେଇ ଗଡତ୍ୟା, ବଶିଷ୍ଠ ଗଡତ୍ୟା, ଟଙ୍କ ବରିହା, ପୁରନ୍ଦର ମେହେର, କଳାବତୀ ମନହିରା, ଶ୍ୟାମ ପୋଡ଼ ପ୍ରମୁଖ ଉଦ୍‌ବେଗ ପ୍ରକାଶ କରିଛନ୍ତି । ପଞ୍ଚାୟତର ସମ୍ପତ୍ତିକୁ ନିଲାମରେ କିଛି ବ୍ୟକ୍ତି ବାଧା ଦେବା ଓ ବ୍ଲକ ପ୍ରଶାସନ ଏହାର ତ୍ୱରିତ ସମାଧାନ ନ କରିବା ଏକ ପରିତାପର ବିଷୟ ବୋଲି ଗାଁ ଲୋକେ ଅଭିଯୋଗ କରିଛନ୍ତି। ଏନେଇ ବିଡିଓ ବେର୍ଣ୍ଣାଦେତ ଲାକ୍ରାଙ୍କୁ ପଚାରିବାରୁ ଉକ୍ତ ଗ୍ରାମରେ ବନ୍ଧ ନିଲାମକୁ ନେଇ ଦୁଇ ଗୋଷ୍ଠି ଝାମେଲା କରୁଛନ୍ତି । ହାଇକୋର୍ଟରେ ମାମଲା ବିଚାର ଚାଲିଥିବାରୁ ନିଲାମକୁ ସ୍ଥଗିତ କରାଯାଇଛି। ତଥାପି ସମସ୍ୟା ସମାଧାନ ଦିଗରେ ଚେଷ୍ଟା କରିବେ ବୋଲି କହିଥିଲେ।


ମହାଲିଙ୍ଗକଟାର ନିଲାମ ବାତିଲ ପ୍ରତିବାଦରେ ସତିଘାଟ ଗ୍ରାମବାସୀ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।

# ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ

**ବଲାଙ୍ଗୀର ଅଫିସ,୨୩।୭**

ବଲାଙ୍ଗୀର ଟାଉନହଲଠାରେ ଭାରତୀୟ ମଜଦୁର ସଂଘର ୬୪ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ବଲାଙ୍ଗୀର ଶାଖା ପକ୍ଷରୁ ପାଳନ କରାଯାଇଛି। ସଂଘ ଜିଲା ସଭାପତି ଅନଙ୍ଗ ଠାକୁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାକୁ ସହକାରୀ ଶ୍ରମ କମିଶନର ସରୋଜ କୁମାର ରଞ୍ଜିତ ଉଦ୍‌ଘାଟନ କରିଥିଲେ । ସଂଘର ରାଜ୍ୟ ସମ୍ପାଦକ ଅରୁଣ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ଶିବ ନାରାୟଣ ପୁରୋହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ରାଜ୍ୟ ସମ୍ପାଦକ ସାହୁ ଭାରତୀୟ ମଜଦୁର ସଂଘ ସମ୍ପର୍କରେ କହିବା ସହ ବିଭିନ୍ନ ସମସ୍ୟା ଓ ସଂଘର ଉପଲବ୍ଧି ଉପରେ କହିଥିଲେ । ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ମିଶ୍ର ସଂଘର ଲକ୍ଷ୍ୟ ଉପରେ କହିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ କର୍ମଚାରୀ ସଂଘ, ସଙ୍ଗଠିତ ଓ ଅଣସଙ୍ଗଠିତ ଟ୍ରେଡ୍ ୟୁନିୟନ, ଆଶା ସାଥୀ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ସଂଘର କର୍ମକର୍ତ୍ତା ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଲୱେ ୱାର୍କର୍ସ ଆସୋସିଏସନର ସନ୍ତୋଷ କୁମାର ସୁନା, ୟୁଟିୟୁବି ବଲାଙ୍ଗୀର ସଭାପତି ବିଭୁଦତ୍ତ ମିଶ୍ର, ବଡମାଲ ଓଡିନାନ୍ସ ଫେକ୍ଟ୍ରି ୱାର୍କସ ଆସୋସିଏସନର ଉପସଭାପତି ବାଦଲ ମହାରଣା, ଅରୁଣ ପଟେଲ, ସିଏଫ୍‌ସି ମେମ୍ବର ପ୍ରତିରକ୍ଷା ମଜଦୁର ସଂଘର ପ୍ରକାଶ ମହାପାତ୍ର, ଉପସଭାପତି ଓଡିଶା ଆଶା। ଆସୋସିଏଶନର ସ୍ୱପ୍ନରାଣୀ ମିଶ୍ର, ହରିହର ସିଂ ବିନୋଦିନି ପଟେଲ, ଶ୍ରଦ୍ଧାଞ୍ଜଳି ନନ୍ଦ, ମୀନା ପଟେଲ, ଗୋପବନ୍ଧୁ ଶତପଥି ମଞ୍ଚାସୀନ ଥିଲେ।

ଦ୍ୱିତୀୟ ଅଧିବେଶନରେ ଶ୍ରମିକ ସଙ୍ଗଠନରେ ଜଡିତ ରହି ଉତ୍ତମ କାର୍ଯ୍ୟ ପ୍ରଦର୍ଶନ କରିଥିବା କୃତି ଶ୍ରମିକମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସମ୍ମାନ କାର୍ଯ୍ୟକ୍ରମରେ ପଶ୍ଚିମ ଓଡିଶାର ବିଏମ୍‌ଏସ ପ୍ରଭାରୀ ସୁରେନ୍ଦ୍ର କୁମାର ରାୟ, ଜିଲା ସଭାପତି ଅନଙ୍ଗ ଠାକୁର, ଅରୁଣ କୁମାର ସାହୁ ଗୋପବନ୍ଧୁ ଶତପଥି ଏବଂ ଶିବ ନାରାୟଣ ପୁରୋହିତ କୃତି ଶ୍ରମିକମାନଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ଅବସରପ୍ରାପ୍ତ ମହିଳା ସୁପରଭାଇଜର ସତ୍ୟଭାମା ସ୍ୱାଇଁ, ଆଭାମୟୀ ପୁରୋହିତ, ଆଗଲପୁର ବ୍ଲକର ପୂର୍ଣ୍ଣଚନ୍ଦ୍ର ମୁଣ୍ଡା, ଗୋବିନ୍ଦ ବାଗ, ଧନଞ୍ଜୟ ସାହୁ, ପ୍ରହଲ୍ଲାଦ ମୁଣ୍ଡା, ଜଗଦୀଶ ସାହୁ, ଥବୀର ସାହୁ ଓ ଅଙ୍ଗନୱାଡି କର୍ମୀ ନିରୁପମା ସରାଫଙ୍କୁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲାର ଶତାଧିକ ଶ୍ରମିକ ଯୋଗଦାନ କରିଥିଲେ।



ବଲାଙ୍ଗୀର ଟାଉନହଲରେ ଭାରତୀୟ ମଜଦୁର ସଂଘର ୬୪ତମ ପ୍ରତିଷ୍ଠା ଦିବସ ଅବସରରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କର ଟ୍ୱିଟ

# ସମସିଆର ସମାଧାନ ଲାଗି ଦେଲେ ନିରଦେଶ

**ଲାଠୋର, ୨୩।୭ (ଡି.ଏନ୍.ଏ)**

ଧରିତ୍ରୀ ପ୍ରଭାବ

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ପଁଚେତ୍ ସଦର କଲୋନୀପଡ଼ା ଆର ପିପଲବାହାଲ ଗାଁର ଦୁଇଟା ଖବର ଗଲା ୧୯ ଆର ୨୦ ତାରିଖ୍‌ରେ ବାହାରିଥିଲା। ଇ ଖବର ଦୁଇଟାକେ ଗୁରୁତ୍ ଦେଇ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଜିଲାପାଳଙ୍କୁ ସମସିଆର ସମାଧାନ ଲାଗି ଟ୍ୱିଟ କରି ନିରଦେଶ ଦେଇଛନ୍। ଇ ଘଟନା ବାବ୍‌ଦେ ବରଗଡ଼ ଜିଲା ୟୁଥ ଏଗେଁଷ୍ଟ କରପ୍‌ସନ ସଂଘ ତରଫୁ ସୂଚନା ମିଳିଛେ। ଗଲା ୧୯ ଆର ୨୦ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ‘ଭଙ୍ଗା ଇନ୍ଦିରା ଆବାସ ଘରେ ପରିବାର’ ଆର ‘୩ ବଛର ହେଲା ଖଟେ ପଡ଼ିଛନ୍ ପକ୍ଷାଘାତ ରୁଗୀ’ ଶୀରଷକ୍‌ରେ ଖବର ବାହାରିଥିଲା। ଧରିତ୍ରୀର ଇ ଖବର ଦୁଇଟାକେ ନେଇ ବରଗଡ଼ ଜିଲା ଯୋଖିପାଲି ଗାଁର ୟୁଥ୍ ଏଗେଁଷ୍ଟ କରପ୍‌ସନ ସଂଘ ମୁଖ୍ୟମନ୍ତ୍ରୀଙ୍କୁ ଟ୍ୱିଟ କରି ଦୁଇ ଦୁଖି ପରିବାରକେ ସାହାଯ୍ ଯୁଗେଇ ଦେବାକେ ନିବେଦନ କରିଥିଲା। ଘଟନାକେ ଗୁରୁତ୍ ଦେଇ ମୁଖ୍ୟମନ୍ତ୍ରୀ ଟ୍ୱିଟ କରି ବଲାଙ୍ଗୀର ଜିଲାପାଳଙ୍କୁ ସମସିଆର ସମାଧାନ ଲାଗି ନିରଦେଶ ଦେଇଥିଲେ। ସେନ୍‌ତା ବଲାଙ୍ଗୀର ଜିଲାପାଳଙ୍କର ନିରଦେଶରେ ଖପ୍ରାଖୋଲ ବିଡିଓ ତରଣୀ ସୁନା, ଜିପିଇଓ ସୁଶାନ୍ତ ପାଣି ଆର ଲାଠୋର ପଁଚେତ୍‌ର ସରପଁଚ୍ ପ୍ରବୀଣ କୁମାର ଅଗ୍ରୱାଲ ୨୨ ତାରିଖ ପକ୍ଷାଘାତରେ ପୀଡ଼ିତ ରୁକରାମ ତାଣ୍ଡିଙ୍କର ଘରେ ପୁହୁଁଚିଥିଲେ। ସେଠାନେ ସରକାରୀ ଅଧିକାରୀମାନେ ରୁକରାମଙ୍କୁ ରେଡକ୍ରସରୁ ୨୦ ହଜାର ଟଁକା ସାହାଯ୍ ଦେବାର ସଂଗେ ବହୁତ ଜଲଦି ବଲାଙ୍ଗୀର ମେଡିକାଲ କଲେଜ ଡାକ୍‌ତରଖାନାରେ ଚିକିସ୍‌ା ବେବସ୍‌ତା କରାଯିବା ବଲି କଥା ଦେଇଥିଲେ। ସେନ୍‌ତା ଭଂଗା ଇନ୍ଦିରା ଅବାସ ଘରେ ବାସ କରୁଥିବାର କୈଳାଶ ବେଶ୍ରାଙ୍କୁ ଗୁଟେ ନୂତନ ଆବାସ ଘର ଯୁଗେଇ ଦେବାର ଲାଗି ଜିଲାପାଳଙ୍କୁ ରିପୋର୍ଟ ପଠାଯାଇଛେ। ମୁଖ୍ୟମନ୍ତ୍ରୀଙ୍କର ଇ ପଦକ୍ଷେପକେ ଦୁଇ ଗରିବ ପରିବାର ପରଶଁସା କରବାର ସଂଗେ କୃତଜ୍ଞତା ଜନେଇଛନ୍। ସେନ୍‌ତା ତାକର ଦୁଖ ଦୁରଦଶାକେ ଧରିତ୍ରୀ ଖବର କାଗଜ ପରଶାସନର ନଜରକେ ଆନିଥିଲା। ସେଥିରଲାଗି ଇ ଦୁଇ ପରିବାର ଧରିତ୍ରୀ ପରିବାରକେ ବି ଧଏନ୍‌ବାଦ ଜନେଇଛନ୍।


ରୁକରାମଙ୍କୁ ରେଡକ୍ରସରୁ ୨୦ ହଜାର ଟଁକା ସାହାଯ୍ ଦିଆଯାଉଛେ।



ଯାହାର କୌଣସି ମୂଲ୍ୟ ନାହିଁ, ତାକୁ ହିଁ ପାଇବା ପାଇଁ ସମୟେ ସମୟେ ଯେଉଁ ଶକ୍ତି ବ୍ୟୟ ହୁଏ ତାହା ମହାଦୁଃଖଦାୟକ।
- ଆଇନଷ୍ଟାଇନ୍



## ସଂକ୍ଷେପରେ

### ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାକୁ ସରକାରୀ ପ୍ରୋତ୍ସାହନ ମିଳୁ

ରାଉରକେଲା ଅଫିସ,୨୩। ୭
ଆସନ୍ତା ୨୬ରୁ ୩୦ ଯାଏ ଚୀନର ହାରବିଂଠାରେ ୫୩ତମ ଏସିଆ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା (ପୁରୁଷ ଓ ମହିଳା) ଅନୁଷ୍ଠିତ ହେବ। ଇଣ୍ଡିଆନ ବଡି ବିଲ୍ଡିଂ ଓ ଫିଟନେସ ସଂଘ ପକ୍ଷରୁ ଏଥିରେ ଅନ୍ତର୍ଜାତୀୟ ବିଚାରକ ଭାବେ ରାଉରକେଲାର ଆଇନଜୀବୀ ସତ୍ୟବ୍ରତ ଓଝା ଓ ପ୍ରତିଯୋଗୀ ରୂପେ ଅଶୋକ ମାଇତି ଯୋଗ ଦେବେ। ବୁଧବାର ଉପରୋକ୍ତ ୨ ମନୋନୀତ ପ୍ରତିନିଧି ଚୀନ ଯାତ୍ରା କରିବେ। ଏସିଆ ମହାଦେଶର ପ୍ରାୟ ସମସ୍ତ ଦେଶ ଏହି ପ୍ରତିଯୋଗିତାରେ ଭାଗ ନେବେ ବୋଲି ଓଝା ପ୍ରକାଶ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ ଓଝା ବିଚାରକ ରୂପେ ୫ ଥର ବିଦେଶ ଯାତ୍ରା କରିଛନ୍ତି। ତାଙ୍କ ନେତୃତ୍ୱରେ ପ୍ରତିଯୋଗୀ ଅଶୋକ ସଫଳତା ହାସଲ କରିବେ ବୋଲି ବିଭିନ୍ନ ମହଲରେ ଆଶା ବ୍ୟକ୍ତ କରାଯାଇଛି। ତେବେ ଏ ନେଇ ସରକାରଙ୍କ ପ୍ରୋତ୍ସାହନ ରହୁ ନ ଥିବାରୁ ଅନେକ ଏ ଦିଗରେ ଆଗ୍ରହ ପ୍ରକାଶ କରୁ ନାହାନ୍ତି ବୋଲି ଓଝା କହିଛନ୍ତି। ନିଜ ଖର୍ଚ୍ଚରେ ପ୍ରତିଯୋଗୀ ନିଜକୁ ପ୍ରସ୍ତୁତ କରିବା ସହ ବିଦେଶ ଯାଇ ସଫଳତା ପାଇବା କାଠିକର ପାଠ। ଆଗାମି ଦିନରେ ରାଜ୍ୟ ସରକାର ଅନ୍ୟ ଖେଳ ଭଳି ଏ ନେଇ ଆର୍ଥିକ ସହାୟତା ପ୍ରଦାନ କଲେ ବହୁ ପ୍ରତିଯୋଗୀ ଓଡିଶା ପାଇଁ ସୁନାମ ଆଣି ପାରିବେ ବୋଲି ଓଝା ଆଶା ବ୍ୟକ୍ତ କରିଛନ୍ତି।

### ପାଣି ପାଇପ୍‌ରେ ଝୁଣ୍ଟି ବୃଦ୍ଧ ଆହତ



ଲୋକଙ୍କ ଘର ଆଗରେ ଖୋଲାରେ ଜିଆଇ ପାଇପ୍ ବିଛାଯାଇଛି।

କିର୍ମିରା,୨୩।୭(ଡି.ଏନ୍.ଏ.): ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ଝାରମୁରଡ଼ା ପଞ୍ଚାୟତ ଅନ୍ତର୍ଗତ ବ୍ୟସ୍ତବହୁଳ ତଥା ବ୍ୟବସାୟିକ ପେଣ୍ଠସ୍ଥଳୀ ବାଗଡିହି ଗ୍ରାମରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ଅବହେଳା ନଜରକୁ ଆସିଛି। ଜଳଯୋଗାଣ ପ୍ରକଳ୍ପରୁ ଗ୍ରାମରେ ଦୀର୍ଘଦିନ ହେଲା ଜିଆଇ ପାଇପ୍ ବିଛାଯାଇଛି। ହେଲେ ପାଇପ୍‌କୁ ଲୋକଙ୍କ ଘର ସାମନାରେ ରାସ୍ତା ଉପରେ ଖୋଲା ରଖାଯାଇଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି। ମଙ୍ଗଳବାର ସନ୍ଧ୍ୟା ୮ଟାରେ ଗ୍ରାମର ମାଗଦିନ ଶର୍ମା (୮୦) ନିଜ ଘର ସାମନାରେ ବସିଥିବା ବେଳେ ଏକ ନାଗସାପ ବାହାରିଥିଲା। ତାକୁ ଦେଖି ଶର୍ମା ଦୌଡ଼ିବାକୁ ଉଦ୍ୟମ କରୁଥିବା ବେଳେ ପାଇପ୍‌ରେ ଝୁଣ୍ଟି ଗୁରୁତର ଆହତ ହୋଇଛନ୍ତି। ସୌଭାଗ୍ୟକୁ ନିକଟରେ ଲୋକେ ଥିବାରୁ ସାପଠାରୁ ତାଙ୍କୁ ରକ୍ଷା କରିଥିଲେ। ତେବେ ପାଇପ୍ ଅବ୍ୟବସ୍ଥା ନେଇ ଗ୍ରାମବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଏ ସମ୍ପର୍କରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ପଚରାଯିବାରୁ ଯଥାଶୀଘ୍ର ଏହାର ସମାଧାନ କରାଯିବ ବୋଲି କହିଛନ୍ତି।






ରାଉରକେଲା ଏସ୍‌ଡିଜେଏମ୍‌ଙ୍କ ବଦଳି ଦାବି କରି ମଙ୍ଗଳବାର ଓକିଲ ସଂଘ କର୍ମକର୍ତ୍ତା କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି (ବାମ। ରାଉରକେଲାରେ ସ୍ୱେରେଜ ଲାଇନ କାମ କରି ପାଉଣା ପାଇ ନ ଥିବା ଶ୍ରମିକମାନେ ମଙ୍ଗଳବାର ବାଲୁଘାଟ ଅଞ୍ଚଳରେ ଥିବା ପ୍ରକଳ୍ପର ଠିକା ସଂସ୍ଥା ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଡ଼ତି।

# ଖାଲି ପଡ଼ିଛି ଗୁରୁତ୍ୱପୂର୍ଣ୍ଣ ପଦ, ପଛରେ ରହିଛି ବିକାଶ

ରାଉରକେଲା ଅଫିସ,୨୩।୭

ରାଜ୍ୟରେ ୫ମ ପାଳି ନବୀନ ସରକାରଙ୍କ ଶାସନ ସତ୍ତ୍ୱେ ଷ୍ଟିଲ୍ ସିଟି ରାଉରକେଲା ଅବହେଳାର ଶିକାର ହୋଇଛି। ସେହି ଦଳର ନେତା ମନ୍ତ୍ରୀ କହନ୍ତି ନବୀନ ବାବୁ ରାଉରକେଲାକୁ ଖୁବ୍ ପସନ୍ଦ କରନ୍ତି। ଏ ନେଇ ତାଙ୍କର ସ୍ୱତନ୍ତ୍ର ଦୃଷ୍ଟି ରହିଛି। ହେଲେ ଏଥିରେ ଆଦୌ ସତ୍ୟତା ନାହିଁ। ସାଧାରଣ ଜନତାଙ୍କ ମନରେ ଭ୍ରମ ସୃଷ୍ଟି କରିବା ହେଉଛି ଏଭଳି ପ୍ରଚାରର ମୂଳ ଆଧାର ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି ଅଭିଯୋଗ କରିଛନ୍ତି। ସେ ଏକ ବିବୃତ୍ତିରେ କହିଛନ୍ତି ଯେ, ସହରର ବିକାଶ କରିବାକୁ ଯେଉଁ ବିଭାଗ ଅଧିକାରୀଙ୍କ ଉପସ୍ଥିତି ଆବଶ୍ୟକ ତାହା ବର୍ଷ ବର୍ଷ ଧରି ପୂରଣ କରାଯାଉନି। ଅନେକ ଅଫିସରେ କାମ ଚଳା ଅଧିକାରୀଙ୍କୁ ନେଇ ଉନ୍ନୟନ କାମ ଚାଲିଛି। ଫଳରେ ମହାନଗର ନିଗମ ଓ ସ୍ମାର୍ଟସିଟି ଆଖ୍ୟା ପାଇଥିବା ଏ ସହରର ବିକାଶ ଆଜି ପଛରେ ପଡିଛି। ରାଉରକେଲା ଅତିରିକ୍ତ ଜିଲାପାଳ ରୂପେ ୟେଦୁଲା ବିଜୟଙ୍କୁ ଦାଇତ୍ୱ ଦିଆଯାଇଛି। ଏକା ସାଙ୍ଗରେ ସେ ମହାନଗର ଆୟୁକ୍ତ ସାଙ୍ଗକୁ ଆରଡିଏ ସେକ୍ରେଟାରୀ ଓ ସ୍ମାର୍ଟ ସିଟି ସିଇଓ ପଦଭାର ସମ୍ଭାଳିବେ। ଏଥି ମଧ୍ୟରୁ ସେ କେଉଁଟିକୁ ଠିକ ଭାବେ ପାଳନ କରିବେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ। ଗତ ୮ ମାସ ହେବ ପିଏ ଆଇଟିଡିଏ ପଦ ଖାଲି ପଡିଛି। ଏପରି ଅବସ୍ଥାରେ ଏହି ବିଭାଗର କାମ କେତେ ସୁରୁଖୁରୁରେ ଚାଲିଥିବ ତାହା ସହଜରେ ଅନୁମାନ କରାଯାଇ ପାରେ। ଏସବୁ ବିଭାଗରେ ଏକ ପ୍ରକାର ସ୍ଥାଣୁତା ଲାଗି ରହିଛି। କେବେ ସୁଦ୍ଧା ଏହି ପଦରେ ଅଧିକାରୀ ନିଯୁକ୍ତ ହେବେ ସେନେଇ କାହା ପାଖରେ ଖବର ସୁଦ୍ଧା ନାହିଁ। ପାନପୋଷ ଉପଜିଲାପାଳଙ୍କ ପଦୋନ୍ନତି ପରେ ସେ କେବଳ ଦାଇତ୍ୱ ନିର୍ବାହ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି। ଅବସର ପରେ ଆରଏଣ୍ଡ ବି ଏକଜିକ୍ୟୁଟିଭ ଇଂଜିନିୟର ପଦ ପୂରଣ କରାଯାଉନି। ଏଠାରେ କନିଷ୍ଠ ଯନ୍ତ୍ରୀମାନେ ସର୍ବେସର୍ବା ପାଲଟିଛନ୍ତି। ସ୍ୱେରେଜ ଲାଇନ କାମ ନେଇ ସହରବାସୀଙ୍କ ମଧ୍ୟରେ କ୍ରୋଧ ଏବେ ଚରମରେ ପହଞ୍ଚିଛି। ସହରସାରା ଖାଲଖମା ଲୋକଙ୍କୁ ଉତ୍ୟକ୍ତ କରୁଛି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟ ଜାରି ରହିଥିବା ବେଳେ ଗତ ଦୁଇ ବର୍ଷ ହେବ ଏହାର ମୁଖ୍ୟଯନ୍ତ୍ରୀ ପଦ ଖାଲି ପଡ଼ିଛି। ଏମିତି ଅବସ୍ଥାରେ କାହା ନିର୍ଦ୍ଦେଶରେ ଓ କେଉଁ ଢଙ୍ଗରେ କାର୍ଯ୍ୟ କରାଯାଉଥିବ ତାହା ସହଜରେ ଅନୁମାନ କରାଯାଇ ପାରେ ବୋଲି ସେନାପତି ଆକ୍ଷେପ କରିଛନ୍ତି। ପ୍ରାୟ ୩ଶହ କୋଟିର ଏହି ପ୍ରକଳ୍ପର ଠିକ କାର୍ଯ୍ୟକାରିତା ନେଇ ବିଭିନ୍ନ ସମୟରେ ପ୍ରଶ୍ନ ଉଠାଯାଇଛି। ଅବହେଳା ପ୍ରତିବାଦରେ ବହୁ ସଂଘ ସଂଗଠନ ସ୍ୱର ଉତ୍ତୋଳନ କରିଛନ୍ତି। ତଥାପି ପରିସ୍ଥିତିରେ ସୁଧାର ଆସି ପାରନି। ଆରଏମସିରେ ଆବଶ୍ୟକ ପଦ ପୂରଣ କରାଯାଉ ନ ଥିବାରୁ ଅନେକ କ୍ଷେତ୍ରରେ ଅଚଳାବସ୍ଥା ଲାଗି ରହିଛି। ସରକାର କେବଳ ପ୍ରତିଶ୍ରୁତିରେ ନିଜ ଦାଇତ୍ୱ ସାରି ବସି ରହିଛନ୍ତି। ଶିଳ୍ପ ସହର ଭାବେ ପରିଚିତ ରାଉରକେଲା ଶ୍ରମ ଦପ୍ତର କାର୍ଯ୍ୟାଳୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦ ପୂରଣ କରାଯାଉନି। ରାଉରକେଲା ସରକାରୀ ଡାକ୍ତରଖାନାରେ ମଞ୍ଜୁରିପ୍ରାପ୍ତ ଡାକ୍ତରଙ୍କ ମଧ୍ୟରୁ ଅର୍ଦ୍ଧେକ ଖାଲି ପଡିଛି। ଏମିତି ଅବସ୍ଥାରେ ରୋଗୀ ସେବା ଭଗବାନଙ୍କ ଭରଷାରେ ଚାଲିବା ଛଡା ଗତି ନାହିଁ ବୋଲି ସେନାପତି ପ୍ରକାଶ କରିଛନ୍ତି। ସହରବାସୀ ବାରମ୍ବାର ବିଜେଡି ନେତୃତ୍ୱାଧୀନ ସରକାରକୁ ବହୁମତ ଦେଇ ଜିତାଇ ଆସୁଛନ୍ତି। ଏଥର ବି ମନ ଊଣା ନ କରି ଅଯାଚିତ ସହଯୋଗ କରିଛନ୍ତି ନବୀନ ବାବୁଙ୍କୁ। ଏହା ସତ୍ତ୍ୱେ ଶିଳ୍ପ ସହର ରାଉରକେଲା ବିକାଶ ସରକାରଙ୍କ ପାଇଁ ଗୌଣ ହେବା ସହରବାସୀଙ୍କୁ ଚକିତ କରିଛି। ଏନେଇ ସରକାର ଆଗାମି ଦିନରେ କି ପଦକ୍ଷେପ ନେଉଛନ୍ତି ତାକୁ ସାଧାରଣ ଜନତାଙ୍କ ଅପେକ୍ଷା ରହିବ ବୋଲି ସେନାପତି ପ୍ରକାଶ କରିଛନ୍ତି।

### ରାଜ୍ୟରେ ବଳାତ୍କାର ବୃଦ୍ଧି ପାଇବା ଚିନ୍ତାଜନକ

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ସାମାଜିକ କର୍ମୀ

ରାଉରକେଲା ଅଫିସ,୨୩।୭
ଅନୁଗୋଳ ସହରର ଜଣେ ୮ବର୍ଷର ନାବାଳିକାଙ୍କୁ ଉଠାଇ ନେଇ ବଳାତ୍କାର କରିବା ପରେ ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଅଳିଆ ଗଦାକୁ ଫିଙ୍ଗି ଦିଆଗଲା। ସେହିଭଳି ସୁନ୍ଦରଗଡ ଜିଲାର ରାଜଗାଙ୍ଗପୁର ଅନ୍ତର୍ଗତ ରାଜଡିହି, ହେମଗିର ଓ ବୀରମିତ୍ରପୁର ଅଞ୍ଚଳରେ ଅନୁରୂପ ଘଟଣା ଘଟିଛି। ଏଣୁ ରାଜ୍ୟରେ ନାରୀ ସମାଜ ଅସୁରକ୍ଷିତ ହୋଇ ପଡିଛନ୍ତି। ଦିନକୁ ଦିନ ବଳାକାର ବଢୁଛି। ଛୋଟ ଶିଶୁଠୁ ଆରମ୍ଭ କରି ବୟସ୍କ ମହିଳା ପର୍ଯ୍ୟନ୍ତ ସମସ୍ତେ ଅସୁରକ୍ଷିତ। ବୁଦ୍ଧିଜୀବୀ ମହଲରେ ଏହା ଚିନ୍ତା ସୃଷ୍ଟି କରିଛି। ପୋଲିସ ତଥା ଆଇନକାନୁନକୁ ଅସାମାଜିକଙ୍କ ଭୟ ରହୁନି। ଏହାକୁ ନେଇ ସାମାଜିକ କର୍ମୀ ଶାନ୍ତନୁ କୁସୁମ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି କଡା ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି। ମାତୃ ଜାତିର ସୁରକ୍ଷା ଆଜି ରାଜ୍ୟବାସୀଙ୍କ ପାଇଁ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି କୁସୁମ କହିଛନ୍ତି। ଭାରତ ଭଳି ମାତୃ ସମ୍ମାନ ରାଷ୍ଟ୍ରରେ ମା ଉଉଣୀଙ୍କ ପ୍ରତି ଏଭଳି ଜଘନ୍ୟ ଆଚରଣ ବରଦାସ୍ତ ବାହାରକୁ ଚାଲି ଗଲାଣି। ଏନେଇ ଦୃଢ ପଦକ୍ଷେପ ନିଆଯିବା ଆବଶ୍ୟକ ରହିଛି। କୋମଳ ମତି ଶିଶୁଙ୍କ ପ୍ରତି ଯେଉଁ ହାରରେ ଅତ୍ୟାଚାର ବଢି ଚାଲିଛି ଏହାକୁ ରୋକା ନ ଗଲେ ଏହା ରାଜ୍ୟବାସୀଙ୍କ ପାଇଁ ଲଜ୍ଜାକର ପରିସ୍ଥିତି ସୃଷ୍ଟି କରିବ। ବଳାତ୍କାର ମୁକ୍ତ ଓଡିଶା ପାଇଁ ନବୀନ ସରକାର ଯଥା ସମ୍ଭବ କଡା ପଦକ୍ଷେପ ନେବା ନିହାତି ଆବଶ୍ୟକ ରହିଛି। ଦୃଢ ଆଇନଗତ ପଦକ୍ଷେପ ସାଙ୍ଗକୁ ବ୍ୟାପକ ସଚେତନତା ଏ ଦିଗରେ ସହାୟକ ହୋଇ ପାରିବ। ଏହା ବ୍ୟତୀତ ରାଜ୍ୟରେ ନିଶା ନିବାରଣ ଜରୁରି ବୋଲି କୁସୁମ ତାଙ୍କ ଚିଠିରେ ମତ ପ୍ରକାଶ କରିଛନ୍ତି। ଆଜିର ଯୁବ ପିଢି ଦିନକୁ ଦିନ ନିଶା ଗ୍ରସ୍ତ ହୋଇ ପଡୁଥିବା ବେଳେ ହିତାହିତ ଜ୍ଞାନ ଭୁଲି ଏଭଳି ବ୍ୟଭିଚାର ଭିଆଇବାକୁ ଆଗଭର ହେଉଛି। ଏଭଳି ସଂଗୀନ ମାମଲାର ମୂଳପ୍ୟାଟନ କରିବାକୁ ହେଲେ ବିଦ୍ୟାଳରୁ ନେଇ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ବାଧତାମୂଳକ ସଂସ୍କାର ଶିକ୍ଷା ପ୍ରଦାନ ବ୍ୟବସ୍ଥା କରାଯାଉ। ରାଜ୍ୟରେ ପ୍ରତ୍ୟକ ଦିନ କେଉଁଠି ନା କେଉଁଠି ଏଭଳି ଲୋମହର୍ଷଣକାରୀ ତଥା ବିଭତ୍ସ ଘଟଣା ବୁଦ୍ଧିଜୀବୀଙ୍କୁ ବ୍ୟଥିତ କଲାଣି। ଘଟଣାକୁ ନେଇ କେବଳ ଦୁଃଖ ପ୍ରକାଶ କରିବା, ତଦନ୍ତ ନିର୍ଦ୍ଦେଶ ଦେବା କିମ୍ବା କ୍ଷତିପୂରଣ ପ୍ରଦାନ କରିବାରେ ପ୍ରତିରୋଧ ସମ୍ଭବ ନୁହେଁ। ଭାରତୀୟ ସଂସ୍କୃତିରେ ନାରୀ ଜାତିକୁ ଯେଉଁ ସମ୍ମାନ ଦିଆଯାଇଛି ତାହାକୁ ପୁନରୁଜ୍ଜିବୀତ ନେଇ ଏଭଳି ଘଟଣାର ପରିସମାପ୍ତି ହେବା ଦରକାର। ଏହା ନ ହେଲେ ଆମ ରାଜ୍ୟ ପାଇଁ ଏହି ନିନ୍ଦନୀୟ ଘଟଣା କଳଙ୍କିତ ଅଧ୍ୟାୟ ସୃଷ୍ଟି କରିବ। ଏପରି ଅବସ୍ଥାରେ ମୁଖ୍ୟମନ୍ତ୍ରୀ ସମସ୍ତ ଘଟଣାକୁ ଗୁରୁତର ଭାବେ ଗ୍ରହଣ କରି ପରବର୍ତ୍ତୀ କଡା ପଦକ୍ଷେପ ପାଇଁ କୁସୁମ ନିବେଦନ କରିଛନ୍ତି।

## ବିଏମ୍‌ଏସ୍‌ର ୬୫ତମ ପ୍ରତିଷ୍ଠା ଦିବସ




ମଙ୍ଗଳବାର ଭାରତୀୟ ମଜଦୁର ସଂଘ (ବିଏମଏସ)ର ୬୫ତମ ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥି।

ରାଉକେଲ ଅଫିସ,୨୩।୭
ରାଉରକେଲା ଇସ୍ପାତ କାରଖାନ କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାର ଭାରତୀୟ ମଜଦୁର ସଂଘ(ବିଏମଏସ)ର ୬୫ତମ ପ୍ରତିଷ୍ଠା ଦିବସ ଏହାର କାର୍ଯ୍ୟାଳୟ ସେକ୍ଟର ୪ ବିଶ୍ୱକର୍ମା ଭବନ ଠାରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ସକାଳ ୬ଟାରେ ବିଏମଏସ ପତାକା ଉତ୍ତୋଳନ ସହ ବନ୍ଦେ ମାତରଂ ଗାନ କରାଯାଇ ଥିଲା। ଏହା ପରେ ୟୁନିୟନ ସଦସ୍ୟ ସେକ୍ଟର- ୨ ବସ ଷ୍ଟାଣ୍ଡ ପରିସରରେ ସଫେଇ ଅଭିଯାନରେ ସାମିଲ ହୋଇଥିଲେ। ୟୁନିୟନର ଶତାଧିକ କର୍ମୀ ଏଥିରେ ସକ୍ରୀୟ ଭୂମିକା ନିର୍ବାହ କରିଥିଲେ। ଏହା ପରେ ଇସ୍ପାତ ଜେନେରାଲ ହସ୍ପିଟାଲଠାରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ୟୁନିୟନ ସଦସ୍ୟ ସ୍ୱେଚ୍ଛାକୃତ ରକ୍ତଦାନ କରିଥିବା ବେଳେ ୩୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସଂଧ୍ୟା ୭ଟାରେ ୟୁନିୟନ କାର୍ଯ୍ୟାଳୟ ପରିସରରେ ଏକ ସାଧାରଣ ସଭା ଆୟୋଜନ କରାଯାଇ ଥିଲା। ଏଥିରେ ବିଏମଏସର ଅଖିଳ ଭାରତୀୟ କାର୍ଯ୍ୟକାରିଣୀ ସଦସ୍ୟ କୃଷ୍ଣଚନ୍ଦ୍ର ମିଶ୍ର ଯୋଗ ଦେଇ ସାଂପ୍ରତିକ ଅବସ୍ଥାରେ ଶ୍ରମିକ ୟୁନିୟନ କାର୍ଯ୍ୟକର୍ତ୍ତାଙ୍କ ଭୂମିକା ଓ ସମାଜ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ହିମାଂଶୁ ବଳ ଧନ୍ୟବାଦ ଦେଇଥିଲେ।

### କୁକୁଡାଫାର୍ମରୁ କାଠ ପଟା, ଦୁଆର ବନ୍ଧ ଜବତ

ପାଟଣାଗଡ,୨୩।୭ (ଡି.ଏନ.ଏ.)
ପାଟଣାଗଡ ଥାନା ଅନ୍ତର୍ଗତ ଭଇଁଷା ନିକଟସ୍ଥ ଏକ କୁକୁଡାଫାର୍ମରୁ ୧୫ ଖଣ୍ଡ ଶାଗୁଆନ ପଟା ଓ ୭୦ଖଣ୍ଡ ଦୁଆରବନ୍ଧକୁ ବନ ବିଭାଗ ଜବତ କରିଛି। ଜବତ କାଠ ଗୁଡିକୁ ବିଳମ୍ବିତ ରାତିରେ ପାଟଣାଗଡ ରେଞ୍ଜ ଅଫିସିକୁ ଅଣାଯାଇଥିଲା। ଏ ସମ୍ପର୍କରେ ଫରେଷ୍ଟର ରିତ ସିଂ ବାବୁଙ୍କୁ ପଚରାଯିବାରୁ କାଠପଟା ଏବଂ ଦ୍ୱାରବନ୍ଧ ପିସ୍‌ଗୁଡିକ କୁକୁଡା ଫାର୍ମ ପାଖରେ ଥିବା ଖୋଲା ପଡିଆରେ ପଡି ରହିଥଲା। ଜବତ କାଠଗୁଡିକର ପ୍ରକୃତ ମାଲିକ କିଏ ଜଣାପଡିନାହିଁ ବୋଲି କହିଛନ୍ତି। ଅନ୍ୟପକ୍ଷରେ ରେଞ୍ଜର ବାସୁଦେବ ନାଥଙ୍କୁ ଯୋଗାଯୋଗ କରିବାରୁ ଜବତ କାଠପଟା ଏବଂ ଦ୍ୱାରବନ୍ଧ ପିସ୍‌ଗୁଡିକ କୁକୁଡାଫାର୍ମ ଭିତରେ ହିଁ ଥିଲା। ଏଥିରେ କୁକୁଡାଫାର୍ମର ମାଲିକଙ୍କ ସଂପୃକ୍ତି ଥାଇପାରେ। ଏକ ମାମଲା ମଧ ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି ପ୍ରକାଶ କରିଛନ୍ତି। ଏଣୁ ରେଞ୍ଜର ଏବଂ ଫରେଷ୍ଟରଙ୍କ ବୟାନରେ ତାଳମେଳ ରହୁ ନ ଥିବାରୁ ସନ୍ଦେହ ସୃଷ୍ଟି ହୋଇଛି।

### ଯାଜ୍ଞସେନୀ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା

## ବନ ମହୋତ୍ସବକୁ ସାର୍ବଜନୀନ କରିବା ଲକ୍ଷ୍ୟ

ରାଉରକେଲା ଅଫିସ,୨୩।୭
ବନ ମହୋତ୍ସବ ପାଳନ ପଛରେ ରହିଥିବା ମହତ ଉଦ୍ଦେଶ୍ୟ ଓ ଏହାର ସଫଳତା ସହ ଏହାକୁ ସାର୍ବଜନୀନ କରିବା ଲକ୍ଷ୍ୟ ନେଇ ସାମାଜିକ ଅନୁଷ୍ଠାନ ଯାଜ୍ଞସେନୀ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଛି। ଏହାକୁ ମାଧ୍ୟମ କରି ପିଲାଙ୍କ ମଧ୍ୟରେ ସେଚେତନତା ସୃଷ୍ଟି ଉଦ୍ୟମ କରାଯାଉଛି ବୋଲି ଅନୁଷ୍ଠାନ ସଂପାଦିକା ମଞ୍ଜୁଳା ପଣ୍ଡା କହିଛନ୍ତି। ଗତ ୨୧ରେ ଅନୁଷ୍ଠାନ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ୬୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସବୁଜ ବୃକ୍ଷ, ଜଙ୍ଗଲ ବଞ୍ଚିଲେ ଆମେ ବଞ୍ଚିବା ଶୀର୍ଷକ ଏହି ପ୍ରତିଯୋଗିତାରେ ୧ମରୁ ୫ମ ଏବଂ ୬ଷ୍ଠରୁ ୯ମ ଦୁଇଟି ଗ୍ରୁପ କରାଯାଇଥିଲା। ବିଚାରକ ଦିଲ୍ଲୀପ ଦାସ ଓ ଶକ୍ତିପଦ ଜେନାଙ୍କ ଉପସ୍ଥିତିରେ ଏହା ଅନୁଷ୍ଠିତ ହୋଇଥିଲା। ଏହାକୁ ପରିଚାଳନା କରିବାରେ ଜୁନାସ୍ମିତା ସ୍ୱାଇଁ, ସାଗରିକା ଜେନା, ସଙ୍ଗତା ବେହେରା, ଅଶୋକ ଜେନା, ରୋଜାଲିନ ଏକ୍କା, ଲିଲି ସୁଜାତା କେର୍କେଟା. ଅଶ୍ୱିନୀ ଜେନାସ ଓ ସିଦ୍ଧାର୍ଥ ଦୀପ ସହଯୋଗ କରିଥିଲେ।

## ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଗଜାମରୁଡ଼ି

### ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ କୃଷକ ସଂଘର ପ୍ରସ୍ତୁତି



କୁଡ଼ାଲୋଇ ରାଜୀବ ଭବନରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଚାଷୀ ପ୍ରତିନିଧି।

ଝାରସୁଗୁଡ଼ା ଅଫିସ/ ଲଖନପୁର,୨୩।୭(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲାରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଧାନଫସଲ ପ୍ରଭାବିତ ହୋଇ ଗଜା ମରୁଡ଼ି ପରିସ୍ଥିତି ଉପୁଜିଛି। ଲଖନପୁର ବ୍ଲକରେ ବର୍ଷାଭାବ ଯୋଗୁ ପରିସ୍ଥିତି ଜଟିଳ ହୋଇଛି। ଶ୍ରାବଣ ମାସ ହେଲାଣି ବର୍ଷାନାହିଁ, ବୈଶାଖ ମାସ ଭଳି ଖରା ହେଉଛି। ଫଳରେ ପାଣି ଅଭାବରୁ ଚାଷଜମି ଫାଟି ଆଁ କଲାଣି। ଏଭଳି ସ୍ଥିତିରେ ଖାଡୁବାବା ସମଡ଼ା ସେବା ସମବାୟ କୃଷକ ସଂଘ ପକ୍ଷରୁ କୁଡ଼ାଲୋଇ ପଞ୍ଚାୟତ ରାଜୀବ ଭବନରେ ସୋମବାର ସଂଘ କର୍ମକର୍ତ୍ତା ବିରଞ୍ଚି ସାହୁଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ୫ ପ୍ରସ୍ତାବ ଗୃହୀତ ହୋଇଛି। ଲଖନପୁର ବ୍ଲକକୁ ମରୁଡ଼ି ପ୍ରଭାବିତ ଘୋଷଣା କରାଯାଉ। ଏହାର ସ୍ଥାୟୀ ପ୍ରତିକାର ପାଇଁ ଜିଲା ଖଣିଜ ପାଣ୍ଠିରୁ ଜଳାଶୟ ପୁନରୁଦ୍ଧାର ସହ ଗଭୀର ନଳକୂପ ଖନନ କରାଯାଉ। ବ୍ଲକ ଅଞ୍ଚଳରେ ରହିଥିବା ୪୯ନଂ ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଏଥିରେ ଚାଷୀ ଓ ଚାଷୀ ପରିବାର ଲୋକେ ପ୍ରଭାବିତ ହେଉଛନ୍ତି। ଏଥିପାଇଁ ପ୍ରଭାବିତ ଚାଷୀଙ୍କୁ ଜିଲା ଖଣିଜ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉ ବୋଲି ଦାବି ରହିଛି। ଏ ନେଇ ଆସନ୍ତା ୨୮ ତାରିଖରେ ଲଖନପୁରଠାରେ ଏକ ବୈଠକ ବସିବ। ଏଥିରେ ବ୍ଲକ ଅଞ୍ଚଳର ଚାଷୀ ପ୍ରତିନିଧି ଯୋଗଦେବେ। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ କୃଷକ ସଂଘର ହେମକାନ୍ତ ବଡ଼େଇ, ଦୟାସାଗର ପ୍ରଧାନ, ହର୍ଷବର୍ଦ୍ଧନ ସାହୁ, ଫକୀର ଖାଁ, ସୁରେଶ ପ୍ରଧାନ, ଟିକେଶ୍ୱର ପ୍ରଧାନ, ସାହୁ ମୁଣ୍ଡା, ସନ୍ତୋଷ ପଟଲେ, ରାହାସ ସାହୁ, ମୁରଲୀ ପ୍ରଧାନ, କୁଳମଣି ସାହୁ, ନନ୍ଦିଘୋଷ ପଟେଲ, ସୁନୀଲ କାଣ୍ଡୁଲାନା, ହଳଧର ସାହୁ, ତୁଳସୀ ସାହୁ, ରାମପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷା, ଜାତିର ବିଚାର ପଦ୍ଧତିରେ ପରିବର୍ତ୍ତନ ଆବଶ୍ୟକ

ରାଉରକେଲା ଅଫିସ,୨୩। ୭



କଲଚରାଲ ଏକାଡେମି ଦ୍ୱାରା ଆୟୋଜିତ ୨୮ତମ ପତ୍ର ପତ୍ରିକା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

ସମ୍ବାଦ ଯେତେବେଳେ ସାଧାରଣ ଜନତାଙ୍କ କଥା କହେ ସେତେବେଳେ ତାହା ଗଣତନ୍ତ୍ର ପଦବାଚ୍ୟ ହୋଇଥାଏ। ବହୁ ବର୍ଷର ସଂଗ୍ରାମ ଦ୍ୱାରା ଆମେ ଏକ ଫଳପ୍ରସୂ ଗଣତନ୍ତ୍ର ବ୍ୟବସ୍ଥାର ଅଧିକାରୀ ହୋଇ ପାରିଛୁ। କଲଚରାଲ ଏକାଡେମି ଦ୍ୱାରା ଆୟୋଜିତ ୨୮ତମ ପତ୍ର ପତ୍ରିକା ଦିବସ ପାଳନ ଅବସରରେ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗ ଅଧାପକ ଡଃ ରମେଶ ମଲ୍ଲିକ ଏଭଳି ମତ ପ୍ରକାଶ କରିଛନ୍ତି। ଏହି ଅବସରରେ ସେ କହିଥିଲେ ଶିକ୍ଷା ଓ ଜାତିର ବିଚାର ପଦ୍ଧତିରେ ପରିବର୍ତ୍ତନ ଆବଶ୍ୟକ। ଏହା ସମ୍ଭବ ନ ହେଲେ ପ୍ରକୃତ ଗଣତନ୍ତ୍ରର ସ୍ୱାଦ ପାଣିଚିଆ ହୋଇ ରହିଥିବ। ଶିକ୍ଷା ଅଧିକାର, ନାରୀ ସ୍ୱାଧୀନତା ଆଦି ଚର୍ଚ୍ଚା ଅପେକ୍ଷା ଆଜିକାଲି ରୋଚକ ସମ୍ବାଦ ପରବେଷଣ ପ୍ରତି ଅଧିକ ଧ୍ୟାନ ଦିଆଯାଉଛି। ସଂସ୍କୃତ ଓ ଭାଷାକୁ ନେଇ ଗର୍ବ କରିବାର ମାନସିକତା ପ୍ରତିଟି ମଣିଷ ଭିତରେ ସୃଷ୍ଟି ହେବା ଦରକାର। ଜନଜାତିରୁ ଜାତି ଓ ଜାତିର ୩୬ ପାଟ ସୃଷ୍ଟି। ସମାଜର ଏଭଳି ବିଚାର ହେତୁ ଏକ ସୁସ୍ଥ ସମାଜ ଗଠନ ହୋଇ ପାରୁନି। ପୁଞ୍ଜିବାଦ ଓ ବିଦ୍ୱେଷ ଭାବ ଗଣତନ୍ତ୍ର ପ୍ରତିବଦ୍ଧତା ଯାହା ମଣିଷକୁ ଏକତ୍ର ପରିବର୍ତ୍ତେ ବିଭେଦ କରୁଛି ବୋଲି ମଲ୍ଲିକ ଏଥିରେ ମତ ପ୍ରକାଶ କରିଥିଲେ। ଏକାଡେମି ସଭାପତି ଡଃ ପ୍ରଭାତ ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ସାଧାରଣ ସଂପାଦକ ଅକ୍ଷୟ ସାମଲ ଏକାଡେମି କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ନବପତ୍ର ମାର୍ଚ୍ଚ ଏପ୍ରିଲ ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ନୃସିଂହ ରାଉତଙ୍କ ଲିଖିତ ଭିତ୍ତି ପ୍ରବନ୍ଧକୁ କେଦାର ପ୍ରଧାନ ପାଠ କରିଥିଲେ। ରାଉରକେଲା ଇସ୍ପାତ କାରଖାନାର ପ୍ରାକ୍ତନ ନିର୍ବାହୀ ନିର୍ଦ୍ଦେଶକ ଭାରତ ଭୂଷଣ ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କହିଲେ ଯେ, ରଉରକେଲା ମାଟିର ଏଭଳି କିଛି ତାତ୍ପର୍ଯ୍ୟ ରହିଛି, ଯାହା ନବ ପତ୍ର ପ୍ରମାଣ ଦେଇଛି। ଜନ ସାଧାରଣ ଯଦି ସଜାଗ ନ ହେଲେ ତେବେ ପୁଞ୍ଜିବାଦର ଶକ୍ତି ଅଧିକ ଆକ୍ରମଣାତ୍ମକ ହେବ। ସଂସ୍କୃତିର ଅବକ୍ଷୟ ଘଟିବ। ଭୂପେନ ମହାପାତ୍ର ଓ ପଶୁପତିନାଥ ଚାଟାର୍ଜୀ। କଲଚରାଲ ଏଡାଡେମି ପ୍ରତିଷ୍ଠାତା ସଦସ୍ୟ ରଜନୀକାନ୍ତ ଦାସଙ୍କ ସାହିତ୍ୟକୃତି ଓ ବ୍ୟକ୍ତିତ୍ୱ ତଥା ତାଙ୍କ ରାଜନୈତିକ ଜୀବନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଗଙ୍ଗାଧର ପୁହାଣ ଓଡିଆ ପତ୍ର ପତ୍ରିକାର ୧ମ ସଂଖ୍ୟା ଗୁଡିକୁ ପ୍ରଦର୍ଶନ କରିଥିଲେ। ଏଥିରେ ଡଃ ଶ୍ରୀକାନ୍ତ ମହାନ୍ତି, ଡଃ କୃପାସିନ୍ଧୁ ନାୟକ, ଡଃ ନଗେନ ଦାସ, କୃଷ୍ଣ ମିଶ୍ର, କେଦାର ପ୍ରଧାନ, ରବି କାନୁନଗୋ, ନୃସିଂହ ରାଉତ, ଗୋକୁଳାନନ୍ଦ ଦାସ, କୈଳାସ ସାବତ, ବିଜୟ ରାୟ, ଅକ୍ଷୟ ପଣ୍ଡା, ବବିତା ମହାପାତ୍ର, ସୁକାନ୍ତ ମହାପାତ୍ର ଓ କିଶୋର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।

- ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ

### ରଷ୍ଟି ଗ୍ରାମର ତଳପଡ଼ାବାସୀ ସୌଭାଗ୍ୟ ଯୋଜନାରୁ ବଞ୍ଚିତ

**ବାଲିଶଙ୍କରା,୨୩।୭(ଡି.ଏନ.ଏ.):** କେନ୍ଦ୍ର ଓ ରାଜ୍ୟ ସରକାର ସୌଭାଗ୍ୟ ଓ ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନା କରି ଗରିବ ଲୋକଙ୍କୁ ବିଜୁଳି ଯୋଗାଇଦେବା ନେଇ ବ୍ୟବସ୍ଥା କରିଛନ୍ତି । ହେଲେ ଠିକାଦାରଙ୍କ ଅବହେଳା ଯୋଗୁ ଗରିବ ଜଣସାଧାରଣ ବିଜୁଳି ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି ବାଲିଶଙ୍କରା ବ୍ଲକ ଦେଓଭୁବନପୁର ପଞ୍ଚାୟତ ରଷ୍ଟି ଗ୍ରାମରେ। ଗ୍ରାମର ତଳପଡାବାସୀ ବିଦ୍ୟୁତ୍ ଯୋଗାଣରୁ ବଞ୍ଚିତ ହୋଇଛନ୍ତି। ଏନେଇ ତଳପଡ଼ାର ୩୦ରୁ ଉର୍ଦ୍ଧ୍ୱ ବିପିଏଲ୍ କମହିଳା, ପୁରୁଷ ହିତାଧିକାରୀ ବାଲିଶଙ୍କରା ବିଡିଓ ଅଭିମନ୍ୟୁ ବେହେରାଙ୍କୁ ଘଟଣା ସଂକ୍ରାନ୍ତରେ ଲିଖିତ ଭାବେ ଜଣାଇଥିଲେ। ଅଭିଯୋଗ ପାଇ ବିଡିଓ ତୁରନ୍ତ ବିଭାଗୀୟ ଅଧିକାରୀଙ୍କୁ ସମସ୍ୟାର ସମାଧାନ କରିବାକୁ କହିଥିଲେ।

### ତେଲ ନଦୀରେ ପୋଲ ନିର୍ମାଣ ଦାବି

**ରିଷିଡା,୨୩।୭(ଡି.ଏନ.ଏ.):** କଳାହାଣ୍ଡି ଜିଲା ରିଷିଡା-ତେରେସିଂହା-ଆମପାଲି ରାସ୍ତା ଉପରେ ତେଲନଦୀରେ ପୋଲ ନିର୍ମାଣ ପାଇଁ ଦାବି ହେଉଛି । ଏହି ପୋଲ ନିର୍ମାଣ ହେଲେ କର୍ଲାମୁଣ୍ଡା ବ୍ଲକ, ଗୁଡଭେଲା, ମ. ରାମପୁର ବ୍ଲକ, ତଥା ବୌଦ୍ଧି ଜିଲା କଣ୍ଟାମାଳ ବ୍ଲକ ଜନସାଧାରଣ ଉପକୃତ ହୋଇପାରିବେ। ପ୍ରକାଶ ଯେ, ତେଲନଦୀ ଉପରେ ଧାନଘରାରେ ପୋଲ ଥିବା ବେଳେ ବେଲଖଣ୍ଡି ନିକଟରେ ତେଲ ନଦୀ ଉପରେ ପୋଲ ନିର୍ମାଣାଧୀନ ରହିଛି।

### ଲଳିତ କଳା ଏକାଡେମୀ ତରଫରୁ ଆଦିବାସୀ ଛାତ୍ର ସମ୍ମାନିତ

**ଭବାନୀପାଟଣା,୨୩।୭(ଡି.ଏନ.ଏ.):** ଆଦିବାସୀ ସଂସ୍କୃତି ଓ ପରମ୍ପରାର ପର୍ବକୁ ନେଇ ଚିତ୍ରକଳା ପ୍ରଦର୍ଶନୀ ପାଇଁ ଛାତ୍ରୀଛାତ୍ରଙ୍କଠାରୁ ରାଜ୍ୟ ଲଳିତ କଳା ଏକାଡେମୀ ଚିତ୍ର କଳା ଆହ୍ୱାନ କରିଥିଲା। ଏଥିରେ କଳାହାଣ୍ଡି ଜିଲା ଥୁଆମୁଳ ରାମପୁରସ୍ଥିତ ଗ୍ରାମ ବିକାଶ ଶିକ୍ଷା ନିକେତନର ଅଷ୍ଟମ ଶ୍ରେଣୀର ଛାତ୍ର ଅଜୟ ମାଝି ଆଦିବାସୀ ସଂସ୍କୃତିର ଏକ ଚିତ୍ର ଆଙ୍କି ଲଳିତ କଳା ଏକାଡେମୀକୁ ପଠାଇଥିଲେ। ଏହି ଚିତ୍ରାଙ୍କନ ଚୟନକର୍ତାଙ୍କ ଦ୍ୱାରା ସ୍ୱୀକୃତୀ ଲାଭ କରିଥିଲା। ଆଦିବାସୀ ଚିତ୍ରକଳା ପ୍ରଦର୍ଶନୀ ଅବସରରେ ଗତ ୧୯ ତାରିଖରେ ଭୁବନେଶ୍ୱରସ୍ଥିତ ରାଜ୍ୟ ସଂସ୍କୃତି ଭବନ ପରିସରରେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ର ଅଜୟ ମାଝିଙ୍କୁ ଏକ ଟ୍ରଫି ସହ ମାନପତ୍ର ଓ ୨ ହଜାର ଟଙ୍କା ପୁରସ୍କାର ସ୍ୱରୂପ ପ୍ରଦାନ କରିଥିଲେ। ଏଥିରେ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ସଚିବ ଉପସ୍ଥିତ ଥିଲେ। ଗ୍ରାମ ବିକାଶ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଶିକ୍ଷାର ବିକାଶ ପାଇଁ ଏହି ଗ୍ରାମ ବିକାଶ ଶିକ୍ଷାନିକେତନ କାର୍ଯ୍ୟ କରି ଆସୁଛି।

## ବେପରୁଆ ଗାଡ଼ି ଚାଳନା

# ଓଲଟିଲା ବିଜୁ ଗାଁ ଗାଡ଼ି

**କୁଆଁରମୁଣ୍ଡା,୨୩।୭(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅଧୀନ କଚାରୁ ପଞ୍ଚାୟତ ସାନଦଲକି ଜଙ୍ଗଲ ରାସ୍ତାରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟାରେ ରାଉରକେଲା-ଅଙ୍କୁରପାଲୀ ଭାୟା କଚାରୁ ଦେଇ ଯାଉଥିବା ଏକ ବିଜୁ ଗାଁ ଗାଡ଼ି ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ବସ୍‌ରେ

**୬ ଯାତ୍ରୀ ଗୁରୁତର ଓ ୨୦ରୁ ଉର୍ଦ୍ଧ୍ୱ ଆହତ**

ଥିବା ୪୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କ ମଧ୍ୟରୁ ୬ ଜଣ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଅନ୍ୟ ୨୦ରୁ ଉର୍ଦ୍ଧ୍ୱ ଯାତ୍ରୀ ସାମାନ୍ୟ ଆହତ ହୋଇଥିବା କଚାରୁ ସରପଞ୍ଚ ଫୁଲ କେର୍କେଟା କହିଛନ୍ତି। ଏନେଇ ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରିବା ସହ କୁଆଁରମୁଣ୍ଡା ଫାଣ୍ଡି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ସ୍ଥାନୀୟ ଲୋକଙ୍କ କହିବା ମୁତାବକ, ବେପରୁଆ ଗାଡି ଚାଳନା ଯୋଗୁ ଏହି ଦୁର୍ଘଟଣା ଘଟିଥିଲା। ଗାଡିର ପ୍ରକୃତ ଚାଳକ ପରିବର୍ତ୍ତେ ଅନ୍ୟ ଜଣେ ଗାଡି ଚଳାଉଥିବା ଜଣାପଡିଛି।



ସାନଦଲକି ଜଙ୍ଗଲ ନିକଟ ରାସ୍ତା ପାର୍ଶ୍ୱରେ ଓଲଟି ପଡିଥିବା ବିଜୁ ଗାଁ ଗାଡି ।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

**କୁଆଁରମୁଣ୍ଡା,୨୩।୭(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ନୂତନ ଜିଲାପାଳ ଭାବେ ନିଖିଲ ପବନ କଲ୍ୟାଣ ନିକଟରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ସୋମବାର କୁଆଁରମୁଣ୍ଡା ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଜିଲାପାଳ କଲ୍ୟାଣ ଉପସ୍ଥିତ ଥିଲେ । କୁଆଁରମୁଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣଙ୍କ ଅଭିଯୋଗ ଶୁଣି ଉପସ୍ଥିତ ଅଧିକାରୀମାନଙ୍କୁ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ୩୧ଟି ବ୍ୟକ୍ତିଗତ ଅଭିଯୋଗ, ୧୬ଟି ଗୋଷ୍ଠୀଗତ ଅଭିଯୋଗ ହୋଇଥିବା ବେଳେ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ରକ୍ତ ଭଣ୍ଡାର ସ୍ଥାପନ ନେଇ ଦାବି ହୋଇଥିଲେ । ଗୋଷ୍ଠୀଗତ ଅଭିଯୋଗ ମଧ୍ୟରେ କୁଆଁରମୁଣ୍ଡା ଚେକ୍‌ଗେଟ୍‌ରୁ ବର୍ଜ୍ୟଜଳର ନିଷ୍କାସନ ବ୍ୟବସ୍ଥା, କାରଖାନାରୁ ହେଉଥିବା ପରିବେଶ ପ୍ରଦୂଷଣର ନିରାକରଣ, ଯମୁନାନାକି ନିକଟରେ କୋଏଲ ନଦୀରେ ବ୍ରିଜ୍ ନିର୍ମାଣ, ଶଙ୍ଖ ନଦୀର ଉଷ୍ରା-ଚୁଙ୍ଗିମାଟି ନିକଟରେ ବ୍ରିଜ୍ ନିର୍ମାଣ, ରଚାକେନାରୁ ଜୟକୁଦରକୁ ରାସ୍ତା ନିର୍ମାଣ ନେଇ ଦାବି ହୋଇଥିଲା ।

ଅନ୍ୟପକ୍ଷେ ଜନ ଅଭିଯୋଗ ଶୁଣାଣିରେ କେବଳ ଅଭିଯୋଗ ହେଉଥିବା ବେଳେ ବାସ୍ତବରେ ତାହା କାର୍ଯ୍ୟକାରୀ ହେଉ ନ ଥିବା ନେଇ କୁଆଁରମୁଣ୍ଡାର ଯୁବ ସାମାଜିକ କର୍ମୀ ସଞ୍ଜୀବ ପ୍ରତାପ ସିଂ ଦେଓ ଜିଲାପାଳ କଲ୍ୟାଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ଅବସରରେ ୨ ଜଣ ଦିବ୍ୟାଙ୍ଗଙ୍କୁ ଜିଲାପାଳ ହୁଇଲ ଚେୟାର ଓ ଆଶାବାଡି ପ୍ରଦାନ କରିଥିଲେ । ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ପାନପୋଷ ଉପଜିଲାପାଳ ବିଶ୍ୱଜିତ୍ ମହାପାତ୍ର, ଏପିଡି ସୁବ୍ରତ କୁମାର ଚୌଧୁରୀ, ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ପଙ୍କଜ ପଟେଲ, ବୀରମିତ୍ରପୁର ଏସ୍‌ଡିପିଓ ପ୍ରକାଶ କୁମାର ପାତ୍ର, କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ମାଗଦାଲି କୋନଗାଡି ପ୍ରମୁଖ ମଞ୍ଚାସୀନ ଥିଲେ । କୁଆଁରମୁଣ୍ଡା ବିଡିଓ ପିୟୁଷ ଲୋହାର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ପିଇଓ ଦେବବ୍ରତ ଦାସ ଓ ଅନ୍ୟମାନେ ଶିବିର ପରିଚାଳନରେ ସହାୟତା କରିଥିଲେ ।

# ଜିଲାପାଳଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ

**ସୁନ୍ଦରଗଡ଼,୨୩।୭(ଡି.ଏନ୍.ଏ.)**

ସୁନ୍ଦରଗଡ଼ ସହରର ପ୍ରମୁଖ ରାସ୍ତା ପୁରୁଣା ସିନେମା ହଲ୍ ଅଭିନନ୍ଦନ ହୋଟେଲ ସମ୍ମୁଖରୁ ସୁନାରିପଡ଼ାକୁ ଯାଇଥିବା ଡ୍ରେନେଜ ବ୍ୟବସ୍ଥାର ଉନ୍ନତି ପାଇଁ ସ୍ଥାନୀୟ ବିଜୁ ଜନତା ଦଳର ଏକ ପ୍ରତିନିଧି ଦଳ ମଙ୍ଗଳବାର ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି ଯେ, ଏହି ରାସ୍ତା ପାର୍ଶ୍ୱରେ ଥିବା ଡ୍ରେନଟି ବହୁ ପୁରୁଣା ହୋଇଯାଇଥିବା ବେଳେ ପାଣି ନିଷ୍କାସନ ହୋଇପାରୁ ନାହିଁ। ଫଳରେ ପାଣି ଜମା ହୋଇ ପରିବେଶ ଦୁର୍ଗନ୍ଧମୟ ହୋଇପଡିଛି। ଏପରି କି ଅଳ୍ପ ବର୍ଷା ହେଲେ ଡ୍ରେନ୍ ପାଣି ଘରେ ପଶୁଛି। ଏଣୁ ଡ୍ରେନର ଉନ୍ନତିକରଣ କରାଯାଇ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଦାବି ହୋଇଛି। ଏନେଇ ଜିଲାପାଳ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଜୁ ଜନତା ଦଳ ବରିଷ୍ଠ ନେତା ହରଜେନ୍ଦ୍ର ସିଂ, ଜୟନାରାୟଣ ତ୍ରିପାଠୀ, କାର୍ତ୍ତିକ ରକ୍ସା, ଦେବେନ୍ଦ୍ର ପଟେଲ, ସୁରେନ୍ଦ୍ର ଭିତ୍ରିଆ, ପ୍ରଶାନ୍ତ ପଟେଲ, ବିଜେନ୍ଦ୍ର ରୋହେଲା, ବିଜୁ ଛାତ୍ର ଜନତା ଦଳ ପଶ୍ଚିମାଞ୍ଚଳ ସଭାପତି ବୈକୁଣ୍ଠ ନାଏକ, ଅଶୋକ କୁମାର ସ୍ୱାଇଁ, ଆଶୀଷ ତ୍ରିପାଠୀ, ମୁକେଶ ପୁରୋହିତ, ବିସ୍ମୟ ପଟ୍ଟନାୟକ, ସୁବ୍ରତ ନାଏକ, ରୋଶନ ସାହୁ, ଅଜୟ ଅମାତ ପ୍ରମୁଖ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ବିଜେଡି ପ୍ରତିନିଧି ଦଳ।

## ବେକରେ ଫାଶ ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ଖଡିଆଳ,୨୩।୭(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବ୍ଲକ ଜୁନାନୀ ଗ୍ରାମ ପୋଡପଡାରେ ଜଣେ ଯୁବକ ନିଜ ଚାଷ ଜମିରେ ଥିବା ଏକ ଶାଗୁଆନ ଗଛରେ ବେକରେ ଫାଶ ଲଗାଇ ଆତ୍ମହତ୍ୟା କରିଛନ୍ତି । ଯୁବକ ଜଣକ ହେଲେ ରୁପଧର ପୋଡ଼ (୨୬) । ସେ ଗତ ରାତିରେ ଜମିକୁ ଶୌଚ କରିବା ପାଇଁ ଯାଇଥିଲେ। ହେଲେ ସେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ରାତିରେ ରୁପଧରଙ୍କୁ ଖୋଜାଖୋଜି କରିବା ପରେ ତାଙ୍କୁ ନିଜ ଜମିର ଗୋଟିଏ ଶାଗୁଆନ ଗଛରେ ଝୁଲନ୍ତା ଅବସ୍ଥାରେ ଫାଶି ଲଗାଇ ମୃତ୍ୟୁ କରିଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକେ ଖଡିଆଳ ପୋଲିସକୁ ଖବର ଦେଇଥିଲେ। ଖଡିଆଳ ପୋଲିସ ଏସଆଇ ମହମ୍ମଦ ଅଲ୍ଲି ଘଟଣା ସ୍ଥଳରୁ ମୃତଦେହ ଜବତ କରିଥିଲା। ପରେ ଶବ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।




ମଜଦୁର ସଂଘର ୬୪ତମ ପ୍ରତିଷ୍ଠା ଦିବସ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

# ବଣାଇଁ ମଜଦୁର ସଂଘର ୬୪ତମ ପ୍ରତିଷ୍ଠା ଦିବସ

**ଟେନ୍‌ସା,୨୩।୭(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଟେନସାଠାରେ ଯୁବା ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଟେନସା ଶାଖା ବଣାଇଁ ମଜଦୁର ସଂଘର ୬୪ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବଣାଇଁ ମଜଦୁର ସଂଘ ସଭାପତି ଅକ୍ଷୟ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଉରକେଲା ମଜଦୁର ସଂଘ ସାଧାରଣ ସମ୍ପାଦକ ବିବେକ ମହାନ୍ତ, ସମ୍ମାନନୀୟ ଅତିଥି ଭାବେ ଟେନସା ସଂଘ ସାଧାରଣ ସମ୍ପାଦକ ପ୍ରଭାକର ମଲ୍ଲିକ, ବରସୁଆଁ ଶାଖାର ସମ୍ପାଦକ ବିକ୍ରମ ସିଂ, ଟେନସା ଶାଖା ସମ୍ପାଦକ ପ୍ରଶାନ୍ତ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଲୁହା ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକମାନେ କିପରି ସମସ୍ତ ସୁବିଧା ସୁଯୋଗ ପାଇ ପାରିବେ ସେନେଇ ସମସ୍ତ ଶ୍ରମିକ ସଂଘ ଆଗେଇ ଆସି କାମ କରିବାକୁ ଅତିଥିମାନେ ପ୍ରକାଶ କରିଥିଲେ। ସଂଘର ଉପସଭାପତି ଯଶୋବନ୍ତ ବେହେରା ଧନ୍ୟବାଦ ଦେଇଥିଲେ। ଅତିଥିମାନେ ବିଶ୍ୱକର୍ମା ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ଏଥିରେ ବରସୁଆଁ ଲୌହ ଖଣି ସମେତ ସ୍ଥାନୀୟ କମ୍ପାନୀର ୨୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଉପସ୍ଥିତ ଥିଲେ ।

# ବାଲିଶଙ୍କରା ବ୍ଲକରେ ବର୍ଷା ଅଭାବ, ମରୁଡ଼ି ଘୋଷଣା ଦାବି

**ବାଲିଶଙ୍କରା,୨୩।୭ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲାର ଆଦିବାସୀ ଅଧ୍ୟୁଷିତ ବାଲିଶଙ୍କରା ବ୍ଲକକୁ ମରୁଡି ଘୋଷଣା କରିବାକୁ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି। ବ୍ଲକର ୭୦ ଭାଗ ଲୋକ ଚାଷ କରି ପରିବାର ପ୍ରତିପୋଷଣ କରନ୍ତି। ହେଲେ ଚଳିତ ଖରିଫ୍ ଋତୁରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ଅନ୍ୟପକ୍ଷେ ଜୁନ ଓ ଜୁଲାଇ ମାସରେ ସାମାନ୍ୟ ବର୍ଷା ହେବାରୁ ଚାଷୀ ଋଣ କରି ଚାଷ କାର୍ଯ୍ୟ କରିଥିଲେ। ହେଲେ ବର୍ତ୍ତମାନ ବର୍ଷା ନ ହେବାକୁ ଚାଷ ଜମି ଫାଟି ଆଁ କଲାଣି। ଏପରି କି ବର୍ଷା ଅଭାବରୁ ଗଛଗୁଡିକ ମରିବାରେ ଲାଗିଛି। ଫଳରେ ଚାଷୀ କିପରି ଋଣ ଶୁଝିବେ ସେନେଇ ଚିନ୍ତାରେ ପଡିଛନ୍ତି। ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି ବ୍ଲକର ବନ୍ଧବାହାଲ ଗ୍ରାମରେ। ଗ୍ରାମର ସୁରେନ୍ଦ୍ର କଲସେର ୫ ଏକର ଜମିରେ ଧାନ ଚାଷ ପାଇଁ କିଞ୍ଜିରକେଲା ଲ୍ୟାମ୍ପ୍ସରୁ ୭୦ ହଜାର ଟଙ୍କା ଋଣ ନେଇଛନ୍ତି । ତେବେ ବର୍ଷା ଅଭାବରୁ ଧାନଗଛ ମରିବାରେ ଲାଗିଛି। ସେ କିପରି ଋଣ ପ୍ରତିଶୋଧ କରିବେ ଓ ପରିବାର ପ୍ରତିପୋଷଣ କରିବେ ସେନେଇ ଚିନ୍ତାରେ ରହିଛନ୍ତି। ଯଦି ସରକାରଙ୍କ ପକ୍ଷରୁ କୌଣସି ସହାୟତା ନ ମିଳେ ଜୀବନ ହାରିବାକୁ ଚେତାବନୀ ଦେଇଛନ୍ତି। ବାଲିଶଙ୍କରା ବ୍ଲକକୁ ମରୁଡି ଘୋଷଣା କମରି ସରକାରୀ ସହାୟତା ଯୋଗାଇଦେବାକୁ ଚାଷୀ ମହଲରେ ଦାବି ହୋଇଛି ।



ବର୍ଷା ଅଭାବରୁ ଜଣେ ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି।

# ଚାଷୀଙ୍କୁ ଚାରା ବଣ୍ଟନ

**ବଡଗାଁ, ୨୩।୭(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକ ଅଧୀନ ଜରଙ୍ଗଲୋଇ ଗ୍ରାମସ୍ଥିତ ଗ୍ରାମୋତ୍ଥାନ ସଂଶାଧନ କେନ୍ଦ୍ରରେ ଜରଙ୍ଗଲୋଇ, ଇତମା, ବରଙ୍ଗାକଛାର ଆଦି ପଞ୍ଚାୟତର ଚାଷୀମାନଙ୍କୁ ବିଭିନ୍ନ ପ୍ରକାର ଫଳ ଗଛ ଚାରା ବଣ୍ଟନ କରାଯାଇଛି । କାର୍ଯ୍ୟକ୍ରମରେ ରାଉରକେଲା ମାରୱାଡି ମହିଳା ସମିତି ଅଧ୍ୟକ୍ଷା ରେଖା ଗୋଏଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟକ୍ଷା ଗୋଏଲ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଭାରେ ସଂଶାଧନ କେନ୍ଦ୍ରର କର୍ମକର୍ତ୍ତା ଅର୍ଜୁନ ଶର୍ମା, ବାସୁଦେବ ତନ୍ତି ଗ୍ରାମୋତ୍ଥାନ ସଂଶାଧନ କେନ୍ଦ୍ର ଦ୍ୱାରା ପରିଚାଳିତ ବିଭିନ୍ନ ଜନହିତକର ଯୋଜନା ଏବଂ ପୋଷଣ ବଟିକାର ଉପକାରିତା ଉପରେ ଆଲୋଚନା କରିଥିଲେ। ଏକଲ ଗ୍ରାମୋତ୍ଥାନ ସଂଶାଧନ କେନ୍ଦ୍ର ଜରଙ୍ଗଲୋଇର ସଂଗ୍ରକ୍ଷକ ରଞ୍ଜନ ପଟେଲ ମୃତ୍ତିକା ପରୀକ୍ଷଣ ଯନ୍ତ୍ରର ଶୁଭାରମ୍ଭ କରି ଚାଷୀମାନଙ୍କୁ ମାଟି ପରୀକ୍ଷା କରି ଚାଷ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସଂଶାଧନ କେନ୍ଦ୍ରର କୋଷାଧ୍ୟକ୍ଷ ଚିନ୍ମୟ ପାଣିଗ୍ରାହୀ, ସଚିବ ଦିନେଶ ବାଜାଜ, ସ୍ଥାନୀୟ ସରପଞ୍ଚ ଟଙ୍କଧର ନାଏକ, ବଡଗାଁ ଭାଜପା ମଣ୍ଡଳ କାର୍ଯ୍ୟକାରୀ ସଭାପତି ଦିଲୀପ ସେନାପତି, ଉପାଧ୍ୟାୟ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ । ଏଥିରେ ବଡଗାଁ ବ୍ଲକ ଅଞ୍ଚଳର ୨ଶହରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ । ପ୍ରତ୍ୟେକ ଚାଷୀଙ୍କୁ ଆମ୍ବ, ଲେମ୍ବୁ, ସଜନା, ପିଜୁଳି ଆଦି ଚାରା ବିତରଣ କରାଯାଇଥିଲା। ସଂଶାଧନ କେନ୍ଦ୍ର ପ୍ରମୁଖ ଲାଲମୋହନ ମହତୋ ଅତିଥି ପରିଚୟ କରିଥିବା ବେଳେ କେନ୍ଦ୍ରର ସଚିବ ବାଜାଜ ଧନ୍ୟବାଦ ଅର୍ପଣ କରିଥିଲେ।




ପୋଷଣ ବାଟିକା ରଥକୁ ସଂଶାଧନ କେନ୍ଦ୍ରର ବରିଷ୍ଠ କର୍ମକର୍ତ୍ତା ଅର୍ଜୁନ ଶର୍ମା ଉଦ୍‌ଘାଟନ କରୁଛନ୍ତି।

## ବସ୍ ଧକ୍କାଦେଇ ହତ୍ୟା ଉଦ୍ୟମ ଅଭିଯୋଗ

# ବଡ଼ଗାଁ ଥାନା ଘେରିଲେ ଗ୍ରାମବାସୀ

**ବଡଗାଁ, ୨୩।୭(ଡି.ଏନ.ଏ.)**

୧୦ ନମ୍ବର ରାଜ୍ୟ ରାଜପଥ ସୁନ୍ଦରଗଡ଼ ଜିଲା ବଡଗାଁ ଥାନା ଅଧୀନ କଣ୍ଟିଆମୁରା ପେଟ୍ରୋଲ ପମ୍ପ ସମ୍ମୁଖରେ ଗତ ୨୧ ତାରିଖ ରାତି ପ୍ରାୟ ୮ଟାରେ ତୁଡାଲଗା ଗ୍ରାମର ସିମଲ ଜଗତ(୨୬) ଓ ରକି ବାରିକ(୨୫) ବାଇକ୍‌ରେ ବଡଗାଁରୁ ଘରକୁ ଫେରୁଥିବା ବେଳେ ସ୍କାନ୍ ଷ୍ଟିଲ କମ୍ପାନୀର ଏକ ବସ୍ ବାଇକକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସେମାନେ ଆହତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ହେଲେ ଉଦ୍ଦେଶ୍ୟମୂଳକ ଭାବେ ବସ୍ ଚାଳକ ବାଇକ୍‌କୁ ଧକ୍କା ଦେଇ ହତ୍ୟା ଉଦ୍ୟମ କରିଥିବା ନେଇ ରବିବାର ରାତିରେ ପରିବାର ଲୋକେ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ହେଲେ ପୋଲିସ ଅଭିଯୋଗକୁ ଗୁରୁତ୍ୱ ଦେଇ ନ ଥିଲା। ଏହି ଘଟଣା ପରେ ଗ୍ରାମବାସୀଙ୍କ ମଧ୍ୟରେ ଏକ ଆଲୋଚନା ହୋଇଥିଲା। ଆଲୋଚନାରେ ନିଷ୍ପତ୍ତି ଅନୁଯାୟୀ ମଙ୍ଗଳବାର ଅପରାହ୍ନରେ ୨ଶହରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଥାନାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ହତ୍ୟା ଉଦ୍ୟମ କରିଥିବା ବସ୍ ଚାଳକ ଜଗଦୀଶଙ୍କୁ ଗିରଫ କରି ବସ୍ ଜବତ କରିବାକୁ ଦାବି କରିଥିଲେ। ଏନେଇ ଗ୍ରାମବାସୀ ତଲସରା ବିଧାୟକ ଭବାନୀ ଭୋଇଙ୍କୁ ଫୋନରେ ଜଣାଇଥିଲେ। ବିଧାୟକ ଭୋଇ ଏସ୍‌ପି ସୌମ୍ୟ ମିଶ୍ରଙ୍କୁ ଜଣାଇବା ପରେ ରାତି ପ୍ରାୟ ସାଢ଼େ ୭ଟାରେ ସେ ଥାନାରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ପରେ ଏସ୍‌ପି ମିଶ୍ର ଘଟଣାର ତଦନ୍ତ ଦାୟିତ୍ୱ ଜଣେ ଡିଏସ୍‌ପିଙ୍କୁ ଦେବା ସହ ବସ୍ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷେ ପୋଲିସ ଏକ ମାମଲା(ନଂ.୧୦୬/୧୯) ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି ।

**ବାଇକକୁ ସ୍କାନ୍‌ଷ୍ଟିଲ ବସ୍ ଧକ୍କା ଦେବା ଘଟଣା**



ମହିଳା, ପୁରୁଷ ଥାନାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।